ଧରିତ୍ରୀ 52 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୨୮/୨୦୨୬ (୧୪ ପୃଷ୍ଠା) | Bhubaneswar, Wednesday, January 28/2026 | Page 14 | ₹ 7.00 | SAMBALPUR

୫୨ଶ ଭାଗ ୬୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 65 | ମୂଲ୍ୟ ₹୭/-









ଭୁବନେଶ୍ୱର ପିଏମ୍‌ଜି ଛକଠାରେ ମଙ୍ଗଳବାର ଜଣେ ବାଇକ୍ ଆରୋହୀ ଗାଡ଼ି ଚଳାଉଥିବାବେଳେ ମୋବାଇଲ ଫୋନ୍‌ରେ କଥା ହେଉଥିବାର ଦୃଶ୍ୟକୁ ଜଣେ ପୋଲିସ ଫଟୋ ଉଠାଉଛନ୍ତି। **(ଫଟୋ: ମନୋରଞ୍ଜନ ମିଶ୍ର)**

# ଏଫ୍‌ଟିଏ: ଭାରତର ଲାଭ କମ୍, କ୍ଷତି ଅଧିକ

## ଇୟୁ ସହ ବାଣିଜ୍ୟ ଚୁକ୍ତି ଐତିହାସିକ: ମୋଦି

**ସଦ୍ୟ ସ୍ୱାକ୍ଷରିତ ଦ୍ୱିପାକ୍ଷିକ ମୁକ୍ତ ବାଣିଜ୍ୟିକ ଚୁକ୍ତି (ଏଫ୍‌ଟିଏ) ଅନୁସାରେ ଭାରତର ଲାଭ କମ୍ ଓ କ୍ଷତି ଅଧିକ ହୋଇପାରେ। କାରଣ ଟେକ୍ନୋଲୋଜି, ପୁଞ୍ଜି ଓ ଉତ୍ପାଦନଶୀଳତା କ୍ଷେତ୍ରରେ ଇୟୁ ଭାରତଠାରୁ ବହୁ ଆଗରେ ରହିଛି। ଥରେ ଟାରିଫ୍ ହ୍ରାସ ପାଇଲେ ୟୁରୋପୀୟ କାର୍, ଯନ୍ତ୍ରପାତି, ରାସାୟନିକ ପଦାର୍ଥ, ଉଚ୍ଚ ମୂଲ୍ୟଯୁକ୍ତ ସାମଗ୍ରୀ କମ୍ ମୂଲ୍ୟରେ ଭାରତକୁ ପ୍ରବେଶ କରିବ। ଫଳରେ ଭାରତରେ ଘରୋଇ ଶିଳ୍ପ ଏବଂ ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ଅତ୍ୟନ୍ତ ଚାପଗ୍ରସ୍ତ ହୋଇଯିବେ। ଅନ୍ୟପକ୍ଷେ ଭାରତ କମ୍ ମୂଲ୍ୟର ସାମଗ୍ରୀ ରପ୍ତାନି କରୁଥିବାବେଳେ ଇୟୁ ଉତ୍ପାଦିତ ସାମଗ୍ରୀ ଉଚ୍ଚ ମୂଲ୍ୟର, ଯାହାକି ଭାରତର ବାଣିଜ୍ୟିକ ନିଅଣ୍ଟକୁ ବଢ଼ାଇପାରେ। କାର୍ବନ୍ ଟ୍ୟାକ୍ସ, ଶ୍ରମ ନିୟମ ଓ ପରିବେଶଗତ ମାନକ ଆଦିରେ ଇୟୁର କଠୋର ଆଇନ ଯୋଗୁ ଭାରତୀୟ ସାମଗ୍ରୀ ୟୁରୋପକୁ ପ୍ରବେଶ କରିବା ସେତେଟା ସହଜ ହୋଇ ନ ପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।**

ନୂଆଦିଲ୍ଲୀ,୨୭।୧(ରଏଟର୍ସ)

ଭାରତ ଓ ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ବହୁବିଳମ୍ବିତ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ମଙ୍ଗଳବାର ସ୍ୱାକ୍ଷରିତ ହୋଇଛି। ଉକ୍ତ ଚୁକ୍ତି ଅନୁସାରେ ଦ୍ୱିପାକ୍ଷିକ ବାଣିଜ୍ୟିକ କାରବାର ବୃଦ୍ଧି ସକାଶେ ଉଭୟ ପକ୍ଷ ଅନେକ ସାମଗ୍ରୀ ଉପରେ ଟାରିଫ୍ ହ୍ରାସ କରିବେ। ଆମେରିକାର ଉଚ୍ଚ ଟାରିଫ୍‌କୁ ନେଇ ବିଶ୍ୱ ବାଣିଜ୍ୟରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଉପୁଜିଥିବାବେଳେ ୱାଶିଂଟନ୍ ଉପରେ ନିର୍ଭରଶୀଳତା ହ୍ରାସକୁ ଗୁରୁତ୍ୱ ଦିଆଯାଇଛି। ସେହିପରି ୨୦୩୨ ସୁଦ୍ଧା ଭାରତକୁ ଇୟୁର ରପ୍ତାନି ଦ୍ୱିଗୁଣିତ ହେବ। ଏଥିଲାଗି ଭାରତ ଅନେକ ସାମଗ୍ରୀ ଉପରୁ ଆମଦାନୀ ଶୁଳ୍କକୁ ସମ୍ପୂର୍ଣ୍ଣ ହଟାଇଦେବ କିମ୍ବା ୯୬.୬% ସାମଗ୍ରୀର ବିକ୍ରି ମୂଲ୍ୟରୁ ଟାରିଫ୍ ହ୍ରାସ କରିବ। ଫଳରେ ୟୁରୋପୀୟ କମ୍ପାନୀଗୁଡ଼ିକ ଆମଦାନୀ ଶୁଳ୍କ ଛାଡ଼ ବାବଦକୁ ୪ ବିଲିୟନ୍ ୟୁରୋ (୪.୭୫ ବିଲିୟନ୍ ଆମେରିକୀୟ ଡଲାର) ମୂଲ୍ୟର ଲାଭ ପାଇବେ ବୋଲି ଇୟୁ ପକ୍ଷରୁ କୁହାଯାଇଛି।

ଭାରତରୁ ଆଗାମୀ ୭ ବର୍ଷ ପର୍ଯ୍ୟନ୍ତ ଆମଦାନୀ କରିବାକୁ ଥିବା ୯୯.୫% ସାମଗ୍ରୀ ଉପରୁ ଇୟୁ ଟାରିଫ୍ ହ୍ରାସ କରିବ। ଏପରି କି ସାମୁଦ୍ରିକ ଖାଦ୍ୟ, ଚମଡ଼ା, ଟେକ୍ସଟାଇଲ ଉତ୍ପାଦ, କେମିକାଲ୍ସ, ରବର, ବେସ୍ ମେଟାଲ, ମୁକ୍ତା, ଜୁଏଲେରି ଆଦି ସାମଗ୍ରୀ ଉପରେ ଇୟୁ ☞ପୃଷ୍ଠା-୪

# ଛାତ ଉପରେ ବୋମା ଭିଡ଼ିବାବେଳେ ବିସ୍ଫୋରଣ

**ବୋମା ଏବଂ ବାଣ ପ୍ରସ୍ତୁତି ପାଇଁ ସ୍ୱତନ୍ତ୍ର ଲାଇସେନ୍ସ ବ୍ୟବସ୍ଥା ରହିଛି। ଏପରି କି ଖୋଲା ସ୍ଥାନରେ ବାଣ ଭିଡ଼ିବା ସହିତ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବାର ନିୟମ ରହିଛି । ହେଲେ ଅନେକ ଲୋକ ଏହି ନିୟମକୁ ଉଲ୍ଲଂଘନ କରି ଜନବସତି ମଧ୍ୟରେ ବିନା ସୁରକ୍ଷା ବ୍ୟବସ୍ଥା ଏବଂ ଅଣକୁଶଳୀ ଶ୍ରମିକଙ୍କ ଦ୍ୱାରା ବୋମା ପ୍ରସ୍ତୁତ କରୁଛନ୍ତି। ଫଳରେ ବିଭିନ୍ନ ସମୟରେ ବିସ୍ଫୋରଣ ଘଟି ଲୋକଙ୍କ ଜୀବନ ଯାଉଛି। ମଙ୍ଗଳବାର ଖୋଦ୍ ଭୁବନେଶ୍ୱର ସୁନ୍ଦରପଦାରେ ଏଭଳି ଏକ ଘଟଣା ଘଟିଛି। ଅପରାଧୀଙ୍କୁ ଯୋଗାଇବା ପାଇଁ ଛାତ ଉପରେ ବୋମା ଭିଡ଼ିବା ବେଳେ ବିସ୍ଫୋରଣ ଘଟି ଗୋଟିଏ ପରିବାରର ବାପାଝିଅଙ୍କ ସମେତ ୫ଜଣ ଗୁରୁତର ହୋଇଛନ୍ତି। ତେବେ ଆପରାଧିକ କାର୍ଯ୍ୟକଳାପ ପାଇଁ ଜନବସତି ଅଞ୍ଚଳରେ ବୋମା ଭିଡୁଥିବା ଅଭିଯୋଗରେ ସ୍ଥାନୀୟ ଲୋକମାନେ ଉତ୍କ୍ଷିପ୍ତ ହୋଇ ଆହତଙ୍କୁ ପିଟୁଥିବା ଦୃଶ୍ୟ ଏବେ ଭାଇରାଲ୍ ହେବାରେ ଲାଗିଛି।**

## ଭୁବନେଶ୍ୱରରେ ବେଆଇନ ବୋମା ପ୍ରସ୍ତୁତି

- ବାପା, ଝିଅ ସମେତ ୫ ଗୁରୁତର
- ଅପରାଧୀଙ୍କୁ ଯୋଗାଇବାକୁ ଚାଲିଥିଲା ତିଆରି
- ଆହତଙ୍କୁ ପିଟିଲେ ଉତ୍ତ୍ୟକ୍ତ ଲୋକେ

ଭୁବନେଶ୍ୱର,୨୭।୧(ତ୍ରିନାଥ ମହାନ୍ତି)

ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା ନ୍ୟୁ ଆଜାଦ ନଗରରେ ଏକ ୩ତାଲା ବିଶିଷ୍ଟ ଛାତ ଉପରେ ମଙ୍ଗଳବାର ବୋମା ଭିଡ଼ିବା ସମୟରେ ବିସ୍ଫୋରଣ ଘଟି ୫ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୨ଜଣ ମହିଳା ରହିଥିବା ଜଣାପଡ଼ିଛି। ଏହି ବିସ୍ଫୋରଣରେ ବାପା, ଝିଅ ଗୁରୁତର ହୋଇଛନ୍ତି। ଆହତଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଗୁରୁତର ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଆହତ ସେହନବାଜ ମଲିକ, ତୃପ୍ତିମୟୀ ବଳ, ସେହନବାଜଙ୍କ ଝିଅଙ୍କ ମୁହଁ, ହାତ ଏବଂ ଗୋଡ଼ରେ କ୍ଷତ ସୃଷ୍ଟି ହୋଇଛି। ଏଥିରେ ସେହନବାଜଙ୍କ ୨ ସାଙ୍ଗ ସାହିଲ୍ ଖାନ୍ ଏବଂ ସୌମ୍ୟରଞ୍ଜନ ସ୍ୱାଇଁ ମଧ୍ୟ ଆହତ ହୋଇଛନ୍ତି। ଖବର ପାଇ ଡିସିପି ଏବଂ ଫୋରେନସିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଛାନଭିନ୍ କରୁଛନ୍ତି।

ମିଳିଥିବା ସୂଚନାନୁସାରେ, ନ୍ୟୁ ଆଜାଦ ନଗର ରେହେନୁମା ମଞ୍ଜିଲରେ ସେହନବାଜ ମଲିକ ୩ ତାଲାରେ ଘର ଭଡ଼ା ନେଇ ପରିବାର ସହ ରହୁଥିଲେ। ସେ ଘରର ଛାତ ଉପରେ ବେଆଇନଭାବେ ବୋମା ଭିଡ଼ି ଅପରାଧୀମାନଙ୍କୁ ବିକ୍ରି କରିଆନ୍ତି। ମଙ୍ଗଳବାର ମଧ୍ୟାହ୍ନରେ ୨ଜଣ ସ୍କୁଟିରେ ଆସି ତାଙ୍କୁ ବୋମା ନେବା ପାଇଁ ଅର୍ଡର ଦେଇଥିଲେ। ବୋମା ପ୍ରସ୍ତୁତି କରୁଥିବାବେଳେ ଅପରାହ୍ଣ ୨ଟା ୪୦ମିନିଟରେ ହଠାତ୍ ଏକ ବଡ଼ ଧରଣର ବିସ୍ଫୋରଣ ହେଲା। ୧୦ ଫୁଟ ଉପରକୁ ନିଆଁ ଉଠିବା ସହ ଜଣଙ୍କ ହାତ ଛିଡ଼ିଯାଇଥିଲା। ପାଖରେ କପଡ଼ା, ଗ୍ଲାସ୍, ବୋମାର ଏକାଧିକ ନମୁନା ପଡ଼ିଥିଲା। ପ୍ରଚଣ୍ଡ ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଭୟଭୀତ ହୋଇଯାଇଥିଲେ। ଗ୍ୟାସ୍ ଫାଟିଥିବା ଭାବି ଏକାଧିକ ଲୋକ ଦୌଡ଼ି ଆସିଥିଲେ। ହେଲେ ବୋମା ବିସ୍ଫୋରଣ ହୋଇଥିବା ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ଜନବସତି ଅଞ୍ଚଳରେ ଛାତ ଉପରେ ସେହନବାଜ୍ ବୋମା ପ୍ରସ୍ତୁତ କରି ଅପରାଧୀଙ୍କୁ ଯୋଗାଉଥିବା ଜଣାପଡ଼ିବା ପରେ ସ୍ଥାନୀୟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଆଉ ଚାରା ନାହିଁ**

# ଚାଲାଣ ଥିଲେ ବି ହୋଇପାରିବ ପିୟୁସିସି: ହାଇକୋର୍ଟ

କଟକ,୨୭।୧(କାର୍ତ୍ତିକ ସାହୁ)

ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଜାରି ମୋଟରଯାନର ବୈଧ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ହାସଲ ପ୍ରସଙ୍ଗରେ ଚାଲାଣ କଟିଥିଲେ ବି ପିୟୁସି ପ୍ରମାଣପତ୍ର ମିଳିବ। ଚାଲାଣ ଥିଲେ ପିୟୁସି ପ୍ରମାଣପତ୍ର ନ ମିଳିବା ନେଇ ରାଜ୍ୟ ସରକାରଙ୍କ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏଥିସହ 'VAHAN' ପୋର୍ଟାଲରେ କୌଣସି ଚାଳକ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ତାହା ଉପରେ ପଦକ୍ଷେପ ନେବାକୁ ମଙ୍ଗଳବାର ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ଏମ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଏ ସଂକ୍ରାନ୍ତରେ ସ୍ୱତନ୍ତ୍ର ବିଜ୍ଞପ୍ତି ଜାରି କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ ନ ଥିଲେ ପେଟ୍ରୋଲ ପମ୍ପରେ ତେଲ ମିଳିପାରିବ ବୋଲି ରାଜ୍ୟ ସରକାର ହାଇକୋର୍ଟଙ୍କୁ ଅବଗତ କରିଛନ୍ତି। ଆସନ୍ତା ୨ ସପ୍ତାହ ପରେ ପରବର୍ତ୍ତୀ ☞ପୃଷ୍ଠା-୪

**ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ଟାଙ୍କିରେ ତେଲ ନ ମିଳିବା ମାମଲା**

# ଆଜି ୮ ଘଣ୍ଟିଆ ଓଡ଼ିଶା ବନ୍ଦ

**ନବନିର୍ମାଣ କୃଷକ ସଙ୍ଗଠନର ବନ୍ଦ ଡାକରାକୁ କଂଗ୍ରେସର ସମର୍ଥନ**

ଭୁବନେଶ୍ୱର,୨୭।୧(ସୁନିତ୍ ମିଶ୍ର)

ରାଜ୍ୟରେ ଧାନମଣ୍ଡି ଖୋଲିବା ଏବଂ ଧାନ ବିକ୍ରିରେ ଅବ୍ୟବସ୍ଥା କାରଣରୁ ଚାଷୀମାନେ ବହୁ ହଇରାଣ ହେଉଛନ୍ତି। ପ୍ରଦୂଷଣ ସାର୍ଟିଫିକେଟ ନାଁରେ ସାଧାରଣ ଲୋକମାନଙ୍କଠାରୁ ସରକାର ଅନେକ ହଜାର ଟଙ୍କାର ଫାଇନ ଆଦାୟ କରୁଛନ୍ତି। ଟାଟା ପାୱାର ସ୍ମାର୍ଟ ମିଟର ଲଗାଇବା ନାଁରେ ଲୁଟ୍ କରିବାରେ ଲାଗିପଡ଼ିଛି। ଏହିସବୁ ପ୍ରସଙ୍ଗକୁ ନେଇ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବୁଧବାର ସକାଳ ୬ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ୮ ଘଣ୍ଟା ପାଇଁ ଓଡ଼ଶା ବନ୍ଦର ଡାକରା ଦିଆଯାଇଛି। ଅନ୍ୟପଟେ ବନ୍ଦ ପାଳନ ସମୟରେ କୌଣସି ଜରୁରିକାଳୀନ ସେବା ଯେପରି ବନ୍ଦ ନ ହେବ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି କୁହାଯାଇଛି। ଏନେଇ ନବନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଗତ ୧୭ ତାରିଖରେ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଥିବା ☞ପୃଷ୍ଠା-୪

# ଝିଅଙ୍କୁ ନିର୍ଯାତନା, ବାପାଙ୍କ ଆତ୍ମହତ୍ୟା

## ମଦ ବିରୋଧୀ ଆନ୍ଦୋଳନ ନାଁରେ କଙ୍ଗାରୁ କୋର୍ଟ

ଚାନ୍ଦବାଲି,୨୭।୧(କିଷାନ ପାତ୍ର)

ସୀମା ଟପିଲା ବର୍ବରତା। ଚୋରାମଦ ବିକ୍ରିକୁ ବିରୋଧ କରିବା ନାଁରେ କଙ୍ଗାରୁ କୋର୍ଟରେ ମହିଳାଙ୍କୁ ନିର୍ଯାତନା। ଏହାକୁ ସହି ନ ପାରି ବିଷ ପିଇ ଆତ୍ମହତ୍ୟା କରିଛନ୍ତି ମହିଳାଙ୍କ ବାପା। ଭଦ୍ରକ ଜିଲା ବାଂଶଡ଼ା ଥାନା ଅଧୀନ ଚଡ଼ିଦିଆ ଗ୍ରାମରେ ରବିବାର ରାତିରେ ଏଭଳି ଘଟଣା ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ଲମ୍ବୋଦର ତରାଇ। ଏନେଇ ମୃତ ଲମ୍ବୋଦରଙ୍କ ପୁଅ ସ୍ମିତିରଞ୍ଜନ ସୋମବାର ବାଂଶଡ଼ା ଥାନାରେ ଅଭିଯୋଗ କରିଛନ୍ତି। କଙ୍ଗାରୁ କୋର୍ଟ ପାଇଁ ତାଙ୍କ ବାପା ଜୀବନ ହାରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।



ଚୋରାମଦ ବିକ୍ରି କରୁଥିବା ମହିଳାଙ୍କୁ ବଜାରରେ ଠିଆ କରାଇଛନ୍ତି ଲୋକେ।

ସୂଚନା ଅନୁଯାୟୀ, ଚଡ଼ିଦିଆ ପଞ୍ଚାୟତରେ ହେଉଥିବା ମଦ ବିରୋଧୀ ଆନ୍ଦୋଳନରେ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଚଡ଼ିଦିଆ ଗ୍ରାମର ଲମ୍ବୋଦରଙ୍କ ବିବାହିତା ଝିଅ ବାପଘରେ ରହୁଥିବା ବେଳେ ସେ ଚୋରାମଦ ବିକ୍ରି କରୁଥିବା ନେଇ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଖବର ପାଇଥିଲେ। ସୋମବାର ସେମାନେ ଚୋରାମଦ ବିକ୍ରି ହେଉଥିବା ମହିଳାଙ୍କ ଦୋକାନକୁ ଭାଙ୍ଗି ଦେଇଥିଲେ। ପରେ ଉତ୍ତ୍ୟକ୍ତ ମହିଳାମାନେ ☞ପୃଷ୍ଠା-୪

# ବଢ଼ିବ ବାବୁଙ୍କ ଆର୍ଥିକ କ୍ଷମତା

## ରାଜ୍ୟ ପ୍ରଗତିକୁ ଗତିଶୀଳ କରିବା ପାଇଁ କ୍ଷମତା ବିକେନ୍ଦ୍ରୀକରଣକୁ ଗୁରୁତ୍ୱ

ଭୁବନେଶ୍ୱର,୨୭।୧(ରବିନାରାୟଣ ଜେନା)

ରାଜ୍ୟ ସରକାରକୁ ଅଧିକ ଦକ୍ଷ ଓ ଗତିଶୀଳ କରିବା ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ୨୦୨୫ ମେ' ୨୮ରେ ପ୍ରଶାସନିକ କ୍ଷମତାରେ ପରିବର୍ତ୍ତନ କରାଯାଇଥିବାବେଳେ ଏବେ ଅର୍ଥ ପରାମର୍ଶଦାତାଙ୍କ ସମେତ ବିଭାଗୀୟ ସଚିବ, ମନ୍ତ୍ରୀଙ୍କ ଆର୍ଥିକ କ୍ଷମତା ବୃଦ୍ଧି କରାଯିବ ; ଯାହାଫଳରେ ସରକାରୀ ଯୋଜନା ରକେଟ ବେଗରେ ଅନୁମୋଦନ ପାଇପାରିବ। ଏହାକୁ ନେଇ ଅର୍ଥ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। କ୍ଷମତାର ବିକେନ୍ଦ୍ରୀକରଣ କରାଯାଇ ରାଜ୍ୟର ପ୍ରଗତିକୁ କିଭଳି ତ୍ୱରାନ୍ୱିତ କରାଯିବ ସେଥିପାଇଁ ଅର୍ଥ ପରାମର୍ଶଦାତାଙ୍କ ସହିତ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ନିକଟରେ ଅର୍ଥ ପରାମର୍ଶଦାତାଙ୍କ ସ୍ୱତନ୍ତ୍ର ସମ୍ମିଳନୀରେ ଯୋଜନାରେ ଆର୍ଥିକ କ୍ଷମତା ବୃଦ୍ଧି କରାଯିବାକୁ ଆଲୋଚନା ହୋଇଛି। ସେଥିମଧ୍ୟରେ ଅର୍ଥ ପରାମର୍ଶଦାତା, ସଚିବ ଏବଂ ମନ୍ତ୍ରୀଙ୍କ ଆର୍ଥିକ କ୍ଷମତାରେ ସଂଶୋଧନ କରାଯିବ। ଆଗାମୀ ଦିନରେ କାର୍ଯ୍ୟର ଚାପ ଯେପରି ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ମୁଣ୍ଡରେ ନ ପଡ଼ିବ ଏବଂ ସରକାରଙ୍କ ପକ୍ଷରୁ ତ୍ୱରିତ୍ ପଦକ୍ଷେପ ନିଆଯାଇପାରିବ ତାକୁ ଦୃଷ୍ଟିରେ ରଖି ଅର୍ଥ ବିଭାଗ ପକ୍ଷରୁ ଏହି ସଂସ୍କାର ଅଣାଯିବ ବୋଲି ବିଭାଗର ଜଣେ ବରିଷ୍ଠ ☞ପୃଷ୍ଠା-୪




## ଦିଲ୍ଲୀରେ ଆଜି



୭୭ତମ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଭାଗ ନେଇଥିବା ଓଡ଼ିଶାର ପ୍ରଜ୍ଞାପନ ମେଢ଼। (ଫଟୋ- ଚମନ ଗୌତମ)

# ଏସିଡ୍ ଆକ୍ରମଣ ମାମଲା: ରାଜ୍ୟକୁ ତଥ୍ୟ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୭।୧

ଦେଶର ବିଭିନ୍ନ ଭାଗରେ ହେଉଥିବା ଏସିଡ୍ ଆକ୍ରମଣ ଘଟଣାଗୁଡ଼ିକୁ ନେଇ ମଙ୍ଗଳବାର ସୁପ୍ରିମକୋର୍ଟ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ଏଥିସହ କେଉଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କେତେ ମାମଲା ବିଚାରାଧୀନ ଅଛି, କୋର୍ଟରେ ସେଗୁଡ଼ିକର ସ୍ଥିତି ଏବଂ ପୀଡ଼ିତାମାନଙ୍କୁ କେଉଁ ପ୍ରକାର ସହାୟତା ଦିଆଯାଇଛି, ସେନେଇ ସର୍ବୋଚ୍ଚ ଅଦାଲତ ବିସ୍ତୃତ ବିବରଣୀ ମାଗିଛନ୍ତି।

ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଆର୍. ମହାଦେବନ୍ ଏବଂ ଜୟମାଲା ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟଗୁଡ଼ିକୁ ଟ୍ରାଏଲ୍ କୋର୍ଟରେ ଚାର୍ଜଶିଟ୍ ଦାଖଲ ହୋଇଥିବା ମାମଲା ସଂଖ୍ୟା ସମ୍ପର୍କରେ ୪ ସପ୍ତାହ ମଧ୍ୟରେ ତଥ୍ୟ ମାଗିଛନ୍ତି। ସେହିପରି କେତେ ସଂଖ୍ୟକ ମାମଲାର ଫଇସଲା ହୋଇଛି ଓ କେତେ ମାମଲା ବିଚାରାଧୀନ ଅଛି, ସେନେଇ ମଧ୍ୟ ତଥ୍ୟ ଲୋଡ଼ିଛନ୍ତି। ଦୋଷୀଙ୍କୁ ଦଣ୍ଡ ଦେବା ନେଇ ରହିଥିବା ଆଇନରେ



ପରିବର୍ତ୍ତନ ଆଣିବା ପାଇଁ ବିଚାର କରିବାକୁ ମଧ୍ୟ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଏସିଡ୍ ଆକ୍ରମଣର ଶିକାର ହୋଇଥିବା ଶାହିନ୍ ମଲିକଙ୍କ ପକ୍ଷରୁ ଦାଖଲ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ଶୁଣାଣି କରି ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି।

## ବିମାନ ନିର୍ମାଣ କରିବ ଆଦାନୀ

ନୂଆଦିଲ୍ଲୀ,୨୭।୧

ଆଦାନୀ ଗ୍ରୁପ ଏବଂ ବ୍ରାଜିଲର ପ୍ରମୁଖ କମ୍ପାନୀ ଏମ୍ବ୍ରେରିଅର ଭାରତରେ ବିମାନ ନିର୍ମାଣ କରିବେ। ଏଥିନେଇ ଉଭୟ କମ୍ପାନୀଙ୍କ ମଧ୍ୟରେ ମିଳିତ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ମଙ୍ଗଳବାର ଘୋଷଣା ହୋଇଛି। ଆଦାନୀ ଗ୍ରୁପ୍‌ର ଡିଫେନ୍ସ ଆଣ୍ଡ ଏରୋସ୍ପେଶ୍ ବିଭାଗର ଅଧିକାରୀ ଏବଂ ବ୍ରାଜିଲର ଏମ୍ବ୍ରେରିଅର ପ୍ରମୁଖ ଅଧିକାରୀମାନଙ୍କ ମଧ୍ୟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏମ୍ବ୍ରେରିଅର ସହ ଭାରତରେ ମିଳିତ ଉଦ୍ୟୋଗ ପ୍ରତିଷ୍ଠା ଲାଗି ଆଦାନୀ ଡିଫେନ୍ସ ଆଣ୍ଡ ଏରୋସ୍ପେଶ ନିର୍ଦ୍ଦେଶକ ଜିତ୍ ଆଦାନୀ ଘୋଷଣା କରିଛନ୍ତି। ବିଶ୍ୱସ୍ତରରେ ଭାରତର ବେସାମରିକ ବିମାନ ଚଳାଚଳ କ୍ଷେତ୍ର ଦ୍ରୁତ ଅଭିବୃଦ୍ଧି ହାସଲ କରିବା ସହିତ ବ୍ୟାବସାୟିକ ଦୃଷ୍ଟିରୁ ଅଗ୍ରଣୀ ରହିଛି। ଏହି କ୍ରମରେ ଉକ୍ତ ମିଳିତ ଉଦ୍ୟୋଗ ଭାରତରେ ଟିୟର-୨ ଏବଂ ଟିୟର-୩ ଶ୍ରେଣୀର ସହରଗୁଡ଼ିକୁ ବିମାନ ପଥରେ ଯୋଡ଼ିବାକୁ ଆହୁରି ଖୋରାକ ଯୋଗାଇବ ବୋଲି ଘୋଷଣା କରାଯାଇଛି।

# ଜାତିଗତ ବୈଷମ୍ୟ: ବିବାଦରେ ୟୁଜିସି ନିୟମ

ନୂଆଦିଲ୍ଲୀ,୨୭।୧

ଦେଶର ୟୁନିଭର୍ସିଟି ଏବଂ ଉଚ୍ଚ ଶିକ୍ଷାନିଷ୍ଠାନଗୁଡ଼ିକରେ ଜାତିଗତ ବୈଷମ୍ୟ ଦୂରକରିବା ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ଏକ ନୂଆ ନିୟମ କରାଯାଇଛି। ତଦନୁସାରେ ପ୍ରତ୍ୟେକ ଉଚ୍ଚ ଶିକ୍ଷାନୁଷ୍ଠାନରେ ଇକ୍ୱାଲ ଅପର୍ଚୁନିଟି ସେଣ୍ଟର ଏବଂ ଇକ୍ୱିଟି କମିଟି ଗଠନ କରାଯିବ। ଏଥିସହ ଜାତିଗତ ବୈଷମ୍ୟର ଶିକାର ହେଉଥିବା ଛାତ୍ରୀଛାତ୍ରଙ୍କୁ ସହାୟତା ପ୍ରଦାନ ପାଇଁ ୨୪X୭ ଅଭିଯୋଗ ଶୁଣାଣି ବ୍ୟବସ୍ଥା କରାଯିବ। କାହା ସହ ଭେଦଭାବ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏଥିରେ ନିୟମ ରହିଛି। ତେବେ ଏହାକୁ ନେଇ ଉଚ୍ଚ ଜାତିର ଛାତ୍ରୀଛାତ୍ର ଓ ଶିକ୍ଷକମାନେ ଆପତ୍ତି ଉଠାଇଛନ୍ତି। ଉକ୍ତ ନିୟମର ଭାଷା ଅସ୍ପଷ୍ଟ ଥିବାରୁ ମିଥ୍ୟା ଅଭିଯୋଗ ବଳରେ ଏହାର ଦୁରୁପଯୋଗ ହେବା ଆଶଙ୍କା କରି କେତେଜଣ ଛାତ୍ରୀଛାତ୍ର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସୁପ୍ରିମକୋର୍ଟରେ ଦାଖଲ ହୋଇଥିବା ଏକ ପିଟିଶନରେ ୟୁଜିସିର ନୂଆ ନିୟମକୁ ଚ୍ୟାଲେଞ୍ଜ କରାଯାଇଛି। ବିଶେଷକରି ଉକ୍ତ ନିୟମରେ ସାଧାରଣ ବର୍ଗର ଛାତ୍ରୀଛାତ୍ର ଓ ଫାକଲ୍ଟିମାନଙ୍କୁ ବାଦ୍ ଦିଆଯାଇଥିବାରୁ ଜାତିଗତ ବୈଷମ୍ୟର ପରିଭାଷାକୁ ସଂକୀର୍ଣ୍ଣ ବୋଲି ଦର୍ଶାଯାଇଛି। ଏହି ନିୟମ ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାରଗୁଡ଼ିକର ଉଲ୍ଲଂଘନ କରୁଥିବା ଅଭିଯୋଗ ଅଣାଯାଇଛି। ଏଥିସହ ନିୟମକୁ ନିରପେକ୍ଷ ଭାବେ ପୁନଃ ପରିଭାଷିତ କରିବା ପାଇଁ ୟୁଜିସିକୁ ନିର୍ଦ୍ଦେଶ ଦିଆଯାଉ ବୋଲି ନିବେଦନ କରାଯାଇଛି। ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ସହାୟକ ହେବା ଭଳି ସମାନତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଅନ୍ତରୀଣ ନିର୍ଦ୍ଦେଶ ଦେବାକୁ ଆବେଦନରେ ଉଲ୍ଲେଖ କରାଯାଇଛି।

ଆବେଦନକାରୀଙ୍କ ମତରେ 'ଜାତିଗତ ବୈଷମ୍ୟ'ର ପରିସରକୁ କେବଳ ତଫସିଲଭୁକ୍ତ ଜାତି (ଏସ୍‌ସି), ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ଏବଂ ଅନ୍ୟ ପଛୁଆବର୍ଗ (ଓବିସି) ବର୍ଗରେ ସୀମିତ କରିଦେବା ଦ୍ୱାରା ୟୁଜିସି ସାଧାରଣ ବା ଅଣସଂରକ୍ଷିତଙ୍କ ପାଇଁ ବ୍ୟବସ୍ଥାଗତ ସୁରକ୍ଷା ଓ ଅଭିଯୋଗ ଶୁଣାଣି ପ୍ରତି ଅଣଦେଖା କରିଛି। ସାଧାରଣ ବର୍ଗର ପିଲା ନିର୍ଯାତନାର ଶିକାର ହେଲେ ସେମାନଙ୍କୁ ନ୍ୟାୟ ପ୍ରଦାନର ବ୍ୟବସ୍ଥା ଏଥିରେ କରାଯାଇନାହିଁ। ତେଣୁ ଇକ୍ୱାଲ ଅପର୍ଚୁନିଟି ସେଣ୍ଟର, ଇକ୍ୱିଟି ହେଲ୍‌ପଲାଇନ୍ସ ଏବଂ ଓମ୍‌ବୁଡ୍ସପର୍ସନ ବ୍ୟବସ୍ଥାକୁ ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଉପଲବ୍ଧ କରାଯାଉ ବୋଲି ଏଥିରେ ଅନୁରୋଧ କରାଯାଇଛି।

ଉଲ୍ଲେଖଯୋଗ୍ୟ, ହାଇଦ୍ରାବାଦ ସେଣ୍ଟ୍ରାଲ ୟୁନିଭର୍ସିଟିର ଦଳିତ ଛାତ୍ର ରୋହିତ ଭେମୁଲାଙ୍କ ମୃତ୍ୟୁ ପରେ ଏହି ବିଷୟ ପ୍ରଥମେ ସୁପ୍ରିମକୋର୍ଟକୁ ଯାଇଥିଲା। ସେ ଜାତିଆଣ ଭେଦଭାବର ଶିକାର ହୋଇ ଆତ୍ମହତ୍ୟା କରିଥିବାରୁ ୨୦୧୨ର ରାଗିଂ ନିରୋଧୀ ଗାଇଡ୍‌ଲାଇନ୍‌ରେ ପରିବର୍ତ୍ତନ ଅଣାଯାଇଥିଲା। ତେବେ ଉକ୍ତ ଗାଇଡ୍‌ଲାଇନ୍ କେବଳ କାଗଜକଲମରେ ସୀମିତ ରହିଥିବା ଏବଂ ଏହାକୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରାଯାଉ ନ ଥିବା ସୁପ୍ରିମକୋର୍ଟ କହିଛନ୍ତି।

### ନିୟମର ଦୁରୁପଯୋଗ ହେବାକୁ ଦିଆଯିବ ନାହିଁ: ଶିକ୍ଷାମନ୍ତ୍ରୀ


ଧର୍ମେନ୍ଦ୍ର ପ୍ରଧାନ

ୟୁଜିସି ଗାଇଡ୍‌ଲାଇନ୍‌କୁ ନେଇ ବିବାଦ ସୃଷ୍ଟିହେବା ପରେ ମଙ୍ଗଳବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, କ୍ୟାମ୍ପସ୍‌ରେ ଜାତିଗତ ଭେଦଭାବ ଦୂରକରିବା ପାଇଁ ଜାରି ନିୟମର ଦୁରୁପଯୋଗ ହେବାକୁ ଦିଆଯିବ ନାହିଁ। ଏହା ୟୁଜିସି, ଭାରତ ସରକାର ଓ ରାଜ୍ୟ ସରକାରଙ୍କ ଦାୟିତ୍ୱ। ସମ୍ବିଧାନ ପରିସର ଭିତରେ ସମସ୍ତ କାର୍ଯ୍ୟ କରାଯିବ। ଏହି ବିଷୟ ସୁପ୍ରିମକୋର୍ଟଙ୍କ ବିଚାରାଧୀନ ଅଛି। ଏଥିରେ ଯେମିତି କୌଣସି ଭେଦଭାବ ନ ହେବ, ତାହା ସେ ସୁନିଶ୍ଚିତ କରିବେ ବୋଲି ଧର୍ମେନ୍ଦ୍ର କହିଛନ୍ତି। ପ୍ରକାଶ ଯେ, ଗତ ଜାନୁଆରୀ ୧୩ରେ ପ୍ରମୋଶନ୍ ଅଫ୍ ଇକ୍ୱିଟି ଇନ୍ ହାୟର ଏଜୁକେଶନ୍ ଇନ୍‌ଷ୍ଟିଚ୍ୟୁଶନ୍ସ ରେଗୁଲେଶନ୍, ୨୦୨୬କୁ ନେଇ ବିବାଦ ମୁଣ୍ଡ ଟେକିଛି।

## ନାଗାଲାଣ୍ଡ ଜଙ୍ଗଲରେ ବିରଳ ଫୁଲଗଛ



ନୂଆଦିଲ୍ଲୀ,୨୭।୧

ଭାରତର ଜୈବ ବିବିଧତାକୁ ନେଇ ସବୁବେଳେ ଉତ୍ସୁକତା ଲାଗି ରହିଆସିଥିବା ବେଳେ ଏକବିଂଶ ଶତାବ୍ଦୀରେ ମଧ୍ୟ ଜୈବ ବିବିଧତାକୁ ନେଇ ଏକ ରୋମାଞ୍ଚକର ତଥ୍ୟ ସାମ୍ନାକୁ ଆସିଛି। ନାଗାଲାଣ୍ଡ ବିଶ୍ୱ ବିଦ୍ୟାଳୟର ଗବେଷକମାନେ ଏଠାକାର ସ୍ଥାନୀୟ ସମ୍ପ୍ରଦାୟଙ୍କ ଦ୍ୱାରା ସଂରକ୍ଷିତ ରହିଥିବା ଜଙ୍ଗଲରୁ ଏକ ବିରଳ ଫୁଲଗଛ ଆବିଷ୍କାର କରିଛନ୍ତି ଯାହାକି ପୂର୍ବରୁ ଉଦ୍ଭିଦ ପ୍ରଜାତି ଶ୍ରେଣୀଭୁକ୍ତ ହୋଇ ନଥିଲା। ଗବେଷକମାନେ ଏହି ବୃକ୍ଷର ନାମକରଣ ହୋୟା ନାଗେନସିସ୍ କରିଛନ୍ତି। ଏହି ବୃକ୍ଷରେ ତାରକା ସଦୃଶ ଫୁଲ ଫୁଟୁଛି ଏବଂ ଦୁଗ୍ଧ ଭଳି ଧଳା ତରଳ ପଦାର୍ଥ ନିର୍ଗତ ହେଉଛି ଯାହାକି ଆପୋସାଇନାସି ଭଳି ଅନେକ ପ୍ରଜାତିର ଫୁଲ ବୃକ୍ଷ କ୍ଷେତ୍ରରେ ଦେଖାଯାଇଥାଏ।

## ବିନା ଦଉଡ଼ିରେ ଚଢ଼ିଲେ ନଭଶ୍ଚୁମ୍ବୀ ଅଟ୍ଟାଳିକା



ତାଇପେଇ,୨୭।୧

ଆମେରିକୀୟ ରକ୍ କ୍ଲାଇମର ଆଲେକ୍ସ ହୋନୋଲ୍ଡ ଶନିବାର ତାଇୱାନ ରାଜଧାନୀ ତାଇପେଇସ୍ଥିତ ୧୦୧ ମହଲା ନଭଶ୍ଚୁମ୍ବୀ ଅଟ୍ଟାଳିକାକୁ ଦଉଡ଼ି କିମ୍ବା ସୁରକ୍ଷା ଉପକରଣ ନ ନେଇ ଚଢ଼ିବାରେ ସଫଳ ହୋଇଛନ୍ତି। ୫୦୮ ମିଟର ଉଚ୍ଚତା ବିଶିଷ୍ଟ ଏହି ଟାୱାରକୁ

### ଇତିହାସ ରଚିଲେ ଆଲେକ୍ସ

ସେ ୯୦ ମିନିଟରେ ଚଢ଼ି ଇତିହାସ ରଚିଛନ୍ତି। ସେହି ସମୟରେ ଦେଖଣାହାରୀମାନେ ତାଳି ମାରି ତାଙ୍କୁ ଉତ୍ସାହିତ କରିଥିଲେ। ଆଲେକ୍ସଙ୍କ ଆରୋହଣ ବେଳର ଦୃଶ୍ୟ ନେଟ୍‌ଫ୍ଲିକ୍ସରେ ସିଧା ପ୍ରସାରଣ ହୋଇଥିଲା।

## ଭିବି-ଜି ରାମ ଜି, ଏସ୍‌ଆଇଆର୍

# ବିରୋଧୀଙ୍କ ବିତର୍କ ଦାବିକୁ କେନ୍ଦ୍ରର ଅଗ୍ରାହ୍ୟ

ନୂଆଦିଲ୍ଲୀ,୨୭।୧

ସଂସଦର ବଜେଟ ଅଧିବେଶନ ବୁଧବାର ଆରମ୍ଭ ହେବାକୁ ଥିବାବେଳେ ଏହାର ଦିନକ ପୂର୍ବରୁ ସରକାରଙ୍କ ପକ୍ଷରୁ ଡକାଯାଇଥିବା ସର୍ବଦଳୀୟ ବୈଠକରେ ବିରୋଧୀ ଦଳଗୁଡ଼ିକ ସାମିଲ ହୋଇଛନ୍ତି। ଉପା ଅମଳର ଏମ୍‌ଜିଏନ୍‌ଆଇଜିଏରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଇ ଭିବି-ଜି ରାମ ଜି ନାମରେ ନୂଆ ଆଇନ ଆଣିବା ଏବଂ ବିଭିନ୍ନ ରାଜ୍ୟରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରସଙ୍ଗରେ ପାର୍ଲାମେଣ୍ଟରେ ଆଲୋଚନା କରାଯାଉ ବୋଲି ବିରୋଧୀ ଦଳଗୁଡ଼ିକ ଦାବି କରିଛନ୍ତି। ତେବେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଏହି ୨ ପ୍ରସଙ୍ଗରେ ଉଭୟ ଗୃହରେ ବିତର୍କ ହୋଇସାରିଛି କହି ବିରୋଧୀଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। 'ଆମେ ପଛ ଗିଅରରେ ଯାଇପାରିବୁ ନାହିଁ' ବୋଲି ରିଜିଜୁ କହିଛନ୍ତି।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ସରକାରଙ୍କ ପକ୍ଷରୁ କୁହାଯାଇଛି, ବଜେଟ ଅଧିବେଶନର ମୁଖ୍ୟ ଫୋକସ୍‌ରେ ବଜେଟ ରହିବ। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ବେଳେ ସଦସ୍ୟମାନେ ଅନ୍ୟ ପ୍ରସଙ୍ଗ ଉଠାଇପାରିବେ। ବୈଠକରେ ଆଲୋଚନାବେଳେ ଉପରୋକ୍ତ ୨ ପ୍ରସଙ୍ଗ ସହ ଭାରତର ବହିର୍ବ୍ୟାପାର ନୀତି ଏବଂ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ନୂଆ ଗାଇଡ୍‌ଲାଇନ୍ ଉପରେ ସୃଷ୍ଟ ବିବାଦ ଉପରେ ମଧ୍ୟ ଆଲୋଚନା ପାଇଁ ବିରୋଧୀ ଦାବି କରିଥିଲେ। କଂଗ୍ରେସ ଏବଂ ସିପିଆଇଏମ୍ ସମେତ ବିରୋଧୀ ଦଳଗୁଡ଼ିକ ବଜେଟ ଅଧିବେଶନରେ କେଉଁସବୁ କାର୍ଯ୍ୟସୂଚୀ ସ୍ଥାନ ପାଇବ, ସେନେଇ କିଛି ଅବଗତ କରାଯାଇ ନ ଥିବାରୁ ସରକାରଙ୍କ ଅଭିସନ୍ଧିକୁ ନେଇ ପ୍ରଶ୍ନ ଉଠାଇଥିଲେ। ରିଜିଜୁ କହିଥିଲେ, ପରବର୍ତ୍ତୀ ସମୟରେ ଏଜେଣ୍ଡା ଶେୟାର କରାଯିବ। ଡିଏମ୍‌କେ, ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ବାମଦଳ ଏସ୍‌ଆଇଆର୍ ଉପରେ ଉଭୟ ଗୃହରେ ବିସ୍ତୃତ ଆଲୋଚନା କରାଯାଉ ବୋଲି ଦାବି କରିଥିଲେ। ସେହିପରି ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଜାତିଗତ ଭେଦଭାବ ଦୂର କରିବା ପାଇଁ ଉଦ୍ଦିଷ୍ଟ ନୂଆ ନିୟମକୁ ନେଇ ଅନେକ ବିରୋଧୀ ସଦସ୍ୟ ଆପତ୍ତି ଉଠାଇଥିଲେ। କଂଗ୍ରେସ ଏମ୍‌ପି ମାନିକରାମ ଟାଗୋର କହିଥିଲେ, ତାଙ୍କ ଦଳ ଭୋଟ ଚୋରି, ଏସ୍‌ଆଇଆର୍, ଧାନକିଣାରେ ଅବ୍ୟବସ୍ଥା ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏର ପୁନଃ ଅବସ୍ଥାପନ ପ୍ରସଙ୍ଗରେ ସଂସଦରେ ଉଠାଇବ ବୋଲି କହିଛନ୍ତି। ସେହିପରି କେନ୍ଦ୍ର-ରାଜ୍ୟ ସମ୍ପର୍କ ଏବଂ ବିରୋଧୀ ଶାସିତ ରାଜ୍ୟଗୁଡ଼ିକରେ ରାଜ୍ୟପାଳମାନଙ୍କୁ କିପରି ଦୁରୁପଯୋଗ କରାଯାଉଛି, ତାହା ଉପରେ ଡିଏମ୍‌କେ, ଟିଏମ୍‌ସି ଏବଂ ବାମପନ୍ଥୀ ଦଳଗୁଡ଼ିକ ଆଲୋଚନା ଦାବି କରିଛନ୍ତି। ଉକ୍ତ ବୈଠକରେ ଜେ.ପି. ନଡ୍ଡା, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁଙ୍କ ସମେତ କେତେଜଣ କେନ୍ଦ୍ରମନ୍ତ୍ରୀ ଏବଂ ବିଭିନ୍ନ ରାଜନୈତିକ ଦଳର ଲୋକ ସଭା ଓ ରାଜ୍ୟ ସଭା ନେତା ମଧ୍ୟ ଉପସ୍ଥିତ ଥିଲେ।

### ଆଜିଠୁ ବଜେଟ ଅଧିବେଶନ

# ନାୟକ, ଖଳନାୟକ ଭୂମିକାରେ ରଣବୀର


ରଣବୀର କପୁର

ମୁମ୍ବାଇ

ବଲିଉଡ୍ ଅଭିନେତା ରଣବୀର କପୁର ଆଜିକାଲି ତାଙ୍କ ଆଗାମୀ ଫିଲ୍ମ ପାଇଁ ବ୍ୟସ୍ତ ଅଛନ୍ତି। ତାଙ୍କର ଅନେକ ବଡ଼ ପ୍ରୋଜେକ୍ଟ କାମ ଚାଲିଛି। ରଣବୀରଙ୍କ ଦୁଇଟି ପ୍ରମୁଖ ପ୍ରୋଜେକ୍ଟ ହେଉଛି ସଞ୍ଜୟ ଲୀଲା ଭଂସାଲୀଙ୍କ ଲଭ ଆଣ୍ଡ ୱାର୍ ଏବଂ ନିତେଶ ତିୱାରୀଙ୍କ ରାମାୟଣ। ରଣବୀର ଆନିମଲ ସିକ୍ୱେଲ ସମ୍ପର୍କରେ ଏକ ବଡ଼ ଅପଡେଟ ଦେଇଛନ୍ତି, ଯାହା ଶୁଣି ସିନେ ପ୍ରଶଂସକ ଖୁସି ହୋଇଯାଇଛନ୍ତି।

ଆନିମଲ ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡୀ ଭାଙ୍ଗା ବର୍ତ୍ତମାନ ତାଙ୍କର ଆଗାମୀ ଫିଲ୍ମ ସ୍ପିରିଟ ଉପରେ ଧ୍ୟାନ ଦେଉଛନ୍ତି। ଆନିମଲର ସିକ୍ୱେଲରେ ସନ୍ଦୀପ ଫିଲ୍ମ ସହିତ ପ୍ରକୃତରେ କ'ଣ କରିବାକୁ ଚାହୁଁଛନ୍ତି ସେ ବିଷୟରେ ରଣବୀର ଏକ ସଙ୍କେତ ଦେଇଛନ୍ତି। ସେ ଏହାକୁ ତିନୋଟି ଭାଗରେ ତିଆରି କରିବାକୁ ଚାହାଁନ୍ତି। ଦ୍ୱିତୀୟ ଭାଗର ନାମ 'ଆନିମଲ ପାର୍କ'। ଏହା ବହୁତ ରୋମାଞ୍ଚକର। କାରଣ ଉଭୟ ଖଳନାୟକ ଏବଂ ନାୟକ ଭାବେ ମୁଁ ଦୁଇଟି ଚରିତ୍ରରେ ଅଭିନୟ କରିବାକୁ ଯାଉଛି। ତେଣୁ ଏହା ଏକ ଡ୍ରିମ୍ ପ୍ରୋଜେକ୍ଟ। ଆମେ ଏହି ଫିଲ୍ମ ୨୦୨୭ରେ ଆରମ୍ଭ କରିପାରୁ ବୋଲି କହିଛନ୍ତି ରଣବୀର।

## ଫୁରସତ୍

# ଲାଲ୍ ଷ୍ଟ୍ରିଟ୍‌ଲାଇଟ୍‌ର ଦେଶ ଡେନ୍‌ମାର୍କ

ସାଧାରଣତଃ ଷ୍ଟ୍ରିଟ୍‌ଲାଇଟ୍‌ଗୁଡ଼ିକ ଧଳାରଙ୍ଗର ହୋଇଥାଏ। ମାତ୍ର ଦୁନିଆରେ ଏମିତି ଏକ ଦେଶ ଅଛି, ଯେଉଁଠି ଏହାର ଷ୍ଟ୍ରିଟ୍‌ଲାଇଟ୍‌ଗୁଡ଼ିକ ଲାଲ୍‌ରଙ୍ଗ। ଏପରି ଏକ ଦେଶ ହେଉଛି ଡେନ୍‌ମାର୍କ। ଏହା ଉତ୍ତର ୟୁରୋପରେ ଅବସ୍ଥିତ ଏକ ଅତ୍ୟନ୍ତ ବିକଶିତ, ସମୃଦ୍ଧ ଏବଂ ପ୍ରଗତିଶୀଳ ସ୍କାଣ୍ଡିନେଭିୟାନ୍ ଦେଶ। ଏହି ଦେଶ ଏହାର ଉଚ୍ଚ ଜୀବନଶୈଳୀ, ମାଗଣା ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା, ସାଇକେଲ ସଂସ୍କୃତି ଏବଂ ପରିବେଶ ଅନୁକୂଳ ସହରାଞ୍ଚଳ ଯୋଜନା ପାଇଁ ବେଶ୍ ପ୍ରସିଦ୍ଧ।

ଡେନ୍‌ମାର୍କ ପୁଣିଥରେ ଏହାର ମାନବିକ ମୂଲ୍ୟବୋଧ ଏବଂ ଏକ ଅନନ୍ୟ ପରୀକ୍ଷଣ ପାଇଁ ଚର୍ଚ୍ଚାରେ ରହିଛି। ଏକ ସଦ୍ୟ ରିପୋର୍ଟ ଅନୁଯାୟୀ, ଡେନ୍‌ମାର୍କ ରାଜଧାନୀ କୋପେନ୍‌ହେଗେନ ନିକଟବର୍ତ୍ତୀ ଗ୍ଲାଡ୍‌ସାକ୍ସ ନାମକ ଏକ ଅଞ୍ଚଳରେ ପାରମ୍ପରିକ ଧଳା ଷ୍ଟ୍ରିଟ୍‌ଲାଇଟ୍‌ଗୁଡ଼ିକୁ ଲାଲ୍‌ରଙ୍ଗକୁ ପରିବର୍ତ୍ତନ କରାଯାଇଛି। ଏହା ପଛର କାରଣ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରେ। ଏହି ଲାଇଟ୍‌ଗୁଡ଼ିକୁ ମଣିଷ ପାଇଁ ନୁହେଁ, ବରଂ ବାଦୁଡ଼ିଙ୍କ ଲାଗି ବଦଳା ଯାଉଛି।

ରିପୋର୍ଟ ଅନୁଯାୟୀ, ଫ୍ରେଡେରିକ୍ସବୋର୍ଗଭେଜ୍ ଅଞ୍ଚଳରେ ବାଦୁଡ଼ିମାନଙ୍କର ଏକ ସ୍ଥାୟୀ ଉପନିବେଶ ବାସକରେ। ଏହି ଅଞ୍ଚଳରେ କୃତ୍ରିମ ଆଲୋକ ବାଦୁଡ଼ିମାନଙ୍କର ଉଡ଼ିବା, ଖାଇବା ଏବଂ ନୌଚାଳନା କରିବାର କ୍ଷମତାକୁ ବାଧା ଦେଉଥିଲା, ତେଣୁ ଧଳା ଲାଇଟ୍‌ଗୁଡ଼ିକୁ ବଦଳାଯାଇ ରାସ୍ତାର ନିର୍ଦ୍ଦିଷ୍ଟ ଷ୍ଟ୍ରିଟ୍‌ଗୁଡ଼ିକରେ ଲାଲ ଲାଇଟ୍ ଲଗାଯାଇଛି। ଲାଲ୍ ଆଲୋକର ତରଙ୍ଗ ଦୈର୍ଘ୍ୟ ଅଧିକ ଏବଂ ଗବେଷଣା ଅନୁଯାୟୀ, ବାଦୁଡ଼ି ଉପରେ ସବୁଠାରୁ କମ୍ ନକାରାତ୍ମକ ପ୍ରଭାବ ପଡ଼େ। ଏହା ନିର୍ଦ୍ଦିଷ୍ଟ ରାସ୍ତା, ଛକ ଏବଂ କ୍ରସିଂଗୁଡ଼ିକରେ ଉଷ୍ମ ଧଳା ଆଲୋକ ଏବେ ବି ଲଗାଯାଇଛି।



# ପ୍ରତିଶ୍ରୁତି ପାଳନ କରୁନି ଉତ୍କଳ ଆଲୁମିନା

## ୦.୦୧% ଶେୟାର ଦାବିରେ ବିସ୍ଥାପିତ, ପ୍ରଭାବିତଙ୍କ ଧାରଣା

ରାୟଗଡ଼ା/ଟିକିରି,୨୭।୧(ଆଶିଷ ରଞ୍ଜନ ପଣ୍ଡା/ପ୍ରଫୁଲ୍ଲ କୁମାର ବେହେରା)

ବକ୍ସାଇଟ ଖଣି ପାଇଁ ରାୟଗଡ଼ା ଜିଲାର କାଶୀପୁର ବ୍ଲକ ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ବ୍ଲକ୍‌ରେ ରହିଥିବା ବାଫଲି ମାଳି, ଶାଶୁବୋହୂ ମାଳି, ସିଜି ମାଳି, କୋଡ଼ିଙ୍ଗା ମାଳି ସମେତ ପ୍ରାୟ ପର୍ବତମାଳାରେ ରହିଛି ମୂଲ୍ୟବାନ ବକ୍ସାଇଟ। ସେଥିରୁ ବାଫଲିମାଳିରୁ ଉତ୍କଳ ଆଲୁମିନା ଖଣି ଖନନ କରିବା ସହ ସେଠାରେ କାରଖାନା ମଧ୍ୟ ପ୍ରତିଷ୍ଠା କରିଛି। ହେଲେ ଦୀର୍ଘ ୧୮ବର୍ଷରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଆଜି ବି ସେଠାକାର ପ୍ରଭାବିତ ଅଞ୍ଚଳବାସୀ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବାସଗୃହ ଓ ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ରହିଛନ୍ତି। କମ୍ପାନୀ ଆରମ୍ଭ ବେଳେ ବିଭିନ୍ନ ପ୍ରତିଶ୍ରୁତ ଦିଆଯାଇଥିଲେ ମଧ୍ୟ ତାହା ପୂରଣ କରାଯାଉନାହିଁ। ସେମାନଙ୍କୁ ଅଣଦେଖା କରାଯିବା ସହିତ ହକ୍ ଦାବି କଲେ ନାଲି ଆଖି ଓ ପୋଲିସ ଧମକ ଦିଆଯାଉଥିବା ପ୍ରଭାବିତମାନେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ମଙ୍ଗଳବାରଠାରୁ ଜମିହରା ପ୍ରଭାବିତ ସଂଘ ପକ୍ଷରୁ କମ୍ପାନୀର ଆରଏମ୍‌ପି ଗେଟ୍ ସମ୍ମୁଖରେ ଧାରଣା ଦିଆଯାଇଛି। ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ଉତ୍କଳ ଆଲୁମିନା ଜମିହରା ପ୍ରଭାବିତ ସଂଘର ସଭାପତି ନାଥ ମାଝି କହିଛନ୍ତି। ତେବେ ଖବର ଲେଖାହେବା ସୁଦ୍ଧା କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କ ସହ ଯୋଗାଯୋଗ କରି ନ ଥିବା ଅଞ୍ଚଳର ନାଥ ଜାନି, ଭଗବାନ ମାଝି ଓ ପ୍ରଫୁଲ୍ଲ ମାଝି ଦାବି କରିଛନ୍ତି। ଉତ୍କଳ ଆଲୁମିନା ପ୍ରକଳ୍ପ ବେଲଟ୍ ଲାଇନ୍ ଭାଇବ୍ରେସନ, ରେଡମଡ଼ ପଣ୍ଡ, ଆସ ପଣ୍ଡ ପ୍ରଦୂଷଣରୁ ଜନଜୀବନକୁ ସୁରକ୍ଷା ଏବଂ ଜମିହରା ପ୍ରଭାବିତଙ୍କୁ ସ୍ଥାୟୀ ନିଯୁକ୍ତି ସହିତ ଆଦର୍ଶ ଗ୍ରାମ ଗଠନ ଏବଂ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲରେ ଜମିହରା ଓ ପ୍ରଭାବିତ ଅଞ୍ଚଳବାସୀଙ୍କୁ ୦.୦୧% ଅଂଶଧନ ପାଇଁ ଦାବି ରହିଛି।



ଉତ୍କଳ ଆଲୁମିନା କମ୍ପାନୀର ଆରଏମ୍‌ପି ଗେଟ୍ ସମ୍ମୁଖରେ ବିସ୍ଥାପିତ ଏବଂ ପ୍ରଭାବିତମାନେ ଧାରଣାରେ ବସିଛନ୍ତି।

ସଂଘର ଅଭିଯୋଗ ଯେ, ୨୦୧୨ରେ ଉତ୍କଳ ଆଲୁମିନା ପ୍ଲାଣ୍ଟ ଆରମ୍ଭ ବେଳେ ୧୮ବର୍ଷରୁ ଉର୍ଦ୍ଧ୍ୱ ବୟସର ଲୋକମାନଙ୍କୁ ଭତ୍ତା ବାବଦରେ ଟଙ୍କା ଦିଆଯାଉଥିଲା, ହେଲେ ୨୦୧୨ରୁ ଏହା ବନ୍ଦ କରିଦିଆଯାଇଛି। ୨୦୧୭ରେ ବାଗିରିଝୋଲାଠାରେ ଦ୍ୱିତୀୟ ପ୍ଲାଣ୍ଟ ନିର୍ମାଣ ପାଇଁ ହୋଇଥିବା ଜନଶୁଣାଣିରେ ଜମିହରା ଲୋକଙ୍କୁ ଜମିହରା ପରିଚୟ ପତ୍ର, ଗେଟ୍ ପାସ କାର୍ଡ଼ ଘୋଷଣା କାର୍ଯ୍ୟକାରୀ ହୋଇ ନ ଥିବା ଏବଂ ଅନ୍ୟ ସୁବିଧା ମିଳି ନ ଥିବା ଅଞ୍ଚଳବସୀ ଅଭିଯୋଗ କରିଛନ୍ତି। କମ୍ପାନୀ ଆରମ୍ଭ ହୋଇ ଦୀର୍ଘବର୍ଷ ହୋଇଥିଲେ ହେଁ ପ୍ରଭାବିତ ଅଞ୍ଚଳବାସୀଙ୍କୁ ଯୋଗ୍ୟତା ଭିତ୍ତିରେ ସ୍ଥାୟୀ ନିଯୁକ୍ତି ମିଳିନାହିଁ। ତେଣୁ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲରେ ଜମିହରା ଓ ପ୍ରଭାବିତ ଅଞ୍ଚଳବାସୀଙ୍କୁ ୦.୦୧% ସେୟାର ଦାବି ସହିତ ବଂଶାନୁକ୍ରମେ ସ୍ଥାୟୀ ନିଯୁକ୍ତି ଚୁକ୍ତି, ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା, ଗଲାଗାଡ଼ ନଦୀରେ ଦୂଷିତ ଅପମିଶ୍ରିତ ଜଳ ନ ଛାଡ଼ିବା, ଶିକ୍ଷିତ ଯୁବତୀ ଯୁବକଙ୍କୁ ତାଲିମ ପ୍ରଦାନ ପୂର୍ବକ ପରବର୍ତ୍ତି ସମୟରେ ସ୍ଥାୟୀ ନିଯୁକ୍ତି ଦେବା ଆଦି ଦାବି ରହିଛି। ସେହିଭଳି ରେଡମଡ ପଣ୍ଡ, ଆସପଣ୍ଡ, ପାୱାର ପ୍ଲାଣ୍ଟ, ବକ୍ସାଇଟ ଗୁଣ୍ଡ, କୋଇଲା ଗୁଣ୍ଡ, କନଭେୟାର ବେଲଟ୍ ଭାଇବ୍ରେସନ ଧ୍ୱନି, ଚିମିନି ଧୂଆଁ, ଆଲୁମିନା ଧୂଳି ଧୂଆଁ ଯୋଗୁ ଅଞ୍ଚଳରେ ବିଭିନ୍ନ ରୋଗ ବ୍ୟାପୁଥିବାରୁ ତାହାର ନିୟନ୍ତ୍ରଣ କରିବା ଓ ସ୍ୱାସ୍ଥ୍ୟ ସେବା ଯୋଗାଇବା, ହାଡ଼ିଗୁଡ଼ା ପଞ୍ଚାୟତର ହାଡ଼ିଗୁଡ଼ା ଏବଂ ମାଇକଞ୍ଚ ପଞ୍ଚାୟତ ଅର୍ନ୍ତଗତ ଅଣ୍ଡିରାକଞ୍ଚ ଗ୍ରାମରେ ୫୦ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ହସ୍‌ପିଟାଲ ଖୋଲିବା ଏବଂ ଆମ୍ବୁଲାନ୍ସ ସେବା ଯୋଗାଇବାକୁ ଦାବି ମଧ୍ୟ ରହିଛି। ଏହାବ୍ୟତୀତ କାରଖାନା ଆରମ୍ଭ ସମୟରେ ଉକ୍ତ ଅଞ୍ଚଳରେ ଲୋକଙ୍କୁ ଶିକ୍ଷିତ କରିବା ପାଇଁ ରାତ୍ରିକାଳୀନ ଶିକ୍ଷା ବ୍ୟବସ୍ଥା କରାଯାଇ ୨ରୁ ୩ଜଣ ଶିକ୍ଷକ ନିଯୁକ୍ତି ଦିଆଯାଇଥିଲା ଯାହା ବନ୍ଦ ହୋଇଯାଇଛି। ବର୍ତ୍ତମାନ ତାହା ପୁନଶ୍ଚ ଆରମ୍ଭ କରିବାକୁ ଦାବି ରହିଛି। ସେହିଭଳି କମ୍ପାନୀ ପରିସରରେ ଦୁର୍ଘଟଣା ଜନିତ ରାଶି ୧୦ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ପାଇକକୁପାଖାଲ, କରଞ୍ଜିକୁପାଖାଲ ଗ୍ରାମରେ ଲାଲ ମାଟି ବୋହି ଆସି ଝରଣା ଓ ଚାଷ ଜମି ପୋତି ହୋଇଯିବା କାରଣରୁ ଚାଷ ନଷ୍ଟ ହେଉଛି। ତେଣୁ ସେ ବାବଦରେ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ରହିଛି। ଏହିଭଳି ୨୭ଟି ଦାବି ସହିତ ଜମିହରା ଓ ପ୍ରଭାବିତ ଅଞ୍ଚଳବାସୀଙ୍କୁ ଅଂଶଧନ ଦେବା ପାଇଁ ଦାବି କରିଛନ୍ତି।




# ଅଧିକ ସତର୍କ, ସଜାଗ ରୁହନ୍ତୁ ବନ ଅଧିକାରୀ



ବୈଠକରେ ଜଙ୍ଗଲ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଏବଂ ଅଧିକାରୀମାନେ ମଞ୍ଚାସୀନ।

### ଜଙ୍ଗଲ ନିଆଁ ପ୍ରସଙ୍ଗରେ ମନ୍ତ୍ରୀଙ୍କ ଉଦ୍‌ବେଗ

ଭୁବନେଶ୍ୱର,୨୭।୧(ବନ୍ଦନା ସେଠୀ)

ବିଗତ କିଛିବର୍ଷ ଧରି ରାଜ୍ୟରେ ଜଙ୍ଗଲ ନିଆଁ ଘଟଣା ବଢ଼ିଚାଲିଛି। ଏହା ଦ୍ୱାରା ଜଙ୍ଗଲ ନଷ୍ଟ ହେବା ସହ ଜୀବଜନ୍ତୁଙ୍କ ଜୀବନ ହାନି ହେଉଛି। ତେଣୁ ଯେଉଁ ବନଖଣ୍ଡଗୁଡ଼ିକରେ ନିଆଁ ଲାଗିବା ଘଟଣା ଅଧିକ ଦେଖାଯାଉଛି, ସେଠାକାର ବନ ଅଧିକାରୀମାନଙ୍କୁ ଅଧିକ ସତର୍କ ଏବଂ ସଜାଗ ରହିବାକୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ଅରଣ୍ୟ ଭବନରେ ଡିଏଫ୍‌ଓ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଙ୍ଗଲ ମନ୍ତ୍ରୀ ଖୁଣ୍ଟିଆ ଅଧ୍ୟକ୍ଷତା କରି ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଦୃଷ୍ଟିରେ ରଖି ବିଭାଗୀୟ କାର୍ଯ୍ୟକ୍ରମଗୁଡ଼ିକୁ ପୁନର୍ବିନ୍ୟାସ କରିବା, ଓଏଫ୍‌ଏସ୍‌ଡିପି ଭଳି ଯୋଜନା ମାଧ୍ୟମରେ ସ୍ଥାନାନ୍ତରିତ ଗ୍ରାମବାସୀଙ୍କ ପାଇଁ ସ୍ଥାୟୀ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଭାଗର ମାନବ ସମ୍ବଳକୁ ଅଧିକ ସୁଦୃଢ଼ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଥିସହ ହାତୀ ମୃତ୍ୟୁ ପ୍ରସଙ୍ଗରେ ମନ୍ତ୍ରୀ ବିସ୍ତୃତ ସମୀକ୍ଷା କରିବା ସହ ଏ ଦିଗରେ ବିଦ୍ୟୁତ୍ ବିଭାଗ ସହିତ ଘନିଷ୍ଠ ସମନ୍ୱୟ ରକ୍ଷା କରିବାକୁ କହିଥିଲେ। ଡିଏଫ୍‌ଓମାନେ ହାତୀମାନଙ୍କ ଗତିବିଧି ଏବଂ ଫିଲ୍ଡ ସ୍କ୍ୱାଡ୍‌ମାନଙ୍କ କାର୍ଯ୍ୟଶୈଳୀ ଉପରେ ସିଧାସଳଖ ନଜର ରଖିବାକୁ କୁହାଯାଇଥିଲା। ପରିବେଶ ସନ୍ତୁଳନ ରକ୍ଷା ପାଇଁ ତାଳଚେର ଭଳି ଶିଳ୍ପାଞ୍ଚଳରେ ବାୟୁ ଗୁଣବତ୍ତା ସୁଧାରିବା ଏବଂ ବାଲେଶ୍ୱର ଭଳି ଜିଲାରେ ବ୍ୟାପକ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ବେଆଇନ ଖାଦାନ ଖନନ ଏବଂ ଜଙ୍ଗଲ ଜମି ଜବରଦଖଲକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ଜଙ୍ଗଲ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ମଣିଷ-ବନ୍ୟଜନ୍ତୁ ସଂଘର୍ଷ, ଜୀବିକା ସୃଷ୍ଟି ଏବଂ ବନ ବିଭାଗର ବିଭିନ୍ନ ବୈଧାନିକ କ୍ଲିୟରାନ୍ସ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉପରେ ଆଲୋକପାତ କରିଥିଲେ। ସମ୍ମିଳନୀରେ ପ୍ରଧାନମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ ସୁରେଶ ପନ୍ତ 'ଏକ ପେଡ୍ ମା' କେ ନାମ୍' ଭଳି ପ୍ରମୁଖ ବନୀକରଣ ଯୋଜନାର ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ଅନୁଗୋଳ, ବାରିପଦା, ବ୍ରହ୍ମପୁର, ଭବାନୀପାଟଣା, କୋରାପୁଟ, ସମ୍ବଲପୁର, ରାଉରକେଲା ଏବଂ ଭୁବନେଶ୍ୱର ଏହି ୮ଟି ଆଞ୍ଚଳିକ ବନ ସଂରକ୍ଷକ ମଣ୍ଡଳୀର ମୁଖ୍ୟମାନେ ନିଜ ସର୍କଲର ସମସ୍ୟା ଓ ସଫଳତା ଉପସ୍ଥାପନ କରିଥିଲେ। ପର୍ଯ୍ୟଟନ ବିଭାଗର ପ୍ରମୁଖ ସଚିବ ବଲୱନ୍ତ ସିଂ ପର୍ଯ୍ୟଟନ ଓ ଜଙ୍ଗଲ ବିଭାଗ ମଧ୍ୟରେ ଥିବା ସମନ୍ୱୟ ରକ୍ଷା ଉପରେ ଆଲୋଚନା କରିଥିଲେ।

# ଜନଜାତିଙ୍କ ପରମ୍ପରା ସମାଜକୁ ନୂତନ ଦିଗ୍‌ଦର୍ଶନ ଦେଉଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭।୧ (ବନ୍ଦନା ସେଠୀ)

ଓଡ଼ିଶା ବିବିଧ ସଂସ୍କୃତିର ଭୂମି। ଏଠାରେ ଜନଜାତି ସମ୍ପ୍ରଦାୟ ଦୀର୍ଘ ବର୍ଷ ଧରି ପ୍ରକୃତି କୋଳରେ ବସବାସ କରିଆସୁଛନ୍ତି। ସେମାନଙ୍କ ଜୀବନଶୈଳୀ, ପରମ୍ପରା ଏବଂ ଚିନ୍ତାଧାରା ସମାଜକୁ ଏକ ନୂତନ ଦିଗ୍‌ଦର୍ଶନ ଦେଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୋମବାର ୟୁନିଟ୍-୧ସ୍ଥିତ ଆଦିବାସୀ ପଡ଼ିଆରେ ଆୟୋଜିତ ଆଦିବାସୀ ମେଳାକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଲେ, ଚଳିତବର୍ଷ ମେଳାରେ ଓଡ଼ିଶାର ୬୨ଟି ଜନଜାତି ସେମାନଙ୍କର ଋଦ୍ଧିମନ୍ତ ପରମ୍ପରା, ଖାଦ୍ୟପେୟ, ପୋଷାକ, କଳା, ସଂସ୍କୃତି ଓ ଲୋକକଳାକୁ ନେଇ ଏକତ୍ରିତ ହୋଇଛନ୍ତି। ତେଣୁ ଏହି ମେଳା କେବଳ ମନୋରଞ୍ଜନ ନୁହେଁ, ଏହା ଜନଜାତି ଜୀବନର କଥା, ସଂଘର୍ଷର ଗାଥା ଓ ପ୍ରକୃତି ସହ ସେମାନଙ୍କ ସମ୍ପର୍କର ମୂଲ୍ୟବୋଧକୁ ବୁଝାଇବ। ଓଡ଼ିଶା ଜନସଂଖ୍ୟାର ଏକ ଚତୁର୍ଥାଂଶ ହେଉଛନ୍ତି ଜନଜାତି। ବିକାଶର ମୁଖ୍ୟଧାରାରେ ସାମିଲ ହେବା ସେମାନଙ୍କ ସାମ୍ବିଧାନିକ ଅଧିକାର। ରାଜ୍ୟର ଜନଜାତିମାନେ ବିଶେଷତଃ ଦକ୍ଷିଣ ଓ ଉତ୍ତର ଓଡ଼ିଶାରେ ବହୁଳ ଭାବେ ବସବାସ କରନ୍ତି। ତେଣୁ ଆଞ୍ଚଳିକ ବୈଷମ୍ୟତା ଦୂର କରିବା ପାଇଁ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଏବଂ ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ କରିବାରେ ସରକାର ବିହିତ ପଦକ୍ଷେପ ଗ୍ରହଣ କରିଛନ୍ତି। ସେହିପରି ଜନଜାତିଙ୍କ ସାମଗ୍ରିକ ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା ମଧ୍ୟ ପ୍ରଣୟନ କରାଯାଇଛି। ଗତବର୍ଷ ଆଦିବାସୀ ମେଳାରେ ୯ କୋଟି ଟଙ୍କାର ବାଣିଜ୍ୟିକ କାରବାର ହୋଇଥିବାବେଳେ ଚଳିତବର୍ଷ ଅଧିକ କାରବାର ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଏହି ମେଳା ଫେବୃଆରୀ ୫ ପର୍ଯ୍ୟନ୍ତ ଚାଲିବ।



ଆଦିବାସୀ ପଡ଼ିଆଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗବେଷଣାମୂଳକ ପତ୍ରିକା 'ଆଦିବାସୀ' ଉନ୍ମୋଚନ କରୁଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭାଗ ପକ୍ଷରୁ ପ୍ରକାଶିତ ଗବେଷଣାମୂଳକ ପତ୍ରିକା 'ଆଦିବାସୀ' ଉନ୍ମୋଚନ କରିଥିଲେ। ଏଥିସହ ଜନଜାତି ସମ୍ପ୍ରଦାୟଙ୍କ ମଧ୍ୟରୁ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ପ୍ରତିଭାମାନଙ୍କୁ ସମ୍ମାନିତ କରିଥିଲେ। ଚଳିତବର୍ଷ ଏହି ମେଳାରେ ୧୧୪୦ ଜଣ ଅଂଶଗ୍ରହଣକାରୀ ଯୋଗଦେଇଛନ୍ତି। ଏଥିରେ ୩୨୫ ଜଣ ସ୍ୱୟଂସହାୟକ ଗୋଷ୍ଠୀର ଆଦିବାସୀ ମହିଳା ଅନ୍ତର୍ଭୁକ୍ତ ଅଛନ୍ତି ଏବଂ ସମୁଦାୟ ୧୦୯ଟି ଷ୍ଟଲ ଖୋଲାଯାଇଛି। ୧୦ଟି ଆଦିବାସୀ କୁଡ଼ିଆ ନିର୍ମିତ ହୋଇଥିବାବେଳେ ଏଗୁଡ଼ିକ ଜନଜାତି ସମ୍ପ୍ରଦାୟଙ୍କ ଜୀବନଶୈଳୀ, ସ୍ଥାପତ୍ୟ ଓ ସାଂସ୍କୃତିକ ଅଭ୍ୟାସକୁ ପ୍ରତିଫଳିତ କରୁଛି। କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଲେ, ସଂସ୍କୃତି ହେଉଛି ଗୋଟିଏ ଜାତିର ସମୃଦ୍ଧ ଐତିହ୍ୟ, ପରମ୍ପରା ଏବଂ ସ୍ୱାଭିମାନର ବାର୍ତ୍ତାବହ। ରାଜ୍ୟ ସରକାର ଜନଜାତିଙ୍କୁ ବିକାଶର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ କାମ କରୁଛନ୍ତି। ସେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତିମାନଙ୍କ ନିମିତ୍ତ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ କମିଶନର ତଥା ଶାସନ ସଚିବ ବି. ପରମେଶ୍ୱରନ ସ୍ୱାଗତ ଭାଷଣ ଏବଂ ଏସ୍‌ସିଏସ୍‌ଟିଆର୍‌ଟିଆଇ ନିର୍ଦ୍ଦେଶକ ସୁଧାକର ଶବର ଧନ୍ୟବାଦ ଦେଇଥିଲେ।




## 'ସବୁ ଜିଲାରେ ଖୋଲିବ ଶହୀଦ ଲକ୍ଷ୍ମଣ ନାୟକ ବିଦ୍ୟାଳୟ'

ଭୁବନେଶ୍ୱର,୨୭।୧ (ସୁଚିସ୍ମିତା ସାହୁ)

ଆଦିବାସୀବହୁଳ ଜିଲାଗୁଡ଼ିକରେ ଶହୀଦ ଲକ୍ଷ୍ମଣ ନାୟକ ବିଦ୍ୟାଳୟ ନିର୍ମାଣ ହେବ। ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇବା ଉଦ୍ଦେଶ୍ୟରେ ଏହି ବିଦ୍ୟାଳୟ ନିର୍ମାଣ କରାଯିବ। ସେହିପରି ରାଜ୍ୟରେ ଶହୀଦମାନଙ୍କୁ ଉଚିତ୍ ସମ୍ମାନ ଦେବା ସହିତ ଛାତ୍ରୀଛାତ୍ରଙ୍କୁ ଅତୀତର ଶହୀଦଙ୍କ ସ୍ମୃତି ମନେପକାଇବା ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯିବ। ପ୍ରଥମ ପର୍ଯ୍ୟାୟରେ ୨୩ଟି 'ଆଇଟିଡିଏ' ଜିଲା ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ସାରା ରାଜ୍ୟରେ ଶହୀଦ ଲକ୍ଷ୍ମଣ ନାୟକ ବିଦ୍ୟାଳୟ ଖୋଲାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି।







## ଅଙ୍ଗନୱାଡ଼ି ଶିଶୁଙ୍କ ପୋଷାକ, ଜୋତା ମୂଲ୍ୟ ବଢ଼ିଲା

ଭୁବନେଶ୍ୱର,୨୭।୧ (ସୁଚିସ୍ମିତା ସାହୁ)

ରାଜ୍ୟ ସରକାର ଅଙ୍ଗନୱାଡ଼ି ଶିଶୁଙ୍କ ପୋଷାକ ମୂଲ୍ୟ ବୃଦ୍ଧି କରିଛନ୍ତି। ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ଯୋଜନାରେ ପ୍ରି ସ୍କୁଲ ପିଲାଙ୍କ ପୋଷାକର ମୂଲ୍ୟ ବଢ଼ାଯାଇଛି। ବାଳକଙ୍କ ପୋଷାକ ମୂଲ୍ୟ ୧୦୦ରୁ ବଢ଼ି ୧୭୫ ଟଙ୍କା ହୋଇଥିବାବେଳେ ବାଳିକାଙ୍କ ପୋଷାକ ମୂଲ୍ୟ ୧୫୦ରୁ ୨୨୫ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଜୋତା ଖର୍ଚ୍ଚ ୧୦୦ ଟଙ୍କାରୁ ୧୫୦ ଟଙ୍କା ବଢ଼ିଛି। ଶୀତବସ୍ତ୍ର ବାବଦକୁ ୧୫୦ ଟଙ୍କା ବଦଳରେ ଏବେ ୨୦୦ ଟଙ୍କା ଦିଆଯିବ ବୋଲି ମଙ୍ଗଳବାର ମହିଳା ଓ ଶିଶୁ ବିକାଶ ବିଭାଗର ଏକ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଘୋଷଣା କରିଛନ୍ତି। ସୂଚନା ମୁତାବକ, ୩ରୁ ୬ବର୍ଷ ବୟସର ପ୍ରାକ୍-ବିଦ୍ୟାଳୟ ଶିଶୁଙ୍କୁ ପ୍ରଦାନ କରାଯାଉଥିବା ୟୁନିଫର୍ମ ଡ୍ରେସ୍, ଜୋତା, ମୋଜା ଓ ସ୍ୱେଟର ମୂଲ୍ୟରେ ଓଡ଼ିଶା ସରକାର ସଂଶୋଧନ ପାଇଁ ଅନୁମୋଦନ କରିଛନ୍ତି। ଏହି ସଂଶୋଧିତ ମୂଲ୍ୟ ୨୦୨୬-୨୭ ଆର୍ଥିକ ବର୍ଷରୁ କାର୍ଯ୍ୟକାରୀ ହେବ। ଏ ନେଇ ୧୪ କୋଟି ୨୭ ଲକ୍ଷ ଟଙ୍କାର ବ୍ୟୟବରାଦ ହୋଇଛି। ୭୪ ହଜାର ୨୨୪ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ଅଧ୍ୟୟନ କରୁଥିବା ଶିଶୁଙ୍କ ପୋଷାକ ମୂଲ୍ୟ ବୃଦ୍ଧି କରାଯାଇଛି।

# ଆଜି କ'ଣ କେଉଁଠି

**ଜଗତ୍‌ସିଂହପୁର**
- ସନ୍ତୋଷୀ ମନ୍ଦିରରେ ବିଶ୍ୱଶାନ୍ତି ଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ, ସ୍ଥାନ: ମନ୍ଦିର ପରିସର, ଅଠରବାଙ୍କୀ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା, ସ୍ଥାନ: ତିନିମୁହାଣୀଛକ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୭ଟା।
- ଜମି ଅଧିଗ୍ରହଣର ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବଡଦାଣ୍ଡ ପଡିଆ, ମଶାକଣୀ, ମହାକାଳପଡା, ସମୟ: ପୂର୍ବାହ୍ନ ୧୦ଟା।
- ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ବଉଦଛକ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ଶିବଶକ୍ତି ଯୁବକ ସଂଘ ପକ୍ଷରୁ ଗ୍ରାମାଞ୍ଚଳ ରାଜ୍ୟସ୍ତରୀୟ ଜମ୍ବୁଦ୍ୱୀପ କ୍ରିକେଟ କପ, ସ୍ଥାନ: ଶଙ୍ଖପଦା ଖେଳପଡିଆ, ମହାକାଳପଡା, ସମୟ: ମଧ୍ୟାହ୍ନ ୧୨ଟା।
- ଅବଦୁଲ କରିମ ଖାଁ ମେମୋରିଆଲ ଟ୍ରଫି ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଟାଉନ ହାଇସ୍କୁଲ ଖେଳ ପଡିଆ, କେନ୍ଦ୍ରାପଡା ସହର, ସମୟ: ଅପରାହ୍ନ ୨ଟା।

**ଯାଜପୁର**
- ଅଜାଣବନ ଶିଶୁ ମହୋତ୍ସବ-୨୦୨୬, ସ୍ଥାନ: ଅଜାଣବନ ଶୋଭନୀୟ ଶିକ୍ଷାଶ୍ରମ, ମେଦୁଆକୁଳ, ବରୀ, ସମୟ: ସକାଳ ୯ଟା।
- ଭୂତଳ ଜଳ ପରିଚାଳନା ବୈଠକ, ସ୍ଥାନ : ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- ନିଯୁକ୍ତି ମେଳା ସମ୍ପର୍କରେ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।

**ନୟାଗଡ଼**
- ଜାମାଲାଗି ବେଶର ଷଷ୍ଠ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଲୋକନାଥ ମହାଦେବଙ୍କ ମାଘ ସପ୍ତମୀ ଯାତ୍ରା ଓ ଯଜ୍ଞ ଉଦ୍‌ଯାପନ ଦିବସ, ସ୍ଥାନ:ନୟାଗଡ଼ ବ୍ଲକ ସିନ୍ଦୁରିଆ ଲୋକନାଥ ମହାଦେବଙ୍କ ପୀଠ, ସମୟ:ସକାଳ ୭ଟା।
- କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମାଙ୍କ ୨୮୮ତମ ଜୟନ୍ତୀ ସମାରୋହରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଓ ଆଲୋଚନା ଚକ୍ର, ସ୍ଥାନ: କେ.ଏସ.ବି. ପବ୍ଲିକ ସ୍କୁଲ ଶରଣକୁଳ ଭିକାରିପଡା, ସମୟ: ପୂର୍ବାହ୍ନ ୧୦ଟା।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟର୍ଣ୍ଣାମେଣ୍ଟର ଏକାଦଶ ଦିବସରେ ପ୍ରଥମ ସେମି ଫାଇନାଲରେ ବାବା ଗୁପ୍ତେଶ୍ୱର କ୍ରିକେଟ କ୍ଲବ ଭୋଗଡା ବନାମ ମା' ବରୁଣେଇ କ୍ରିକେଟ କ୍ଲବ କଣ୍ଟିଲୋ, ସ୍ଥାନ:କଣ୍ଟିଲୋ ନୀଳମାଧବ କଲେଜ ପଡିଆ, ସମୟ:ପୂର୍ବାହ୍ନ ୧୧ଟା।
- ଓଡଗାଁ ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ସମ୍ବର୍ଦ୍ଧନା ପର୍ବ, ସ୍ଥାନ: ଶରଣକୁଳ ନାରାୟଣ ଉଚ୍ଚ ବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ମା' ଭାନୁମତୀ ମନ୍ଦିର ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳନ ଅବସରରେ ପ୍ରସ୍ତୁତି ବୈଠକ, ସ୍ଥାନ:ଖଣ୍ଡପଡା ବ୍ଲକ ଭାନୁମତୀ ପୀଠ, ହରିଆପଲ୍ଲା, ସମୟ: ଅପରାହ୍ନ ୪ଟା।
- ମା' ଭାନୁମତୀ ମନ୍ଦିର ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳନ ଅବସରରେ ପ୍ରସ୍ତୁତି ବୈଠକ, ସ୍ଥାନ:ଖଣ୍ଡପଡା ବ୍ଲକ ଭାନୁମତୀ ପୀଠ, ହରିଆପଲ୍ଲା, ସମୟ: ଅପରାହ୍ନ ୪ଟା।
- କୃଷ୍ଣଚନ୍ଦ୍ର କ୍ଲବର ଶତ ବାର୍ଷିକୀ ଜୟନ୍ତୀ ସମାରୋହର ତୃତୀୟ ଦିବସର ସଭା, ସ୍ଥାନ:ନୟାଗଡ ଟ୍ରାଫିକ ଛକ କ୍ଲବ ପରିସର, ସମୟ: ସନ୍ଧ୍ୟା ୭ଟା
- କୃଷ୍ଣଚନ୍ଦ୍ର କ୍ଲବର ଶତ ବାର୍ଷିକୀ ଜୟନ୍ତୀ ସମାରୋହର ତୃତୀୟ ଦିବସରେ ସଙ୍ଗୀତ ସୁରଭି ସଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ନୟାଗଡ଼ ଟ୍ରାଫିକ ଛକ କ୍ଲବ ପରିସର, ସମୟ: ରାତି ୮ଟା।

**ରାୟଗଡ଼ା**
- ସ୍କୁଲର ୩୦ତମ ବାର୍ଷିକ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗୁଣପୁର, ସମୟ: ଅପରାହ୍ନ ୩ଟା ୩୦।
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ସରକାରୀ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର, ଗୁଡାରି, ସମୟ: ଅପରାହ୍ନ ୪ଟା।

**ନବରଙ୍ଗପୁର**
- ପ୍ରସ୍ତାବିତ ନବରଙ୍ଗପୁର ମେଡିକାଲ କଲେଜ ସମ୍ବନ୍ଧରେ ଆଲୋଚନା, ସ୍ଥାନ: ନବରଙ୍ଗପୁର ତୃପ୍ତି ଲଜ୍, ସମୟ: ଅପରାହ୍ନ ୫ଟା ୩୦।

**କୋରାପୁଟ**
- ଓଡ଼ିଶା ବନ୍ଦ ନେଇ ନବନିର୍ମାଣ କୃଷକ ସଂଗଠନର ଡାକରା, ସ୍ଥାନ: କୁନ୍ଦୁରା, ସମୟ: ସକାଳ ୬ଟାରୁ ୨ଟା।
- ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା, ସ୍ଥାନ: ନନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍‌ଶ୍ରୀ ଦୋଲପୁର ହାଇସ୍କୁଲ ବାର୍ଷିକ ଉତ୍ସବ, ସ୍ଥାନ: ବୈପାରୀଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସେତୁବନ୍ଧ ସୁରକ୍ଷା ସମିତି ସମାବେଶ, ସ୍ଥାନ: ପଟ୍ଟାଙ୍ଗି ବ୍ଲକ ନୂଆଗାଁ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱଶାନ୍ତି ଯଜ୍ଞ, ସ୍ଥାନ: କୋଟପାଡ଼ ଟିକିରା ସାହିସ୍ଥିତ ଅଲେଖ ମହିମା ମଠ, ସମୟ: ସନ୍ଧ୍ୟା ୬ଟା।

**ମାଲକାନଗିରି**
- ଓଡ଼ିଶା ବନ୍ଦ ନେଇ ନବନିର୍ମାଣ କୃଷକ ସଂଗଠନର ଡାକରା, ସ୍ଥାନ: ମାଲକାନଗିରି ଜିଲା, ସମୟ: ସକାଳ ୬ରୁ ମଧ୍ୟାହ୍ନ ୨ଟା।

**ସମ୍ବଲପୁର**
- ମା'ପିତାବଳୀଙ୍କ ଅଷ୍ଟଧାତୁ ମୂର୍ତ୍ତିର ପ୍ରାଣ ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ସିନ୍ଦୁରପଙ୍କ ନିକଟସ୍ଥ ପିତାବଳୀ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଏନ୍‌ବିଟି ଆୟୋଜିତ ସମ୍ବଲପୁର ପୁସ୍ତକ ମେଳା, ସ୍ଥାନ: ପିଏଚ୍‌ଡି ପଡିଆ, ସମୟ: ମଧ୍ୟାହ୍ନ ୧୨ଟାରୁ ରାତି ୧୦ଟା।
- ଶ୍ରୀଗଣେଷ ପ୍ରତିଷ୍ଠା ଉତ୍ସବର କଳସ ଶୋଭାଯାତ୍ରା, ସ୍ଥାନ: କବରାପାଲି ଗ୍ରାମ, ସମୟ: ଅପରାହ୍ନ ୩ଟା।
- ଏନ୍‌ବିଟି ଓ ସେତୁ ଆୟୋଜିତ ପୁସ୍ତକ ମେଳା ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପିଏଚ୍‌ଡି ପଡିଆ, ସମୟ: ସନ୍ଧ୍ୟା ୭ଟା।
- କବିତା ପାଠୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ପରମାଣପୁର ସ୍ଥିତ ଧନୁଯାତ୍ରା ମଞ୍ଚ, ସମୟ: ସନ୍ଧ୍ୟା ୭ଟା ୩୦।

**ବଲାଙ୍ଗୀର**
- ମିଳିତ ଚାଷୀ ସଙ୍ଗଠନ ପକ୍ଷରୁ ୧୨ ଘଣ୍ଟିଆ ବଲାଙ୍ଗୀର ବନ୍ଦ ପାଳନ, ସ୍ଥାନ: ଜିଲାର ବିଭିନ୍ନ ସହରାଞ୍ଚଳ ଓ ମୁଖ୍ୟ ରାସ୍ତାରେ ପିକେଟିଂ, ସମୟ: ସକାଳ ୬ଟାରୁ।
- ନବ ନିର୍ମାଣ କୃଷକ ସଂଗଠନ, ମିଳିତ କୃଷକ ସଂଘର୍ଷ ସମିତି ପକ୍ଷରୁ ବନ୍ଦ ପାଳନ ଓ ପ୍ରତିବାଦ ସଭା, ସ୍ଥାନ: ରାମପୁର, ଲୋଇସିଂହା ଥାନା, ସମୟ: ପୂର୍ବାହ୍ନ ୧୦ଟା।

**ରାଉରକେଲା**
- ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ରାଉରକେଲା କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- କଥା ସାହିତ୍ୟ ଦିବସ, ସ୍ଥାନ: କଲଚରାଲ ଏକାଡେମୀ, ସେକ୍ଟର-୫, ସମୟ: ସନ୍ଧ୍ୟା ୬ଟା ୩୦।

**ବରଗଡ଼**
- ଶ୍ରୀ ଶ୍ରୀ ଗୁଣ୍ଡିଚା ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ: ଗୋବିନ୍ଦପୁର, ବରଗଡ଼,ସମୟ: ସକାଳ ୮ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବରଗାଁ କଲ୍ୟାଣ ମଣ୍ଡପ, ବରଗଡ଼,ସମୟ:ସକାଳ ୯ଟା।

**କଳାହାଣ୍ଡି**
- ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବନ୍ଦ ପାଳନ, ସ୍ଥାନ: ଭବାନୀପାଟଣା ଘୋଡାଘାଟ ଛକ, ସମୟ: ସକାଳ ୬ଟା।
- ଜିଲାସ୍ତରୀୟ ସୁଭଦ୍ରା ମେଳା ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।

**ବୌଦ୍ଧ**
- ୨୨ତମ ତିଳେଶ୍ୱର କପ୍ ଫୁଟବଲ ଟୁର୍ନାମେଣ୍ଟର ଷଷ୍ଠ ଦିବସ, ସ୍ଥାନ: ତିଳେଶ୍ୱର ଖେଳ ପଡିଆ, ହରଭଙ୍ଗା ବ୍ଲକ ବୌଦ୍ଧ, ସମୟ ଅପରାହ୍ନ ୩ଟା।
- ସାମ୍ପୋଚ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଚତୁର୍ଥ ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପ୍ରାଙ୍ଗଣ, ହରଭଙ୍ଗା ବ୍ଲକ, ସମୟ: ଅପରାହ୍ନ ୪ଟା ୩୦।
- ଅସୁରଗଡ ଲୋକ ମହୋତ୍ସବର ଚତୁର୍ଥ ଦିବସ, ସ୍ଥାନ: ସୁବର୍ଣ୍ଣମେରୁ ପଡିଆ ମନମୁଣ୍ଡା, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଓଡ଼ିଶା ବନ୍ଦ ପାଳନ, ସ୍ଥାନ: ସୁବର୍ଣ୍ଣପୁର ସହର ବ୍ଲକ ଛକ, ସମୟ: ସକାଳ ୬ଟା।
- ବଡ ଗୋପାଳଜୀ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅବସରରେ ରାଧା ସହସ୍ର ନାମଯଜ୍ଞ ଓ ପୂଜାର୍ଚ୍ଚନା, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ଗୋପାଳଜୀ ମନ୍ଦିର ପରିସର, ସମୟ: ସକାଳ ୮ଟା।
- ଦାଦରପାଲି କ୍ରିକେଟ କପ୍‌ର ତୃତୀୟ ଦିବସ, ସ୍ଥାନ: ଦାଦରପାଲି, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ଅଷ୍ଟପ୍ରହର ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।

**ନୂଆପଡ଼ା**
- ପ୍ରେସ ଇଲେଭେନ କ୍ରିକେଟ ସଂଘର ପ୍ରସ୍ତୁତି ବୈଠକ, ସ୍ଥାନ: ପୋଲିସ ପଡିଆ ନୂଆପଡ଼ା, ସମୟ: ସକାଳ ୭ଟା।

## ପ୍ରଥମ ପୃଷ୍ଠାରୁ...

### ଛାତ ଉପରେ...

ଲୋକମାନେ ଉତ୍କ୍ଷିପ୍ତ ହୋଇ ତାଙ୍କୁ ମାଡ଼ ମାରିଥିବା ଦେଖିବାକୁ ମିଳିଥିଲା। ଡିସିପି ଜଗମୋହନ ମୀନା ଯାଞ୍ଚ କରିବା ପରେ କହିଛନ୍ତି, ଛାତ ଉପରେ ବୋମା ଭିଡ଼ିବାବେଳେ ବିସ୍ଫୋରଣ ଘଟିଛି। ଆପରାଧିକ କାର୍ଯ୍ୟ ପାଇଁ ବୋମା ଭିଡ଼ିଲା ବେଳେ ବିସ୍ଫୋରଣ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସେହନବାଜଙ୍କ ନାଁରେ ଏକାଧିକ ଆପରାଧିକ ମାମଲା ରହିଛି। ନୟାପଲ୍ଲୀ, ମୈତ୍ରୀବିହାର ଥାନା ଅଞ୍ଚଳରେ ହତ୍ୟା ଉଦ୍ୟମ ଓ ବିସ୍ଫୋରଣ ଘଟାଇବା ପରି ଏକାଧିକ ମାମଲା ରହିଛି। ବେଆଇନ ଭାବେ ବୋମା ଭିଡ଼ାଯାଉଥିବାରୁ ଏନେଇ ସେହନବାଜଙ୍କ ନାମରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯିବ ବୋଲି ଡିସିପି କହିଛନ୍ତି। ରାଜଧାନୀ ଏବଂ ଏହାର ଉପକଣ୍ଠରେ ଏଭଳି ବେଆଇନ ଭାବେ ବୋମା ଭିଡ଼ାଯାଉଛି। ପୋଲିସ ସେମାନଙ୍କୁ ଲାଇସେନ୍ସ ଦେଇ ନ ଥିବାବେଳେ ସେମାନେ ବେଆଇନ ଭାବେ ବୋମା ଭିଡ଼ି ବିକ୍ରି କରୁଛନ୍ତି।

୨୦୨୩ ଏପ୍ରିଲ ୪ରେ ବାଣୀବିହାର କ୍ୟାମ୍ପସ ପଛରେ ଜଣେ ବ୍ୟକ୍ତି ବେଆଇନ ଭାବେ ବାଣ ଭିଡୁଥିବାବେଳେ ବିସ୍ଫୋରଣ ଘଟି ତାଙ୍କ ଜୀବନ ଯାଇଥିଲା। ସେହିପରି ଗତ ବର୍ଷ ବଡ଼ଗଡ଼ ଥାନା ଅଞ୍ଚଳରେ ଏକ ଘରେ ବୋମା ଭିଡ଼ାଯାଉଥିବାବେଳେ ବିସ୍ଫୋରଣରେ ଏକାଧିକ ଆହତ ହୋଇଥିଲେ। ୨୦୧୮ ନଭେମ୍ବର ୧ରେ ବାଲିପାଟଣା ଥାନା ବନମାଳୀପୁର ନୂଆସାହିରେ ବାଣ ଭିଡ଼ିବା ବେଳେ ଜ୍ଞାନରଞ୍ଜନ ମିଶ୍ର ଏବଂ ଝୁନାରାଣୀ ମିଶ୍ରଙ୍କ ମୃତ୍ୟୁ ଘଟିଥିଲା। ଝୁନାଙ୍କ ମୃତଦେହ ମିଳିଥିବା ବେଳେ ଆଜି ପର୍ଯ୍ୟନ୍ତ ଜ୍ଞାନରଞ୍ଜନଙ୍କ ମୃତଦେହ ମିଳିପାରି ନାହିଁ। ସେହିପରି ଜଟଣୀରେ ୨୦୨୪ରେ ଏକ ବାଣ ବିସ୍ଫୋରଣ ଘଟିଥିଲା।

### ଚାଲାଣ ଥିଲେ...

ଶୁଣାଣି ନିମନ୍ତେ ଧାର୍ଯ୍ୟ କରାଯାଇଛି। ମାମଲାର ବିବରଣୀ ଅନୁଯାୟୀ, ପରିବହନ କମିଶନରଙ୍କ ପକ୍ଷରୁ ୨୦୨୫ ଡିସେମ୍ବର ୨୦ରେ ପେଟ୍ରୋଲ, ଡିଜେଲ ବିକ୍ରି କରୁଥିବା ସମସ୍ତ ତୈଳ କମ୍ପାନୀକୁ ଲେଖାଯାଇଥିବା ଚିଠି ଆଇନ ଅନୁସାରେ ଗ୍ରହଣୀୟ ନୁହେଁ। ଏଥିରେ ମୋଟର ଯାନ ଆଇନ, ୧୯୮୮ ଓ କେନ୍ଦ୍ରୀୟ ମୋଟର ଯାନ ନିୟମାବଳୀ, ୧୯୮୯ର ଉଲ୍ଲଂଘନ କରାଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ନ ଥିଲେ ଟାଙ୍କିରେ ପେଟ୍ରୋଲ ଓ ଡିଜେଲ ଦିଆ ନ ଯିବା ନିଷ୍ପତ୍ତି ଜନସାଧାରଣ ତଥା ଗାଡ଼ି ମାଲିକଙ୍କ ମୌଳିକ ଅଧିକାରର ଉଲ୍ଲଂଘନ କରୁଛି। ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର କରିବା ବେଳେ ସମ୍ପୃକ୍ତ ମୋଟରଯାନର ଇ-ଚାଲାଣ ଦେୟ ପ୍ରଦାନ ପାଇଁ ବାଧ କରାଯାଉଛି। ତେଣୁ ଡିସେମ୍ବର ୨୦ର ଚିଠିକୁ ରଦ୍ଦ କରାଯାଉ। ପିୟୁସି ପ୍ରମାଣପତ୍ର ନ ଥିବା ଗାଡ଼ି ମାଲିକଙ୍କୁ ପେଟ୍ରୋଲ କିମ୍ବା ଡିଜେଲ ବିକ୍ରୟ ନ କରିବା ନିୟମ ସମ୍ପୂର୍ଣ୍ଣ ରୂପେ ଓଡ଼ିଶାର ପ୍ରତ୍ୟେକ ଗାଡ଼ି ମାଲିକଙ୍କ ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଥିବା ଦର୍ଶାଇଥିଲେ ଆବେଦନକାରୀଙ୍କ ଓକିଲ। ଏଥିସହିତ ଗାଡ଼ିର ପ୍ରଦୂଷଣ ପରୀକ୍ଷା ପୂର୍ବରୁ କୌଣସି ଚାଲାଣ ନ ଥିବା ନେଇ ଯେଉଁ ସର୍ତ୍ତ ଧାର୍ଯ୍ୟ କରାଯାଇଥିଲା, ତାହା ବେଆଇନ ବୋଲି ଆବେଦନକାରୀ ଦର୍ଶାଇଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଦୂଷଣ ପରୀକ୍ଷା ପାଇଁ ଯାଉଥିବା ମୋଟରଯାନର ପୂର୍ବରୁ ରହିଥିବା ଇ-ଚାଲାଣ ଦେୟ ପ୍ରଦାନ ପାଇଁ ବାଧ କରା ନ ଯାଉ ବୋଲି ସ୍ନିଗ୍ଧା ପାତ୍ରଙ୍କ ପକ୍ଷରୁ ରୁଜୁ ଜନସ୍ୱାର୍ଥ ମାମଲାରେ ଦର୍ଶାଯାଇଛି। ବାଣିଜ୍ୟ ଓ ପରିବହନ ସଚିବ, ପରିବହନ କମିଶନର, ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ଓ ବିଭିନ୍ନ ତୈଳ କମ୍ପାନୀର ଓଡ଼ିଶା ମୁଖ୍ୟଙ୍କୁ ମାମଲାରେ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରଞ୍ଜନ କୁମାର ରାଉତ ମାମଲା ପରିଚାଳନା କରୁଛନ୍ତି।

### ଆଜି ୮ ଘଣ୍ଟିଆ...

ବେଳେ ପରବର୍ତ୍ତୀ ସମୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରଚାର ଜରିଆରେ ବନ୍ଦପାଳନକୁ ସମର୍ଥନ ଦେବା ଲାଗି ଅନୁରୋଧ ମଧ୍ୟ କରାଯାଉଛି। ଅକ୍ଷୟ କୁମାର କହିଛନ୍ତି, ଜରୁରିକାଳୀନ ସେବା କ୍ଷେତ୍ରରେ କୌଣସି ପ୍ରକାର ପ୍ରଭାବିତ ହେବାକୁ ଦିଆଯିବନାହିଁ। ରାଜ୍ୟର ୩୦ ଜିଲାରେ ଦୋକାନବଜାର ବନ୍ଦ କରାଯିବ, ଗାଡି ମଟର ଚଳାଚଳକୁ ଅଟକାଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ବନ୍ଦପାଳନକୁ ତାଙ୍କ ଦଳ ସମର୍ଥନ କରିବା ନେଇ ମଙ୍ଗଳବାର ଘୋଷଣା କରିଛନ୍ତି।

ଭକ୍ତ କହିଛନ୍ତି, ନବନିର୍ମାଣ ସଙ୍ଗଠନ ପକ୍ଷରୁ ଓଡ଼ିଶା ବନ୍ଦ ଡାକରାକୁ କଂଗ୍ରେସ ସମର୍ଥନ କରିବ। ରାଜ୍ୟର ସବୁ ଜିଲା କଂଗ୍ରେସ କମିଟି ପକ୍ଷରୁ ଉକ୍ତ ବନ୍ଦ ପାଳନକୁ ସମର୍ଥନ ଦେବେ। ବିଜେଡି ନବନିର୍ମାଣ କୃଷକ ସଙ୍ଗଠନର ଓଡ଼ିଶା ବନ୍ଦ ଡାକରା ଚାଷୀମାନଙ୍କ ପାଇଁ ହିତକର ପଦକ୍ଷେପ ବୋଲି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି ମଙ୍ଗଳବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି । ଚାଷୀଙ୍କ ହିତରେ ବନ୍ଦ ପାଳନ ହେଉଥିବା କହି ପରୋକ୍ଷରେ ବିଜେଡି ନବନିର୍ମାଣ କୃଷକ ସଙ୍ଗଠନକୁ ବଳ ଦେଇଛି।

ଭାଜପା ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି, ସବୁ ପ୍ରଫେଶନରେ ନକଲି ଏବଂ ଅସଲି ଥାଆନ୍ତି। ଯେଉଁମାନେ ଆନ୍ଦୋଳନ ଡାକରା ଦେଉଛନ୍ତି ସେମାନେ ସବୁ ହେଉଛନ୍ତି ନକଲି ଚାଷୀ। ନା ଏମାନେ ହଳ କରିପାରିବେ ନା ବାହୁଙ୍ଗି ବେକରେ ପକାଇପାରିବେ। ଅତୀତରେ ପଶ୍ଚିମ ଓଡ଼ିଶାରେ ଚାଷୀ ହନ୍ତସନ୍ତ ହେଉଥିବାବେଳେ ଦଲାଲମାନେ ମାଲାମାଲ ହେଉଥିଲେ। ମୋହନ ମାଝୀଙ୍କ ସରକାରରେ କିନ୍ତୁ ଚାଷୀମାନେ ଖୁସିରେ ଅଛନ୍ତି। ଭାଜପା ସରକାର ଆସିବା ପରେ ଧାନ କୁଇଣ୍ଟାଲ ପିଛା ୮୦୦ ଟଙ୍କା ଅଧିକ ଟଙ୍କା ଦେଉଛି। କଂଗ୍ରେସ ସବୁବେଳେ ଚାଷୀ ବିରୋଧୀ, ତେଣୁ ସେମାନଙ୍କ ସମର୍ଥନର କିଛି ମୂଲ୍ୟ ନାହିଁ।

### ଝିଅଙ୍କୁ ନିର୍ଯାତନା...

ଲମ୍ବୋଦରଙ୍କ ଘରକୁ ଯାଇ ତାଙ୍କ ଝିଅଙ୍କୁ ମାରପିଟ୍ କରିବା ସହ ଘରର କିଛି ଅଂଶ ଭାଙ୍ଗି ଦେଇଥିଲେ। ଏପରିକି ମଦ ବିକ୍ରି କରୁଥିବା ତାଙ୍କ ଝିଅଙ୍କୁ ବିବ୍ରା ରାସ୍ତାରେ ଚଲାଇ ଚଲାଇ ଆଣିବା ସହ ସ୍ଥାନୀୟ ବଜାର ମଝିରେ ସନ୍ଧ୍ୟା ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଠିଆ କରି ଜରିମାନା ବାବଦକୁ ୧ ଲକ୍ଷ ଟଙ୍କା ଦାବି କରିଥିଲେ। ଲମ୍ବୋଦର ଓ ତାଙ୍କ ଝିଅ ଭୁଲ୍ ମାଗିବା ପରେ ମଧ୍ୟ ସେମାନଙ୍କୁ ଛାଡ଼ି ନ ଥିଲେ। ଶେଷରେ ୩୦ ହଜାର ଟଙ୍କା ଜରିମାନା ଦେବା ପାଇଁ ସେମାନେ ରାଜି ହେବାରୁ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ବାପଝିଅଙ୍କୁ ଛାଡ଼ିଥିଲେ। ଘରକୁ ଆସିବା ପରେ ଏହି ନିର୍ଯାତନା ସହି ନ ପାରି ବିଳମ୍ବିତ ରାତିରେ ଲମ୍ବୋଦର ବିଷ ପିଇ ଆତ୍ମହତ୍ୟା କରିଥିଲେ ବୋଲି ତାଙ୍କ ପୁଅ ଏତଲାରେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ୧୦ ମହିଳା ଓ ପୁରୁଷଙ୍କ ନାଁରେ ମାମଲା(ନଂ.୨୩/୨୬) ରୁଜୁ କରାଯାଇଛି। ଘଟଣାର ତଦନ୍ତ ଜାରି ରହିଥିବା ବେଳେ ସେହି ଗ୍ରାମର ମିଥୁନ ନାୟକ ନାମକ ଜଣେ ଯୁବକଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଚାନ୍ଦବାଲି ଏସ୍‌ଡିପିଓ ପ୍ରଭାସ ସାହୁ କହିଛନ୍ତି।

### ବଢ଼ିବ ବାବୁଙ୍କ...

ଅଧିକାରୀ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ ଏବେ ବିଭିନ୍ନ ଯୋଜନାକୁ ଅନୁମୋଦନ ଦେବା ପାଇଁ ୫କୋଟି ଟଙ୍କାରୁ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ବିଭାଗୀୟ ଅର୍ଥ ପରାମର୍ଶଦାତା ତଥା ପ୍ରଶାସନିକ ଅଧିକାରୀଙ୍କ କ୍ଷମତା ରହିଛି। ଅର୍ଥ ବିଭାଗର ପ୍ରସ୍ତାବ ଅନୁଯାୟୀ, ଏହି ପରିମାଣକୁ ୧୦କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ୫କୋଟିରୁ ୫୦କୋଟି ଟଙ୍କା ପର୍ଯ୍ୟନ୍ତ ଯୋଜନାକୁ ଏକ୍ସପେଣ୍ଡିଚର ଫାଇନାନ୍ସ କମିଟି(ଏସ୍‌ଏଫ୍‌ସି)ର ଅନୁମୋଦନକ୍ରମେ ବିଭାଗୀୟ ମନ୍ତ୍ରୀ ଅନୁମୋଦନ କରିବାକୁ ରହିଥିବାବେଳେ ଆଗାମୀ ଦିନରେ ଏହାକୁ ୧୦କୋଟି ଟଙ୍କାରୁ ୫୦କୋଟି ଟଙ୍କାକୁ ବୃଦ୍ଧି କରାଯିବ। ଅନୁରୂପ ଭାବେ ୫୦କୋଟିରୁ ୧୦୦କୋଟି ଟଙ୍କା ପର୍ଯ୍ୟନ୍ତ ଯୋଜନାକୁ ଇଏଫ୍‌ସି ଜରିଆରେ ବିଭାଗୀୟ ମନ୍ତ୍ରୀଙ୍କ ଅନୁମୋଦନ ଲାଭ କରିବାକୁ ରହିଥିବାବେଳେ ୧୦୦ରୁ ୨୫୦କୋଟି ଟଙ୍କା ପର୍ଯ୍ୟନ୍ତ ଯୋଜନାକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନର ଆବଶ୍ୟକତା ରହିଛି। ଯଦି ଏହାଠାରୁ ଯୋଜନା ବାବଦ ଅର୍ଥ ଅଧିକ ହୁଏ ତେବେ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିବ ବୋଲି ଅର୍ଥ ବିଭାଗ ପକ୍ଷରୁ ପ୍ରସ୍ତାବରେ ରହିଛି।

ସୂଚନାଯୋଗ୍ୟ, ରାଜ୍ୟ ସରକାର ୨୦୨୫ ଜୁନ୍ ୪ରେ ଟେଣ୍ଡର କ୍ଷମତା ସମ୍ପର୍କିତ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ; ଯେଉଁଥିରେ ୧୦କୋଟି ଟଙ୍କା ପର୍ଯ୍ୟନ୍ତ ଟେଣ୍ଡରକୁ ବିଭାଗୀୟ ପ୍ରଶାସନିକ ଅଧିକାରୀ ଅନୁମୋଦନ କରିବାର କ୍ଷମତା ପ୍ରଦାନ କରାଯାଇଥିବାବେଳେ ୭ରୁ ୧୦କୋଟି ଟଙ୍କାର ଟେଣ୍ଡରକୁ ସର୍ବୋଚ୍ଚ ଯନ୍ତ୍ରୀ କିମ୍ବା ପ୍ରଶାସନିକ ଅଧିକାରୀ, ୪କୋଟିରୁ ୭କୋଟି ଟଙ୍କାର ଟେଣ୍ଡରକୁ ମୁଖ୍ୟଯନ୍ତ୍ରୀ କିମ୍ବା ସର୍ବୋଚ୍ଚ ଯନ୍ତ୍ରୀ ଏବଂ ୧କୋଟିରୁ ୪କୋଟି ଟଙ୍କା ପର୍ଯ୍ୟନ୍ତ ଟେଣ୍ଡରକୁ ଅଧୀକ୍ଷଣ ଯନ୍ତ୍ରୀ କିମ୍ବା ମୁଖ୍ୟଯନ୍ତ୍ରୀ ଅନୁମୋଦନ କରିବାର କ୍ଷମତା ପ୍ରଦାନ କରାଯାଇଛି।

ଅନ୍ୟପକ୍ଷରେ ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ୨୦୨୫ ମେ' ୨୮ରେ ଅତିରିକ୍ତ ସଚିବ ମଧୁସ୍ମିତା ସାମଲ ସବୁ ବିଭାଗକୁ ଏକ ପ୍ରଶାସନିକ ମାର୍ଗଦର୍ଶିକା ପ୍ରଦାନ କରିଛନ୍ତି। ସେଥିରେ ବିଭାଗୀୟ ନିଯୁକ୍ତି ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କ୍ଷମତାରେ ପରିବର୍ତ୍ତନ କରାଯାଇଛି। ସମ୍ପୃକ୍ତ ବିଭାଗର ସଚିବ ଏଣିକି ନିଯୁକ୍ତି ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କର୍ତ୍ତୃପକ୍ଷ ଦାୟିତ୍ୱରେ ରହିବେ। ପୂର୍ବରୁ ବିଭାଗୀୟ ମନ୍ତ୍ରୀମାନେ ଯେପରି ଗ୍ରୁପ୍-ବି' ଅଧିକାରୀଙ୍କଠାରୁ ଗ୍ରୁପ୍-ଏ' ଅଧିକାରୀ(ପାହ୍ୟା-୧୨)ଙ୍କ ନିଯୁକ୍ତି ଏବଂ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ନିଷ୍ପତ୍ତି ନେଉଥିଲେ, ଏବେ ଉକ୍ତ ଦାୟିତ୍ୱ ସମ୍ପୃକ୍ତ ବିଭାଗ ସଚିବ ନିର୍ବାହ କରିବେ। ସେହିପରି ସମ୍ପୃକ୍ତ ବିଭାଗ ମନ୍ତ୍ରୀଙ୍କ ହାତରେ ଗ୍ରୁପ୍-ଏ'(ପାହ୍ୟା-୧୨)ବର୍ଗର ଚାକିରିଆଙ୍କଠାରୁ ଆରମ୍ଭ କରି ଗ୍ରୁପ୍-ଏ'(ପାହ୍ୟା-୧୪) ବର୍ଗଙ୍କ ପର୍ଯ୍ୟନ୍ତ ନିଯୁକ୍ତି ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି ନେବେ। ମାତ୍ର ମୁଖ୍ୟମନ୍ତ୍ରୀ କେବଳ ଗ୍ରୁପ୍-ଏ(ପାହ୍ୟା-୧୪)ବର୍ଗଙ୍କଠାରୁ ଉର୍ଦ୍ଧ୍ୱ ବର୍ଗଙ୍କ ନିଯୁକ୍ତି ଓ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି ନେବେ ବୋଲି ଜଣାଯାଇଛି।



ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ୟୁରୋପୀୟ କମିଶନ ପ୍ରେସିଡେଣ୍ଟ ଉର୍ସୁଲା ଭୋନ୍‌ଡେର ଲେୟେନ୍ ଓ ୟୁରୋପୀୟ ପରିଷଦ ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା।

### ଏଫ୍‌ଟିଏ: ଭାରତର...

ଆଦୌ ଟାରିଫ୍ କଷି ନ ପାରେ ବୋଲି ଭାରତର ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ ସୂଚନା ଦିଆଯାଇଛି। ଭାରତ ଏବଂ ଇୟୁ ପକ୍ଷରୁ ଆହୁରି କୁହାଯାଇଛି, ସୋୟା, ବିଫ୍, ଚିନି, ଚାଉଳ, ଦୁଗ୍ଧଜାତ ଉତ୍ପାଦ ଓ ଅନ୍ୟ କୃଷିଜାତ ସାମଗ୍ରୀକୁ ଟ୍ରେଡ୍ ଡିଲ୍ ପରିସର ବାହାରେ ରଖାଯାଇଛି। ୟୁରୋପୀୟ ମଦ ଭାରତକୁ ଶସ୍ତାରେ ପ୍ରବେଶ କରିବ। କାରଣ ଭାରତ ଏହା ଉପରେ ଆମଦାନୀ ଶୁଳ୍କରେ ରିହାତି ଦେବାକୁ ଯାଉଛି।

ଭାରତ ସରକାର ଓ ଇୟୁ ମଧ୍ୟରେ ସୋମବାର ଏକ ବଡ଼ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ସାରା ବିଶ୍ୱର ଲୋକେ ଏହାକୁ 'ସବୁ ଡିଲ୍‌ର ଜନନୀ' ବୋଲି ଆଖ୍ୟା ଦେଉଛନ୍ତି। ଏହି ଐତିହାସିକ ଚୁକ୍ତିନାମା ଭାରତର ୧.୪ ବିଲିୟନ୍ ଏବଂ ୟୁରୋପର ଅନେକ ନିୟୁତ ଲୋକଙ୍କ ପାଇଁ ବଡ଼ ସୁଯୋଗ ସୃଷ୍ଟି କରିବ। ୟୁରୋପର ୨୭ ଦେଶ ଏବଂ ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ପରିମାଣ ବିଶ୍ୱର ପ୍ରାୟ ୨୫% ହୋଇଥିବାବେଳେ ଉଭୟଙ୍କ ଅଧୀନରେ ୨ ବିଲିୟନ୍ ଲୋକଙ୍କ ବଜାର ଆସୁଛି।

୨ ଦଶନ୍ଧି ଧରି ଇୟୁ-ଭାରତ ବାଣିଜ୍ୟ ଆଲୋଚନା ଚାଲିଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୫୦% ଟାରିଫ୍ କଷିବା ଏବଂ ଆମେରିକାର ସହଯୋଗୀଗୁଡ଼ିକ ତାଙ୍କ ଗ୍ରୀନ୍‌ଲାଣ୍ଡ ଦଖଲ ଉଦ୍ୟମକୁ ବିରୋଧ କରିବା ପରିପ୍ରେକ୍ଷୀରେ ଆଲୋଚନାକୁ ବଳ ଦେଇଥିଲେ। ଉକ୍ତ ଡିଲ୍ ସ୍ୱାକ୍ଷରିତ ହେବା ପୂର୍ବରୁ ନୂଆଦିଲ୍ଲୀ ଓ ଇୟୁ ଦକ୍ଷିଣ ଆମେରିକୀୟ ବ୍ଲକ୍ ମର୍କୋସୁର ସହ ଏକ ଚୁକ୍ତି କରିଥିଲେ। ଏନେଇ ୟୁରୋପୀୟ କମିଶନ ପ୍ରେସିଡେଣ୍ଟ ଉର୍ସୁଲା ଭୋନ୍‌ଡେର ଲେୟେନ୍ କହିଛନ୍ତି, ୟୁରୋପ ଓ ଭାରତ ଆଜି ଇତିହାସ ରଚିଛନ୍ତି। ଏହା ଆରମ୍ଭ ମାତ୍ର। ଚୁକ୍ତି ସ୍ୱାକ୍ଷର ବେଳେ ୟୁରୋପୀୟ ପରିଷଦ ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ମଧ୍ୟ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ମୋଦି ଓ ଏହି ୨ ନେତାଙ୍କ ନେତୃତ୍ୱରେ ଭାରତ ଏବଂ ୨୭ ରାଷ୍ଟ୍ର ଆଗାମୀ ୫ ବର୍ଷ ପାଇଁ ଏକ ମିଳିତ ବ୍ୟାପକ ରଣନୈତିକ ଏଜେଣ୍ଡା ଉପରେ ମତ ରଖିଥିଲେ। ମୋଟ ୧୩ଟି ଚୁକ୍ତି ସ୍ୱାକ୍ଷର ହୋଇଥିବା ଜଣାପଡ଼ିଛି।

ଭାରତ ଏବଂ ଇୟୁ ମଧ୍ୟରେ ଗତ ଆର୍ଥିକବର୍ଷରେ ୧୩୬.୫ ବିଲିୟନ୍ ଡଲାର ବାଣିଜ୍ୟିକ କାରବାର ହୋଇଥିଲା। ଏହି ଅବଧିରେ ଭାରତ-ଆମେରିକା କାରବାର ୧୩୨ ବିଲିୟନ୍ ଡଲାର ରହିଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଲା ଅଇଲା କଥା ଯେତେ**
**ସଙ୍ଗାତ ନ ପକା ଏତେ ।**

ଗଲା କଥା ଗଲାଣି। ତା' ଉପରେ ଆଉ ଚିନ୍ତା କରିବା ଅନୁଚିତ। ଅତୀତରେ ଘଟିଥିବା ଘଟଣାଗୁଡ଼ିକୁ ଭୁଲିଯିବା ସହ ବିଗତ କଥାକୁ ରେଣ୍ଟି କରି ନ ଧରିବାକୁ ବନ୍ଧୁଙ୍କୁ ଅନୁରୋଧ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଗୋଡ଼ର ଜୋତା କାହାକୁ ଦେଲ**
**ଗୋଡ଼ ଖାଇଗଲା ଜନ୍ଦା**
**କେଉଁ ନାରୀ ସଙ୍ଗେ ପୀରତି କଲ**
**କାନନୋଳି ଦେଲ ବନ୍ଧା।**

ପ୍ରେମ ଯଦି ସାମାଜିକ ସ୍ୱୀକୃତି ରହିତ ଓ ଅବାଞ୍ଛିତ ହୋଇଥାଏ, ତାହାକୁ ସମ୍ପର୍କ ନୁହେଁ ପାପ ସମ୍ପର୍କ ବୋଲି କୁହାଯାଇଥାଏ। ପରକୀୟା ପ୍ରୀତିର ପରିଣତି ଅନେକ ସମୟରେ ସୁଖଦ ହୋଇ ନ ଥାଏ। ଏହା ଜାଣି ମଧ୍ୟ କେତେଜଣ ବ୍ୟକ୍ତି କ୍ଷଣିକ ଆବେଗର ବଶବର୍ତ୍ତୀ ହୋଇ ଏଭଳି ପାପ ସମ୍ପର୍କରେ ଲିପ୍ତ ରହୁଥିବା ଦେଖିବାକୁ ମିଳିଥାଏ। ଅବୈଧ ସମ୍ପର୍କରେ ମାତି ଅର୍ଥ ଓ ସମ୍ମାନ ହରାଇ ବସିଥିବା ବ୍ୟକ୍ତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ମଙ୍ଗଳବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଚନ୍ଦ୍ର ରାହୁ ନକ୍ଷତ୍ରରେ ଅବସ୍ଥାନ କରି ଭୁଲ୍ ବୁଝାମଣାରୁ ପାରିବାରିକ କିମ୍ବା ବନ୍ଧୁଙ୍କ ସହ ମନାନ୍ତର ସୃଷ୍ଟି କରିବ। ସମ୍ପର୍କୀୟଙ୍କ ବେପରୁଆ କଥା ମନକୁ ବାଧିବ। ବ୍ୟବସାୟ, ନିର୍ମାଣ, ଆନୁଷ୍ଠାନିକ କାମ, ବିବାଦୀୟ ଘଟଣା, ସଭାସମିତି, ଅର୍ଥ ସମ୍ପର୍କ କ୍ଷେତ୍ରରୁ ଉପକୃତ ହେବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ରହି କାମ କରିବା ଭଲ ହେବ।

**ବୃଷ**
ମିତ୍ର ବୁଧଙ୍କ ନକ୍ଷତ୍ରସ୍ଥ ଶୁକ୍ର ଯାତ୍ରାରେ ଲକ୍ଷ୍ୟପୂରଣ କରିବା ସହ ବ୍ୟବସାୟରେ ସୁଫଳ ପ୍ରଦାନ କରିବେ। ସଭାସମିତିରେ ବନ୍ଧୁ ମିଳନ ଘଟିବ ଏବଂ ହାତକୁ ଦି'ପଇସା ମଧ୍ୟ ଆସିବ। କର୍ମକ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। କୌଣସି ବିବାଦୀୟ ଘଟଣାରେ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି।

**ମିଥୁନ**
ବୁଧ ଧନାଧିପ ଚନ୍ଦ୍ରଙ୍କ ନକ୍ଷତ୍ରସ୍ଥ ହୋଇ ବନ୍ଧୁଙ୍କୁ ଅନୁରୋଧରୁ କିମ୍ବା ସନ୍ତାନ ହେତୁକ ଅର୍ଥର ଆବଶ୍ୟକତାକୁ ପୂରଣ କରିବେ। ଯାହାକୁ ଖୋଜୁଥିବେ ସେ ଆପଣା ଛାଏଁ ପାଖକୁ ଚାଲି ଆସିବ। ପାରିବାରିକ ସମସ୍ୟା ପୂର୍ବପରି ରହିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ**
ଆଜିର ଚନ୍ଦ୍ରଙ୍କ ପ୍ରତି ଶନିଙ୍କ ଦୃଷ୍ଟିହୀନତା କାରଣରୁ ପାରିବାରିକ ପ୍ରତିକୂଳତା ପ୍ରଭାବ ପକାଇପାରିବ ନାହିଁ। କର୍ମକ୍ଷେତ୍ରରେ ଟେନସନ୍ ବଢ଼ିବ ଏବଂ ଗୁଜବ ମନକୁ ଆତଙ୍କିତ କରିପାରେ। ଅର୍ଥନୈତିକ ଦୃଷ୍ଟିକୋଣରୁ କେତେକ ବ୍ୟତିକ୍ରମ ସକାଶେ ଚିନ୍ତିତ ରହିବେ। ସହକର୍ମୀ ଫାଇଦା ଉଠାଇବା ପାଇଁ ଚେଷ୍ଟା କରି ଅପଦସ୍ଥ ହୋଇପାରନ୍ତି।

**ସିଂହ**
ବୁଧ ବ୍ୟୟାଧିପ ଚନ୍ଦ୍ରଙ୍କ ନକ୍ଷତ୍ରସ୍ଥ ଯୋଗୁ ପ୍ରାପ୍ୟ ହାତକୁ ଆସିବ କିନ୍ତୁ ପକେଟରେ ରହିପାରିବନି। ସାମାନ୍ୟ ଅବହେଳାରୁ ସୁଯୋଗ ହାତଛଡ଼ା ହୋଇପାରେ। ପରକଥା ଶୁଣି ସାହାଯ୍ୟ ପ୍ରତିଶ୍ରୁତି ଦେଇଥିବା ଲୋକଟିର ମନ ବିଗିଡି ଯିବାର ଆଶଙ୍କା ରହିଛି। ସଭାସମିତିରେ ଆଲୋଚନା, ଚୁକ୍ତିପତ୍ର, ଶିକ୍ଷା, ବାଣିଜ୍ୟ, ବନ୍ଧୁ ସମ୍ପର୍କରେ ଝଟକା ଲାଗିପାରେ।

**କନ୍ୟା**
ଅନୁକୂଳ ଗ୍ରହ ପ୍ରଭାବରୁ ଯାହା ଆଶା କରୁଛନ୍ତି ତାହା ପାଇବେ। ପରିବାରର ପ୍ରତ୍ୟେକ ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବାପାଇଁ ସମର୍ଥ ହେବେ। ସଂସ୍କୃତି କ୍ଷେତ୍ରରେ ସୁନାମ ଅର୍ଜନ କରିବା ସହ କୌଣସି ଶୁଭଖବର ପାଇବେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବ। ବ୍ୟବସାୟିକ ସ୍ଥିତି ବହୁତ ଭଲ ରହିବ।

**ତୁଳା**
ଶନିଙ୍କ ଦୃଷ୍ଟି କର୍ମାଧିପତିଙ୍କ ଉପରେ ପତିତ ହେଉଥିବାରୁ କର୍ମକ୍ଷେତ୍ରରେ ବିତର୍କର ଆଶଙ୍କା ରହିଛି। ଜଣେ ବନ୍ଧୁଙ୍କ ଆବିର୍ଭାବ ପାରିବାରିକ ଜୀବନକୁ ଚଳଚଞ୍ଚଳ କରିବ। ଅଭାବକୁ ପଛରେ ପକାଇ ଗୁରୁତ୍ୱପୂର୍ଣ୍ଣ କାମଟିକୁ ଅଗ୍ରାଧିକାର ଦେବେ। ବିବାଦୀୟ ଘଟଣାରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହୋଇପାରିବେ।

**ବିଛା**
ରାଶ୍ୟାଧିପ ମଙ୍ଗଳ ଉଚ୍ଚ ରାଶିରେ ରହି ନବମକୁ ଦେଖୁଥିବାରୁ ଧାର୍ମିକ ବାତାବରଣ ମଧ୍ୟରେ ସମୟ କଟିବ। ମନରେ ସରସତା ନ ଥିବାରୁ ମାନସିକ ସ୍ଥିରତା ରହିବ ନାହିଁ। ଆଜିର ଯାତ୍ରା, ଯୋଗାଯୋଗ, ସତ୍‌ସଙ୍ଗ, ଆଲୋଚନା ଜାରି ରଖିଲେ ଉପକୃତ ହେବେ। ଶିଳ୍ପ, ବାଣିଜ୍ୟ, ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରକାଶନରେ ତତ୍ପର ରହିପାରନ୍ତି।

**ଧନୁ**
ଆଜି ଅଷ୍ଟମାଧିପତି ଚନ୍ଦ୍ର ଷଷ୍ଠଭାବରେ ବିପରୀତ ରାଜଯୋଗ ପ୍ରଦାନ କରି ସମସ୍ୟାର ସମାଧାନ କରିବେ। ମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ପରିବାର, କର୍ମକ୍ଷେତ୍ର, ସାମାଜିକ ତଥା ଆନୁଷ୍ଠାନିକ କ୍ଷେତ୍ର ପୂର୍ବପରି ରହିବ। ଆନୁଷ୍ଠାନିକ କ୍ଷେତ୍ରରେ ସାହିତ୍ୟ, ସଂସ୍କୃତିର ଆଦର କରି ବନ୍ଧୁ ଗହଣରେ ପ୍ରଶଂସିତ ହେବେ।

**ମକର**
ନିଜର ବିଚାରବୁଦ୍ଧିକୁ ଜଳାଞ୍ଜଳି ଦେଇ ଅନ୍ୟର କାନକୁହା କଥାରେ ପରିଚାଳିତ ହେଲେ ମନସ୍ତାପ କରିବେ। ବାଣିଜ୍ୟ, ପରିବହନ, ଆଲୋଚନା ଓ ରାଜନୀତି କ୍ଷେତ୍ର ଭଲ ରହିବ। ଏକାଧିକଗ୍ରହ ରାଶିରେ ଅବସ୍ଥାନ କରୁଥିବାରୁ ଆପଣ ଅଗ୍ରଣୀ ଭୂମିକା ଗ୍ରହଣ କରି ପ୍ରଶଂସିତ ହେବେ।

**କୁମ୍ଭ**
ଷଷ୍ଠାଧିପ ଚତୁର୍ଥସ୍ଥ ଯୋଗୁ ଆଜି ପରିବାରରେ କଳହର ଆଶଙ୍କା ରହିଛି। ଆପଣଙ୍କ କାର୍ଯ୍ୟକୁ ବାହ୍ୟଲୋକମାନେ ଯେତିକି ଆଦର କରିବେ ନିଜ ଲୋକ ତାହାର ଦୁଇଗୁଣ ଅପପ୍ରଚାର କରିପାରନ୍ତି। ଯାତ୍ରାରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ। ଆକସ୍ମିକ ଦରକାର ପଡୁଥିବା ସମୟରେ ଅର୍ଥାଭାବ ଦୁଶ୍ଚିନ୍ତାର କାରଣ ହୋଇପାରେ।

**ମୀନ**
କର୍ମାଧିପତି କେନ୍ଦ୍ରସ୍ଥ ଯୋଗୁ କର୍ମାରମ୍ଭ ସାଙ୍ଗକୁ ସହକର୍ମୀଙ୍କ ପରାମର୍ଶ କାମକୁ ଆସିବ। ସ୍ୱସ୍ଥାନହନ୍ତା ଗୁରୁଙ୍କ ସ୍ଥିତିରୁ ପରିବାରରେ ଅଶାନ୍ତିର ଝଲକ ଦେଖିବାକୁ ମିଳିପାରେ। କୃତି ଓ କୃତିତ୍ୱରୁ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସିତ ହେବେ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ବନ୍ଧୁଙ୍କ ସହ ଆଲୋଚନା ପ୍ରୀତିପ୍ରଦ ରହିବ।

ଆଜି ଜାନୁଆରୀ ୨୮ ତାରିଖ। ଲାଲା ଲଜପତ୍ ରାୟଙ୍କ ଜୟନ୍ତୀ, ମାଘ ଶୁକ୍ଳ ଦଶମୀ ବୁଧବାର। ରାଶି ନକ୍ଷତ୍ର-ଦିବା ଘ.୦୯।୦୨ମି. ଗତେ ରୋହିଣୀ/ବୃଷ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୨୬ମି. ଗତେ ଘ.୦୭।୫୫ମି. ମଧ୍ୟେ, ଘ.୧୦।୩୬ମି. ଗତେ ଘ.୧୧।୩୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧।୫୯ମି. ଗତେ ଘ.୦୧।୨୨ମି. ମଧ୍ୟେ ରାହୁ କାଳ।

DSPL-495

ODISHA
NEW OPPORTUNITIES

CII 25th enterprise Odisha
28 - 30 January 2026
ROURKELA, ODISHA



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ସମୃଦ୍ଧ ଓଡ଼ିଶା ଗଢୁଛନ୍ତି ଲୋକଙ୍କ ସରକାର
## ସବୁ ଜିଲ୍ଲାରେ ଏବେ ଶିଳ୍ପାୟନ ସହ ରୋଜଗାର

₹୭,୧୧,୮୨୯ କୋଟିର ନିବେଶ
୩୫୪ ଅନୁମୋଦିତ ପ୍ରକଳ୍ପ
୪,୭୨,୪୧୭ ନିଯୁକ୍ତି ସମ୍ଭାବନା

₹୨,୦୪,୪୭୯ କୋଟିର ନିବେଶ
୮୫ ଭିତ୍ତିପ୍ରସ୍ତର ସ୍ଥାପନ
୧,୬୩,୭୨୫ ନିଯୁକ୍ତି ସମ୍ଭାବନା

## ୨୩ଟି ନୂଆ ଶିଳ୍ପ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ

୧୧,୮୪୪ ରୁ ଅଧିକ ନିଯୁକ୍ତି ସୁଯୋଗ | ୩୫,୮୮୦ କୋଟି ଟଙ୍କାର ପୁଞ୍ଜି ନିବେଶ

### ମୁଖ୍ୟ ଅତିଥି

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

### ଗରିମାମୟ ଉପସ୍ଥିତି

**ଶ୍ରୀ ଜୁଏଲ୍ ଓରାମ**
ମନ୍ତ୍ରୀ, ଆଦିବାସୀ ବ୍ୟାପାର, ଭାରତ ସରକାର

**ଶ୍ରୀ ଭବାନୀ ଶଙ୍କର ଭୋଇ**
ଉପ ବାଚସ୍ପତି, ଓଡ଼ିଶା

**ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ**
ମନ୍ତ୍ରୀ, ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା, ଓଡ଼ିଶା

**ଶ୍ରୀ ସାରଦା ପ୍ରସାଦ ନାୟକ**
ବିଧାୟକ, ରାଉରକେଲା

**ଶ୍ରୀ ଦୁର୍ଗା ଚରଣ ତନ୍ତୀ**
ବିଧାୟକ, ରଘୁନାଥପାଲି

### ଉଦ୍‌ଘାଟନ

ହିନ୍ଦାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆଲୁମିନିୟମ୍ ଫ୍ଲାଟ୍ ରୋଲ୍ଡ୍ ଉତ୍ପାଦ) | ହିନ୍ଦାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ସତନ୍ତ୍ର ବ୍ୟାଟେରି ଫଏଲ୍)
ଭୂଷଣ ପାୱାର୍ ଏଣ୍ଡ ଷ୍ଟିଲ୍ ଲିମିଟେଡ୍ | ଏସ୍‌ଏମ୍‌ଇଏଲ୍ ଷ୍ଟିଲ୍ ଷ୍ଟ୍ରକ୍‌ଚରାଲ୍ ପ୍ରାଇଭେଟ୍ ଲିମିଟେଡ୍ | ଶ୍ୟାମ୍ ମେଟାଲିକ୍ସ ଏଣ୍ଡ ଏନର୍ଜି ଲିମିଟେଡ୍
ବାୟୋ ଆଗ୍ରୋ ଏନର୍ଜି ପ୍ରାଇଭେଟ୍ ଲିମିଟେଡ୍ | ଭୂଷଣ ପାୱାର୍ ଏଣ୍ଡ ଷ୍ଟିଲ୍ ଲିମିଟେଡ୍(ସିମେଣ୍ଟ ପ୍ଲାଣ୍ଟ) | ସିଏମଆର ଆଲୁମିନିୟମ୍ ପ୍ରାଇଭେଟ୍ ଲିମିଟେଡ୍ | ଇଣ୍ଡିଆନ୍ ପୋଟାଶ୍ ଲିମିଟେଡ୍
ରତ୍ନମଣି ମେଟାଲ୍ସ ଏଣ୍ଡ ଟ୍ୟୁବ୍ସ ଲିମିଟେଡ୍ | ଭାଇବ୍ରାଣ୍ଟ ସ୍ପିରିଟ୍ସ ପ୍ରାଇଭେଟ୍ ଲିମିଟେଡ୍ | ଭିଭୋର୍ ଷ୍ଟିଲ୍ ଟ୍ୟୁବ୍ସ ଲିମିଟେଡ୍ | ଏମ୍.ଆର୍. ୟୁନିକାଷ୍ଟ ପ୍ରାଇଭେଟ୍ ଲିମିଟେଡ୍

### ଭିତ୍ତିପ୍ରସ୍ତର ସ୍ଥାପନ

ହିନ୍ଦାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆଲୁମିନିୟମ୍ ଓ ପାୱାର୍) | ଭୂଷଣ ପାୱାର୍ ଏଣ୍ଡ ଷ୍ଟିଲ୍ ଲିମିଟେଡ୍ | କ୍ୟାବ୍‌କନ୍ ଇଣ୍ଡିଆ ଲିମିଟେଡ୍ | ରିଲାନ୍ସ ବାୟୋ ଏନର୍ଜି ଲିମିଟେଡ୍ |
ଉଦ୍ରା କନ୍‌ଷ୍ଟ୍ରକ୍ସନ୍ ପ୍ରାଇଭେଟ୍ ଲିମିଟେଡ୍ | ଷ୍ଟାର୍ ମେଟାଲ ୱାର୍କ୍ସ ପ୍ରାଇଭେଟ୍ ଲିମିଟେଡ୍ | ବେନ୍ ଗ୍ଲୋବାଲ୍ ରିସୋର୍ସେସ୍ ଏଲ୍‌ଏଲ୍‌ପି | ଭିମ୍ଲା ଇନ୍‌ଫ୍ରାଷ୍ଟ୍ରକ୍‌ଚର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍
ଶ୍ରେୟଶ ଆଲୁମିନିୟମ୍ ଏଣ୍ଡ ଏଲୋଏସ୍ ପ୍ରାଇଭେଟ୍ ଲିମିଟେଡ୍ | ଓଡ଼ିଶା ଷ୍ଟିଭଡ଼ୋର୍ସ ଲିମିଟେଡ୍

**୨୮ ଜାନୁଆରୀ ୨୦୨୬ | ରାଉରକେଲା, ସୁନ୍ଦରଗଡ଼**

OIPR-

**ଶିଳ୍ପ ବିଭାଗ, ଓଡ଼ିଶା ସରକାର**

ରାଷ୍ଟ୍ରଜାତି, ପରିବାର ଓ ମାନବଜାତି– ଏ ତିନୋଟି ହେଲେ ବିଷ୍ଣୁଙ୍କର ତ୍ରିପାଦ –ବ୍ୟକ୍ତିର ଏକତ୍ୱରୁ ସମଷ୍ଟିର ଏକତ୍ୱ ଆଡେ। ପରିବାର ସମ୍ପନ୍ନ ହୋଇଛି। ରାଷ୍ଟ୍ରଜାତିକୁ ସମ୍ପନ୍ନ କରିବା ପାଇଁ ଆମେ ବର୍ତ୍ତମାନ ସଚେଷ୍ଟ। ମାନବଜାତି ଆଡକୁ ଆମେ ହାତ ପ୍ରସାରିତ କରିଛୁ। ତା'ର ଭିତ୍ତି ଆରମ୍ଭ ହୋଇଯାଇଛି।–**ଶ୍ରୀଅରବିନ୍ଦ**

# ଆଉ ଚାରା ନାହିଁ

ଓଡ଼ିଆରେ କଥା ଅଛି 'ଆଉ ଚାରା ନାହିଁ'। ଅର୍ଥାତ୍ ଆଉ କିଛି ଉପାୟ ନ ଥିଲେ ବାଧ ହେବା ସ୍ଥିତିକୁ ଲକ୍ଷ୍ୟ କରାଯାଇ ଏଭଳି କୁହାଯାଇଥାଏ। ଗୋଟିଏ ସପ୍ତାହରେ ଦୁଇଟି ଘଟଣା ସାମ୍ନାକୁ ଆସିଛି। ପ୍ରଥମଟି ହେଲା କୋରାପୁଟ ଜିଲାପାଳ ୭୭ତମ ସାଧାରଣତନ୍ତ୍ର ଦିବସ ପୂର୍ବରୁ ଜିଲାରେ ଆମିଷ ବିକ୍ରି ବନ୍ଦ କରିବା ସଂକ୍ରାନ୍ତରେ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ସେଥିରେ ନିର୍ଦ୍ଦେଶ ଦିଆଯାଇଥିଲା ଯେ ଜିଲାର ସମସ୍ତ ତହସିଲଦାର, ବିଡିଓ ଏବଂ ନିର୍ବାହୀ ଅଧିକାରୀ ନିଜ କାର୍ଯ୍ୟ କ୍ଷେତ୍ରାଞ୍ଚଳରେ ଏହାକୁ କଡ଼ାକଡ଼ି ଲାଗୁ କରାଇବେ। ହେଲେ ଗଣମାଧ୍ୟମ ଓ ବିଶେଷକରି ସୋସିଆଲ ମିଡିଆରେ ବିରୋଧ କରାଯାଇ ଚାପ ପଡ଼ିବା ପରେ ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ଜିଲାପାଳ ଖସିବାର ବାଟ ନ ପାଇ ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରିନେଇଥିଲେ। ଦ୍ୱିତୀୟ ଘଟଣାଟି ହେଲା ହାଓଡାରୁ କାମାକ୍ଷାକୁ ଚାଲୁଥିବା ବନ୍ଦେ ଭାରତ ସ୍ଲିପର ଟ୍ରେନ୍‌ର ଖାଦ୍ୟ ତାଲିକାରେ ଏବେ ଆମିଷକୁ ସାମିଲ କରାଯିବା ନେଇ ନିଷ୍ପତ୍ତି ନିଆଯିବା। ପ୍ରସଙ୍ଗର ଟିକେ ପଛକୁ ଗଲେ ବୁଝାପଡ଼େ ଯେ, ଜାନୁଆରୀ ୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗର ମାଲ୍‌ଦାରୁ ହାଓଡା–ଗୁଆହାଟୀ (କାମାକ୍ଷା) ବନ୍ଦେ ଭାରତ ସ୍ଲିପର ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ନିରାମିଷ ଖାଦ୍ୟ କେବଳ ପରଷା ଯିବ ବୋଲି ବ୍ୟବସ୍ଥା ଥିଲା। ହେଲେ ପଶ୍ଚିମବଙ୍ଗରେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପକ୍ଷରୁ ଏଭଳି ନିଷ୍ପତ୍ତିକୁ ବିରୋଧ କରାଯାଇଥିଲା। ବଙ୍ଗାଳୀ ଲୋକଙ୍କ ଖାଦ୍ୟାଭ୍ୟାସ ଉପରେ ଜାଣିଶୁଣି ଆକ୍ରମଣ କରାଯାଉଛି ବୋଲି ଜୋର ପ୍ରତିବାଦ ମଧ୍ୟ ହେଲା। ଶେଷରେ ଅନନ୍ୟୋପାୟ ହୋଇ ରେଳ ମନ୍ତ୍ରଣାଳୟ ତା'ର ନିଷ୍ପତ୍ତି ବଦଳାଇଥିବା ଜଣାପଡ଼ିଛି। ଅର୍ଥାତ୍ ଏଣିକି ଏହି ଟ୍ରେନ୍ ଯାତ୍ରୀଙ୍କ ପାଇଁ ଖାଦ୍ୟ ତାଲିକାରେ ଆମିଷ ରହିବ ବୋଲି କୁହାଯାଇଛି।

> **ରାଜରାଜୁଡ଼ା ଓ ବିଦେଶୀ ଶାସନ ପରେ ଗଣତାନ୍ତ୍ରିକ ପଦ୍ଧତିରେ ଏହି ଦେଶର ପ୍ରଶାସନ ଯଦି ଚାଲୁଥାଏ, ତେବେ ପ୍ରଥମ ବିଷୟଟି ହେଉଛି ଏହା ଗୋଟିଏ ଦେଶ, ଗୋଟିଏ ଭାଷା, ଗୋଟିଏ ଜାତି, ଗୋଟିଏ ଧର୍ମ, ଗୋଟେ ପ୍ରକାର ଖାଦ୍ୟକୁ ସ୍ୱୀକାର କରେ ନାହିଁ। ତେଣୁ ଏଭଳି କୌଣସି ଜଣେ ବ୍ୟକ୍ତି ବା ଦଳ ନାହିଁ, ଯିଏ ସମଗ୍ର ଦେଶକୁ ଗୋଟିଏ ଢାଞ୍ଚାରେ ଚଳାଇପାରିବ। ସେଭଳି ଉଦ୍ୟମ ଯଦି କୌଣସି ନେତା ବା ରାଜନୈତିକ ଦଳ କରନ୍ତି, ତାହା ହେଲେ ତାଙ୍କ ବିନାଶ ସୁନିଶ୍ଚିତ।**

ଏଥିରୁ ଜଣାପଡୁଛି, ଏବକାର କେନ୍ଦ୍ର ସରକାର ନାଗରିକଙ୍କ ଦୈନନ୍ଦିନ ଜୀବନଶୈଳୀକୁ ବଦଳାଇବାର ଉଦ୍ୟମ କରିଚାଲୁଛନ୍ତି। ସ୍ୱୀକାର କରିବାକୁ ହେବ ଯେ, ହିନ୍ଦୀଭାଷୀ ଅଞ୍ଚଳଗୁଡ଼ିକରେ ଯଥା ଉତ୍ତରପ୍ରଦେଶ, ବିହାର, ହରିୟାଣା, ରାଜସ୍ଥାନ ଏପରିକି ଗୁଜରାଟ ଓ ମହାରାଷ୍ଟ୍ରରେ ସରକାର ମୁଣ୍ଡ ପୂରାଉଛନ୍ତି ଏବଂ ସେହିସବୁ ରାଜ୍ୟରେ ସଫଳତା ମଧ୍ୟ ପାଇପାରୁଛନ୍ତି। ତେବେ ଗୋଆ, ଉତ୍ତର–ପୂର୍ବାଞ୍ଚଳର ଅନେକ ରାଜ୍ୟରେ ଭାଜପା କ୍ଷମତାସୀନ ଥାଇ ମଧ୍ୟ ଖୋଲାରେ ଗୋମାଂସ ବିକ୍ରିକୁ ବନ୍ଦ କରିବାର ସତ୍‌ସାହସ କରିପାରିନାହିଁ। ସେହିଭଳି ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ସାଧାରଣ ଜୀବନଶୈଳୀରେ ଆଙ୍ଗୁଠି ଗେଞ୍ଜିବାର ଉଦ୍ୟମ ଏପର୍ଯ୍ୟନ୍ତ ସଫଳତା ପାଇପାରିନାହିଁ।

ଦେଖିବାକୁ ଗଲେ ନିରାମିଷ ଖାଉଥିବା ବ୍ୟକ୍ତି ସାତ୍ତ୍ୱିକ ଜୀବନଯାପନ କରିବାର ସମ୍ଭାବନା ଅଧିକ। କିନ୍ତୁ ମଣିଷ ଜାତି ମାଂସାଶୀ। ମଣିଷ ଦ୍ୱାରା ଚାଷ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ କେବଳ ଫଳମୂଳ ଓ ମାଛମାଂସ ଖାଇ ମଣିଷଜାତି ବଞ୍ଚୁଥିଲା। ଚାଷ ପଦ୍ଧତି ଶିଖିବା ପାଇଁ ଅନେକ ହଜାର ବର୍ଷ ବିତିଯାଇଥିଲା। ଗୋଟେ ପଟେ ଆମିଷ ଖାଇବାକୁ ପ୍ରୋତ୍ସାହନ ଦେବା ଉଚିତ ନୁହେଁ। ଅନ୍ୟପଟେ ପ୍ରତ୍ୟେକ ନାଗରିକ ବ୍ୟକ୍ତିଗତ ସ୍ୱାଧୀନତା ବଳରେ ଖାଇବା, ପିଇବା, ପୋଷାକ ପିନ୍ଧିବା, ଗମନାଗମନ ସହିତ ପାରିବାରିକ ଜୀବନଶୈଳୀରେ ସରକାରଙ୍କର କୌଣସି ପ୍ରକାରର କଟକଣା ବା ନିୟମାବଳୀ କେବେ ହେଲେ ଗ୍ରହଣୀୟ ହୋଇପାରିବ ନାହିଁ। ଏହାର ମୂଳ କାରଣ ହେଲା ଭାରତ ଏକ ବିରାଟ ଦେଶ। ୧୯୪୭ ପୂର୍ବରୁ ଏହା ଗୋଟିଏ ଦେଶ ନ ଥିଲା। ରାଜରାଜୁଡ଼ା ଓ ବିଦେଶୀ ଶାସନ ପରେ ଗଣତାନ୍ତ୍ରିକ ପଦ୍ଧତିରେ ଏହି ଦେଶର ପ୍ରଶାସନ ଯଦି ଚାଲୁଥାଏ, ତେବେ ପ୍ରଥମ ବିଷୟଟି ହେଉଛି ଏହା ଗୋଟିଏ ଦେଶ, ଗୋଟିଏ ଭାଷା, ଗୋଟିଏ ଜାତି, ଗୋଟିଏ ଧର୍ମ, ଗୋଟେ ପ୍ରକାର ଖାଦ୍ୟକୁ ସ୍ୱୀକାର କରେ ନାହିଁ। ତେଣୁ ଏଭଳି କୌଣସି ଜଣେ ବ୍ୟକ୍ତି ବା ଦଳ ନାହିଁ, ଯିଏ ସମଗ୍ର ଦେଶକୁ ଗୋଟିଏ ଢାଞ୍ଚାରେ ଚଳାଇପାରିବ। ସେଭଳି ଉଦ୍ୟମ ଯଦି କୌଣସି ନେତା ବା ରାଜନୈତିକ ଦଳ କରନ୍ତି, ତାହା ହେଲେ ତାଙ୍କ ବିନାଶ ସୁନିଶ୍ଚିତ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 6 | 8 | 9 | | | |
| 7 | | | | | | 9 | 1 | |
| | | | | 7 | 5 | 8 | | |
| 3 | 5 | 8 | | 9 | 1 | | | |
| 6 | | 1 | 2 | | 3 | | | |
| 2 | | | | | | | 9 | |
| | | 2 | | | 8 | 7 | | 4 |
| 9 | 3 | | | 6 | 7 | | | |
| | | 4 | | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 7 | 8 | 1 | 9 | 3 | 5 | 4 |
| 3 | 8 | 1 | 4 | 2 | 5 | 7 | 6 | 9 |
| 4 | 9 | 5 | 3 | 6 | 7 | 8 | 2 | 1 |
| 5 | 2 | 3 | 1 | 7 | 4 | 9 | 8 | 6 |
| 6 | 4 | 9 | 2 | 5 | 8 | 1 | 7 | 3 |
| 1 | 7 | 8 | 9 | 3 | 6 | 5 | 4 | 2 |
| 8 | 5 | 2 | 6 | 9 | 1 | 4 | 3 | 7 |
| 7 | 1 | 6 | 5 | 4 | 3 | 2 | 9 | 8 |
| 9 | 3 | 4 | 7 | 8 | 2 | 6 | 1 | 5 |

ଗତ ସଂସ୍କରଣର ଉତ୍ତର

# ଗଣତନ୍ତ୍ରରେ ବ୍ୟକ୍ତିତନ୍ତ୍ର



ଅକ୍ଷୟ କୁମାର ମିଶ୍ର

ଗଣତନ୍ତ୍ରରେ ବ୍ୟକ୍ତିର ନିଜସ୍ୱ ମତ ଉପସ୍ଥାପନ କରିବାର ସୁଯୋଗ ଥାଏ କିନ୍ତୁ ସଂଖ୍ୟାଗରିଷ୍ଠ ମତକୁ ସମସ୍ତଙ୍କୁ ସ୍ୱୀକାର କରିବାକୁ ପଡ଼ିଥାଏ। ସ୍ୱେଚ୍ଛାଚାରିତାର ସ୍ଥାନ ନାହିଁ କି ବ୍ୟକ୍ତିବାଦିତାକୁ ପ୍ରଶ୍ରୟ ଦିଆଯାଏ ନାହିଁ ଗଣତନ୍ତ୍ରରେ। ଲୋକଙ୍କ ମଧ୍ୟରେ ନ୍ୟାୟିକ ସମତା ସୃଷ୍ଟି, ସମସ୍ତଙ୍କୁ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଅଧିକାର ପ୍ରଦାନ ତଥା ମାନବିକ ଅଧିକାରକୁ ସୁରକ୍ଷା ଦେବା ଗଣତନ୍ତ୍ରର ମୌଳିକ ଲକ୍ଷ୍ୟ। ଏହାକୁ ଆଇନର ଶାସନ ବୋଲି ମଧ୍ୟ କୁହାଯାଏ। ସଂଖ୍ୟାଲଘୁମାନଙ୍କର ସୁରକ୍ଷା ତଥା ସେମାନଙ୍କର ସ୍ୱାର୍ଥ ରକ୍ଷା ନିମନ୍ତେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ନ୍ୟାୟପାଳିକାର ପ୍ରମୁଖ ଭୂମିକା ଥାଏ। ଏହି ବ୍ୟବସ୍ଥାର ଜନକ ହେଉଛନ୍ତି ଏଥେନ୍ସର ଦାର୍ଶନିକ କ୍ଲେଇଥେନିସ। ଆଜି ସମସ୍ତ ଦେଶକୁ ପଛକୁ ପକାଇ ଭାରତବର୍ଷ ସର୍ବବୃହତ୍ ଗଣତାନ୍ତ୍ରିକ ଦେଶ ରୂପରେ ଦଣ୍ଡାୟମାନ ହୋଇଛି। କିନ୍ତୁ ଢୋଲ ଭିତରେ ମୂଷା ସଦୃଶ ସମ୍ପ୍ରତି ଭାରତୀୟ ଗଣତନ୍ତ୍ରରେ କିଛି କିଛି ବ୍ୟତିକ୍ରମ ପରିଲକ୍ଷିତ ହେବା ସହିତ ବିଚ୍ୟୁତି ଦୃଷ୍ଟିଗୋଚର ହେଉଛି।

ପ୍ରଥମତଃ ଗଣତନ୍ତ୍ର ହେଉଛି ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥା। ଏହି ପ୍ରତିନିଧିଙ୍କୁ ଭୋଟ ମାଧ୍ୟମରେ ସାଧାରଣ ଜନତା ଚୟନ କରିଥାନ୍ତି। କିନ୍ତୁ ଯାହା ଦେଖାଯାଉଛି ନିରପେକ୍ଷତା ଓ ନିର୍ଭୀକତା ଆମ ଦେଶରେ ସଙ୍ଗଠିତ ହେଉଥିବା ନିର୍ବାଚନରେ ଲୁପ୍ତ ପ୍ରାୟ। ଅର୍ଥ, ବାହୁବଳ, କ୍ଷମତାର ଅପବ୍ୟବହାର, ପ୍ରତିଶ୍ରୁତିର ପ୍ରାବଲ୍ୟ ଓ ପ୍ରଲୋଭନ ନିର୍ବାଚନରେ ନିରପେକ୍ଷତାକୁ କେବଳ ହତ୍ୟା କରିନାହିଁ ଜନତାଙ୍କୁ ମଧ୍ୟ ଆତଙ୍କିତ କରୁଛି। ଏବେ ସରକାରରେ ଥାଇ ଆଉ ଏକ ନୂତନ କୌଶଳ ଆପଣାଉଛନ୍ତି ସରକାରୀ ରାଜନୈତିକ ଦଳମାନେ। ନିର୍ବାଚନ ଘୋଷଣାର ଅବ୍ୟବହିତ ପୂର୍ବରୁ ଏକ ଅର୍ଥ ପ୍ରଦାନକାରୀ ଯୋଜନା ପ୍ରଣୟନ ହେଉଛି ଏବଂ ନିର୍ବାଚନ ଆରମ୍ଭ ହୋଇଗଲେ ହିତାଧିକାରୀଙ୍କ ଜମାଖାତାକୁ ଅର୍ଥ ଦିଆଯାଉଛି। ଏହା ଏକ ଆଇନ ସଙ୍ଗତ ଲାଞ୍ଚ ବୋଲି କୁହାଯାଇ ପାରେ ଯାହା ମତଦାତାଙ୍କୁ ପ୍ରଭାବିତ କରୁଛି। ଯୋଗ୍ୟ ପ୍ରତିନିଧି ଚୟନ ସମ୍ଭବ ହେଉ ନାହିଁ। ଅପରପକ୍ଷରେ ନିର୍ବାଚନ ଆୟୋଗଙ୍କ ନୀରବତା ଏବଂ ପରୋକ୍ଷ ସମର୍ଥନ ଗଣତନ୍ତ୍ରକୁ ଠିକ୍ ଦିଶା ଦେବାରେ ବ୍ୟର୍ଥ ହେଉଛି। ଅବଶ୍ୟ ସମ୍ପ୍ରତି କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରାମାୟାଙ୍କ ନିର୍ବାଚନୀ ଇସ୍ତାହାର ଉପରେ ସର୍ବୋଚ୍ଚ ନ୍ୟାୟାଳୟ ଟିପ୍ପଣୀ ଦେଇ ଏହାକୁ 'ଅଭ୍ୟାସଗତ ଦୁର୍ନୀତି' ବୋଲି କହିବା ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ। ମାତ୍ର ଟିପ୍ପଣୀ, ଭର୍ତ୍ସନା, ତିରସ୍କାର ଏସବୁ ଏମାନଙ୍କ ପାଇଁ ଦେହସୁହା।

ଦ୍ୱିତୀୟରେ ଆମ ଦେଶରେ ଗଣତନ୍ତ୍ରର ସ୍ଥାୟିତ୍ୱ ଓ ସମୃଦ୍ଧି ଆମ ଦେଶରେ ଥିବା ରାଜନୈତିକ ଦଳଗୁଡ଼ିକର କାର୍ଯ୍ୟଶୈଳୀ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଅଳ୍ପ କେତୋଟି ରାଜନୈତିକ ଦଳକୁ ଛାଡ଼ିଦେଲେ ସମସ୍ତ ରାଜନୈତିକ ଦଳ ବିଶେଷକରି ଯେଉଁମାନେ



ପ୍ରଭାବଶାଳୀ ସେମାନଙ୍କଠାରେ ବ୍ୟକ୍ତି କୈନ୍ଦ୍ରିକତା ଅତ୍ୟଧିକ ବୃଦ୍ଧି ପାଇଛି। ଏହା ପ୍ରତ୍ୟକ୍ଷ ପ୍ରଭାବ ସରକାରଙ୍କ ଉପରେ ପଡୁଛି। ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ହେଉଛି ସରକାରର ନାମକରଣ। ରାଜତନ୍ତ୍ରରେ ଯେମିତି ରାଜାଙ୍କ ନାମରେ ଶାସନ ଚାଲୁଥିଲା ଠିକ୍ ସେମିତି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ନାମରେ ସରକାରର ନାଁ ଦିଆଯାଉଛି। ପ୍ରଥମେ ଆମେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ବୋଲି କହୁଥିଲୁ। ଏହା ବଦଳି ଯାଇ ଦଳ ନାମରେ ସରକାର ନାମିତ ହେଲେ। କେନ୍ଦ୍ର ସରକାର ବା ରାଜ୍ୟ ସରକାର କହିବା ପରିବର୍ତ୍ତେ ଯେତେବେଳେ ଯେଉଁ ଦଳ ବା ମେଣ୍ଟ ସରକାର ଗଢ଼ିଲା ସେହି ଦଳ ବା ମେଣ୍ଟର ନାମାନୁସାରେ ସରକାରର ନାମ ଦିଆଗଲା। ଯଥା– କଂଗ୍ରେସ ସରକାର, ଭାଜପା ସରକାର, ଏନ୍‌ଡିଏ ସରକାର, ଉପା ସରକାର, ବାମଫ୍ରଣ୍ଟ ସରକାର ଇତ୍ୟାଦି। ସେଇଠୁ ଗଣତନ୍ତ୍ରରେ ଦଳତନ୍ତ୍ରର ପ୍ରଭାବ ବଢ଼ିବାକୁ ଲାଗିଲା। ଦେଶ ଓ ରାଜ୍ୟର ନାମ ଲୁଚିଯାଇ ଦଳର ନାମ ସମ୍ମୁଖ ଭାଗକୁ ଆସିଲା। ଏବେ ଦଳର ନାମ ମଧ୍ୟ ଲୁଚିବାକୁ ବସିଲାଣି। ବ୍ୟକ୍ତିର ନାମକୁ ନେଇ ସରକାରର ନାମ ଦିଆଯାଉଛି, ଯେପରିକି ମୋଦି ସରକାର, ଯୋଗୀ ସରକାର, ମମତା ସରକାର ଇତ୍ୟାଦି।

ଏଭଳି ସ୍ଥିତି ଯେତେବେଳେ ଉପୁଜେ ସେତେବେଳେ ଗଣତାନ୍ତ୍ରିକ ପରିଚାଳନା ସବୁଠି ଧ୍ୱଂସ ପାଏ, ଦଳ ନିକଟରେ, ସରକାର କ୍ଷେତ୍ରରେ। ପ୍ରଥମେ ଏହା ଆରମ୍ଭ ହୋଇଥିଲା ଇନ୍ଦିରା ଗାନ୍ଧୀଙ୍କ ସମୟରେ। ସେ ତାଙ୍କର ସମସ୍ତ ଇଚ୍ଛାକୁ ଅନ୍ୟମାନଙ୍କ ଉପରେ ଲଦିଦେବାକୁ ପ୍ରୟାସ କରୁଥିଲେ। ଯେଉଁମାନେ ତାଙ୍କ ମତରେ ସମ୍ମତି ପ୍ରକାଶ କରୁ ନ ଥିଲେ କିମ୍ବା ପ୍ରତିବାଦ କରୁଥିଲେ ସେମାନଙ୍କୁ ସେ ତାଙ୍କର ଶତ୍ରୁ ବୋଲି ବିଚାର କରୁଥିଲେ। ଏହାର ଅନ୍ତିମ ପରିଣତି ଥିଲା ଜରୁରିକାଳୀନ ପରିସ୍ଥିତି। ସ୍ୱେଚ୍ଛାଚାରିତାର ଏହା ଏକ ନଗ୍ନ ଉଦାହରଣ।

ଲୋକେ ଜାଣିଥିଲେ ପ୍ରଧାନମନ୍ତ୍ରୀ ହୁଅନ୍ତୁ ବା ମୁଖ୍ୟମନ୍ତ୍ରୀ, ସେ ଗୃହର ନେତା। କିନ୍ତୁ ସେ ସର୍ବେସର୍ବା ନୁହନ୍ତି। ଶାସନର ସୁପରିଚାଳନା ନିମନ୍ତେ ବିଭିନ୍ନ ବିଭାଗକୁ ଲକ୍ଷ୍ୟ କରି ତ୍ରିସ୍ତରୀୟ ମନ୍ତ୍ରିମଣ୍ଡଳ ଗଠନ ହୋଇଥାଏ। ସେମାନଙ୍କ ମଧ୍ୟରୁ କେତେଜଣ ପୂର୍ଣ୍ଣ ମନ୍ତ୍ରୀ, କେତେଜଣ ରାଷ୍ଟ୍ର ଓ କେତେଜଣ ଉପମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରନ୍ତି। ଏମାନେ ନିଜ ନିଜ ବିଭାଗର ଦାୟିତ୍ୱ ସମ୍ଭାଳିବା ସହିତ ଲୋକଙ୍କର ହିତ ପାଇଁ କାମ କରନ୍ତି, ନିଷ୍ପତ୍ତି ନିଅନ୍ତି। କିନ୍ତୁ ଏବେ ଅନେକ ଅଭିଯୋଗ ଶୁଣିବାକୁ ମିଳେ। ଯଥା– ମନ୍ତ୍ରୀମାନେ ସ୍ୱାଧୀନ ଭାବେ କାମ କରିପାରୁ ନାହାନ୍ତି, ସେମାନଙ୍କ ମତ ନିଆଯାଉ ନାହିଁ ଇତ୍ୟାଦି। ଆମ ରାଜ୍ୟରେ ୨୪ ବର୍ଷର ବିଜେଡି ଶାସନ କାଳକୁ ଆମେ ସଭିଏ ଦେଖିଛନ୍ତି। ଏପରି କି ଶୁଣିବାକୁ ମିଳୁଥିଲା ମନ୍ତ୍ରିମଣ୍ଡଳ ବୈଠକରେ ମଧ୍ୟ ସବୁକଥା ଅନାଲୋଚିତ ହୋଇ ନିଷ୍ପତ୍ତି ନିଆଯାଉଥିଲା। କେବଳ ଆମ ରାଜ୍ୟରେ ନୁହେଁ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗକୁ ଯଦି ଦେଖିବା, ସେଠାରେ ମଧ୍ୟ ଏକ ନାୟକତ୍ୱର ପ୍ରଭାବ ପରିଦୃଷ୍ଟ ହୁଏ। ଅଧିକାଂଶ ରାଜ୍ୟରେ ସମାନ କଥା। ଦେଶରେ ଯେତେ ଆଞ୍ଚଳିକ ରାଜନୈତିକ ଦଳ ଅଛି ସବୁଥିରେ ଜଣେ ବ୍ୟକ୍ତିର ନିଷ୍ପତ୍ତି ଶିରୋଧାର୍ଯ୍ୟ। ଜାତୀୟ ଦଳ ଭାବରେ କଂଗ୍ରେସ ଓ ଭାଜପା ମଧ୍ୟ ଏଥିରୁ ମୁକ୍ତ ନୁହନ୍ତି। କଂଗ୍ରେସରେ ଗୋଟିଏ ପରିବାରର ନିଷ୍ପତ୍ତି ଅନ୍ତିମ ନିଷ୍ପତ୍ତି ଭାବରେ ଗ୍ରହଣ ହେଉଥିବା ବେଳେ ଭାଜପାରେ ବ୍ୟକ୍ତିକୈନ୍ଦ୍ରିକ ପ୍ରଭାବ ଲୁଚିଛି ନା ଗୋଡ଼ ଦୁଇଟି ଦିଶୁଛି ଭଳି ସଭିଏ ଦେଖୁଛନ୍ତି। ଗଣତନ୍ତ୍ରର ମୁଖା ଭିତରେ ବ୍ୟକ୍ତିତନ୍ତ୍ରର ପ୍ରାଦୁର୍ଭାବ। 'ବାଃ ବାଃରେ କେମିତି ମଜା, ଭାଲୁ ନାଚକରେ ବଜାଇ ବାଜା' ଭଳି ଆମେ ସବୁ ନିର୍ବୋଧ ପ୍ରାଣୀ ପାଲଟି ଯାଇ କେବଳ ଗଣତନ୍ତ୍ରର ଢୋଲକୁ ପୂରା ଦମ୍‌ରେ ବେସୁରା ବଜାଇ ଚାଲିଛୁ।

ଏହି ବ୍ୟକ୍ତିବାଦ ଏମିତି ସ୍ତରକୁ ଯାଉଛି ଯେ, ଅନ୍ୟ ସମସ୍ତ ମତବାଦ ଏହା ନିକଟରେ ଅସାର, ଅଦରକାରୀ, ମୂଲ୍ୟହୀନ ପାଲଟି ଗଲାଣି। 'ମୁଁ ଯାହା କହୁଛି ଠିକ୍, ମୁଁ ଯାହା କରୁଛି ଠିକ୍। ମୋର ଭୁଲ୍ ନାହିଁ, ଭୁଲ୍ ହୋଇ ପାରେନା।' ଏଭଳି ଏକ ଅବବୋଧ ସୃଷ୍ଟି କରାଯାଉଛି। ଯଦ୍ୱାରା ଗଣତନ୍ତ୍ରର ଉଦ୍ଦେଶ୍ୟ, ବୈଶିଷ୍ଟ୍ୟ ଓ ଆଭିମୁଖ୍ୟ ବଦଳି ଯାଉଛି। ଲୋକ ମତ, ଭିନ୍ନ ମତ, ବିରୋଧୀ ଦଳର ମତକୁ ଗୁରୁତ୍ୱ ଦିଆଯାଉ ନାହିଁ। ଲୋକ ସଭା, ରାଜ୍ୟ ସଭା, ବିଧାନସଭାରେ ଯେମିତି ବିଚାରବିମର୍ଶ, ଆଲୋଚନା, ପର୍ଯ୍ୟାଲୋଚନା ହେବା କଥା ତାହା ହେଉ ନାହିଁ। ଅପ୍ରସଙ୍ଗ ଉପରେ ଅଧିକ ଆଲୋଚନା ହେଉଛି। ରାଜନୈତିକ ଫାଇଦା ତଥା ଦଳୀୟ ଲାଭ ହାସଲ କରିବା ଉଦ୍ଦେଶ୍ୟ ରହୁଛି। ଗୋଟିଏ ନୂତନ ପ୍ରସ୍ତାବ ଯେଉଁସବୁ ସୋପାନ ଦେଇ ଗଲା ପରେ ଆଇନରେ ପରିଣତ ହେବା ବିଧେୟ ତାହା ହେଉ ନାହିଁ। ସଂଖ୍ୟାଗରିଷ୍ଠତାର ଖେଳରେ ତିନି ତୁଣ୍ଡରେ ଛେଳି କୁକୁର ଭଳି ଅଧ୍ୟାଦେଶ ବଳରେ ନିଷ୍ପତ୍ତି ନିଆଯାଉଛି। ମାତ୍ର ଲୋକତନ୍ତ୍ରର ମଜଭୁତ ଶିଳାଟା ସବଳ ନ ହୋଇ କ୍ରମଶଃ ଦୁର୍ବଳ ହେଉଛି। ଗଣତନ୍ତ୍ରର ଧ୍ୱଜାଧାରୀ ତଥାକଥିତ ରାଜନେତାଙ୍କ ଆଚାର, ବିଚାର, ବ୍ୟବହାର ଓ କାର୍ଯ୍ୟଶୈଳୀକୁ ଦେଖିଲେ ମନେ ହେଉଛି ଏମାନେ ରାଜାମାନଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି। ଫଳରେ ଲୋକତନ୍ତ୍ର ବ୍ୟକ୍ତିତନ୍ତ୍ରର ପଶାପାଲିରେ ଏକ ଅସହାୟ ଗୋଟିରେ ପରିଣତ ହେବାକୁ ବସିଲାଣି।

**ସଭାପତି, ଓଷ୍ଟା**
**ମୋ: ୭୦୦୮୦୭୩୫୯୯**

# ତଦନ୍ତର ରିଆଲିଟି ଶୋ



ରାଧାଶ୍ୟାମ ରାଉଳ

ପ୍ରାତଃ ଭ୍ରମଣ ପାଇଁ ମୁଁ ମୋ ଘର ପାଖ ଏକ ପାର୍କକୁ ପ୍ରତିଦିନ ଯାଏ। ପାର୍କରେ ଡ୍ୟୁଟି କରୁଥିବା ଜଣେ ସିକ୍ୟୁରିଟି ଗାର୍ଡ ଦିନେ ମୋ ନିକଟକୁ ଆସି ମୋତେ କହିଲା, "ସାର, ଆପଣ ତ ପ୍ରାୟ ପ୍ରତିଦିନ ଏଠାକୁ ଆସୁଛନ୍ତି ପ୍ରାତଃ ଭ୍ରମଣ ପାଇଁ। ପାଖାପାଖି ବର୍ଷେରୁ ଅଧିକ ଦିନ ଆପଣ ମୋତେ ଦେଖିଆସୁଛନ୍ତି,ମୁଁ ଆପଣଙ୍କ ସମୟରେ ଏଠାରେ ଡ୍ୟୁଟି କରେ। ତେବେ ଆପଣ ଜାଣିବାରେ ଆଜ୍ଞା,ମୁଁ କ'ଣ ପାର୍କକୁ ଆସୁଥିବା କେହି ସାର୍ କି ମାଡାମଙ୍କ ପ୍ରତି କେବେ ଖରାପ ବ୍ୟବହାର କରିଛି କି?"

ତା' ମୁହଁରୁ ଏଭଳି କଥା ଶୁଣି ମୁଁ ଭାବିଲି, ବୋଧହୁଏ ତା'ପ୍ରତି କୌଣସି ଅପ୍ରତ୍ୟାଶିତ ଆହ୍ୱାନ ଆସିଛି କିମ୍ବା କେହି ତା' ବିରୋଧରେ କିଛି ନା କିଛି ଅଭିଯୋଗ ଆଣିଛନ୍ତି। ଯା'ର ମନ୍ଦ ପ୍ରଭାବରେ ସେ ମ୍ରିୟମାଣ ହୋଇ ମୋତେ ଏ ପ୍ରଶ୍ନ ପଚାରୁଛି! ମୁଁ ତା' ଭାବାବେଗକୁ ଭଲଭାବେ ବୁଝି କହିଲି, "କ'ଣ ହେଲା କି ? ମୋ ଜାଣିବାରେ, ଯେତିକି ସମୟ ମୁଁ ଏ ପାର୍କ ଭିତରେ ବିତାଏ, ତୁମେ ତ କାହା ସହ ଖରାପ ବ୍ୟବହାର କରିନାହଁ। ବରଂ ତୁମର କଥାବାର୍ତ୍ତା ଓ ବ୍ୟବହାର ମୋତେ ଇମ୍ପ୍ରେସ କରେ।" ସେ ଛେପ ଢୋକିନିଜ ଭିତରେ ଦମ୍ଭ ସଞ୍ଚି ମୋତେ କହିଲା, "ସାର୍, ମୁଁ କୁଆଡ଼େ ସିନିୟର ସିଟିଜେନଙ୍କ ସହ ଖରାପ ବ୍ୟବହାର କରୁଛି ବୋଲି ମୋ ବିରୋଧରେ ଅଭିଯୋଗ ଆସିଛି! ଏ ନେଇ ଆମ ସଂସ୍ଥାର ଏଠିକାର ସୁପରଭାଇଜର ସାର୍ ମୋତେ ଚେତେଇ ଦେଇ କହିଛନ୍ତି, "ଦେଖ ବେଟା, ଜ୍ୟାଦା ଓଭରସ୍ମାର୍ଟ ଦେଖାଉଛୁ ନାଇଁ? ବୁଝିଲୁ,ସିଧା ତୋତେ ଏ ଜାଗାରୁ ଅନ୍ୟ କେଉଁ ଦୂର ଜାଗାକୁ ଟ୍ରାନ୍ସଫର କରିଦେବି !"

ଆଜ୍ଞା,ମୋତେ ଯଦି ସୁପରଭାଇଜର ସାର୍ ଦୂର ଜାଗାକୁ ଟ୍ରାନ୍ସଫର କରିଦେବେ, ତେବେ ମୁଁ ବହୁତ ହଇରାଣ ହୋଇଯିବି।" ତା' ଚିନ୍ତା, ଉଦ୍‌ବେଗ,ଆଶଙ୍କାର ଭାବକୁ ହୃଦ୍‌ବୋଧକରି ମୁଁ ତାକୁ କହିଲି, "ଦେଖ, ମୋତେ ଯାହା ଲାଗୁଛି, ଅସଲ କଥା ହେଲା,ତୁମ ସୁପରଭାଇଜର ବାବୁଙ୍କର ଇଏ ହୁଏତ ଏକ ମନଗଢ଼ା କାହାଣୀ ! ସେ ହୁଏତ ତାଙ୍କ ମତଲବରେ ଥାଇପାରନ୍ତି! ତୁମ ବିରୋଧରେ ଏମିତି ମିଥ୍ୟା ଅଭିଯୋଗ ସୃଷ୍ଟିକରି ତୁମକୁ ହଟେଇ ତୁମ ଜାଗାରେ ସେ ତାଙ୍କର କେହି ନିଜ ଲୋକଙ୍କୁ ରଖିବାର ମସୁଧାରେ ହୁଏତ ଆଗକୁ ବଢୁଥିବେ ! ତେଣୁ ଏ ଘଟଣା ଉପରେ ତୁମକୁ ମୋର ସୁଚିନ୍ତିତ ପରାମର୍ଶ ହେଉଛି, ତୁମେ ଆଦୌ ପ୍ରତିକ୍ରିୟାଶୀଳ ନ ହୋଇ ତାଙ୍କୁ ନମ୍ରଭାବରେ କହିବ,"ଦେଖନ୍ତୁ ସାର୍, ମୁଁ କୌଣସି ସିନିୟର ସିଟିଜେନ୍‌ଙ୍କ ପ୍ରତି ଖରାପ ବ୍ୟବହାର ଦେଖାଇନାହିଁ। ମୁଁ ସେମାନଙ୍କୁ ସମ୍ମାନ ଜଣାଇ ପ୍ରତିଦିନ ନମସ୍କାର କରେ। ଆପଣଙ୍କ ସଦୟ ଗୋଚରାର୍ଥେ ପାର୍କକୁ ଆସୁଥିବା ସାର୍ ଓ ମାଡାମମାନଙ୍କର ଦସ୍ତଖତ ଓ ମୋବାଇଲ ନମ୍ବର ସମ୍ବଳିତ ଏକ୍ ଲେଖା ମୁଁ ଆପଣଙ୍କୁ ଅବଶ୍ୟ ପ୍ରଦାନ କରିବି। ଆପଣ ସିଧାସଳଖ ସେମାନଙ୍କ ସହ କଥାବାର୍ତ୍ତା ହୋଇ ସତ କ'ଣ, ମିଛ କ'ଣ, ତାହା ଅବଶ୍ୟ ଜାଣିପାରିବେ !"ମୋର ଏମନ୍ତ ପରାମର୍ଶ ଶ୍ରବଣାନ୍ତେ ତା' ଭିତରେ ସମ୍ଭବତଃ ଆତ୍ମବିଶ୍ୱାସ ଆସିଗଲା!



ଅତ୍ୟନ୍ତ ଉତ୍ସାହିତ ଓ ଅନୁପ୍ରେରିତ ହୋଇ ସେ ମୋତେ କହିଲା,"ଧନ୍ୟବାଦ ସାର୍ ! ଏଣିକି ମୋତେ ଆପଣଙ୍କ କଥାନୁସାରେ କାମ କରିବାକୁ ହେବ।"

ପାଠକେ,ଏ ସିକ୍ୟୁରିଟି ଗାର୍ଡ ସାମ୍ନାକରିଥିବା ଆହ୍ୱାନରୁ ଏ କଥା ସ୍ପଷ୍ଟ ଯେ, କୌଣସି କାରଣ ନ ଥାଇ ଅନେକ କ୍ଷେତ୍ରରେ ଅନ୍ୟମାନଙ୍କ ବିରୋଧରେ ଅଭିଯୋଗ ଆଣିବା ଏକପ୍ରକାର ସଉକ ହୋଇଗଲାଣି। ନିଜ ନିଜର ସ୍ୱାର୍ଥସାଧନ, ପରିଚୟ,ପ୍ରତିଷ୍ଠା ପାଇଁ ଆମେ ଏତେ ମାତ୍ରାରେ ବ୍ୟଗ୍ରାତୁର ଯେ, ପାନରୁ ଟିକେ ଚୂନ ଖସିଗଲେ ଅର୍ଥାତ୍ ସ୍ୱାର୍ଥସାଧନରେ କିଞ୍ଚିତ ଆଞ୍ଚ ଆସିଲେ ଆମେ ପ୍ରତିପକ୍ଷକୁ ପାନେ ଦେବା ପାଇଁ ତାଙ୍କ ବିରୋଧରେ ଅଭିଯୋଗ ଥୋପିଦେଇପାରୁ। ଅବଶ୍ୟ ହୋଇପାରେ, କେଉଁଠି ନା କେଉଁଠି ଅଭିଯୋଗର ସୁଦୃଢ଼ ଭିତ୍ତି ଓ ପ୍ରମାଣ ଥାଇପାରେ। ଅଭିଯୁକ୍ତ ଆଇନ ହାତରୁ କଦାପି ଖସିଯାଇ ନ ପାରେ! କିନ୍ତୁ,ଏବେ ଯେଉଁ ହାରରେ ରାଜନୀତିର ଖେଳ ଚାଲିଛି, ଖୁଲମଖୁଲା ଦୁର୍ନୀତି ଓ ଭ୍ରଷ୍ଟାଚାର ହେଉଛି, କ୍ଷମତାର ଅପବ୍ୟବହାର ହେଉଛି, ବିଧିବ୍ୟବସ୍ଥା, ଆଇନକାନୁନର ଉଲ୍ଲଂଘନ ହେଉଛି, 'ମାର୍ ମାର୍ ଭଣ୍ଡାରିଆକୁ ମାର' ନୀତିରେ ଅନ୍ୟାୟ ଅବିଚାରକୁ ନ୍ୟାୟ ଓ ବିଚାର ସାବ୍ୟସ୍ତ କରାଯାଉଛି, ଶୃଙ୍ଖଳା, ଆଦର୍ଶ, ମୂଲ୍ୟବୋଧ, କର୍ମସଂସ୍କୃତି ଓ ସମୟାନୁବର୍ତ୍ତିତାର ଅବଜ୍ଞା ହେଉଛି; ସେସବୁ କ୍ଷେତ୍ରରେ ତୁଚ୍ଛାରେ କି ମିଛରେ ଅନ୍ୟ ବିରୋଧରେ ଅଭିଯୋଗ ଆଣିବା ଅତି ସହଜ ଓ ସ୍ୱାଭାବିକ କଥା ନୁହେଁ କି?

ଆଜ୍ଞା,ପାଣି ଅନ୍ଧ,ନିଆଁ ଅନ୍ଧ,ପ୍ରେମ ଅନ୍ଧ, ରାଜା ଅନ୍ଧ ସୂତ୍ର ପରି ଏବେର ଶାସକ, ପ୍ରଶାସକ ବି ଅନ୍ଧ! ଆସୁଥିବା ଅଭିଯୋଗର ଆଧାର ଓ ସତ୍ୟାସତ୍ୟ ଜାଣିବା ପୂର୍ବରୁ ଆଡ଼ବାୟା ପ୍ରକୃତିର ବଶବର୍ତ୍ତୀ ହୋଇ ତଥାକଥିତ ସର୍ବୋଚ୍ଚ କ୍ଷମତାଧାରୀ କମାଣ୍ଡ ଦିଅନ୍ତି, ଇମିଡିଏଟ୍ ଆକ୍ସନ। ଅର୍ଥାତ୍ ତୁରନ୍ତ ପଦକ୍ଷେପ। ଅତଏବ, ରାଜନୀତିର ଚକ୍ରବ୍ୟୂହ ଓ କୂଟନୀତିର ପଶାପାଲିରେ ମିଥ୍ୟା ଅଭିଯୋଗ ସତ୍ୟ ସାବ୍ୟସ୍ତ ହେଉଛି। ସଚ୍ଚୋଟ, ସତ୍ୟନିଷ୍ଠ, ନିରୀହ, କର୍ମଠ ବ୍ୟକ୍ତି ମଧ୍ୟ ଦଣ୍ଡ ଭୋଗୁଛନ୍ତି! ଖାଲି ତତ୍ତ୍ୱକୁ ଜାଣିବା କଥା, ଯାହା କହୁଛି, ଆମ ଦେଶର ଆଇନସଂହିତା , ହଜାରେ ଦୋଷୀ ଖସିଯାଆନ୍ତୁ ହେଲେ ଜଣେ ନିର୍ଦ୍ଦୋଷ ଦଣ୍ଡ ନ ପାଉ। ହେଲେ ଏବେର ହେଉ କି ପୂର୍ବର ହେଉ, ଯେଉଁସବୁ ଘଟଣା ଦୁର୍ଘଟଣାର ରୂପ ନେଇଛି କିମ୍ବା ନେଉଛି, ସେସବୁର ସତ୍ୟାସତ୍ୟ ଜାଣିବା ପାଇଁ ଉଚ୍ଚ କ୍ଷମତାସମ୍ପନ୍ନ ତଦନ୍ତ, ବିଚାରବିଭାଗୀୟ ତଦନ୍ତ, ମନ୍ତ୍ରୀସ୍ତରୀୟ ତଦନ୍ତ, ସଚିବସ୍ତରୀୟ ତଦନ୍ତ, ଗୃହ କମିଟି ତଦନ୍ତ, କ୍ରାଇମବ୍ରାଞ୍ଚ ତଦନ୍ତ ଇତ୍ୟାଦି ତଦନ୍ତ ଚାଲିଛି। ହେଲେ,'ବହ୍ୱାଡ଼ମ୍ବରେ ଲଘୁକ୍ରିୟା' ସମ ସବୁ ତଦନ୍ତ ପ୍ରାୟତଃ ଓ ବସ୍ତୁତଃ ହେଉଛି ବାଟବଣା । ପର୍ବତର ମୂଷିକ ପ୍ରସବ ପ୍ରାୟ ପ୍ରତ୍ୟେକ ତଦନ୍ତର ଫଳାଫଳ ଶୂନ। ଶୀତଳଭଣ୍ଡାରରେ ତଦନ୍ତର ଫାଇଲ ନାଲିଫିତାରେ ବନ୍ଧାହୋଇ ରହିଯାଉଛି ସବୁଦିନ ସେମିତି!

ଶେଷକୁ ରିଆଲିଟି ଶୋ ! ମଞ୍ଚ ଉପରେ ଅଭିଯୁକ୍ତ, ଅପରାଧୀ ବିନ୍ଦାସ୍‌ରେ ଉଦଣ୍ଡନୃତ୍ୟ କରୁଥିବାବେଳେ ନିର୍ଦ୍ଦୋଷ, ନିରପରାଧମାନେ ଭୋଗିଚାଲିଛନ୍ତି ସେମିତି ସବୁଦିନ କଷଣ, ପେଷଣ, ଯାତନା, ଲାଞ୍ଛନା। ଏ ରିଆଲିଟି ଶୋ'ରେ ଯବନିକାପାତ ହେବା ନିହାତି ଆବଶ୍ୟକ। କ'ଣ ଆଜ୍ଞା, ମୁଁ କିଛି ଭୁଲ୍ କହିଲି କି।

**ମର୍କତନଗର,କଟକ,**
**ମୋ:୯୪୩୭୦୯୦୯୮୫**

## ଏଇ ଭାରତରେ

'ଖେଳଘର' କହିଲେ ଯେ କେହି ଭାବିବେ ଯେ ସେଠାରେ କେବଳ ଖେଳାଯାଉଛି। କିନ୍ତୁ ବାସ୍ତବରେ ତାହା ନୁହେ,ଏହି 'ଖେଳଘର' ହେଉଛି ଏକ ଶିକ୍ଷା କେନ୍ଦ୍ର। ଏଠାରେ ଆର୍ଥିକ ତଥା ସାମାଜିକ ସ୍ତରରେ ଥିବା ଅନଗ୍ରସର ପିଲାମାନଙ୍କୁ ପଢ଼ାଇବାର ବ୍ୟବସ୍ଥା କରିଛନ୍ତି ପୁଣେର ଶୁଭଦା ଜୋଶୀ। ଶୁଭଦା ପେସାରେ ଜଣେ ସ୍ଥପତି ଓ ଏହାକୁ ସେ ୧୯୯୬ରେ ପୁଣେର କୋଥୁଡ ଅଞ୍ଚଳର ଲକ୍ଷ୍ମୀନଗରରେ ପ୍ରତିଷ୍ଠା କରିଥିଲେ। ଦୀର୍ଘ ୩୦ ବର୍ଷ ହେଲା ଖେଳଘର ଚାଲିଛି । ଖେଳଘରେ ଆରମ୍ଭରୁ ବହି ପଢ଼ାଯାଏନି କି ଦଣ୍ଡ ଦିଆଯାଏନି, ବରଂ ନିତିଦିନର ପିଲାଙ୍କ ଅନୁଭବରୁ ଶିକ୍ଷା ଆରମ୍ଭ ହୋଇଥାଏ। ପିଲାଙ୍କ ସହ ଆଲୋଚନା ହୁଏ ଓ ପରେ ଯେଉଁ ଟାସ୍କ ଦିଆଯାଇଥାଏ ତାହାକୁ ଦେଖାଯାଏ । ଫଳରେ ପିଲାମାନେ ଶିକ୍ଷକଙ୍କ କଥା ଶୁଣନ୍ତି, ଅନୁଧ୍ୟାନ କରନ୍ତି ଏବଂ ପ୍ରଶ୍ନ ପଚାରନ୍ତି। ସେମାନଙ୍କୁ ବାହାରରେ ଅଧିକ ସମୟ ଖେଳିବାକୁ ସୁଯୋଗ ଦିଆଯାଉଛି। ଏବେ ପ୍ରଥମରୁ ଦଶମ ଯାଏ ପାଖାପାଖି ୨୦୦ ପିଲା ପଢୁଛନ୍ତି। ୧୨ ଜଣ ଶିକ୍ଷକ ମଧ୍ୟ ଅଛନ୍ତି। ବଡ଼ କଥା ହେଉଛି କେବେ ବି ପିଲାଙ୍କୁ ପାଠରେ ହେଉ କିମ୍ବା ଅନ୍ୟ କାର୍ଯ୍ୟରେ 'ଭଲ' କିମ୍ବା 'ଦୁର୍ବଳ'ଭାବେ ବର୍ଗୀକରଣ କରାଯାଏ ନାହିଁ। ୨୦୨୧ରୁ ୨୦୨୩ ମଧ୍ୟରେ ଏହା ୱିପ୍ରୋ କେୟାର୍ସ ଓ ପିଲାଙ୍କ ପରିବାର ତଥା ଅନ୍ୟ ବ୍ୟକ୍ତିଗତ ଉତ୍ସରୁ ଆର୍ଥିକ ଅନୁଦାନ ପାଇବା ପରେ ଏବେ 'ଖେଳଘର' ସ୍ୱାଧୀନଭାବେ ଚାଲିଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ଜାନୁଆରୀ ୧୯୭୭

- ଜଗତପୁରଠାରେ ମମତା ପେପର୍ସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ୭୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଯାଉଥିବା ଏକ ମିନି କାଗଜକଳର ଶିଳାନ୍ୟାସ।
- ରାଜ୍ୟରେ ପ୍ରଥମ କରି ୨ କୋଟି ଟଙ୍କା ମୂଳଧନରେ ଏକ ହସ୍ତତନ୍ତ ଶିଳ୍ପ ଉନ୍ନୟନ କର୍ପୋରେଶନ ଗଠନ କରାଯାଇଛି।

## ଚିରନ୍ତନୀ

ଅସମୟେ ବନକୋଳେ
ଜାଗି ଉଠେ କୁହୁ
ଭୁବନର ଚେତନାରେ
ଛୁଇଁ ମୁହୁ ମୁହୁ । –(ଚିରନ୍ତନ କୁହୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମନ୍ଦିରରେ ନିଶା ବିପଦ

ମହାଶୟ,

ପ୍ରତ୍ୟେକ ଗ୍ରାମରେ ଥିବା ମନ୍ଦିର ହେଉଛି ଶାନ୍ତି ଏବଂ ପ୍ରାର୍ଥନାର ସ୍ଥାନ। ଆଜିକାଲି ମନ୍ଦିରର ପବିତ୍ରତା ଏକ ବିଚଳିତକାରୀ ନୂତନ ଧାରା ଦ୍ୱାରା କଳଙ୍କିତ ହେଉଛି। ମନ୍ଦିର ପରିସରରେ, ବିଶେଷକରି ସନ୍ଧ୍ୟା ସମୟରେ ଆଜିକାଲି ଆଉ ଗଞ୍ଜେଇ ଏବଂ ସିଗାରେଟ୍‌ରେ ସୀମିତ ନ ରହି ବ୍ରାଉନସୁଗାର ବ୍ୟବହାର କରାଯିବା ଖବର ଶୁଣିବାକୁ ମିଳୁଛି। ଏହା କେବଳ ଏକ ପବିତ୍ର ସ୍ଥାନର ଅପବିତ୍ରତା ନୁହେଁ ବରଂ ଆମ ଯୁବପିଢ଼ି ଉପରେ ଏକ ବିପଦପୂର୍ଣ୍ଣ ପ୍ରଭାବ ମଧ୍ୟ। ନିଶା ବୃଦ୍ଧି ଆମ ସମ୍ପ୍ରଦାୟର ସାମାଜିକ ଗଠନକୁ କ୍ଷତି କରୁଛି , ଯାହା ଭକ୍ତ ଏବଂ ପରିବାର ପାଇଁ ସୁରକ୍ଷା ଚିନ୍ତା ବୃଦ୍ଧି କରୁଛି। ଏଣୁ ମନ୍ଦିର ଅଞ୍ଚଳରେ ପାଟ୍ରୋଲିଂ ବୃଦ୍ଧି କରିବା ଏବଂ ବେପାରୀମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଅତ୍ୟନ୍ତ ଜରୁରୀ। ସନ୍ଦେହଜନକ କାର୍ଯ୍ୟକଳାପକୁ ସୁରକ୍ଷିତ ଭାବରେ ରିପୋର୍ଟ କରିବା ପାଇଁ ନାଗରିକମାନେ ଏନ୍‌ସିବି ମାନସ୍ ପୋର୍ଟାଲ ବ୍ୟବହାର କରିପାରିବେ କିମ୍ବା ୧୯୩୩ରେ ଜାତୀୟ ହେଲ୍ପଲାଇନକୁ କଲ୍ କରିପାରିବେ। ଏହି ନିଶା ଆମର ପରବର୍ତ୍ତୀ ପିଢ଼ିକୁ ନଷ୍ଟ କରିବା ପୂର୍ବରୁ କାର୍ଯ୍ୟ କରିବାର ସମୟ ଆସିଛି।

**–ଅଭିଦତ୍ତ ବରାଳ, କୁସୁନପୁର, ଚାନ୍ଦୋଳ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ରାଜ୍ୟସ୍ତରୀୟ ପରେଡ ଅଭିବାଦନ ଗ୍ରହଣ କଲେ ରାଜ୍ୟପାଳ

ଭୁବନେଶ୍ୱର,୨୭।୧
(ସୁଚିସ୍ମିତା ସାହୁ)

ମହାତ୍ମା ଗାନ୍ଧୀ ମାର୍ଗରେ ସୋମବାର ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ରାଜ୍ୟପାଳ ସକାଳ ୮ଟା ୨୮ରେ ମହାତ୍ମା ଗାନ୍ଧୀ ମାର୍ଗରେ ପହଞ୍ଚିବା ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ସ୍ୱରାଷ୍ଟ୍ର ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଆରକ୍ଷୀ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଉପମହାନିର୍ଦ୍ଦେଶକ କମାଣ୍ଡର ବିକ୍ରମ ସିଂହ ତାଙ୍କୁ ସ୍ୱାଗତ ଜଣାଇ ମଞ୍ଚ ନିକଟକୁ ପାଛୋଟି ନେଇଥିଲେ। ରାଜ୍ୟପାଳ ୮ଟା ୩୦ରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେଡ କମାଣ୍ଡାଣ୍ଟ ତଥା ଆର୍. ଉଦୟଗିରି ଏସ୍‌ଡିପିଓ ରାକେଶ କୁମାର ସାହୁ ପରେଡ ପରିଚାଳନା କରିଥିଲେ। ଦ୍ୱିତୀୟ ପରିଚାଳକ ଭାବେ ଡେପୁଟି କମାଣ୍ଡାଣ୍ଟ ଶରତ ଜାନି, ଆଡଜୁଟାଣ୍ଟ ଭାବେ ଶେଖର ମହାପାତ୍ର ଏବଂ ସ୍ୱତନ୍ତ୍ର ଅଧିକାରୀ ପରମେଶ୍ୱର



ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ପରେଡ ଅଭିବାଦନ ଗ୍ରହଣ କରୁଛନ୍ତି।

ହାଁସଦା ପରେଡ ପରିଚାଳନାରେ ସହଯୋଗ କରିଥିଲେ।
ରାଜ୍ୟ ପୋଲିସ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଙ୍ଗୀତ ବାଦନ ପରେ ୧୭ଟି ସାମରିକ ବାହିନୀ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ୨୯ଟି ବେସାମରିକ ଦଳଙ୍କୁ ମିଶାଇ ସମୁଦାୟ ୪୬ଟି ଦଳ ପରେଡରେ ଅଂଶଗ୍ରହଣ କରିଥିଲେ। ପରେଡ ପରେ ପୁରୀର ରଙ୍ଗଶାଳା କଳାକାରଙ୍କ ଦ୍ୱାରା 'ସାହିଯାତ', ଗଞ୍ଜାମ ବିଚିତ୍ର ବର୍ଣ୍ଣାଳି ନାଟ୍ୟ ପରିଷଦ ପକ୍ଷରୁ 'ପଶୁମୁଖା', ପୁରୀର ବୈଦେହୀ କଳା ପରିଷଦ ତରଫରୁ 'ବଡ଼ ଘୋଡ଼ା', କଟକ ସଂକୀର୍ତ୍ତନ କଳାକାର ଉନ୍ନୟନ ପରିଷଦ ପକ୍ଷରୁ 'ଦୋଳଯାତ ପଟୁଆର' ଏବଂ ମୟୂରଭଞ୍ଜ ଶରଣ ମାର୍ଶାଲ କଲଚରାଲ ସଂଘ ତରଫରୁ 'ସାନ୍ତାଳୀ' ନୃତ୍ୟ ପରିବେଷଣ କରାଯାଇଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସହ ସଚେତନତା ବାର୍ତ୍ତା ବହନ କରୁଥିବା ପ୍ରଜ୍ଞାପନ ମେଢ଼ଗୁଡ଼ିକ ଅଭିବାଦନ ମଞ୍ଚ ଅତିକ୍ରମ କରିଥିଲେ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ (ଶ୍ରୀଅନ୍ନ ଅଭିଯାନ, ଅମୃତ ଅନ୍ନ କାର୍ଯ୍ୟକ୍ରମ), ବାଣିଜ୍ୟ ଓ ପରିବହନ ବିଭାଗ (ଆମେ ସୁବାହକ, ଆଶା ଯୋଜନା), ଶକ୍ତି ବିଭାଗ (ପି.ଏମ୍. ସୂର୍ଯ୍ୟଘର), ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗ (ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା), ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ (ରେଶମ ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ (ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା), ସ୍ୱରାଷ୍ଟ୍ର ବିଭାଗ (ଉପକୂଳ ସୁରକ୍ଷା ଶାଖା ଓ ପୋଲିସ), ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ (ସମୃଦ୍ଧ ସହର, ବିକଶିତ ଓ ମିଶନ ଶକ୍ତି ବିଭାଗ (ଆତ୍ମନିର୍ଭର ମହିଳା-ବିକଶିତ ଭାରତ), ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ (ଭିବି-ଜି ରାମ ଜି, ସଭିଙ୍କ ପାଇଁ ପକ୍କାଘର), ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ (ପି.ଏମ୍.ଶ୍ରୀ ବିଦ୍ୟାଳୟ), ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ (ଦକ୍ଷ ଯୁବଶକ୍ତି-ଦେଶର ପ୍ରଗତି),

## ପ୍ରଜ୍ଞାପନ ମେଢ଼ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ମନ ମୋହିଲା

ପର୍ଯ୍ୟଟନ ବିଭାଗ (ପର୍ଯ୍ୟଟନସ୍ଥଳୀ ଉନ୍ନତୀକରଣ) ଓ ପୂର୍ତ୍ତ ବିଭାଗ (ନ୍ୟାୟିକ ପରିସର, ଭୁବନେଶ୍ୱର)ର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହୋଇଥିଲା। ସମାରୋହରେ ରାଜ୍ୟପାଳଙ୍କ ସହଧର୍ମିଣୀ ତଥା ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀଙ୍କ ସହଧର୍ମିଣୀ ପ୍ରିୟଙ୍କା ମାର୍ଣ୍ଡି ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗର ଅତିରିକ୍ତ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଓ ଶାସନ ସଚିବ, ବରିଷ୍ଠ ପୋଲିସ ଅଧିକାରୀ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ନିର୍ଦ୍ଦେଶକ (ବୈଷୟିକ) ଗୁରୁବୀର ସିଂ ପ୍ରମୁଖଙ୍କ ସମେତ ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଲୋକସମ୍ପର୍କ ଅଧିକାରୀ ରୋଜାଲିନ ସାହୁ ଏବଂ ବିନାୟକ ମିଶ୍ର ରାଜ୍ୟସ୍ତରୀୟ ପରେଡ କାର୍ଯ୍ୟକ୍ରମରେ ଧାରା ବିବରଣୀ ପ୍ରଦାନ କରିଥିଲେ।

# ଜିଲାପାଳଙ୍କ ସୋସିଆଲ ମିଡିଆ ପୋଷ୍ଟକୁ ନେଇ ଦ୍ୱନ୍ଦ୍ୱ

## ପ୍ରଶାସନର ଖାମଖିଆଲ ମନୋଭାବ

ଦେବଗଡ଼,୨୭।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ପ୍ରଶାସନ ପକ୍ଷରୁ ଯେକୌଣସି କାର୍ଯ୍ୟକ୍ରମ ସରିଲା ପରେ ନିଜର ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଥାଏ। ଫଳରେ ଜନସାଧାରଣଙ୍କଠାରୁ ଆରମ୍ଭ କରି ଛାତ୍ରୀଛାତ୍ର ଜାଣିପାରନ୍ତି ଯେ, ଜିଲାରେ କ'ଣ କାର୍ଯ୍ୟକ୍ରମ ହେଉଛି। ସୋମବାର ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡ଼ିୟମରେ ଜିଲାସ୍ତରୀୟ ଗଣତନ୍ତ୍ର ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମର ଫଟୋ ମଧ୍ୟ ସୋସିଆଲ ମିଡିଆରେ ସକାଳେ ପୋଷ୍ଟ ହୋଇଥିଲା। କିନ୍ତୁ ଏହି ପୋଷ୍ଟରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏଥିରେ ରିପବ୍ଲିକ ଡେ' ଏବଂ ଇଣ୍ଡିପେଣ୍ଡେନ୍ସ ଡେ' ଲେଖାଯାଇଛି, ଯଦ୍ୱାରା ଜନସାଧାରଣ ଓ ଛାତ୍ରୀଛାତ୍ର ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ପ୍ରଶ୍ନ ଉଠୁଛି ସୋସିଆଲ ମିଡିଆରେ ଜିଲା ପ୍ରଶାସନ ଯଦି ଏମିତି ଭୁଲ୍ ତଥ୍ୟ ପୋଷ୍ଟ କରିବ, ସେଥିପାଇଁ ଦାୟୀ କିଏ ରହିବ। ଏପରି କି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି, ଜିଲା ପ୍ରଶାସନ ଏପରି ଖାମଖିଆଲ ଭାବେ ସୋସିଆଲ ମିଡିଆରେ ପୋଷ୍ଟ କରିବା କେତେ ଦୂର ଠିକ୍। ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଏପରି କି ମଙ୍ଗଳବାର ପର୍ଯ୍ୟନ୍ତ ସେହି ଭୁଲ ତଥ୍ୟ ଦେଖିବାକୁ ମିଳିଥିଲା। ଏନେଇ ଧରିତ୍ରୀ ୱେବ୍ ପୋର୍ଟାଲରେ ଖବର ପ୍ରକାଶ ପାଇବା ପରେ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଥିବା ତଥ୍ୟରେ ସଂଶୋଧନ କରାଯାଇଛି। ତେବେ ଆଗାମୀ ଦିନରେ ଏଭଳି ଭୁଲ୍ ନ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ବାର୍‌ହା ଆକ୍ରମଣରେ ମହିଳାଙ୍କ ମୃତ୍ୟୁ, ୨ ଗୁରୁତର

ଜି.ଉଦୟଗିରି,୨୭।୧
(ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଜି.ଉଦୟଗିରି କାନବାଗିରୀ ଓ ଶ୍ରିକଲା ଘାଟି ଆଖପାଖ ଅଞ୍ଚଳରେ ସୋମବାର ବାର୍‌ହା ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତ ମହିଳା ହେଲେ କାନବାଗିରୀ ଗ୍ରାମର ଅପସରୀ ପ୍ରଧାନ (୬୦)। କାନବାଗିରୀ ଗ୍ରାମର ନିରଜିନୀ ପ୍ରଧାନ (୬୦) ଓ ଡାକପାଲା ଗ୍ରାମର ସସ୍ମିତା ମଲ୍ଲିକ (୩୫) ଜି.ଉଦୟଗିରି ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। କାନବାଗିରୀ ଗ୍ରାମର ଅପସରୀ ଓ ନିରଜିନୀ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିବା ବେଳେ ସେମାନଙ୍କୁ ବାର୍‌ହା ଆକ୍ରମଣ କରିଥିଲା। ଅପସରୀଙ୍କ ଶରୀରର ବିଭିନ୍ନ ସ୍ଥାନରୁ ମାଂସ ବାହାରି ଯାଇଥିଲା। ଉଭୟଙ୍କୁ ଉଦ୍ଧାର କରି ଜି. ଉଦୟଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅପସରୀଙ୍କୁ ଅଧିକ ଚିକିତ୍ସା ପାଇଁ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ସେହିପରି ଡାକପାଲା ଗ୍ରାମର ସସ୍ମିତା ଓ ତାଙ୍କ ସ୍ୱାମୀ ବାପି ମଲ୍ଲିକ ଜି.ଉଦୟଗିରିରୁ ଫେରୁଥିବା ବେଳେ ଶ୍ରିକଲା ଘାଟି ନିକଟରେ ବାଇକ୍ ଖରାପ ହୋଇଯାଇଥିଲା। ବାପି ବାଇକ୍ ଦେଖୁଥିବା ବେଳେ ହଠାତ୍ ଏକ ବାର୍‌ହା ଆସି ସସ୍ମିତାଙ୍କୁ ଆକ୍ରମଣ କରିଥିଲା। ଲୋକେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ।

# ନାଲ୍‌କୋର ପରିବେଶ ଜନଶୁଣାଣି ବନ୍ଦ କରିବାକୁ ଦାବି

ଅନୁଗୋଳ,୨୭।୧(ମାନସ ବିଶ୍ୱାଳ)

ଅନୁଗୋଳ ଜିଲାରେ ଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍‌କୋର ବ୍ରାଉନ ଫିଲ୍ଡ ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ଆସନ୍ତା ୨୮ ତାରିଖ ବୁଧବାର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପରିବେଶ ସମ୍ପର୍କିତ ଜନଶୁଣାଣି କରାଯିବାକୁ ଥିବାବେଳେ ଏହାକୁ ଜୋରଦାର ବିରୋଧ କରିବା ପାଇଁ ପାରିପାର୍ଶ୍ୱିକ ୩ଟି ମୌଜାର ଗ୍ରାମବାସୀ ଏକଜୁଟ ହୋଇଛନ୍ତି। ଉପଯୁକ୍ତ ପ୍ରକ୍ରିୟାରେ ଏହି ଜନଶୁଣାଣି କରାଯାଉ ନ ଥିବାରୁ ଏହାକୁ ବନ୍ଦ କରିବାକୁ ସେମାନେ ଦାବି କରିଛନ୍ତି।

ସମ୍ପୃକ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି, ସ୍ମେଲଟର ପ୍ଲାଣ୍ଟ ବ୍ରାଉନ ଫିଲ୍ଡ ସମ୍ପ୍ରସାରଣ ପ୍ରକଳ୍ପ ପାଇଁ କୁଲାଡ, କାଙ୍ଗୁଲା ଓ ଗୋପୀନାଥପୁର ଗାଁର ୧୩୦ ଏକର ଜମି ନାଲ୍‌କୋ ଦଖଲ କରିବା ପାଇଁ ସର୍ଭେ ଶେଷ କରିଛି। ୨୦୨୧ ମସିହାରେ ଏଥିପାଇଁ ନୋଟିସ୍ ଜାରି କରିବା ସହ ୨୦୨୩ ଏପ୍ରିଲ ୨୭ରେ ୧୧/୧ ଧାରାରେ ସର୍ଭେ ପାଇଁ ନୋଟିସ କରାଯାଇଥିଲା। ସେହି ସମୟରେ ନାଲ୍‌କୋର ଜମି ଅଧିଗ୍ରହଣ ଅଧିକାରୀ କ୍ଷତିଗ୍ରସ୍ତଙ୍କୁ ଉଚିତ କ୍ଷତିପୂରଣ ଏବଂ ସ୍ଥାୟୀ ନିଯୁକ୍ତି ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଲୋକମାନଙ୍କ ଅଜାଣତରେ ୧୯/୧ ଧାରା କାର୍ଯ୍ୟ ଶେଷ କରାଯାଇ ଇତିମଧ୍ୟରେ ପରିବେଶ ସମ୍ପର୍କିତ ଜନଶୁଣାଣି କରିବାକୁ ଯୋଜନା କରାଯାଇଛି। କାଙ୍ଗୁଲା ଗ୍ରାମର ଅନିଲ କୁମାର ଦାସ କହିଛନ୍ତି, ଜମି ହରାଇବାକୁ ଥିବା ସମସ୍ତ ବ୍ୟକ୍ତିଙ୍କୁ ସ୍ଥାୟୀ ନିଯୁକ୍ତି ନେଇ ଲିଖିତ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ପ୍ରଶାସନକୁ ସହଯୋଗ କରାଯିବ ନାହିଁ ବୋଲି ଅଞ୍ଚଳବାସୀ ନିଷ୍ପତ୍ତି ନେଇଛନ୍ତି। ଗୋପୀନାଥପୁରର ହୃଷୀକେଶ ପ୍ରଧାନ କହିଛନ୍ତି, ବିଭିନ୍ନ ସମୟରେ ଲୋକେ ନାଲ୍‌କୋ ସମ୍ପ୍ରସାରଣ ପ୍ରକଳ୍ପକୁ ବିରୋଧ କରି ଆସୁଥିବାବେଳେ ଚଞ୍ଚକତା କରି ପ୍ରଶାସନ କାର୍ଯ୍ୟ ଆଗକୁ ବଢ଼ାଇ ନେଉଛି। ସ୍ଥାୟୀ ନିଯୁକ୍ତି ଦାବିର କୌଣସି ସମାଧାନ କରାଯାଉ ନାହିଁ। ନାଲ୍‌କୋ, ଜିଲା ପ୍ରଶାସନ ଓ ଗ୍ରାମବାସୀଙ୍କ ମିଳିତ ବୈଠକରେ ସ୍ଥାୟୀ ନିଯୁକ୍ତି ଦେବା ସମ୍ପର୍କରେ ନାଲ୍‌କୋ ସହମତି ପ୍ରକାଶ କରିଥିଲା। ସର୍ଭେ କାର୍ଯ୍ୟ ସରିବା ପରେ ହିଁ ନିଯୁକ୍ତି ନେଇ ବାସ୍ତବ ସଂଖ୍ୟା ଜଣାପଡ଼ିବ ବୋଲି ଭୂ-ଅର୍ଜନ କାର୍ଯ୍ୟାଳୟ କହିବା ସହ ସର୍ଭେ କରିଥିଲା। ହେଲେ ସର୍ଭେ ସରିବାର ଦୀର୍ଘ ମାସ ବିତିଯାଇଥିଲେ ମଧ୍ୟ ପ୍ରଶାସନ କିମ୍ବା ନାଲ୍‌କୋ କୌଣସି ଉତ୍ତର ରଖିଲା ନାହିଁ। ଇତିମଧ୍ୟରେ ବେନ୍ତପୁର ଗାଁ ପଡ଼ିଆରେ ପରିବେଶ ସମ୍ପର୍କିତ ଜନଶୁଣାଣି ପାଇଁ ପ୍ରସ୍ତୁତି ହେଉଥିବାରୁ ନାଲ୍‌କୋ ଲୋକମାନଙ୍କୁ ଠକୁଥିବା ସ୍ପଷ୍ଟ ହେଉଛି। ଏହାକୁ ବିରୋଧ କରିବା ପାଇଁ ୩ ଗ୍ରାମବାସୀ ମେଳି କରିଛନ୍ତି। ସ୍ଥାୟୀ ନିଯୁକ୍ତି ନେଇ ସମସ୍ତ ଜମିହରାଙ୍କୁ ନାଲ୍‌କୋ ଲିଖିତ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ପ୍ରଶାସନ କିମ୍ବା ନାଲ୍‌କୋକୁ କୌଣସି ସହଯୋଗ ରଖାଯିବା ନାହିଁ ବୋଲି ନିଷ୍ପତ୍ତି ହୋଇଥିବା ଅଞ୍ଚଳବାସୀ କହିଛନ୍ତି। ଅପରପକ୍ଷରେ ନାଲ୍‌କୋ ଭୂ-ଅର୍ଜନ କାର୍ଯ୍ୟାଳୟ ପକ୍ଷରୁ କ୍ଷତିଗ୍ରସ୍ତଙ୍କ ଶିକ୍ଷାଗତ ଯୋଗ୍ୟତା ନେଇ ଏକ ସର୍ଭେ କରାଯିବା ସହ ରିପୋର୍ଟ ନାଲ୍‌କୋକୁ ପଠାଯାଇଥିବା ଭୂ-ଅର୍ଜନ ଅଧିକାରୀ ଜୟଜିତ ଧଳ ପ୍ରକାଶ କରିଛନ୍ତି। ତେବେ ବୁଧବାର ହେବାକୁ ଥିବା ପରିବେଶ ସମ୍ପର୍କିତ ଜନଶୁଣାଣି ବନ୍ଦ କରାଯାଇଥିବା ଅତିରିକ୍ତ ଜିଲାପାଳ ଉଦୟନାଥ ମହାପାତ୍ର ସୂଚନା ଦେଇଛନ୍ତି।

# ଜଳିଗଲା ଦୁର୍ଘଟଣାଗ୍ରସ୍ତ କାର୍: ୨ ଗୁରୁତର



ନିଆଁରେ ଜଳିଯାଉଥିବା କାର୍।

ନୂଆପଡ଼ା,୨୭।୧
(ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ଆମାନାରା ପଞ୍ଚାୟତ ପାୱାରତୋଲା ଗାଁ ନିକଟରେ ମଙ୍ଗଳବାର ସକାଳେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯାଇଛି। ଏଥିରେ ୨ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ପାୱାରତୋଲା ଗାଁର ରାମୁ ସାହୁ(୨୮) ଓ ଚନ୍ଦ୍ରଶେଖର ଦଣ୍ଡସେନା (୨୯)। ସୂଚନା ଅନୁଯାୟୀ ରାମୁ ଓ ଚନ୍ଦ୍ରଶେଖର ଛତିଶଗଡ ରାଜ୍ୟ କୋମାଖାନ ଥାନା ନର୍ଲା ଗାଁର ଏକ ଫାର୍ମ ହାଉସରେ କାମ କରନ୍ତି। ସେମାନେ କୌଣସି କାର୍ଯ୍ୟରେ ନିଜ ଘରକୁ ଆସି ସକାଳ ୯ଟା ସମୟରେ କାର୍ ଧରି ବାହାରିଥିଲେ। କୌଣସି କାରଣରୁ କାର୍‌ଟି ପାୱାରତୋଲା ଓ ଜରିଡିହି ମଧ୍ୟସ୍ଥ ଏକ ପୋଲ ବାଡରେ ପିଟି ହୋଇଯାଇଥିଲା। ସେ ସମୟରେ ଡୋର୍ ଲକ୍ ହୋଇ ଯାଇଥିବାରୁ କାର୍ ଭିତରେ ଥିବା ଡ୍ରାଇଭର ରାମୁ ଓ ଚନ୍ଦ୍ରଶେଖର ବାହାରି ପାରି ନ ଥିଲେ। ପୋଲରେ ପିଟି ହେବା ମାତ୍ରେ କାର୍‌ଟି ହୁତ ହୁତ ହୋଇ ଜଳିବାରେ ଲାଗିଥିଲା। ସେ ସମୟରେ ଜଣେ ଯୁବକ ଫାଉଡା ଧରି ନିଜ ଜମିକୁ ଯାଉଥିବା ବେଳେ କାର୍ ଜଳୁଥିବା ଦେଖି ଫାଉଡାରେ ଡୋରକୁ ଭାଙ୍ଗି ଉଭୟଙ୍କୁ ବାହାର କରିଥିଲେ। ଉଭୟଙ୍କ ଶରୀରର ଅଧା ଅଂଶ ପୋଡିଯାଇଛି। ସ୍ଥାନୀୟ ଲୋକେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ ମହାସମୁନ୍ଦର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ନୂଆପଡା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ କାର୍ ଜଳି ପାଉଁଶ ହୋଇ ସାରିଥିଲା। ଏହାପରେ ଧରମବନ୍ଧା ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।


यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
୧ମ ମହଲା, କେ କେ ଭଡ୍ରସିଙ୍କା କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, କଟକ-୭୫୩୦୦୧

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡ଼ିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ କ୍ର.ନଂ.: ୧ ରୁ ୪ ନିମନ୍ତେ ତା.୧୩.୦୨.୨୦୨୬ରିଖ ଏବଂ କ୍ର.ନଂ.: ୫ ନିମନ୍ତେ ତା.୨୭.୦୨.୨୦୨୬ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା / ବକେୟା ରାଶି | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **ଅରିଲୋ ଶାଖା, ମୋ: ୯୬୫୮୧୭୨୧୮୨ /** ଋଣଗ୍ରହୀତା: ମେସର୍ସ ପରିଡା ଟ୍ରେଡର୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ଅଶୋକ କୁମାର ପରିଡା, ପିତା: ଶ୍ରୀ କୁଳମଣି ପରିଡା / ଅଂଶୀଦାରମାନେ: ୧) ଶ୍ରୀ ଅଶୋକ କୁମାର ପରିଡା, ପିତା: ଶ୍ରୀ କୁଳମଣି ପରିଡା, ୨) ଶ୍ରୀମତୀ ପ୍ରଭାତି ପରିଡା, ସ୍ୱାମୀ: ଶ୍ରୀ ଅଶୋକ କୁମାର ପରିଡା, ସମସ୍ତଙ୍କ ଠିକଣା- ସା: ମଧୁପୁର, ପୋ: ଅଲଣାହାଟ, ଥାନା: ନାଉଗାଁ, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା-୭୫୪୧୦୭ / ବକେୟା ରାଶି: ତା.୩୦.୧୧.୨୦୨୫ରିଖ ସୁଦ୍ଧା ଟ.୧୬,୨୩,୪୪୩.୧୪ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ଶ୍ରୀ ଅଶୋକ କୁମାର ପରିଡା ଏବଂ ଶ୍ରୀମତୀ ପ୍ରଭାତି ପରିଡାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୧୪୮, ରେଭିନ୍ୟୁ ଖାତା ନଂ.: ୪୪୯/୯୦, ମୌଜା: ମଧୁପୁର, ଥାନା ନଂ.: ୧୩, ତହସିଲ ନଂ.: ୧୨, ନାଉଗାଁ, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା, କ୍ଷେତ୍ର: ଏକର୦.୦୭ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ଗ୍ରାମ୍ୟ ରାସ୍ତା, ଦକ୍ଷିଣ: ଗ୍ରାମ୍ୟ ରାସ୍ତା, ପୂର୍ବ: ଭଗବାନ ପରିଡା, ପଶ୍ଚିମ: ପ୍ଲଟ୍ ନଂ.: ୧୧୪୯ | ଟ.୧୩,୮୫,୧୦୦/- / ଟ.୧,୩୮,୫୧୦/- / ଟ.୧୩,୮୫୧/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |
| ୨. | **ସାଲେପୁର ଶାଖା, ମୋ: ୭୯୭୮୦୧୯୨୨୫ /** ଋଣଗ୍ରହୀତା: ଶ୍ରୀ ଅକ୍ଷୟ ମଲିକ, ପିତା: ସ୍ୱ ଉତ୍ତମ ମଲିକ, ସା: କୋଲଣପୁର, ପୋ.: ସାଲେପୁର, କଟକ - ୭୫୪୨୦୨ / କୋ-ଓବ୍ଲିଗାଣ୍ଟ / ଗ୍ୟାରେଣ୍ଟିଦାତା: ଶ୍ରୀ ନରୋତ୍ତମ ସ୍ୱାଇଁ, ପିତା: ଭାଗ୍ୟଧର ସ୍ୱାଇଁ, ସା: ଜିଗିନିପୁର, ପୋ.: ସାଲେପୁର, କଟକ - ୭୫୪୨୦୨ / ବକେୟା ରାଶି: ତା.୧୦.୧୨.୨୦୨୫ରିଖ ସୁଦ୍ଧା ଟ.୨,୧୭,୮୯୮.୮୦ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ଶ୍ରୀ ଅକ୍ଷୟ ମଲିକ, ପିତା: ସ୍ୱ ଉତ୍ତମ ମଲିକଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୧, ପ୍ଲଟ୍ ନଂ.: ୨୦୭୨, କ୍ଷେତ୍ର: ଏକର ୦.୧୦୦ ଡିସିମିଲି, ମୌଜା: କୋଲଣପୁର, ତହସିଲ: ନିଶ୍ଚିନ୍ତକୋଇଲି, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ରେମାନନ୍ଦ ମଲ୍ଲିକ, ଦକ୍ଷିଣ: କେନାଲ, ପୂର୍ବ: ବାବନ ମଲ୍ଲିକ, ପଶ୍ଚିମ: ରାସ୍ତା | ଟ.୩,୭୩,୫୦୦/- / ଟ.୩୭,୩୫୦/- / ଟ.୩,୭୩୫/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |
| ୩. | **ପାରାଦୀପଗଡ଼ ଶାଖା, ମୋ.: ୭୩୨୬୦୪୦୩୯୦ /** ଋଣଗ୍ରହୀତା: ଶ୍ରୀ ଅଟଳ ବିହାରୀ ଦାସ ଓରଫ୍ ଅଟଳ କୁମାର ଦାସ, ପିତା: ଶ୍ରୀ ଧଡି ଦାସ, ସା: ଗଣ୍ଡକିପୁର, ପୋ.: ଗୋପିଆକୁଦ (କୁଜଙ୍ଗ), ଜିଲ୍ଲା: ଜଗତ୍‌ସିଂହପୁର / ବକେୟା ରାଶି: ତା.୩୦.୧୧.୨୦୨୫ରିଖ ସୁଦ୍ଧା ଟ.୨୬,୫୪,୩୨୬.୩୦ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ଶ୍ରୀ ଅଟଳ ବିହାରୀ ଦାସ ଓରଫ୍ ଅଟଳ କୁମାର ଦାସଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୫୪, ପ୍ଲଟ୍ ନଂ.: ୧୨୬୯, କ୍ଷେତ୍ର: ଏକର ୦.୦୪୦ ଡିସିମିଲି (୧୭୪୨.୪ ବର୍ଗଫୁଟ), ମୌଜା: ଗଣ୍ଡକିପୁର (କୁଜଙ୍ଗ), ଜିଲ୍ଲା: ଜଗତ୍‌ସିଂହପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୨୬୮, ଦକ୍ଷିଣ: ରାସ୍ତା ଏବଂ ପ୍ଲଟ୍ ନଂ.: ୧୨୭୨, ପୂର୍ବ: ପ୍ଲଟ୍ ନଂ.: ୧୨୭୬, ପଶ୍ଚିମ: ରାସ୍ତା | ଟ.୧୪,୪୦,୦୦୦/- / ଟ.୧,୪୪,୦୦୦/- / ଟ.୧୪,୪୦୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |
| ୪. | **ବଡହାଟ କେନ୍ଦ୍ରାପଡା ଶାଖା, ମୋ.: ୯୭୩୪୨୮୦୦୦୪/** ଋଣଗ୍ରହୀତାମାନେ: ୧) ରୁକ୍ମଣୀ ବଳ, ସ୍ୱାମୀ: ସ୍ୱ ରାଜ କିଶୋର ବଳ, ୨) ସ୍ୱ ରାଜ କିଶୋର ବଳଙ୍କ ସମ୍ପତ୍ତିର ପ୍ରତିନିଧିମାନେ: କ) ରଜତ କୁମାର ବଳ, ପିତା: ସ୍ୱ ରାଜ କିଶୋର ବଳ, ଖ) ରାଜଶ୍ରୀ ବଳ, ପିତା: ସ୍ୱ ରାଜ କିଶୋର ବଳ ଏବଂ ଅନ୍ୟମାନେ / ଗ୍ୟାରେଣ୍ଟିଦାତା: ଶ୍ରୀ କୁଞ୍ଜ ବିହାରୀ ପଣ୍ଡା, ପିତା: ଜେନାମଣି ପଣ୍ଡା, ସମସ୍ତଙ୍କ ଠିକଣା- ସା: ତରାଣ୍ଡୋ, ପୋ: ବାରୋ, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, ପିନ୍ - ୭୫୪୨୫୦ / ବକେୟା ରାଶି: ତା.୨୧.୦୭.୨୦୨୫ରିଖ ସୁଦ୍ଧା ଟ.୫,୯୪,୮୪୦.୫୩ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ରୁକ୍ମଣୀ ବଳଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ଖାତା ନଂ.: ୭୦୫/୧୪୩, ପ୍ଲଟ୍ ନଂ.: ୧୬୫/୩୦୧୪, କ୍ଷେତ୍ର: ଏକର ୦.୦୫୦ ଡିସିମିଲି, ମୌଜା: ତରାଣ୍ଡୋ, ଥାନା: ନିକିରାଇ ଏବଂ ନଂ.: ୧୮୦, ତହସିଲ: କେନ୍ଦ୍ରାପଡା, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ସରକାରୀ ଜମି, ଦକ୍ଷିଣ: ପ୍ଲଟ୍ ନଂ.: ୧୬୪, ପୂର୍ବ: ପ୍ଲଟ୍ ନଂ.: ୧୬ର ଅବଶିଷ୍ଟ, ପଶ୍ଚିମ: ପ୍ଲଟ୍ ନଂ.: ୧୬୬ | ଟ.୧୯,୫୪,୮୦୦/- / ଟ.୧,୯୫,୫୦୦/- / ଟ.୧୯,୫୫୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |
| ୫. | **ଢେଙ୍କାନାଳ ମୁଖ୍ୟ ଶାଖା, ମୋ.: ୮୪୫୬୯୧୪୩୮୩ /** ଋଣଗ୍ରହୀତାମାନେ: ୧) ଶ୍ରୀ ବାବୁଲି ବେହେରା, ପିତା: ଶ୍ରୀ ସୁର ବେହେରା, ୨) ଶ୍ରୀମତୀ କଳ୍ପନା ବେହେରା, ସ୍ୱାମୀ: ଶ୍ରୀ ବାବୁଲି ବେହେରା, ଉଭୟଙ୍କ ଠିକଣା- ସା: ଚାଇଁପୁର ପଟଣା, ପୋ: ଗଦାଶିଳା, ଢେଙ୍କାନାଳ ସଦର, ପିନ୍ - ୭୫୯୦୨୫ / ବକେୟା ରାଶି: ତା.୩୦.୦୯.୨୦୨୫ରିଖ ସୁଦ୍ଧା ଟ.୪,୭୪,୬୫୧.୮୩ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ଶ୍ରୀ ବାବୁଲି ବେହେରା, ପିତା: ଶ୍ରୀ ସୁର ବେହେରାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୦୧/୨୪୯, ମ୍ୟୁଟେସନ୍ ଖାତା ନଂ.: ୨୦/୭୦, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, ମୌଜା: ଚାଇଁପୁର ପଟଣା, ତହସିଲ: ଢେଙ୍କାନାଳ ସଦର, ଥାନା: ଢେଙ୍କାନାଳ ସଦର, ଜିଲ୍ଲା: ଢେଙ୍କାନାଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଦିବାକର ସାହୁ, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୯୮, ପଶ୍ଚିମ: ରାସ୍ତା | ଟ.୧୨,୮୯,୪୫୦/- / ଟ.୧,୨୯,୦୦୦/- / ଟ.୧୨,୯୦୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡ଼ିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ଇ-ନିଲାମ ସୁଦ୍ଧା

ଇ-ନିଲାମ ତାରିଖ ଏବଂ ସମୟ : କ୍ର.ନଂ.: ୧ ରୁ ୪ ନିମନ୍ତେ ତା.୧୩.୦୨.୨୦୨୬ରିଖ ଏବଂ କ୍ର.ନଂ.: ୫ ନିମନ୍ତେ ତା.୨୭.୦୨.୨୦୨୬ରିଖ ମଧ୍ୟାହ୍ନ ୧୨:୦୦ ଘଟିକାରୁ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ (ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବ୍‌ସାଇଟ୍ : https://baanknet.com

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ବିଡ୍ ଦାଖଲ ଏବଂ ନିଲାମ ସମୟ ସମାପ୍ତି ପୂର୍ବରୁ ଅମାନତ ରାଶି ସମ୍ପତ୍ତି ଆଇଡି ସହିତ ଲିଙ୍କ୍ / ମ୍ୟାପ୍‌ଡ୍ କରି ଦାଖଲ କରିବେ

ସମ୍ପତ୍ତି ଏନକମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: https://baanknet.com & https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧)/୮(୬) ଅନୁଯାୟୀ ୧୫/୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧)/୮(୬) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: କଟକ, ତାରିଖ: ୨୨.୦୧.୨୦୨୬ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ମଙ୍ଗଲୁରୁ (କର୍ଣ୍ଣାଟକ)ରେ ଅବସ୍ଥିତ ଏକ କମ୍ପାନୀ ପାଇଁ ହେଲ୍ପରମାନଙ୍କର ଆବଶ୍ୟକତା ଅଛି। ଖାଦ୍ୟ ଏବଂ ରହିବା ସୁବିଧା ଦିଆଯିବ। ବେତନ: Rs.12,000/-.
ଯୋଗାଯୋଗ କରନ୍ତୁ: 8951619411

MagnetConnects
**JOB VACANCY**
Contact: +91 97008 02000/ +91 73770 61767
Address: Pramila Tower, Sishu Vihar, Patia, Behind Pantaloons, BBSR
• PROJECT MANAGER/ CO-ORDINATOR (Experience: 2 - 6 years)
• IT - LARAVEL DEVELOPER (Experience: 2 - 6 years)
• DATA ENTRY/ EXCEL (Basic Computer. Experience: 1 - 2 years)
• OFFICE BOY (Experience: 0 - 2 years)

See Career Appointment on every Wednesday & Saturday

**WANTED**
A reputed office requires
Junior Accountant, Personal Assistant, Experience Driver
Qualification: Preferable for Company Secretary, B.Tech, Diploma, C.A Course (Degree & Non Degree) for its Bhubaneswar Office.
8117889084, 9178181581

**ଖଡ଼ଗପୁର ମଣ୍ଡଳରେ ପାର୍କିଂ ଠିକା ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**
ଇ-ନିଲାମ ବିଜ୍ଞପ୍ତି ନଂ.: ସିଓଏମ୍/ଜି-୩୦/୨/ପାର୍କିଂ/ସିପିଆରଓ/୨୬/୦୨ ତାରିଖ: ୨୨|୦୧|୨୦୨୬
ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ପନ୍ତିହାଲ, ଖଡ଼ଗପୁର (ସାଉଥ୍/୨), ଗିଧନୀ, ମାଦପୁର, ବେନାପୁର ଓ ଅମର୍ଦା ରୋଡ୍‌ଠାରେ ଦୁଇଚକିଆ ପାର୍କିଂ ଲାଗି ପାର୍କିଂ ଲଟ୍ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି। ନିଲାମ କାଟାଲଗ୍ ନଂ.: ପାର୍କିଂ-କେଜିପି-୨୬-, ନିଲାମ ତାରିଖ: ୦୯|୦୨|୨୦୨୬। ନିଲାମ ଆରମ୍ଭ ସମୟ: ୧୧.୦୦ ଘଟିକା ଓ ସମାପ୍ତି ସମୟ: ୧୨.୨୦ ଘଟିକା, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି। ଆଗ୍ରହୀ ପକ୍ଷ ଓ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଇ-ନିଲାମ ବିଜ୍ଞପ୍ତିର ବିବରଣୀ ଓ ପ୍ରାସଙ୍ଗିକ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଯେକୌଣସି ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।
(PR-1097) ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର
**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସମ୍ବଳ ପରିଚାଳନା ବିଭାଗ
ପଣ୍ଡିତ ଜ. ନେ. ମାର୍ଗ, ଭୁବନେଶ୍ୱର - 751001
**ଟେଣ୍ଡର ବିଜ୍ଞପ୍ତି**
ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଏପ୍ରିଲ ୦୧, ୨୦୨୬ ରୁ ମାର୍ଚ୍ଚ ୩୧, ୨୦୨୭ (ଆହୁରି ବିସ୍ତାରଯୋଗ୍ୟ) ପର୍ଯ୍ୟନ୍ତ କାର୍ଯ୍ୟାଳୟର ବ୍ୟବହାର ପାଇଁ ଯାନ ଯୋଗାଇବା ନିମନ୍ତେ ପ୍ରତିଷ୍ଠିତ ତଥା ଅଭିଜ୍ଞ କାର ଏଜେନ୍ସି / କମ୍ପାନୀଗୁଡିକୁ ତାଲିକାଭୁକ୍ତ କରିବା ପାଇଁ ଇ- ନିବିଦା (ଦୁଇଭାଗ ବିଶିଷ୍ଟ) ଆମନ୍ତ୍ରଣ କରୁଛି | MSTC ପୋର୍ଟାଲରେ ଇ- ଟେଣ୍ଡର ଆବେଦନର ଶେଷ ତାରିଖ ମାର୍ଚ୍ଚ ୦୯, ୨୦୨୬ (ସୋମବାର) ୧୪:୦୦ ଘଣ୍ଟା ପର୍ଯ୍ୟନ୍ତ | ନିବିଦାର ଅଧିକ ବିବରଣୀ ପାଇଁ, ଦୟାକରି ଭାରତୀୟ ରିଜର୍ଭ ବ୍ୟାଙ୍କର ୱେବସାଇଟ (https://www.rbi.org.in) ରେ "ଟେଣ୍ଡର" ବିଭାଗ ପରିଦର୍ଶନ କରନ୍ତୁ ଏବଂ ନିବିଦା ଅପଲୋଡ୍ କରିବା ପାଇଁ ଦୟାକରି M S T C ୱେବସାଇଟ (www.mstcecommerce.com/eprocn) କୁ ଯାଇ ପଞ୍ଜିକରଣ କରନ୍ତୁ |
ଆଞ୍ଚଳିକ ନିର୍ଦ୍ଦେଶକ
ଭୁବନେଶ୍ୱର

**ବ୍ୟାଙ୍କ ଧର୍ମଘଟ ନେଇ ଅଚଳାବସ୍ଥା**

ଟିଟିଲାଗଡ଼,୨୭।୧(ଶରତ ମିଶ୍ର)ସପ୍ତାହକୁ ପାଞ୍ଚ ଦିନ କାର୍ଯ୍ୟ ଦିବସ ଦାବିରେ ବ୍ୟାଙ୍କ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସ୍ଥାନୀୟ ଅଞ୍ଚଳର ବ୍ୟାଙ୍କଗୁଡ଼ିକରେ ତାଲା ପଡ଼ିଥିବା ଦେଖିବାକୁ ମିଳିଛି । ତେବେ ବ୍ୟାଙ୍କ ବନ୍ଦ ଯୋଗୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ଜ୍ୟୋତିରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଅନେକ ବ୍ୟାଙ୍କ କର୍ମଚାରୀ ଟିଟିଲାଗଡ଼ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ସମ୍ମୁଖରେ ଧର୍ମଘଟ କରିଥିଲେ ।

## ସଂକ୍ଷେପରେ

### ୨ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ,୩ ଆହତ

ଲୋଇସିଂହା,୨୭।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ପଦ୍ମପୁର ରାସ୍ତାର ଲୋଇସିଂହା ସମ୍ବଲପୁରିଆପଡାଠାରେ ମଙ୍ଗଳବାର ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଲୋଇସିଂହା ଥାନା ଦୁମଦୁମି ଗ୍ରାମର ଭୁବନେଶ୍ୱର ପଶାୟତ(୫୦)ଙ୍କ ମୃତ୍ୟୁ ଘଟିଛି। ମୃତ ଭୁବନେଶ୍ୱରଙ୍କ ସ୍ତ୍ରୀ ମନ୍ଦା ଓ ନୂଆପଡା ଖରିଆରରୋଡର ୨ ଜଣ ବ୍ୟକ୍ତି ନରେନ ସିଂଦେଓ(୪୨) ଓ ମୁକେଶ ସିଂଦେଓ(୭୬) ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ଲୋଇସିଂହା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ବଲାଙ୍ଗୀର ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ଖବର ପାଇ ଲୋଇସିଂହା ପୋଲିସ ଦୁର୍ଘଟଣାଗ୍ରସ୍ତ ୨ ବାଇକ୍କୁ ଜବତ କରିବା ସହିତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ସୂଚନା ଅନୁଯାୟୀ, ଭୁବନେଶ୍ୱର ସ୍ତ୍ରୀ ମନ୍ଦାଙ୍କ ସହ ବାଇକ୍ରେ ଲୋଇସିଂହାରୁ ନିଜ ଗ୍ରାମ ଦୁମଦୁମିକୁ ଯାଉଥିଲେ । ଏହି ସମୟରେ ଖରିଆରରୋଡର ନରେନ ଓ ମୁକେଶ ଅନ୍ୟ ଏକ ବାଇକ୍ରେ ବିପରୀତ ଦିଗରୁ ଆସୁଥିଲେ । ତେବେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଉଭୟ ବାଇକ୍ରେ ଥିବା ୪ ଜଣ ବ୍ୟକ୍ତି ରାସ୍ତାରେ ଛିଟିକି ପଡିଥିଲେ। ଗୁରୁତର ଦମ୍ପତିଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଏବଂ ନରେନ ଓ ମୁକେଶଙ୍କୁ ଅଗ୍ନିଶମ ବାହିନୀ ପକ୍ଷରୁ ଉଦ୍ଧାର କରାଯାଇ ଲୋଇସିଂହା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଭୁବନେଶ୍ୱରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଲୋଇସିଂହା ଥାନାରେ ଏକ ମାମଲା ରୁଜୁ ହୋଇଛି।

### ସଡ଼କ ସୁରକ୍ଷା ସଚେତନତା ରାଲି

ଲାଠୋର,୨୭।୧(ଭୁବନେଶ୍ୱର ବାରିକ)

ଖପ୍ରାଖୋଲ ବ୍ଲକ ଲାଠୋର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ସାଧାରଣତନ୍ତ୍ର ଦିବସ ପ୍ରଧାନ ଆଚାର୍ଯ୍ୟ ଧନଞ୍ଜୟ ଦାସଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଭାରତୀୟ ସେନା ବାହିନୀରେ କାର୍ଯ୍ୟରତ ଲାଠୋର ଗ୍ରାମର ପଞ୍ଚାନନ ଧରୁଆ ଅତିଥି ଭାବରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସ୍କୁଲର କୋଷାଧ୍ୟକ୍ଷ ଆଶିଷ ଅଗ୍ରୱାଲ, ଏସଏମସି ସଦସ୍ୟା ସସ୍ମିତା ନାଏକ, ଗୀତାଞ୍ଜଳି ବରିହା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପରେ ଛାତ୍ରୀଛାତ୍ରମାନେ ହାତରେ ପ୍ଲାକାର୍ଡ ଧରି ରାଲିରେ ବାହାରି ଗ୍ରାମ ପରିକ୍ରମା କରିଥିଲେ। ସଡକ ସୁରକ୍ଷା ପାଇଁ ବାଇକ୍ ଚଳାଇବା ବେଳେ ହେଲେମେଟ ପିନ୍ଧିବା ସହ ମୋବାଇଲରେ କଥାବାର୍ତ୍ତା ନ ହେବାକୁ ସଚେତନ କରିଥିଲେ। କାର୍ଯକ୍ରମ ପରିଚାଳନା ଅମ୍ରିତ ଦାସ କରିଥିଲେ। ସେହି ପରି ସ୍ଥାନୀୟ ଜୟହିନ୍ଦ ପବ୍ଲିକ ସ୍କୁଲ ପରିସରରେ ଅଧ୍ୟକ୍ଷ ସୁବଳ ବାଗଙ୍କ ଅଧ୍ୟକ୍ଷତାରେ ସ୍କୁଲ ଚେୟାରମ୍ୟାନ ଶଙ୍କର ଲାଲ ଅଗ୍ରୱାଲ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ।

# ଦେଶର ଏକତା, ଅଖଣ୍ଡତା ରକ୍ଷା ଉପରେ ଗୁରୁତ୍ୱ

**୭୭ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ**



ବଲାଙ୍ଗୀର ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ଜିଲାପାଳ ଏବଂ ଏସ୍‌ପି ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି।

ବଲାଙ୍ଗୀର,୨୭।୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ମନୋହରପୁରସ୍ଥିତ ରିଜର୍ଭ ପୋଲିସ ପଡିଆଠାରେ ୭୭ତମ ବଲାଙ୍ଗୀର ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସୋମବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଜିଲାପାଳ ଗୌରୱ ଶିବାଜୀ ଇସଲୱାର ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଜିଲାର ସମସ୍ତ ସଂଗ୍ରାମୀ, ଶହୀଦ ଓ ବରପୁତ୍ରମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଜିଲାବାସୀଙ୍କୁ ୭୭ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ। ଜାନୁଆରୀ ୨୬ ତାରିଖ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ଐତିହାସିକ ଦିନ ବୋଲି କହିବା ସହ ସମସ୍ତ ସ୍ୱାଧୀନତା ସଂଗ୍ରାମୀ, ସମ୍ବିଧାନ ନିର୍ମାତା ତଥା ଦେଶର ଏକତା ଓ ଅଖଣ୍ଡତା ରକ୍ଷା ପାଇଁ ଜୀବନ ଉତ୍ସର୍ଗ କରିଥିବା ବୀର ଶହୀଦମାନଙ୍କୁ ସ୍ମରଣ କରିଥିଲେ। ମୁଖ୍ୟଅତିଥିଙ୍କ ଅଭିଭାଷଣ ପରେ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରି ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପରେଡରେ ସମୁଦାୟ ୪୩ଟି ଦଳ ଏବଂ ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ ସାମିଲ ହୋଇଥିଲା । ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନେ ଦେଶାତ୍ମବୋଧକ ନୃତ୍ୟ ପ୍ରଦର୍ଶନ କରିଥିଲେ। ରାଜ୍ୟ ତଥା ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ଖେଳାଳିଙ୍କୁ ମଧ୍ୟ ମୁଖ୍ୟଅତିଥି ସମ୍ମାନିତ କରିଥିଲେ। ସେହିପରି ଜିଲା ସମାଜ କଲ୍ୟାଣ ବିଭାଗ ଦ୍ୱାରା ଆୟୋଜିତ 'ବେଟି ବଚାଓ, ବେଟି ପଢାଓ' ଶୀର୍ଷକ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷା, କଳା ଓ ଖେଳରେ ଉତ୍ତମ ପ୍ରଦର୍ଶନ କରିଥିବା ଛାତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଚଳିତବର୍ଷ ବଡମାଲସ୍ଥିତ ଗୋଳାବାରୁଦ କାରଖାନା ଉଚ୍ଚ ବିଦ୍ୟାଳୟକୁ ସନ୍ଦିପନୀ ଗୁରୁକୁଳ ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ଆରକ୍ଷୀ ଅଧୀକ୍ଷକ ଅଭିଲାଷ ଜି, ଅତିରିକ୍ତ ଜିଲାପାଳ ଡ଼. ବିଜୟାନନ୍ଦ ସେଠୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତରୁଣୀ ସୁନା, ଉପଜିଲାପାଳ ଆଲୋକ କୁମାର ପଟେଲ, ପୌର ପରିଷଦର ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା ମୁଖ୍ୟଅତିଥିଙ୍କ ସହ ଉପସ୍ଥିତ ଥିଲେ। ଅପରାହ୍ନରେ ଗାନ୍ଧୀ ଷ୍ଟାଡିୟମଠାରେ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଖେଳାଯାଇଥିଲା । ଏହି ମ୍ୟାଚରେ ସାମ୍ବାଦିକ ଏକାଦଶ ଦଳ ବିଜୟୀ ଏବଂ ଜିଲାପାଳ ଏକାଦଶ ରନର୍ସ ଅପ୍ ହୋଇଥିଲେ।

## ବଲାଙ୍ଗୀରର ଏସ୍‌ବିଆଇ ମୁଖ୍ୟ ଶାଖା ଆଗରେ ଧାରଣା

ବଲାଙ୍ଗୀର,୨୭।୧(ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ଏସବିଆଇ ମୁଖ୍ୟ ଶାଖା କାର୍ଯ୍ୟାଳୟରେ ବ୍ୟାଙ୍କ କର୍ମଚାରୀମାନେ ।

ବ୍ୟାଙ୍କ ୟୁନିଅନଗୁଡ଼ିକ ପକ୍ଷରୁ ଧର୍ମଘଟ ଘୋଷଣା କରାଯିବା ପରେ ମଙ୍ଗଳବାର ବଲାଙ୍ଗୀର ଏସବିଆଇ ମୁଖ୍ୟ ଶାଖା ସମ୍ମୁଖରେ ଧର୍ମଘଟ ଦେଖିବାକୁ ମିଳିଛି। ୯ଟି ବ୍ୟାଙ୍କ ୟୁନିଅନ ଏବଂ ସଙ୍ଗଠନର ଏକ ଗୋଷ୍ଠୀ ୟୁନାଇଟେଡ୍ ଫୋରମ ଅଫ୍ ବ୍ୟାଙ୍କ ୟୁନିଅନ (ୟୁଏଫ୍‌ବିୟୁ) ଦ୍ୱାରା ଏହି ଧର୍ମଘଟ ଡାକରା ଦିଆଯାଇଥିଲା। ମୁଖ୍ୟ ଦାବି ମଧ୍ୟରେ ପାଞ୍ଚ ଦିନିଆ କାର୍ଯ୍ୟ ସପ୍ତାହ କାର୍ଯ୍ୟକାରୀ କରିବା, ଅର୍ଥାତ ବ୍ୟାଙ୍କଗୁଡ଼ିକରେ ଶନିବାର ଏବଂ ରବିବାର ଦୁଇ ଦିନ ଛୁଟି ରହିବା ନେଇ ଦାବି କରାଯାଇଛି। ସଂଘ ପକ୍ଷରୁ ଧର୍ମଘଟ ଆରମ୍ଭ ହୋଇଥିବା ଘୋଷଣା କରାଯାଇ ଦାବି ପୂରଣ ଦିଗରେ ସରକାର କୌଣସି ନିଷ୍ପତ୍ତି ନ ନେଲେ ଆଗକୁ ଆହୁରି ବଡ଼ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସୋମବାର ୫ ପାଞ୍ଚ ଦିନିଆ ବ୍ୟାଙ୍କ କାର୍ଯ୍ୟଦିବସ ଦାବି ନେଇ ଭାରତ ବ୍ୟାପି ଧର୍ମଘଟ କରାଯାଇଥିଲା। ଏଥିରେ ବଲାଙ୍ଗୀରର ସମସ୍ତ ବ୍ୟାଙ୍କ କର୍ମଚାରୀ ବଲାଙ୍ଗୀର ଏସବିଆଇ ମୁଖ୍ୟ ଶାଖା ସମ୍ମୁଖରେ ଧାରଣା ଦେଇଥିଲେ । ଏହି ଧାରଣାକୁ ୟୁଏଫ୍‌ବିୟୁ ବଲାଙ୍ଗୀର ଆବାହକ ରୋହିତ ଶତପଥୀଓ ଏସବିଆଇ ବଲାଙ୍ଗୀର ଆଞ୍ଚଳିକ ସମ୍ପାଦକ ରୂପେଶ ଦଳେଇ ପରିଚାଳନା କରିଥିଲେ । ଏହି ଧର୍ମଘଟ ଆୟୋଜନରେ ଆଲୋକ ରଞ୍ଜନ, ସୁଚିସ୍ମିତା ନାଏକ, ନିବୃତ ବହିଦାର, ସୁରେଶ ସେଠ, ରଞ୍ଜିତ ଡୋଗ୍ରା, ଦେବବ୍ରତ ପତି, ଶିବରାମ ସାହୁ, ଜିତେନ୍ଦ୍ର ନାଏକ, ବିକାଶ ସେନାପତି ଓ ଅନ୍ୟମାନେ ସହଯୋଗ କରିଥିଲେ।

## ସମସ୍ତଙ୍କ ପାଇଁ ଶିକ୍ଷା ନାରା ଦେଇ ଗଣଦୌଡ଼

ବଲାଙ୍ଗୀର,୨୭।୧(ବୀରେନ୍ଦ୍ର କୁମାର ଝାଙ୍କର)




ମିନି ମାରାଥନ୍‌ରେ ଅଂଶଗ୍ରହଣ କରିଥିବା ବିଭିନ୍ନ ସଙ୍ଗଠନର ପ୍ରତିନିଧି।

ଭୁବନେଶ୍ୱର କିଟ୍ ଓ କିସ୍ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ସମସ୍ତଙ୍କ ପାଇଁ ଶିକ୍ଷା ନାରା ଦେଇ ବଲାଙ୍ଗୀରରେ ଗଣଦୌଡର ଆୟୋଜନ କରାଯାଇଥିଲା। ବଲାଙ୍ଗୀର ଆରଟିଓ ପଡିଆରୁ ବାହାରି ଥିବା ଏହି ମିନି ମାରାଥନ୍ ତୁଳସୀ ନଗର, ସାଲେପାଲି ଛକ, ବିଏସଏନଏଲ ଅଫିସ ଛକ ଓ ବସ ଟର୍ମିନାଲ ଦେଇ କିସ କ୍ୟାମ୍ପସରେ ପହଞ୍ଚି ଥିଲା । ବଲାଙ୍ଗୀର କିସ୍ କ୍ୟାମ୍ପସ୍‌ରେ ଅନୁଷ୍ଠିତ ଉଦଯାପନୀ ସଭାରେ ପୌରାଧ୍ୟକ୍ଷା ଲିକା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ସଭାରେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଦୀପ ପାତ୍ର, ଜିଲା କ୍ରୀଡା ଅଧିକାରୀ ପରାଶର ବାଗ, କିସ୍ ପରିଚାଳନା କମିଟି ଅଧ୍ୟକ୍ଷ ପ୍ରମୋଦ କୁମାର ସାହୁ, ଆଇନଜୀବୀ ପ୍ରିୟରଞ୍ଜନ ବହିଦାର ମଞ୍ଚାସୀନ ଥିଲେ। ଚିତ୍ତ ରଞ୍ଜନ ମିଶ୍ର ସଭା ପରିଚାଳନା କରିଥିଲେ। କିସ୍ ଏସିଇଓ ରାଜ କୁମାର ପୂଜାରୀ ଓ ସ୍କୁଲ ପ୍ରଧାନ ଶିକ୍ଷକ ଆକାଶ ମିଶ୍ର ଅତିଥିଙ୍କୁ ସ୍ୱାଗତ କରିଥିଲେ। କିସ୍ ଓ କିଟ ପକ୍ଷରୁ ୨୦୧୬ ମସିହାରୁ ପ୍ରତିବର୍ଷ ମାରାଥନ ଆୟୋଜନ କରାଯାଉଛି । ଚଳିତବର୍ଷ ବଲାଙ୍ଗୀର ସମେତ ରାଜ୍ୟର ୩୨ଟି ସ୍ଥାନରେ ମାରାଥନ ଆୟୋଜନ କରାଯାଇଥିଲା। ଏଭଳି ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ କିସ୍ ଓ କିଟ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଯାଇଥିଲା। ମିନି ମାରାଥନରେ ବଲାଙ୍ଗୀର ଜିଲା ସ୍ପୋର୍ଟସ୍ ହଷ୍ଟେଲ, ମହିଳା କ୍ରିକେଟ ସଂଘ, ବଲାଙ୍ଗୀର ପୋଲିସ, ହୋମଗାର୍ଡ, ଜିଲା କ୍ରୀଡା ଶିକ୍ଷକ ସଂଘ, ଜିଲା ଭଲିବଲ ଖେଳାଳି ସଂଘ ଓ ଅନ୍ୟ ସଂଗଠନ ସଦସ୍ୟ ସାମିଲ ହୋଇଥିଲେ।

## ସ୍ମାର୍ଟ ମିଟର ସ୍ଥାପନକୁ ବିରୋଧ

**ପ୍ରତିବାଦ କଲେ ମହିଳା, ପଛଘୁଞ୍ଚା ଦେଲେ କର୍ମଚାରୀ**

ଲୋଇସିଂହା,୨୭।୧(ସୁଶାନ୍ତ ବାରିକ)

ସ୍ମାର୍ଟ ମିଟରକୁ ନେଇ ସବୁଠି ତାତି ଦେଖିବାକୁ ମିଳିଛି । ବଲାଙ୍ଗୀର ଜିଲା ଲୋଇସିଂହା ବିଦ୍ୟୁତ୍ ବିଭାଗ ପକ୍ଷରୁ ଲୋଇସିଂହା ସହର ନୂଆପଡା ବସ୍ତିରେ ସ୍ମାଟ ମିଟର ସ୍ଥାପନ ପାଇଁ ଯାଇଥିବା ବିଭାଗୀୟ କର୍ମଚାରୀଙ୍କୁ ବସ୍ତିର ମହିଳା ତଡି ଦେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ଧାନମଣ୍ଡିରେ ଅବ୍ୟବସ୍ଥା, ଟୋକନ କଟନି ଛଟନି , ସ୍ମାର୍ଟ ମିଟର, ପ୍ରଦୂଷଣ ଆଳରେ ଗାଡି ମୋଟର ଧରପଗଡ ପ୍ରତିବାଦରେ ବୁଧବାର ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ଏହାପୂର୍ବରୁ ଲୋଇସିଂହା ସହରର ନୂଆପଡା ବସ୍ତିର ମହିଳାମାନେ ସ୍ମାର୍ଟ ମିଟର ସ୍ଥାପନକୁ ବିରୋଧ କରଥିବା ଜଣାପଡିଛି । ବିଦ୍ୟୁତ୍ ବିଭାଗ ପକ୍ଷରୁ ନୂଆପଡା ବସ୍ତିର ଉପଭୋକ୍ତାଙ୍କ ଘରେ ସାଧାରଣ ମିଟରକୁ ହଟାଇ ସ୍ମାର୍ଟ ମିଟର ସ୍ଥାପନ ପାଇଁ ଯୋଜନା ରହିଥିଲା । ଗତ ରବିବାର କେତେଜଣ ବିଭାଗୀୟ କର୍ମଚାରୀ ନୂଆପଡା ବସ୍ତି ଅଭିମୁଖେ ଯାଉଥିବା ବସ୍ତିର ମହିଳାମାନେ ଜାଣିବାକୁ ପାଇଥିଲେ । ଏହାପରେ ମହିଳାମାନେ ଏକତ୍ରିତ ହୋଇ ସ୍ଥାନୀୟ ରେଳ ଫାଟକଠାରେ ସମ୍ପୃକ୍ତ କର୍ମଚାରୀଙ୍କୁ ଅଟକାଇ ପ୍ରତିବାଦ କରିଥିଲେ । କିନ୍ତୁ କର୍ମଚାରୀମାନେ ବିଭାଗୀୟ ନିର୍ଦ୍ଦେଶ ଅଛି କହି ମହିଳାଙ୍କ ସହ ଯୁକ୍ତିତର୍କ କରିଥିଲେ । ମହିଳାମାନେ ମଧ୍ୟ ଜିଦରେ ଅଟଳ ରହି କର୍ମଚାରଙ୍କୁ ବସ୍ତି ମଧ୍ୟକୁ ଛାଡି ନ ଥିଲେ । ଖବର ପାଇ ବିଭାଗର ସୁପରଭାଇଜର ଘଟଣାସ୍ଥଳକୁ ଆସି ମହିଳାଙ୍କ ସହ ଆଲୋଚନା କରିଥିଲେ। ତେବେ କୌଣସି ପରିସ୍ଥିତିରେ ବି ବସ୍ତିର ଗୋଟିଏ ଘରେ ମଧ୍ୟ ସ୍ମାର୍ଟ ମିଟର ଲଗାଇବାକୁ ଦିଆଯିବ ନାହିଁ କହିବା ପରେ ସୁପର ଭାଇଜର ଓ କର୍ମଚାରୀ ପଛଘୁଞ୍ଚା ଦେଇ ଫେରି ଯାଇଥିବା ଜଣାପଡିଛି ।

## ବିକଶିତ ଭାରତ ଗଠନ ପାଇଁ ଆଗେଇ ଆସିବାକୁ ଆହ୍ୱାନ

**ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ**




ଖପ୍ରାଖୋଲ,୨୭।୧(ଅଭୟ ତ୍ରିପାଠୀ)

ସୋମବାର ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମଠାରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ସୋମବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ, ଅତିରିକ୍ତ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ଥାନା ଅଧିକାରୀ ନରେନ୍ଦ୍ର ଛତର, ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ସରପଞ୍ଚ ବେଟିଖାଇ ସେନ୍ଦ୍ରିଆ, ବ୍ଲକ ଅଗ୍ନିଶମ ଅଧିକାରୀ ଜୟ ଗୋପାଳ ପଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ଷଡଙ୍ଗୀ ବିକଶିତ ଭାରତ ଗଠନ ପାଇଁ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ। ଛାତ୍ରୀଛାତ୍ର ମାନେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମେ ଛାତ୍ରୀଛାତ୍ରମାନେ ପରେଡ କରିଥିଲେ। ସୁଶିଲ କୁମାର ଗୁରୁ, ଦେବକାନ୍ତ ପାଣିଗ୍ରାହୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜକିଶୋର ନାଏକ, ସିଡ଼ିପିଓ ଅମିତା ପଣ୍ଡା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍କ ବିଭାର, ସହକାରୀ ଯନ୍ତ୍ରୀ ସୂର୍ଯ୍ୟଭାନୁ ମେହେର, ମନୋଜ ସାହୁ, ରାମାନନ୍ଦ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ଡ. ଅଭୟ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପରମେଶ୍ୱର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବ୍ଲକ କାର୍ଯ୍ୟାଳୟରେ ଅଧ୍ୟକ୍ଷା ନିରୂପମା ପଟେଲ, ଥାନାରେ ଥାନା ଅଧିକାରୀ ନରେନ୍ଦ୍ର ଛତର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ଼ାକ୍ତର ସୁରଜ ଦୀପ, ବନବିଭାଗ କାର୍ଯ୍ୟାଳୟରେ ଏସିଏଫ ତଥା ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ, କୃଷି କାର୍ଯ୍ୟାଳୟରେ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ଭାଜପା କାର୍ଯ୍ୟାଳୟରେ ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା ଜାତୀୟ ପତାକା ଉତ୍ତୋଳନ କରିଥିଲେ।

ଟିଟିଲାଗଡ଼,(ଶରତ ମିଶ୍ର)

ସୋମବାର ଟିଟିଲାଗଡ ବାଳକ ଉଚ୍ଚ ବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଉପଜିଲାପାଳ ପଦ୍ମନାଭ ସାମନ୍ତରାୟ ମୁଖ୍ୟଅତିଥି ଭାବରେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ସମ୍ମିଳିତ ପରେଡକୁ ଉଦ୍‌ବୋଧନ ଦେଇ ସେ କହିଥିଲେ ଯେ, ଭାରତ ଇଞ୍ଜିନିୟର, ଡକ୍ଟର ଓ ବିଭିନ୍ନ ପଦାଧିକାରୀ ସୃଷ୍ଟି କରିବା ଦିଗରେ ପଦକ୍ଷେପ ନେଉଥିବା ବେଳେ ପାକିସ୍ତାନ କେବଳ ଆତଙ୍କବାଦୀ ସୃଷ୍ଟି କରିବାରେ ବ୍ୟସ୍ତ ଅଛି। ଏହି ଅବସରରେ ସେ ଦେଶର ଅଖଣ୍ଡତା ଓ ସୁରକ୍ଷା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ପରେଡରେ ୨୫ଟି ଦଳ ଭାଗ ନେଇଥିଲେ। ଶେଷରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସେହିପରି ଭାଜପା, ବିଜେଡ଼ି ଓ କଂଗ୍ରେସ ଦଳ ପକ୍ଷରୁ ନିଜ ନିଜ ଦଳୀୟ କାର୍ଯ୍ୟାଳୟଠାରେ ପତାକା ଉତ୍ତୋଳନ କରାଯାଇ ଥିଲା।

କଣ୍ଟାବାଞ୍ଜି,(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ପୌରାଞ୍ଚଳ ପକ୍ଷରୁ ୭୭ତମ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ରେଳ ୱେ ଫୁଟବଲ ଗ୍ରାଉଣ୍ଡରେ ଧୁମ ଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେଡରେ ଅଭିବାଦନ ଗ୍ରହଣ କରି ମୁଖ୍ୟଅତିଥି ବାଗ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଉପରେ ସୂଚନା ଦେଇଥିଲେ । ଏହି ଅବସରରେ ଏନଏସି ଦ୍ୱାରା ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ଓ ପରେଡରେ ଅଂଶଗ୍ରହଣ କରି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ଦଳ, ସାଂସ୍କୃତିକ ଦଳ ସହ ବିଭିନ୍ନ କ୍ଷେତ୍ରରେ କଣ୍ଟାବାଞ୍ଜିର ଗୌରବ ଆଣିଥିବା ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ସମ୍ମାନିତ ଅତିଥି ଭାବେ ନଗରପାଳ ବରିୟାମ ସିଂହ ସାଲୁଜା, ଉପ ନଗରପାଳ ମନୋରମା ରାଉତ, ନିର୍ବାହୀ ଅଧିକାରୀ ଛବି ପୋଢ଼ ଯୋଗ ଦେଇଥିଲେ। କୃପାସିନ୍ଧୁ ସା ଓ ସହଯୋଗୀ ଡୋଲେଶ୍ୱରି ସାହୁ, ପ୍ରିୟମ୍ବି ବାଗ, ଏ. ଅଗ୍ରୱାଲ, ଜିତେନ୍ଦ୍ର ସୁନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କଣ୍ଟାବାଞ୍ଜି ଥାନାଧିକାରୀ ଗୋପାଳ କର୍ଣ୍ଣଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀ ସହଯୋଗ କରିଥିଲେ।

## ବାଣିଜ୍ୟ ଦଳକୁ ହରାଇ କଳା ଦଳ ଚାମ୍ପିୟନ

ଲାଠୋର,୨୭।୧(ଭୁବନେଶ୍ୱର ବାରିକ)



ଯୁକ୍ତ ୨ କଳା କ୍ରିକେଟ ଚାମ୍ପିୟନ ଦଳ ।

**ଯୁକ୍ତ ୨ କ୍ରିକେଟ କପ୍ ଉଦ୍‌ଯାପିତ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ପ୍ରଥମ ଆନ୍ତଃଶ୍ରେଣୀ ଯୁକ୍ତ ୨ କ୍ରିକେଟ କପ୍ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଫୁଲଝର ଖେଳପଡିଆରେ ଯୁକ୍ତ ୨ ବାଣିଜ୍ୟ ଏବଂ କଳା ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟ ଅଧ୍ୟକ୍ଷ ବଳଭଦ୍ର ଦାଶ ଅତିଥି ଭାବେ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଯୁକ୍ତ ୨ କଳା ଦଳ ଟସ୍ ଜିଣି ପ୍ରଥମେ ବୋଲିଂ କରିଥିଲେ। ଯୁକ୍ତ ୨ ବାଣିଜ୍ୟ ଦଳ ବ୍ୟାଟିଂ କରି ୧୨.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୩୮ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ମଳୟ ସୁନା ୩୫ ବଲରେ ସର୍ବାଧିକ ୬୪ ରନ କରିଥିଲେ। ଜବାବରେ ଯୁକ୍ତ ୨ କଳା ଦଳ ବ୍ୟାଟିଂ କରି ୧୨.୩ ଓଭରରେ ୪ ଉଇକେଟ ହରାଇ ୧୪୧ ରନ ସଂଗ୍ରହ କରି ବିଜୟୀ ହୋଇଥିଲେ । ବିଜୟୀ ଦଳର ବବୁଲୁ ମେହେରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା । ଅଧ୍ୟାପକ କମଳ ସୁନା ଏବଂ ଗ୍ରନ୍ଥାଗାରିକ ଗଙ୍ଗାଧର ଭଇଁସାଲ ଖେଳ ପରିଚାଳନା କରିଥିଲେ। ଅଧ୍ୟାପକ ସତ୍ୟ ଶରଣ ସାହୁ ଏବଂ ଡିଇଓ ଶିବରାଜ ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଆସନ୍ତା ୩ ତାରିଖରେ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ବିଜୟୀ ଦଳକୁ ପୁରସ୍କୃତ କରାଯିବ ବୋଲି ଅଧ୍ୟକ୍ଷ ସୂଚନା ଦେଇଛନ୍ତି। ସମସ୍ତ ଅଧ୍ୟାପକ ଏବଂ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବଲାଙ୍ଗୀର,୨୭।୧(ବୀରେନ୍ଦ୍ର କୁମାର ଝାଙ୍କର)



ସ୍ମାରକୀ ଫୁଟ୍‌ବଲ ଉଦ୍‌ଘାଟନୀ ମ୍ୟାଚ୍‌ରେ ଉଭୟ ଦଳର ଖେଳାଳିଙ୍କ ସହ ଅତିଥି ଓ ଆୟୋଜକ।

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ମଙ୍ଗଳବାର ସର୍ବଭାରତୀୟ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି । ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇଥିଲେ। ଉଦ୍‌ଘାଟନୀ ଦିନ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚ୍‌ରେ କୁଚିଣ୍ଡା ଏଫ୍‌ସି ଓ ବଲାଙ୍ଗୀରର ମହାରାଜା-୧୧ ମଧ୍ୟରେ ମୁକାବିଲା ହୋଇଥିଲା । ଏଥିରେ କୁଚିଣ୍ଡା ଦଳ ୨-୧ ଗୋଲରେ ବିଜୟୀ ହୋଇଥିଲେ। ଏହି ଖେଳକୁ ଦେବାଶିଷ ବାଗ, ସୁଦର୍ଶନ ସେଠ, ସୁଶାନ୍ତ ନାଗ ଓ ଦୋଳଗୋବିନ୍ଦ ମୁଣ୍ଡା ପରିଚାଳନା କରିଥିଲେ । ପ୍ରଥମ ଖେଳରେ କୁଚିଣ୍ଡା ଦଳର କରନ କୁଜୁର ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ ସ୍ପୋର୍ଟସ୍ ହଷ୍ଟେଲ ଫୁଲବାଣୀ ଓ ଅଲଣ୍ଡା ଏଫ୍‌ସି ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ରୋମାଞ୍ଚକର ଦେଢଘଣ୍ଟାର ଖେଳ ପରେ ମଧ୍ୟ କେହି କାହାକୁ ଗୋଲ ସ୍କୋର କରି ପାରିନଥିଲେ। ଟାଇବ୍ରେକର ସଡନଡେଥ୍ ଜରିଆରେ ସ୍ପୋର୍ଟସ୍ ହଷ୍ଟେଲ ଫୁଲବାଣୀ ଦଳ ବିଜୟୀ ହୋଇଥିଲେ । ଖେଳକୁ ଦୋଳଗୋବିନ୍ଦ ମୁଣ୍ଡା, ବିକି ବିଶି, ସଞ୍ଜୀବ କୁମାର କୁଦେଇ ଓ ନରସିଂସ୍ୱାମୀ ନାଇଡୁ ପରିଚାଳନା କରିଥିଲେ । ଦ୍ୱିତୀୟ ଖେଳରେ ଫୁଲବାଣୀ ଦଳର ଗୋଲକିପର ରମେଶ ହମ୍ବ୍ରମ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ । ଅନ୍ୟତମ ଅତିଥି ଭାବେ ଫାଓ ସଭାପତି ଡ. ଶ୍ରୀକର ମିଶ୍ର, କ୍ରୀଡା ସଂସଦ ସାଧାରଣ ସମ୍ପାଦକ ହରି ନାରାୟଣ ପୂଜାରୀ, ଟୁର୍ନାମେଣ୍ଟର କାର୍ଯ୍ୟକାରୀ ସଭାପତି ବିଧୁଭୂଷଣ ତ୍ରିପାଠୀ, ଉପସଭାପତି ଶମ୍ଭୁ ପ୍ରସାଦ ନାଗ, ସମ୍ପାଦକ ସାଗର ସଙ୍ଗମ ଶତପଥୀ ଉପସ୍ଥିତ ଥିଲେ । ଏହି ଅବସରରେ ବଲାଙ୍ଗୀର ବିଧାୟକ ତଥା ଜାତୀୟ ରାଇଫଲ ଆସୋସିଏଶନର ସଭାପତି କଳିକେଶ ନାରାୟଣ ସିଂଦେଓଙ୍କୁ ଜିଲା କ୍ରୀଡା ସଂସଦ ପକ୍ଷରୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ମ୍ୟାଚ କମିଶନର ଶରତ କୁମାର ନନ୍ଦଙ୍କ ତତ୍ତ୍ୱାବଧାନରେ ଖେଳ ପରିଚାଳନା ହୋଇଥିଲା । ହେମନ୍ତ କୁମାର ବେହେରା ସଭା ପରିଚାଳନା କରିଥିଲେ। ବୁଧବାର ସ୍ପୋର୍ଟସ୍ ହଷ୍ଟେଲ ଫୁଲବାଣୀ ଓ କୁଚିଣ୍ଡା ଏଫ୍‌ସି ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

## ସଂକ୍ଷେପରେ

### ସାଧାରଣତନ୍ତ୍ର ଦିବସ ସମାରୋହରେ ବିନିକା ଏନ୍ଏସି ପୁରସ୍କୃତ

ବିନିକା,୨୭।୧(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ସମାରୋହରେ ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପୁରସ୍କୃତ ହୋଇଛି। ଉନ୍ନୟନ, ପରିମଳ, ଆବାସ ଗୃହ ବଣ୍ଟନ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ଜିଲାପାଳ ଡ଼ ନୃପରାଜ ସାହୁ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ଭୋଇଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିଛନ୍ତି। କାର୍ଯ୍ୟନିର୍ବାହୀ ଅଧିକାରୀ ଭୋଇ ସମସ୍ତ ଶ୍ରେୟ ପରିଷଦର ନଗରପାଳ, ଉପନଗରପାଳ, ସମସ୍ତ କାଉନସିଲର ଓ କର୍ମଚାରୀଙ୍କୁ ଦେଇଛନ୍ତି।

### ମାହେଶ୍ୱରୀ କ୍ରିକେଟ୍: ଅନ୍ତର୍ଡା ଚାମ୍ପିୟନ

ବିନିକା,୨୭।୧(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଭଣ୍ଡାର ପଞ୍ଚାୟତ ଗୁଲୁଣ୍ଡା ଗ୍ରାମର ମା' ମାହେଶ୍ୱରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ କୁସୁମ ଖେଳ ପଡିଆରେ ପାଞ୍ଚ ଦିନ ଧରି ଚାଲିଥିବା ଚତୁର୍ଥ ମା' ମାହେଶ୍ୱରୀ କ୍ରିକେଟ ମ୍ୟାଚ ସୋମବାର ଉଦ୍ଯାପିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ଅନ୍ତର୍ଡା ଓ ଭଣ୍ଡାର ମଧ୍ୟରେ ହୋଇଥିଲା। ଅନ୍ତର୍ଡା ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୧୦୫ ରନ କରିଥିଲା। ଜବାବରେ ଭଣ୍ଡାର ଦଳ ୮ ଓଭରରେ ୮୦ ରନ କରି ପରାସ୍ତ ହୋଇଥିଲା। ଉଦ୍ଯାପାନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିନିକା ଫରେଷ୍ଟର ବନମାଳୀ ପାଣ୍ଡେ, ସମ୍ମାନିତ ଅତିଥିଭାବେ ଦିଲ୍ଲୀପ ପଧାନ, କମ୍ପୁପାଣି ପୂଝାରୀ, ଅକ୍ଷୟ ଖେତି, ପିଣ୍ଟୁ ସେଠୀ, ପ୍ରମୁଖ ଯୋଗଦେଇ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ସହ ପୁରସ୍କୃତ କରିଥିଲେ।

### ନାଟ୍ୟ କଳାକାରଙ୍କ ପରଲୋକ

ବୀରମହାରାଜପୁର,୨୭।୧(ଯୁଗଳ କିଶୋର ମିଶ୍ର)


ଶମ୍ଭୁ ପ୍ରସାଦ ପଣ୍ଡା।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତ ଅନ୍ତର୍ଗତ ବୁଠିପଦର୍ ଗାଁର ଅବସରପ୍ରାପ୍ତ ଜଳସମ୍ପଦ ବିଭାଗ କର୍ମଚାରୀ ତଥା ନାଟ୍ୟ କଳାକାର ଶମ୍ଭୁ ପ୍ରସାଦ ପଣ୍ଡାଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୯ ବର୍ଷ ହୋଇଥିଲା। ହରିହର ଯୋର ଡ୍ୟାମ ଆରମ୍ଭ ସମୟରେ ସେ ଏନେମାରରେ ଜଣେ ସରକାରୀ କର୍ମଚାରୀଭାବେ କାର୍ଯ୍ୟ କରି ସୁକଦେଲ ବଲାଙ୍ଗୀରରୁ କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ। ଏଥିସହିତ ରାମଲୀଳା ନାଟ୍ୟ କଳାକାରଭାବେ ବିଭିନ୍ନ ଭୂମିକାରେ ଅଭିନୟ କରି ଲୋକଙ୍କ ପ୍ରିୟ ଭାଜନ ହୋଇ ପାରିଥିଲେ। ସୋମବାର ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ସୋନପୁରକୁ ଚିକିତ୍ସା ପାଇଁ ନେଉଥିବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ଶେଷ କୃତ୍ୟ ନିଜ ପୈତୃକ ଗ୍ରାମ ବୁଠିପଦର୍ ଗାଁ ଶ୍ମଶାନରେ କରାଯାଇଛି। ବଡ ପୁଅ ଜିଲୁ ପଣ୍ଡା ମୁଖାଗ୍ନି ଦେଇଥିଲେ।

# ମହିଳା, ଚାଷୀଙ୍କ ସମୃଦ୍ଧିରେ ଜିଲାର ବିକାଶ

ସୋନପୁର,୨୭।୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁରରେ ୭୭ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ସହରର ରାମେଶ୍ୱର ଷ୍ଟାଡିୟମରେ ଆୟୋଜିତ ଜିଲାସ୍ତରୀୟ ପରେଡ୍ର ମୁଖ୍ୟ ଅତିଥିଭାବରେ ଜିଲାପାଳ ଡ. ନୃପରାଜ ସାହୁ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ।

ଜିଲାପାଳ ଜିଲାବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ ଦେଶ ଗଠନ, ସ୍ୱାଧୀନତା ଆନ୍ଦୋଳନ ଓ ଗଡଜାତ ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମହାପୁରୁଷଙ୍କ ଅବଦାନକୁ ମନେ ପକାଇଥିଲେ। ମହିଳା ଓ ଚାଷୀଙ୍କ ସମୃଦ୍ଧିରେ ହିଁ ରାଜ୍ୟ ଓ ସୁବର୍ଣ୍ଣପୁର ଜିଲାର ପ୍ରଗତି ସମ୍ଭବ। ରାଜ୍ୟ ସରକାର ସେ ଦିଗରେ କାମ କରୁଥିବା ଜିଲାପାଳ କହିଥିଲେ। ଦେଶର ସମ୍ବିଧାନକୁ ସମ୍ମାନ ଦେବା, ଚାଷୀ, ଶ୍ରମିକ, ମହିଳା ଓ ସମାଜର ସବୁବର୍ଗର ବିକାଶ ହିଁ ପ୍ରକୃତ ଗଣତନ୍ତ୍ର। ସୁବର୍ଣ୍ଣପୁର କୃଷି, ହସ୍ତତନ୍ତରେ ସଫଳତା ପାଇଥିବା ବେଳେ କଳା, ସଂସ୍କୃତି କ୍ଷେତ୍ରରେ ବେଶ ସମୃଦ୍ଧ। ଜିଲାର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଐତିହ୍ୟ ଓ କଳାର ବିକାଶ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପାତାଳି ଶ୍ରୀକ୍ଷେତ୍ର, ଖଲିଆପାଲି ସ୍ଥିତ ଭୀମଭୋଇଙ୍କ ସମାଧି ପୀଠ ଓ ପର୍ଯ୍ୟଟନର ବିକାଶ ନେଇ ମତବ୍ୟକ୍ତ କରିବା ସହ ଏକ ସମୃଦ୍ଧ ସୁବର୍ଣ୍ଣପୁର ଗଠନ କରିବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ। ଏହି ଅବସରରେ



ଜିଲାପାଳ ଡ. ନୃପରାଜ ସାହୁ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି।

ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

ସରକାରଙ୍କ ମହିଳାଙ୍କ ସମୃଦ୍ଧି ପାଇଁ ସୁଭଦ୍ରା ଯୋଜନା, ଚାଷୀଙ୍କୁ ଧାନ କୁଇଣ୍ଟାଲ ପ୍ରତି ୩୧୦୦ଟଙ୍କା ପ୍ରଦାନ, ଗୋପାଳଜୀ ମନ୍ଦିରରୁ ଚୋରି ହୋଇଥିବା ପ୍ରାଚୀନ ମୂର୍ତ୍ତି ୪୨ ବର୍ଷ ପରେ ପୁଣି ଫେରି ଆସିବା ସମ୍ପର୍କରେ ଜିଲାପାଳ ବକ୍ତବ୍ୟ ରଖିଥିଲେ। ପ୍ରତ୍ୟୁଷରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାମଧୁନ ଗାନ କରାଯିବା ସହ ସହରରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନ, ଯୁବକ ସଂଘ, ବରିଷ୍ଠ ନାଗରିକ, ଜିଲା ବ୍ୟବସାୟୀ ସଂଘ, ବାପୁଜୀ କ୍ଲବ ଏବଂ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଭାତ ଫେରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ସହରରେ ଥିବା ବରପୁତ୍ରଙ୍କୁ ମାଲ୍ୟାର୍ପଣ କରା ଯାଇଥିଲା। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି, ଅଞ୍ଜଳିନା ପ୍ରଧାନ, ଅତିରିକ୍ତ ଏସ୍‌ପି କେ କେ ହରିପ୍ରସାଦ, ଉପଜିଲାପାଳ ଡ. ସୌମ୍ୟାରୂପା ରଥଙ୍କ ସମେତ ଜିଲାର ବରିଷ୍ଠ ଅଧିକାରୀ, ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ରିଜର୍ଭ ଇନ୍ସପେକ୍ଟର କାହ୍ନୁଚରଣ ମାରାଣ୍ଡି ପ୍ୟରେଡ୍ ପରିଚାଳନା କରିଥିବା ବେଳେ ସର୍ଜେଣ୍ଟ ବିଜୟ କୁମାର ବାସ୍କେ ସହଯୋଗ କରିଥିଲେ। ଆରକ୍ଷୀ ବିଭାଗର ପ୍ଲାଟୁନ, ପୋଲିସ ବ୍ୟାଣ୍ଡ ପାର୍ଟି, ବିଭିନ୍ନ କଲେଜ, ସରକାରୀ ଓ ବେସରକାରୀ ଉଚ୍ଚ ବିଦ୍ୟାଳୟ, ଏନ୍‌ସିସି, ସ୍କାଉଟ୍ସ ଏଣ୍ଡ ଗାଇଡ୍ସ, ରେଡକ୍ରସ ଦଳ ଓ ଅଣ ଏନ୍‌ସିସି ଦଳ ଗୁଡିକ ମିଶି ମୋଟ ୩୬ଟି ଦଳ ପରେଡ୍‌ରେ ଭାଗ ନେଇଥିଲେ। ପରେଡ୍‌ରେ ଅଂଶଗ୍ରହଣ କରିଥିବା ଶ୍ରେଷ୍ଠ ଦଳ, ପ୍ରଜ୍ଞାପନ ମେଢକୁ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ମୁଖ୍ୟଅତିଥି ଜିଲାର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବିଶିଷ୍ଟ ଚାଷୀ, ଜାତୀୟସ୍ତରରେ ପୁରସ୍କାରପ୍ରାପ୍ତ ବୁଣାକାର, ରକ୍ତଦାତା, ଶ୍ରେଷ୍ଠ କୃଷକ ସାଥୀ, ଶ୍ରେଷ୍ଠ ବିଦ୍ୟାଳୟ, ଶ୍ରେଷ୍ଠ ବିବେଚିତ ପ୍ରଜ୍ଞାପନ ମେଢ ଓ ଅଙ୍ଗନୱାଡି କର୍ମୀଙ୍କୁ ପୁରସ୍କୃତ କରିଥିଲେ। ଦିବସ ପାଳନ ଅବସରରେ ନାରାୟଣ କୁଷ୍ଠ ସେବାଶ୍ରମ, ଉତ୍କଳ ବାଳାଶ୍ରମ, ସୋନପୁର ଉପକାରାଗାର, ଜିଲା ଭିନ୍ନକ୍ଷମ ବିଦ୍ୟାଳୟର ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ସନ୍ଧ୍ୟାରେ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ନୂତନ ଟାଉନ ହଲଠାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହିତ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରା ଯାଇଥିଲା। ଡିଆଇପିଆରଓ ଅର୍ଜୁନ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସରେ ୩୨ ପରେଡ ଦଳ

ବୀରମହାରାଜପୁର,୨୭।୧(ଯୁଗଳ କିଶୋର ମିଶ୍ର)

ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମଠାରେ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଉପଜିଲାପାଳ ସୁରେନ୍ଦ୍ର ମେହେର ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ଚଳିତବର୍ଷ ୩୨ଟି ପରେଡ ଦଳ ଅଂଶଗ୍ରହଣ କରିଥିଲେ। ଶିକ୍ଷା ଓ ଜଙ୍ଗଲ ବିଭାଗ ପକ୍ଷରୁ ପ୍ରଜ୍ଞାପନ ମେଢ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଏବଂ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଲକ୍ଷ୍ମୀନାରାୟଣ ସାହୁ ଉତ୍ସବର ସଂଯୋଜନା କରିଥିବାବେଳେ କ୍ରୀଡ଼ା ଅଧ୍ୟାପକ ନରେନ୍ଦ୍ର ଚାନ୍ଦ ଓ ସ୍ଥାନୀୟ ଏସ୍‌ଡିଆଇପିଆରଓ ଅଶୋକ ପ୍ରିୟଦର୍ଶୀ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚଳିତବର୍ଷ ଶ୍ରେଷ୍ଠ ପରେଡ ଗ୍ରୁପଭାବେ ସିନିୟର ବିଭାଗରୁ ସମର ଶିକ୍ଷାର୍ଥୀ ବାହିନୀ, ଗାୟତ୍ରୀ ଆବାସିକ ବିଦ୍ୟାଳୟର ସିଭିଲିଏନ ଗ୍ରୁପ ଓ ଗଣପତି ଆଦର୍ଶ ଶିକ୍ଷା ନିକେତନ ଗ୍ରୁପ ଯଥାକ୍ରମେ ପ୍ରଥମରୁ ତୃତୀୟ ଏବଂ ଜୁନିୟର ଗ୍ରୁପରେ ହିଲୁଙ୍ଗ ୟୁପି ସ୍କୁଲ, ଅରବିନ୍ଦ ସ୍କୁଲ ଏବଂ ବିବେକାନନ୍ଦ ଶିକ୍ଷା ନିକେତନ ଶ୍ରେଷ୍ଠ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଅପରାହ୍ନରେ ଷ୍ଟାଡିୟମଠାରେ ଆୟୋଜିତ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ ଖାରସୁଗୁଡାକୁ ହରାଇ ବୌଦ୍ଧ ଚାମ୍ପିୟନ ହୋଇଥିଲା।

# ହରଭଙ୍ଗା ଲୋକ ମହୋତ୍ସବ ଉଦ୍‌ଘାଟିତ


ଲୋକ ମହୋତ୍ସବ ପାଇଁ ଆଜ୍ଞାମାଳ ନିଆଯାଉଛି।

ହରଭଙ୍ଗା,୨୭।୧(ନରେନ୍ଦ୍ର କୁମାର ସାହୁ)

ବୋଦ୍ଧ ଜିଲା ହରଭଙ୍ଗାରେ ମଙ୍ଗଳବାର ରାଜ୍ୟସ୍ତରୀୟ ଚତୁର୍ଥ ହରଭଙ୍ଗା ଲୋକ ମହୋତ୍ସବ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ମାଁ ରୁଦ୍ରକାଳୀଙ୍କ ଆଜ୍ଞାମାଳ ଓ ମଶାଲ ମାଁଙ୍କ ମନ୍ଦିରରୁ ଏକ ବିଶାଳ ଶୋଭାଯାତ୍ରାରେ ଆଣି ମହୋତ୍ସବ ପଡିଆରେ ସ୍ଥାପିତ କରାଯାଇଥିଲା। ଶୋଭାଯାତ୍ରାରେ ମହୋତ୍ସବ କମିଟି ସଭାପତି ସଂଗ୍ରାମ କେଶରୀ ବେହେରା, ସମ୍ପାଦକ ସରୋଜ ଭୋକ୍ତା, ଗ୍ରାମ୍ୟ ଗୌନ୍ତିଆ ନାରାୟଣ ଦନାୟକ, ସରପଞ୍ଚ ଶକୁନ୍ତଳା ବେହେରା, ସମିତିସଭ୍ୟ ଚିତ୍ତ ରଞ୍ଜନ ସେଠି, ଅନିଲ ସିଂ, ସୁଶୀଲ ଗୁପ୍ତା, ପ୍ରମୋଦ ଖମାରି, ମାନରଞ୍ଜନ ନାଏକ ପ୍ରମୁଖଙ୍କ ସମେତ ୭ଟି ପଞ୍ଚାୟତର ହଜାର ହଜାର ଜନ ସାଧାରଣ ସାମିଲ ଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ହରଭଙ୍ଗା ବିଡ଼ିଓ ବିଜୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ମହୋତ୍ସବ କମିଟି ସଭାପତି ସଂଗ୍ରାମ କେଶରୀ ବେହେରାଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଉକ୍ତ ମହୋତ୍ସବ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି।

# ବୌଦ୍ଧର ବିକାଶ ପାଇଁ ଆମ ସରକାର ତତ୍ପର, ଶିଳ୍ପ ମନ୍ତ୍ରୀ


ମୁଖ୍ୟ ଅତିଥି ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି।

ବୌଦ୍ଧ,୨୭।୧(ଅଜିତ କୁମାର ବାରିକ)

ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

ବୌଦ୍ଧ ଜିଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସହରର ଷ୍ଟାଡିୟମରେ ଆୟୋଜିତ ଉତ୍ସବରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବୌଦ୍ଧ ଜିଲାର ବିକାଶ ପାଇଁ ଆମ ସରକାର ସବୁବେଳେ ତତ୍ପର ବୋଲି ସେ ତାଙ୍କ ବକ୍ତବ୍ୟରେ ମତବ୍ୟକ୍ତ କରିଥିଲେ। ଉତ୍ସବରେ ଜିଲାପାଳ ବିଭୂତି ଭୂଷଣ ନାୟକ, ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଆଇଆରବି ୫ମ ବାଟାଲିୟନ, ଜିଲା ପୋଲିସ ଓ ଗୃହରକ୍ଷୀ ବାହିନୀ ସମେତ ୩୪ଟି ଦଳ ପରେଡରେ ଭାଗ ନେଇଥିଲେ। ରିଜର୍ଭ ଇନ୍ସପେକ୍ଟର ପ୍ରଦୀପ ଓରାମ ଆୟୋଜିତ ପେରେଡର ନେତୃତ୍ୱ ନେଇଥିବା ବେଳେ ସର୍ଜେଣ୍ଟ ଖଗେଶ୍ୱର ବିଶ୍ୱାଳ ସହଯୋଗ କରିଥିଲେ। ପ୍ରତ୍ୟୁଷରେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସହରରେ ରାମଧୂନ ପ୍ରଚାର କରାଯିବା ପରେ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ ହୋଇଥିଲା। ଜିଲା ଓକିଲ ସଂଘ ପରିସରରେ ବରିଷ୍ଠ ଆଇନଜୀବୀ ସୁଧିର କୁମାର କର୍ଣ୍ଣ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅତିଥିମାନଙ୍କ ଦ୍ୱାରା ସହରର ବିଭିନ୍ନ ଛକରେ ସ୍ଥାପିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲାପାଳ ବିନୟ କୁମାର ଭୋଇଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂହଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୀୟ କର୍ମଚାରୀମାନେ ସହଯୋଗ କରିଥିଲେ।

### ଅମରପାଲି ହାଇସ୍କୁଲର ବାର୍ଷିକ ଉତ୍ସବ

ଅମରପାଲି,୨୭।୧(ପୀତାମ୍ବର ସାହୁ)

ବୀରମହାରାଜପୁର ବ୍ଲକ ଅମରପାଲି ହାଇସ୍କୁଲର ୩୪ତମ ବାର୍ଷିକ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ଇଂ.ରଘୁନାଥ ଜଗଦଲା ମୁଖ୍ୟ ଅତିଥି, ବୀରମହାରାଜପୁର ମହାବିଦ୍ୟାଳୟ ଅଧକ୍ଷ ଡ.ହିମାଂଶୁ ଶେଖର ପାଢ଼ୀ ମୁଖ୍ୟବକ୍ତା, ଜିଲା ପରିଷଦ ସଭ୍ୟା ଚନ୍ଦ୍ରକାନ୍ତି ଦନ୍ତା, ସ୍ଥାନୀୟ ସରପଞ୍ଚ ନିରୂପମା ସେଠୀ, ସମିତି ସଭ୍ୟା ସୁଗନ୍ଧା ଘିବିଲା, ସ୍କୁଲ ପରିଚାଳନା କମିଟି ସଭାପତି ଅଶୋକ କୁମାର ସାହୁ, ପୂରାତନ ଛାତ୍ର ସାଂସଦ ସଭାପତି ପୀତାମ୍ବର ସାହୁ, ଆମ୍ବା ଅଧକ୍ଷ ଏକଲବ୍ୟ ବେହେରା, ସିଆରସିସି କମ୍ପୁ ପ୍ରସାଦ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ଶ୍ୟାମ ସୁନ୍ଦର ସେଠୀ ସ୍ୱାଗତ ଭାଷଣ, ସସ୍ମିତ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ବ୍ରହ୍ମାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସ୍କୁଲକୁ ଜମି ଦାନ କରିଥିବା ପୂର୍ବତନ ସ୍କୁଲ ପରିଚାଳନା କମିଟି ସଭାପତି ହୃଷୀକେଶ ସାହୁ, ପୂର୍ବତନ ସମ୍ପାଦକ ବ୍ୟାସଦେବ ସାହୁ, ନିର୍ମଳ ସାହୁ, ବନମାଳୀ ଷାଣ୍ଢଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୀତାମ୍ବର ସାହୁଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଏନ୍ଏସି କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ଧାରଣା

ତରଭା,୨୭।୧(ମାନଭଞ୍ଜନ ମିଶ୍ର)

ସାଧାରଣତନ୍ତ୍ର ଦିବସ ପ୍ରତିଯୋଗିତା ଆୟୋଜନରେ ଅନିୟମିତତା ଅଭିଯୋଗ

ସୁବର୍ଣ୍ଣପୁର ଜିଲା ତରଭା ଏନଏସିସ୍ତରୀୟ ସାଧାରଣତନ୍ତ୍ର ଦିବସ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ଓ ମିଳିତ ପରେଡ଼ରେ ପକ୍ଷପାତିତା ଅଭିଯୋଗ କରି ଶ୍ରୀହରି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଧାରଣାରେ ଦେଇଥିଲେ। ସୋମବାର ସ୍ଥାନୀୟ ଏନଏସି ଆନୁକୂଲ୍ୟରେ ତରଭା ଖେଳ ପଡିଆରେ ସାଧାରଣତନ୍ତ୍ର ଦିବସ ଉତ୍ସବ ପରେ ଛାତ୍ରୀଛାତ୍ରମାନେ ତରଭା ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ବସି ପ୍ରତିବାଦ ଜଣାଇଥିଲେ। ଅଭିଯୋଗ ଅନୁସାରେ, ବିଭିନ୍ନ ପ୍ରତିଯୋଗିତାରେ ଯୋଗ୍ୟତା, ଦକ୍ଷତା ଓ ପ୍ରଦର୍ଶନ ଆଧାରରେ ପୁରସ୍କାର ପ୍ରଦାନ ନ କରି କେତେକ ନିର୍ଦ୍ଦିଷ୍ଟ ବିଦ୍ୟାଳୟକୁ ସୁହାଇଲା ଭଳି ନିଷ୍ପତ୍ତି ନିଆଯାଇଛି। ବିଚାରକ ନିଯୁକ୍ତ, ବିଚାରକ ମଣ୍ଡଳୀ ନଥାଇ କେବଳ ଗୋଟିଏ ବିଚାରକ ମାଧ୍ୟମରେ ପ୍ରତିଯୋଗିତା ଆୟୋଜନ, ଚିତ୍ରାଙ୍କନ ପ୍ରତିଯୋଗିତାର ଫଳାଫଳ ପରୀକ୍ଷା କେନ୍ଦ୍ରରେ ପ୍ରକାଶ ନ କରି ଦୁଇଦିନ ପରେ ପ୍ରକାଶ କରାଯିବା ଭଳି ଅନେକ ଅନିୟମିତତା ଦେଖାଯାଇଛି ବୋଲି ସେମାନେ କହିଥିଲେ। ସେହିପରି କେତେକ ବିଦ୍ୟାଳୟକୁ ଅଧିକ ପୁରସ୍କାର ଦେବାପାଇଁ ଦ୍ୱିତୀୟ ସ୍ଥାନରେ ୩ ଜଣ ଓ ତୃତୀୟ ସ୍ଥାନରେ ୨ ଜଣଙ୍କୁ ପୁରସ୍କାର ଦେଇ, ମୋଟ ୩ଟି ସ୍ଥାନ ପାଇଁ ୬ ଜଣଙ୍କୁ ପୁରସ୍କୃତ କରାଯାଇଥିବାକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଶ୍ରୀହରି ବିଦ୍ୟାଳୟ ସମୂହର ପରିଚାଳନା ନିର୍ଦ୍ଦେଶକ ଡ଼. ରାଜେଶ ମେହେର ଓ ବିଜ୍ଞାପିତ ଅଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲ୍ଲିକଙ୍କ ମଧ୍ୟରେ ଦୀର୍ଘ ସମୟ ପର୍ଯ୍ୟନ୍ତ ହୋଇଥିଲା। ଆଲୋଚନା ପରେ କାର୍ଯ୍ୟନିର୍ବାହୀ ଅଧିକାରୀ କହିଥିଲେ, ବିଭିନ୍ନ ପ୍ରତିଯୋଗିତା ଓ ପରେଡ଼ ବିଚାରରେ ଯଦି କିଛି ତ୍ରୁଟି ଘଟିଛି ତେବେ ଆଗାମୀ ଦିନରେ ଏପରି ଭୁଲ ନ ହେବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଏହି ପ୍ରତିଶ୍ରୁତି ପରେ ଛାତ୍ରୀଛାତ୍ରମାନେ ଧାରଣାରୁ ଓହରିଥିଲେ।

# ଜିଲାପାଳ, ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର

ବୀରମହାରାଜପୁର,୨୭।୧(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଏସ.ପତ୍ରାପାଲି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ପ୍ରାଙ୍ଗଣରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ଼ ନୃପରାଜ ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରତାପ କୁମାର ରଣା ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୪୭ଟି ପଞ୍ଜିକୃତ ଅଭିଯୋଗର ଶୁଣାଣି କରିଥିଲେ। ତନ୍ମଧ୍ୟରୁ ୪୦ଟି ବ୍ୟକ୍ତିଗତ ଓ ୭ଟି ସାମୂହିକ ଥିଲା। ସମସ୍ତ ଅଭିଯୋଗଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଉଲୁଣ୍ଡା ବିଡ଼ିଓ ଚିନ୍ମୟ କୁମାର ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଅତିରିକ୍ତ ଜିଲାପାଳ(ରାଜସ୍ୱ)ରାଜେନ୍ଦ୍ର ମାଝୀ, ଭାରପ୍ରାପ୍ତ ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲା ପରିଷଦ କାଳିଆ ମଲ୍ଲିକ, ବୀରମହାରାଜପୁର ଉପ ଜିଲାପାଳ ସୁରେନ୍ଦ୍ର ମେହେର, ଡେପୁଟି କଲେକ୍ଟର ସୁଶ୍ରୀ ପ୍ରିୟଦର୍ଶିନୀ ସାହୁ, ଅତିରିକ୍ତ ତହସିଲଦାର ନିରଞ୍ଜନ କୁମାର ଧଳ, ଏସ.ପତ୍ରାପାଲି ସରପଞ୍ଚ ସନାତନ ମହାଲିକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରିୟଙ୍କା ପଣ୍ଡା, ଜିଲା ପଞ୍ଚାୟତ ଅଧିକାରୀ ତଥା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁବର୍ଣ୍ଣପୁର ଅର୍ଜୁନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।



ଅଧିକାରୀମାନେ ଜନ ଅଭିଯୋଗର ଶୁଣାଣି କରୁଛନ୍ତି।

# ଜ୍ୟୋତିସ୍ପୋର୍ଟିଂ କ୍ରିକେଟ୍: ସାମସିଙ୍ଗା ଚାମ୍ପିୟନ

ଅମରପାଲି,୨୭।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି ହାଇସ୍କୁଲ ପଡିଆରେ ଜ୍ୟୋତିସ୍ପୋର୍ଟିଂ କ୍ରିକେଟ କ୍ଲବ ଆନୁକୁଲ୍ୟରେ ଚାଲିଥିବା ୧୯ତମ ଜ୍ୟୋତି ସ୍ପୋର୍ଟିଂ କ୍ରିକେଟ କପ୍ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଦୁଇଟି ଫର୍ମାଟରେ ଖେଳା ଯାଇଥିଲା। ପ୍ରଥମ ଫର୍ମାଟରେ ହିଙ୍ଗମା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୫ ଉଇକେଟ ହରାଇ ୧୦୯ରନ କରିଥିଲା। ଜବାବରେ ସାମସିଙ୍ଗା ଦଳ ୮ .୪ଓଭରରେ ୩ ଉଇକେଟ ହରାଇ୧୧୦ ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ ହିଙ୍ଗମା ପ୍ରଥମେ ବ୍ୟାଟିଂ କରି ୫ ଓଭରରେ ସମସ୍ତ ଉଇକେଟ ହରାଇ ୨୭ରନ କରିଥିଲା। ଜବାବରେ ସାମସିଙ୍ଗା ଦଳ ୧. ୨ ଓଭରରେ କୌଣସି ଉଇକେଟ ନ ହରାଇ ୨୮ରନ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ସାମସିଙ୍ଗା ମ୍ୟାଚ ବିଜେତା ହୋଇ ଚାମ୍ପିୟନ ହୋଇଥିଲା। ଅଶ୍ୱିନୀ ସାହୁ ଓ ମଦନ ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି, ସ୍ଥାନୀୟ ସରପଞ୍ଚ ସସ୍ମିତା ଦୀପ, କେନଝିରିଆପାଲି ଗ୍ରାମ୍ୟ ପରିଚାଳନା କମିଟି ସଭାପତି ପ୍ରସନ୍ନ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନ୍ତୋଷ ବିଶି, ସ୍ଥାନୀୟ ହାଇସ୍କୁଲ ପ୍ରଧାନଶିକ୍ଷକ ବ୍ରଜମୋହନ ବାରିକ, ସହକାରୀ ଶିକ୍ଷକ ଦୀନବନ୍ଧୁ ପଧାନ, ଗ୍ରାମ୍ୟ କମିଟି ସମ୍ପାଦକ ବିଶ୍ରବା ପଧାନ, ୱାର୍ଡସଭ୍ୟ ଗୁଣ ସାଗର କର୍ଣ୍ଣ, ସ୍ଥାନୀୟ ୟୁପି ସ୍କୁଲ ପ୍ରଧାନଶିକ୍ଷକ ନବୀନ ସୁନ୍ଦର ଜଗଦଲା, ସ୍ୱେଚ୍ଛାସେବୀ ଶୁଭମ ଭୋଇ, କ୍ରୀଡାବିତ ଫକୀର ନାଏକ, ପ୍ରକାଶ ପଧାନ, ପୃଥ୍ୱୀରାଜ ଜଗଦଲା, ମାଧବ ମହାକୁର, ପିଙ୍କୁଲଚନ୍ଦ୍ର ପଧାନ, ବିମ୍ବାଧର ଦେହୁରୀ, ବାବୁଲା ପଧାନ, ସ୍ଥାନୀୟ ସେବା ସମବାୟ ସମିତି ସମ୍ପାଦକ ରାଜେନ୍ଦ୍ର ପଧାନ, ମଧୁସୂଦନ ଖେତୀ ଓ ରାଜେନ୍ଦ୍ର ମେଣ୍ଡିଲି ପ୍ରସମ୍ମାନିତ ଅତିଥିଲେ। ସାମସିଙ୍ଗା ଦଳର କୁନା ପ୍ରଧାନଙ୍କୁ ମ୍ୟାନ ଅଫ ଦି ଫାଇନାଲ ସହ ଚାମ୍ପିୟନ ସାମସିଙ୍ଗା ଦଳକୁ ନଗଦ ୨୫ହଜାର ଟଙ୍କା ସହିତ ଟ୍ରଫି ଓ ରନର ଅପ ହିଙ୍ଗମା ଦଳକୁ ନଗଦ ୧୫ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା।


ଅତିଥିଙ୍କ ଗହଣରେ ଟ୍ରଫି ସହ ଉଭୟ ଦଳର ଖେଳାଳି।

## ସଂକ୍ଷେପରେ

### ଥାନାରେ ରୁଜୁହେଲା ମାମଲା

### କେନ୍ଦୁପତ୍ର ୱାଚରଙ୍କୁ ରେଞ୍ଜରଙ୍କ ମାଡ଼ ଘଟଣା

**ରାଉରକେଲା,୨୭।୧(ସଙ୍ଗୀତା ଜେନା):** ସୁନ୍ଦରଗଡ଼ ଜିଲା ବଣେଇରେ କାର୍ଯ୍ୟରତ ଜନୈକ ରେଞ୍ଜରଙ୍କ ମାଡ଼ରେ ଜଣେ କେନ୍ଦୁପତ୍ର ୱାଚର ଆହତ ହୋଇଥିବା ଅଭିଯୋଗ ହୋଇଛି। ଉକ୍ତ ଆହତ ଜଣକ ରାଉରକେଲା ହାଇଟେକ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏ ସମ୍ପର୍କରେ ଆହତଙ୍କ ସ୍ତ୍ରୀ ଗତ ରବିବାର ରାତି ୮ଟାରେ ବଣେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୨୨/୨୬) ରୁଜୁ କରି ତଦନ୍ତ ଚଳାଇଛି। ଆହତଙ୍କ ସ୍ତ୍ରୀ ତୁଳସୀ ମାଝୀଙ୍କ ଅଭିଯୋଗ ଅନୁଯାୟୀ, ସେ ଲହୁଣୀପଡ଼ା ଖୁଣ୍ଟଗାଁ ନିବାସୀ ଅଟନ୍ତି। ତାଙ୍କ ସ୍ୱାମୀ ହୀରାଧର ମାଝୀ ବାବୁ ନୂଆଗାଁ (ଅଲେଖପୁର) କେନ୍ଦୁପତ୍ର ବିଭାଗରେ ୱାଚର କାମ କରନ୍ତି। ଗତ ୨୦ ତାରିଖ ଅପରାହ୍ନ ୫ଟାରେ ଦେହ ଅସୁସ୍ଥ ଥିବା ଯୋଗୁ କାମ କରିପାରିବେ ନାହିଁ ବୋଲି ହୀରାଧର ଉକ୍ତ ରେଞ୍ଜରଙ୍କୁ କହିଥିଲେ। ଏଥିରେ ଉତ୍ୟକ୍ତ ହୋଇ ରେଞ୍ଜର ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଫଳରେ ହୀରାଧରଙ୍କ ଗୋଡ ଓ ହାତ ହାଡ ଭାଙ୍ଗିଯାଇଥିଲା। ତାଙ୍କୁ ବିଭାଗୀୟ କର୍ମଚାରୀମାନେ ବଣେଇ ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ହୀରାଧରଙ୍କୁ ରାଉରକେଲା ହାଇଟେକ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ତାଙ୍କର ଅପରେଶନ ହୋଇଛି। ତେବେ ଆର୍ଥିକ ସ୍ୱଚ୍ଛଳ ନ ଥିବାରୁ ଉଚ୍ଚତର ଚିକିତ୍ସାରେ ବାଧା ସୃଷ୍ଟି ହୋଇଛି ବୋଲି ତୁଳସୀ କହିଛନ୍ତି।

### ବାଇକ୍ ଦୁର୍ଘଟଣା: ଜଣେ ମୃତ

**ଲହୁଣୀପଡା, ୨୭।୧(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଲହୁଣୀପଡା କଲେଜ ନିକଟରେ ସୋମବାର ସକାଳେ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଅମରଜିତ କୁମାର (୩୧)। ସୂଚନାରୁ ପ୍ରକାଶ, ବିହାର ଭୋଜପୁର ଜିଲା, ଚାରପୋଖରୀ ଥାନା ଅନ୍ତର୍ଗତ ସିଆଡ଼ିହି ଗ୍ରାମର ଅମରଜିତ ଲହୁଣୀପଡା ଥାନା ଅନ୍ତର୍ଗତ ଲଟେଇମୁଣ୍ଡି ଗ୍ରାମରେ ରୁହନ୍ତି। ସୋମବାର ସକାଳେ ସାଲଇଡିହି ଗ୍ରାମ ପଟୁ ନିଜ ସାନ ଭାଇ ବଜରଙ୍ଗୀ କୁମାର ସହିତ ନିଜ ବାଇକ୍ ଓଡ଼ି ୧୪ଏଏଫ ୮୦୯୦ ଯୋଗେ ଲହୁଣୀପଡା ପଟେ ଆସୁଥିବାବେଳେ କଲେଜ ନିକଟରେ ଭାରସାମ୍ୟ ହରାଇ ବାଇକ ଦୁର୍ଘଟଣା ଘଟିଥିଲା। ଅମରଜିତ ରାସ୍ତା ତଳକୁ ପଡି ଯାଇଥିଲେ। ଫଳରେ ଅମରଜିତଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବରପାଇ ଲହୁଣୀପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍‌କୁ ଜବତ କରିବା ସହିତ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।



ସୋମବାର ୭୭ତମ ସାଧାରଣତନ୍ତ୍ର ଦିବସ ଅବସରରେ ରାଉରକେଲା ଏନ୍‌ଆଇଟି ଏନ୍‌ସିସି କ୍ୟାମ୍ପସ ପରେଡ ଗ୍ରାଉଣ୍ଡରେ ଆୟୋଜିତ ଉତ୍ସବରେ ଛାତ୍ରୀମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

## ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ

# ତ୍ରିରଙ୍ଗାମୟ ଇସ୍ପାତ ସହର

ରାଉରକେଲା,୨୭।୧
(ବିପ୍ଳବ ରଞ୍ଜନ ଦାଶ/ସଙ୍ଗୀତା ଜେନା/ଦିନେଶ ମିଶ୍ର)







ଉଦିତନଗର ପଡ଼ିଆରେ ଆୟୋଜିତ ଉତ୍ସବରେ କୃତୀ ପ୍ରତିଭାଙ୍କୁ ଟ୍ରଫି ପ୍ରଦାନ କରାଯାଉଛି। ପତଞ୍ଜଳି ଯୋଗ ସମିତି ପକ୍ଷରୁ ପତାକା ଉତ୍ତୋଳନ କରାଯାଉଛି। ଆରାଧା ମହିଳା ସମିତି ପକ୍ଷରୁ ପତାକା ଉତ୍ତୋଳନ କରାଯାଉଛି।

ରାଉରକେଲା ମ୍ୟୁନିସିପାଲ କର୍ପୋରେଶନ (ଆର୍‌ଏମ୍‌ସି) ପକ୍ଷରୁ ଉଦିତନଗର ପଡ଼ିଆରେ ସୋମବାର ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏଥିରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସେ ଭାରତର ସମ୍ବିଧାନ ପ୍ରଣେତା ବାବା ଭୀମରାଓ ଆମ୍ବେଦକରଙ୍କ ସମେତ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିବା ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନକୁ ମନେ ପକାଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଯାଦବ କହିଥିଲେ, ରାଉରକେଲାର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଏହାର ସାମାଜିକ ଚଳଣି ଓ ଭାଇଚାରାର ପରମ୍ପରା ନିଆରା। ରାଉରକେଲା ମହାନଗର ନିଗମ ପ୍ରୟାସରେ ସହରର ପରିମଳ ବ୍ୟବସ୍ଥା ସୁଦୃଢ଼ ହୋଇପାରିଛି। ୨୦୨୩ରେ ପୁରୁଷ ହକିବିଶ୍ୱକପ୍, ହକି ପ୍ରୋ-ଲିଗ୍, ହକି ଇଣ୍ଡିଆ ଲିଗ୍ ସଫଳତାର ସହିତ ଆୟୋଜନ ପରେ ରାଉରକେଲା କ୍ରୀଡ଼ା ହବ୍ ହୋଇପାରିଛି। ରାଉରକେଲାର ଖେଳାଳି ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଦେଶର ପ୍ରତିନିଧିତ୍ୱ କରି ରାଉରକେଲା ସମେତ ସୁନ୍ଦରଗଡ଼ ଜିଲା ପାଇଁ ଗୌରବ ଆଣିଛନ୍ତି ବୋଲି ଯାଦବ କହିଥିଲେ। ଏହି ଅବସରରେ ରିଜର୍ଭ ପୋଲିସର ସମିତ ସାମଲଙ୍କ ନେତୃତ୍ୱରେ ମିଳିତ ପରେଡ ହୋଇଥିଲା। ପରେଡରେ ୫୨ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ୟାରେଡ ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ସମାରୋହରେ ପଶ୍ଚିମାଞ୍ଚଳ ଆରକ୍ଷୀ ଉପ ମହାନିରୀକ୍ଷକ ବ୍ରିଜେଶ କୁମାର ରାୟ, ରାଉରକେଲା ଏଡିଏମ୍ ତଥା ଆର୍‌ଏମ୍‌ସି ଆୟୁକ୍ତ ସୁଶ୍ରୀ ଦୀନା ଦସ୍ତଗୀର, ଏସ୍‌ପି ନିତେଶ ୱାଧୱାନି, ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ରାଉରକେଲା ମୁଖ୍ୟ ଜେଲ୍‌ର ଅନ୍ତେବାସୀ ଓ ଆର୍‌ଜିଏଚ୍‌ର ରୋଗୀମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ଏକ୍କା ଓ ଶ୍ରୀକାନ୍ତ ଷଡଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ପତଞ୍ଜଳି ଯୋଗ ସମିତି ପକ୍ଷରୁ ସେକ୍ଟର-୧୩ କମ୍ୟୁନିଟି ସେଣ୍ଟରରେ ୭୭ତମ ଗଣତନ୍ତ୍ର ଦିବସ ପାଳନ କରାଯାଇଥିଲା। ଏଥିରେ ଭାରତ ସ୍ୱାଭିମାନ ନ୍ୟାସର ସହ ରାଜ୍ୟ ପ୍ରଭାରୀ ଅକ୍ରୁର ମାର୍ଥା ମୁଖ୍ୟ ଅତିଥି ଭାବେ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ମହିଳା ପ୍ରଭାରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନୀତସ୍ମିନୀ ସ୍ୱାଇଁ, ଜିଲ୍ଲା କିଷାନ ସେବା ସମିତି ପ୍ରଭାରୀ ପୀତବାସ ପ୍ରଧାନଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା, ଯୋଗ ଶିକ୍ଷୟିତ୍ରୀ ଶିକ୍ଷକ, ସାଧିକା ସାଧକ ଉପସ୍ଥିତ ଥିଲେ।

ବରଟୋଲିସ୍ଥିତ ଭାଗବତ ଅଗଣା ଓ ବୁଧୁବୀର ଆଇଟିଆଇଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ବରିଷ୍ଠ ସଂଘ କାର୍ଯ୍ୟକର୍ତ୍ତା ହରେକୃଷ୍ଣ ମାଝି ମୁଖ୍ୟ ଅତିଥି ଭାବେ



ଏନ୍‌ଆଇଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଜାତୀୟ ପତାକା ଉତ୍ତୋଳନ କରି ଉଦ୍‌ବୋଧନ ଦେଇଥିଲେ। ସେହିପରି ବୁଧବୀର କାର୍ଯ୍ୟକ୍ରମରେ ସଭାପତି ଅକ୍ଷୟ କୁମାର ଦାସ ଗଣତନ୍ତ୍ର ଭାରତର ଆତ୍ମା ରୂପେ ବିବେଚନା କରିଥିଲେ। ଭାଗବତ ଅଗଣାର ସଭାପତି ସୁପ୍ରଭା ଆଚାର୍ଯ୍ୟ, ସଭ୍ୟା ତ୍ରିବେଣୀ ସୂତାର, ସମ୍ପାଦିକା ଲକ୍ଷ୍ମୀବାଳା ଆଚାର୍ଯ୍ୟ, ପ୍ରତିଭା ଦାସ, ରିନା ବେହେରା, ଇନ୍ଦୁମତୀ ବିଶ୍ୱାଳ, ତେଜସ୍ୱିନୀ ସାହୁ, ଚନ୍ଦ୍ରମା ନାୟକ, ରବୀନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି)ର ଏନ୍‌ସିସି କ୍ୟାମ୍ପସ ପରେଡ ଗ୍ରାଉଣ୍ଡରେ ସୋମବାର ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା। ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓଙ୍କ ଆନୁଷ୍ଠାନିକ ଆଗମନ ପରେ ଜାତୀୟ ପତାକା ଉତ୍ତୋଳନ ଏବଂ ସଙ୍ଗୀତ ଗାନ କରାଯାଇଥିଲା। ଏନ୍‌ସିସି ସେନାୱିଙ୍ଗ ଇନ୍‌ଚାର୍ଜ ପ୍ରଫେସର ମୟଙ୍କ ଯାଦବ, ପ୍ରଫେସର ଅରୁଣ ପ୍ରସାଦ ଭି. (ନୌସନା ସେନା ୱିଙ୍ଗ)ଙ୍କ ସହିତ ନିର୍ଦ୍ଦେଶକ ପ୍ରଫେସର ରାଓ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ- ଏନ୍‌ଆଇଟିଆର ଏବଂ ଏନ୍‌ଆଇଟିର ଆର୍‌ଇସି କ୍ୟାମ୍ପସ ସରକାରୀ ସ୍କୁଲର ଏନ୍‌ସିସି କ୍ୟାଡେଟ୍, ସୁରକ୍ଷା କର୍ମଚାରୀ ଏବଂ ଛାତ୍ରମାନେ ମାର୍ଚ୍ଚପାଷ୍ଟ ପ୍ରଦର୍ଶନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପରେ ଏନ୍‌ସିସି କ୍ୟାଡେଟମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଫେସର ଏସ୍. କେ. ପ୍ରତିହାର, ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମାନ୍, ଏନ୍‌ଆଇଟି ଟେକ୍‌ନୋଲୋଜି କ୍ଲବ ଓ ଷ୍ଟାଫ୍ କ୍ଲବରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ଜଗଦାସ୍ଥିତ ନବଜୀବନ ମଣ୍ଡଳରେ ସାଧାରଣତନ୍ତ୍ର ଦିବସରେ ପ୍ରତିଷ୍ଠାତା ସଦସ୍ୟ ଡ. ରଘୁବର ଦାସ ପତାକା ଉତ୍ତୋଳନ କରିଥିଲେ। ସଭାପତି କିଶୋର ଚନ୍ଦ୍ର ତ୍ରିପାଠୀ ଉପସ୍ଥିତ ଥିଲେ। ଆବାହିକା ସୁନନ୍ଦା ବରାଳ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁରୂପ ଭାବେ ଜଗଦା ମହିଳା ସମିତି ଆରାଧା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବ୍ୟାଙ୍କର ରବିକିଶୋର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ପତାକା ଉତ୍ତୋଳନ କରିଥିଲେ। ସଭାପତି ହରପ୍ରିୟା ପଟ୍ଟନାୟକ ଓ ଅନ୍ୟ ସଦସ୍ୟମାନେ ଜାତୀୟ ସଙ୍ଗୀତ ଗାନ କରିଥିଲେ। ସେହିପରି ଶକ୍ତିନଗରସ୍ଥିତ ଶକ୍ତି କ୍ଲବ ଓ ସୋଶିଆଲ ହୋମ୍, ଜଗଦା ସାଂସ୍କୃତିକ ପରିଷଦ, ବିଭିନ୍ନ ମାର୍କେଟ କମିଟି ପକ୍ଷରୁ ପତାକା ଉତ୍ତୋଳନ ହୋଇଥିଲା।

ସେହିପରି ରାଉରକେଲା ସଚେତନ ନାଗରିକ ମଞ୍ଚ ପକ୍ଷରୁ ଛେଣ୍ଡ ସ୍ଥିତ କାର୍ଯ୍ୟାଳୟରେ ସଭାପତି ଇଂ. ବିମଳ କୁମାର ବିଶି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ହମିରପୁର ଉନ୍ନୟନ ପରିଷଦ ପକ୍ଷରୁ ବରିଷ୍ଠ ନାଗରିକ ଭୁବନେଶ୍ୱର ପ୍ରସାଦ ଆଚାର୍ଯ୍ୟ, ଜର୍ନାଲିଷ୍ଟ ଆସୋସିଏଶନ ପକ୍ଷରୁ ସଭାପତି ବିରଞ୍ଚି ନାରାୟଣ ପଟ୍ଟନାୟକଙ୍କ ଆବାହକତ୍ୱରେ ବରିଷ୍ଠ ସାମ୍ବାଦିକ ସତ୍ୟାନନ୍ଦ ମହାନ୍ତି ମୁଖ୍ୟଅତିଥି ଭାବେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମିଡିଆ କ୍ଲବ ପକ୍ଷରୁ ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସଙ୍କ ଆବାହକତ୍ୱ ଓ ସତ୍ୟାନନ୍ଦ ବେହେରାଙ୍କ ସଂଯୋଜନାରେ ସଚେତନ ନାଗରିକ ମଞ୍ଚ ସଭାପତି ଇଂ. ବିମଳ କୁମାର ବିଶି, ଏନ୍‌ଆଇଟିର ପ୍ରାକ୍ତନ ଛାତ୍ର ସଂଘ କାର୍ଯ୍ୟାଳୟରେ ସମ୍ପାଦକ ଡ. ହୃଷୀକେଶ ନାୟକଙ୍କ ସଂଯୋଜନାରେ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପରିସରରେ ଆବାହିକା ଭଗବତୀ ଜେନାଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନିଖିଳ ଉତ୍କଳ ଖଣ୍ଡାୟତ କ୍ଷତ୍ରିୟ ମହାସଭା ସାଧାରଣ ସମ୍ପାଦକ ଶଶଧର ପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ସେକ୍ଟର-୨୦ ନେହେରୁପଲ୍ଲୀସ୍ଥିତ ଏକତା ଗ୍ରୁପ୍ ପକ୍ଷରୁ ମିଶ୍ର ଖଟାଲ ଯଜ୍ଞ ମଣ୍ଡପରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା। ସେକ୍ଟର-୧୯ରେ ଆନନ୍ଦାଲୋକର ମ୍ୟାନେଜିଂ ଡାଇରେକ୍ଟର ରାଜେନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଡା. ତ୍ରିଲୋଚନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ରୋଟାରୀ କ୍ଲବ ଅଫ୍ ରାଉରକେଲା ଅର୍ବାନ ପକ୍ଷରୁ ଗର୍ଜନସ୍ଥିତ ବିବେକାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ଉଦିତ କୁମାର ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

## ଏଣ୍ଟରପ୍ରାଇଜ୍ ଓଡ଼ିଶାରେ ଆର୍‌ଏସ୍‌ପି ପାଭିଲିୟନ

**ରାଉରକେଲା,୨୭।୧(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସେକ୍ଟର-୧୩ସ୍ଥିତ ମେଳଣ ପଡିଆରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା 'ଏଣ୍ଟରପ୍ରାଇଜ୍ ଓଡ଼ିଶା-୨୦୨୬'ରେ ଆର୍‌ଏସ୍‌ପି ପକ୍ଷରୁ 'ସେଲ୍ ଷ୍ଟିଲ୍, ସବୁଜ ଷ୍ଟିଲ୍' ଥିମ୍ ଉପରେ ଆଧାରିତ ଅତ୍ୟାଧୁନିକ ପାଭିଲିୟନ୍ ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉଦ୍‌ଘାଟନ କରିଥିଲେ। ଉଲ୍ଲେଖନୀୟ, ଏହି କାର୍ଯ୍ୟକ୍ରମ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ରାଜ୍ୟମନ୍ତ୍ରୀ (ସ୍ୱାଧୀନ) ସମ୍ପଦ ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ। ଉକ୍ତ ପାଭିଲିୟନରେ ଗଣମାନ୍ୟଙ୍କୁ ଆର୍‌ଏସ୍‌ପି ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର ସ୍ୱାଗତ କରିଥିଲେ। ଏହି କନ୍‌କ୍ଲେଭରେ ଆର୍‌ଏସ୍‌ପି ବି ଟୁ ବି ପାରସ୍ପରିକ ଯୋଗାଯୋଗକୁ ସୁଗମ କରିବା ତଥା ରଣନୈତିକ ଓ ଅର୍ଥପୂର୍ଣ୍ଣ ସହଭାଗିତା ମାଧ୍ୟମରେ ଏମ୍‌ଏସ୍‌ଏମ୍‌ଇ, ଷ୍ଟାର୍ଟଅପ୍‌ଗୁଡ଼ିକୁ ପ୍ରୋତ୍ସାହିତ କରିବା ଓ ସଶକ୍ତ କରିବା ସକାଶେ ବରିଷ୍ଠ ଅଧିକାରୀଙ୍କୁ ନିୟୋଜିତ କରିଛି। ଆର୍‌ଏସ୍‌ପିର ଏହି ପାଭିଲିୟନ୍ କାରଖାନାର ଐତିହ୍ୟ, ନବସୃଜନ ଏବଂ ଓଡ଼ିଶା ରାଜ୍ୟ ସହିତ ଗଭୀର ସମ୍ପର୍କକୁ ପ୍ରଦର୍ଶନ କରୁଛି। ଇସ୍ପାତ କାରଖାନାର ବିକାଶ ଓ ଅଭିବୃଦ୍ଧିକୁ ଚିତ୍ରଣ କରି ଏହି ପାଭିଲିୟନ୍ ଆର୍‌ଏସ୍‌ପିର ସଫଳ ଯାତ୍ରା, କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ପଦକ୍ଷେପଗୁଡ଼ିକୁ ଉପସ୍ଥାପନ କରିବା ଦିଗରେ ଉନ୍ନତ ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟାକୁ ଅନ୍ତର୍ଭୁକ୍ତ କରିଛି । ଏହା ଇଏସଜି ନୀତି ପ୍ରତି କାରଖାନାର ପ୍ରତିବଦ୍ଧତା ଏବଂ ସ୍ଥାୟୀ ସବୁଜ ଇସ୍ପାତ ଉତ୍ପାଦନ ପାଇଁ ଏହାର ଦୃଢ଼ ପ୍ରତିବଦ୍ଧତାକୁ ଦୋହରାଇଛି।



ଆର୍‌ଏସ୍‌ପି ପାଭିଲିୟନ୍।

## ସଙ୍ଗୀତ ନିର୍ଦ୍ଦେଶକଙ୍କୁ ଶ୍ରଦ୍ଧାଞ୍ଜଳି

**ରାଉରକେଲା,୨୭।୧(ଦିନେଶ ମିଶ୍ର)**

ବାସନ୍ତୀ କଲୋନୀସ୍ଥିତ ଡିଏଭି ବସ୍‌ଷ୍ଟାଣ୍ଡ ପରିସରରେ ମଙ୍ଗଳବାର ଜୟ ମା' ତାରିଣୀ ଶାନ୍ତି କମିଟି ପକ୍ଷରୁ ସମାଜସେବୀ କହରା ଜେନାଙ୍କ ଅଧ୍ୟକ୍ଷତାରେ ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ ମଜୁମଦାରଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କମିଟି କର୍ମକର୍ତ୍ତା ସ୍ୱର୍ଗତ ସଙ୍ଗୀତ ନିର୍ଦ୍ଦେଶକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଟୁନୁ କର, ବାସୁ ବରାଳ, ଅମୀୟ ପୋଥାଳ, ଅଖିଳ ଚନ୍ଦ୍ର ପାଣି, ବିଦ୍ୟାଧର ବେହେରା, ହରପ୍ରସାଦ ସାମଲ, ସରୋଜ ଥାଟୋଇ, ଭଞ୍ଜି ସିଂ, ସତ୍ୟ ବାରିକ, କବିତା ଜେନା ଉପସ୍ଥିତ ଥିଲେ।

## ଆର୍‌ଏସ୍‌ପି ପାଳିଲା ସାଧାରଣତନ୍ତ୍ର ଦିବସ

**କଲା,୨୭।୧(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ପକ୍ଷରୁ ଇସ୍ପାତ ଷ୍ଟାଡିୟମରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ପରେଡରେ ୬୧ଟି ଦଳ ଅଂଶଗ୍ରହଣ କରିଥିଲେ। ସିଆଇଏସ୍‌ଏଫ୍ ଡିଆଇଜି ରତନ କୁମାର ମଞ୍ଚାସୀନ ଥିଲେ। ଏହି ଅବସରରେ ବର୍ମା ନିଜ ଅଭିଭାଷଣରେ ୧୮୧୭ ମସିହାର ଐତିହାସିକ ପାଇକ ବିଦ୍ରୋହ, ବୀର ବାଜି ରାଉତଙ୍କ ପରି ଶହୀଦଙ୍କଠାରୁ ଆରମ୍ଭ କରି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ପର୍ଯ୍ୟନ୍ତ ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ଅଗ୍ରଣୀ ବୀରଙ୍କ ଭୂମିକା ବିଷୟରେ ଉଲ୍ଲେଖ କରିଥିଲେ। ବିକଶିତ ଭାରତ- ୨୦୪୭ ହେଉଛି ୧୪୦ କୋଟି ଭାରତୀୟଙ୍କ ଏକ ସହଭାଗୀ ସ୍ୱପ୍ନ ଓ ଦାୟିତ୍ୱ। ଯେଉଁ ରାଉରକେଲା ଭୂମିରୁ ରାଷ୍ଟ୍ରକୁ ସୁଦୃଢ଼ କରିବା ପାଇଁ ଇସ୍ପାତ ତିଆରି କରାଯାଏ, ସେହିଠାରେ ଆମେ ଆମର ଶକ୍ତି, ନବସୃଜନ ଏବଂ ଅଖଣ୍ଡତା ମାଧ୍ୟମରେ ସର୍ବୋତ୍ତମ ଯୋଗଦାନ ଦେବା, ଯାହା ଦ୍ୱାରା ଆମ ଦେଶ ଆତ୍ମନିର୍ଭରଶୀଳତାର ଶୀର୍ଷରେ ପହଞ୍ଚିପାରିବ ବୋଲି ଡିଆଇସି କହିଥିଲେ। ଏହି ଅବସରରେ ସିଆଇଏସଏଫ କର୍ମୀମାନଙ୍କୁ 'ଅତି ଉତ୍କୃଷ୍ଟ' ଓ ଉତ୍କୃଷ୍ଟ' ସମ୍ମାନ ଏବଂ ଆର୍‌ଏସ୍‌ପି ଅଧିକାରୀଙ୍କୁ ଜବାହର, ଆର୍‌ଏସ୍‌ପି ଗୌରବ ଓ ଶ୍ରେଷ୍ଠ ପରେଡ ଦଳ ପୁରସ୍କାର ପ୍ରଦାନ କରିଥିଲେ। ସେକ୍ଟର-୨୨ମିନି ଷ୍ଟାଡିୟମରେ ଆୟୋଜିତ ଅନୁରୂପ ଉତ୍ସବରେ ଡିଆଇସି ଜାତୀୟ ପତାକା ଉତ୍ତୋଳନ କରି ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସେହିପରି ଦୀପିକା ମହିଳା ସଂହତି ପକ୍ଷରୁ ସେକ୍ଟର-୨ ସ୍ଥିତ ଦୀପିକା ଇସ୍ପାତ ଜାଗୃତି ସଂସ୍ଥାନରେ ଗଣତନ୍ତ୍ର ଦିବସ ପାଳିତ ହୋଇଥିଲା। ଏଥିରେ ଅଧ୍ୟକ୍ଷା ନମ୍ରତା ବର୍ମା ପତାକା ଉତ୍ତୋଳନ କରିଥିଲେ।




ଡିଆଇସି କୃତୀ ପ୍ରତିଭାଙ୍କୁ ସମ୍ମାନିତ କରୁଛନ୍ତି।

## ସିଆଇଆଇ ଏଣ୍ଟରପ୍ରାଇଜ୍ ଓଡ଼ିଶା ଉଦ୍‌ଘାଟିତ

**ରାଉରକେଲା,୨୭।୧(ସଙ୍ଗୀତା ଜେନା)**

ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଏଣ୍ଟରପ୍ରାଇଜ୍ ଓଡ଼ିଶାର ୨୫ତମ ସଂସ୍କରଣ ମଙ୍ଗଳବାର ସନ୍ଧ୍ୟା ୬ଟାରେ ସେକ୍ଟର-୧୩ ମେଳଣ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସୁନ୍ଦରଗଡ଼ ଜିଲାପାଳ ଶୁଭଙ୍କର ମହାପାତ୍ର, ରାଉରକେଲା ଏଡିଏମ୍ ଦୀନା ଦସ୍ତଗିରଙ୍କ ସମେତ ସିଆଇଆଇର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମାଝୀ ପ୍ରଦର୍ଶନୀରେ ସାମିଲ ହୋଇଥିବା ଶିଳ୍ପ, ଉଦ୍ୟୋଗର ୧୨୦ଟି ଷ୍ଟଲ୍ ପରିଦର୍ଶନ କରିବା ସହ ବ୍ୟବସାୟୀ ଓ ଉଦ୍ୟୋଗୀମାନଙ୍କ ସହିତ ଆଲୋଚନା କରିଥିଲେ। ଉଦ୍‌ଘାଟନୀ ଉତ୍ସବର ମୁଖ୍ୟ ଆକର୍ଷଣ ଭାବେ ପ୍ରାୟ ୧୦ ମିନିଟ୍‌ର ଏକ ଭବ୍ୟ ଡ୍ରୋନ୍ ଶୋ ପ୍ରଦର୍ଶନ କରାଯାଇଥିଲା। ଏଥିରେ ୨୫ ବର୍ଷ ସିଆଇଆଇ, ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇ, ରାଉରକେଲା ଇସ୍ପାତ କାରଖାନା, ପ୍ରଧାନମନ୍ତ୍ରୀ ବିକଶିତ ଓଡ଼ିଶା, ହୀରାକୁଦ ଜଳଭଣ୍ଡାର ଆଦି ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଜାନୁଆରୀ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ଅପରାହ୍ନ ୫ଟାରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ବିମାନରେ ଆସି ରାଉରକେଲା ବିମାନ ବନ୍ଦରରେ ପହଞ୍ଚିଥିଲେ। ସେଠାରେ ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ଏସ୍‌ପି ନୀତେଶ ୱାଧ୍‌ୱାନୀ, ଦୁଇ ବିଧାୟକ ଏବଂ ଭାଜପା କାର୍ଯ୍ୟକର୍ତ୍ତା ତାଙ୍କୁ ସ୍ୱାଗତ କରିଥିଲେ।



ମୁଖ୍ୟମନ୍ତ୍ରୀ ଏଣ୍ଟରପ୍ରାଇଜ୍ ଓଡ଼ିଶା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

# ଭଲ ସାହିତ୍ୟ ବ୍ୟକ୍ତିତ୍ୱକୁ ପରିମାର୍ଜିତ କରେ

**ସମ୍ବଲପୁର,୨୭।୧(ବି.ଶଙ୍କର)**

ସମ୍ବଲପୁରୀ ଭାଷାରେ ବିଭିନ୍ନ ବର୍ଗରେ ସାହିତ୍ୟ ସୃଜନ ଜାରି ରହିଛି। କବିତା, ପ୍ରବନ୍ଧ, ଗଳ୍ପ, ରମ୍ୟ ରଚନା ପ୍ରଭୃତି ସମସ୍ତ କ୍ଷେତ୍ରକୁ ପ୍ରସାରିତ ହେଲାଣି ସମ୍ବଲପୁରୀ ସାହିତ୍ୟ। ମଙ୍ଗଳବାର ସ୍ଥାନୀୟ ଅଇଁଠାପାଲି ପିଏଚ୍‌ଡି ପଡିଆରେ ଚାଲିଥିବା ସମ୍ବଲପୁର ପୁସ୍ତକ ମେଳା ମଞ୍ଚରେ ବକ୍ତାମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଅପରାହ୍ନ ୪ଟାରେ ସେତୁ ପ୍ରାୟୋଜିତ ସମ୍ବଲପୁରୀ ସାହିତ୍ୟର ବିକାଶ ଧାରା ଆଲୋଚନାଚକ୍ର ହୋଇଥିଲା। ସେତୁ ଉପସଭାପତି ଡ.କାମଦେବ ସାହୁଙ୍କ ସଭାପତିତ୍ୱ କରିଥିଲେ। ବିଶିଷ୍ଟ ସମ୍ବଲପୁରୀ ସାହିତ୍ୟିକ ଉତ୍ପନ୍ନ ଭୋଇ ଓ ଅବସରପ୍ରାପ୍ତ ପ୍ରଫେସର ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ଆଲୋଚକଭାବେ ଯୋଗଦେଇଥିଲେ। ଆଲୋଚକ ଭୋଇ କହିଥିଲେ, ସମ୍ବଲପୁରୀ ସାହିତ୍ୟର ଏକ ମର୍ଯ୍ୟାଦାବନ୍ତ ଅସ୍ତିତ୍ୱ ରହିଛି। ୮ମ ଶତାବ୍ଦୀର ଚର୍ଯ୍ୟାଗୀତିକାରେ ବହୁ ସମ୍ବଲପୁରୀ ଶବ୍ଦ ରହିଛି। ଏଥିସହ ଯାତ୍ରା ଲୀଳା ସୁଆଙ୍ଗର ସମନ୍ୱିତ ରୂପର ଅନେକ ଦୃଷ୍ଟାନ୍ତ ସମ୍ବଲପୁରୀ ସାହିତ୍ୟରେ ରହିଛି। ଲୌକିକତା ଓ ପର୍ଯ୍ୟବେକ୍ଷଣର କୌଶଳ ହିଁ ସମ୍ବଲପୁରୀ ସାହିତ୍ୟକୁ ଋଦ୍ଧିମନ୍ତ କରିଛି। ଅନ୍ୟତମ ଆଲୋଚକ ପାଣିଗ୍ରାହୀ



ସମ୍ବଲପୁର ପୁସ୍ତକ ମେଳା ମଞ୍ଚରେ ବକ୍ତା ଓ ଆଲୋଚକମାନେ।

**ସମ୍ବଲପୁର ପୁସ୍ତକ ମେଳାର ଚତୁର୍ଥ ଦିବସ**

କହିଥିଲେ, ଭଲ ସାହିତ୍ୟ ମାଧ୍ୟମରେ ବ୍ୟକ୍ତିତ୍ୱକୁ ପରିମାର୍ଜିତ କରିହୁଏ। ଗୋଟିଏ ସାହିତ୍ୟର ବିକାଶଧାରା ଉପରେ ଆଲୋଚନା ପ୍ରସଙ୍ଗରେ କେବଳ କେତେକ କବି ଓ ଲେଖକଙ୍କ ନାମ କହିବା ଅପେକ୍ଷା ପ୍ରକୃତ ସାହିତ୍ୟିକ ମୂଲ୍ୟବୋଧକୁ ଯଥାଯଥ ବିବେଚନା କରିବା ଅଧିକ ସମୀଚୀନ। ସମ୍ବଲପୁରୀ ସାହିତ୍ୟର ଉନ୍ମେଷ ଏଠାକାର ଲୋକଗୀତଗୁଡ଼ିକରେ ଅନେକ ପ୍ରାଚୀନ କାଳରୁ ଲକ୍ଷ୍ୟ କରିହୁଏ। ଭାଷା ଉପରେ ବିଭିନ୍ନ କାଳରେ ଶାସନର ପ୍ରଭାବ ମଧ୍ୟ ପରିଲକ୍ଷିତ ହୋଇଥାଏ। ସମ୍ବଲପୁରୀ ସାହିତ୍ୟର କାବ୍ୟ, ନାଟକ, ପ୍ରବନ୍ଧ ସମାଲୋଚନା, ଅନୁବାଦ ପ୍ରଭୃତି ବିଭାଗରେ ସୃଜନ ଜାରି ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ସେତୁ ସମ୍ପାଦକ ହରିନାରାୟଣ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଡ. ସ୍ୱୟଂପ୍ରକାଶ ପଣ୍ଡା ସଂଯୋଜନା କରିଥିଲେ। ଲେଖକଙ୍କୁ ସାକ୍ଷାତକାର କାର୍ଯ୍ୟକ୍ରମରେ ବିଶିଷ୍ଟ କବି ତଥା ସାହିତ୍ୟିକ ସୌଭାଗ୍ୟବନ୍ତ ମହାରଣା ଯୋଗ ଦେଇଥିଲେ। ତାଙ୍କ ସହ କଥାବାର୍ତ୍ତା ହୋଇଥିଲେ ଡ. ସିଦ୍ଧାର୍ଥ ପଣ୍ଡା। ସାହିତ୍ୟ ଓ ସୃଜନକୁ ନେଇ କବି ମହାରଣା କହିଥିଲେ, ସାହିତ୍ୟ ଓ ସୃଜନ ପରସ୍ପର ପରିପୂରକ। ସାହିତ୍ୟିକ ସୃଜନ କାର୍ଯ୍ୟରେ ଯେତେବେଳେ ଲେଖକ କିମ୍ବା କବି ଲିପ୍ତ ରହେ, ସେ ଭାବ ବିଭୋର ହୋଇ ନିଜକୁ ଭୁଲିଯାଏ। କେତେବେଳେ ଏକ ସୁନ୍ଦର କବିତା ଓ ଗଳ୍ପ ସୃଷ୍ଟି ହେବ, ସେ ଜାଣି ପାରେନାହିଁ। ପାଠକୀୟ ଆଦୃତି ଲାଭ କଲାପରେ ସେ ଅନୁଭବ କରେ ତାର ଶ୍ରେଷ୍ଠତମ କୃତିକୁ ବୋଲି କବି ମହାରଣା ପରାମର୍ଶ ଦେଇଛନ୍ତି। ଅପରପକ୍ଷେ ସମ୍ବଲପୁର ପୁସ୍ତକମେଳାର ଶିଶୁ ମଣ୍ଡପକୁ ଆକର୍ଷିତ ହେଉଛନ୍ତି ଶତାଧିକ ଛାତ୍ରୀଛାତ୍ର। ଅଧ୍ୟାପିକା ସୀମାନ୍ତିକା ଦାସଙ୍କ ଆଓ ଶୁନେ କାହାନୀରୁ ଆରମ୍ଭ ହୋଇଥିଲା ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ସେହିପରି ଶେଷ ଶିଶୁ କାର୍ଯ୍ୟକ୍ରମ ଥିଲା ସମ୍ବଲପୁରୀ ନୃତ୍ୟ ଶିକ୍ଷା। ଅଧ୍ୟାପିକା ଦାସ ପିଲାମାନଙ୍କୁ ଅଙ୍ଗଭଙ୍ଗୀ କରି ସମ୍ବଲପୁରୀ ନୃତ୍ୟ ଶିଖାଇଥିଲେ। ସ୍ଥାନୀୟ ବିଦ୍ୟାଳୟର ତିନି ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ରାତି ୭ଟାରେ ପ୍ରସିଦ୍ଧ ଗାୟକ ବିଷ୍ଣୁମୋହନ କବି ସଙ୍ଗୀତ ପରିବେଷଣ କରିଥିଲେ। ବିଭିନ୍ନ ସ୍ୱାଦର ଗୀତର ତାଳେ ତାଳେ ଦର୍ଶକ ଝୁମିଥିଲେ। ପୁସ୍ତକ ମେଳା ମାଧ୍ୟମରେ ପ୍ରକାଶକ ଏବଂ ପାଠକଙ୍କ ମଧ୍ୟରେ ସଂଯୋଗକୁ ଅଧିକ ମଜଭୁତ କରିବା ସହ ପୁସ୍ତକ, ସଂସ୍କୃତି ଓ ପିଲାମାନଙ୍କ ସମାଗମ ନିମନ୍ତେ ନ୍ୟାସନାଲ ବୁକ୍ ଟ୍ରଷ୍ଟ ଇଣ୍ଡିଆ ତାର ପ୍ରଚେଷ୍ଟା ଜାରି ରଖିଛି। ପୁସ୍ତକମେଳାରେ ପ୍ରତିଦିନ ସନ୍ଧ୍ୟା ସାଢ଼େ ୫ଟାରୁ ସ୍ଥାନୀୟ ତଥା ଜାତୀୟସ୍ତରର ପ୍ରସିଦ୍ଧ କଳାକାରମାନେ ନୃତ୍ୟ, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ବୋଲି ଆୟୋଜକଙ୍କ ପକ୍ଷରୁ ସୂଚିତ କରାଯାଇଛି।

## କ୍ରୀଡା ଶାରୀରିକ, ମାନସିକ ସୁସ୍ଥତା କରେ



ଆନ୍ତଃ ବିଭାଗୀୟ କ୍ରୀଡା ପ୍ରତିଯୋଗିତାରେ ଅତିଥିଙ୍କ ସହ ଖେଳାଳିମାନେ।

**ସମ୍ବଲପୁର ମଣ୍ଡଳରେ ଆନ୍ତଃ ବିଭାଗୀୟ କ୍ରୀଡା ପ୍ରତିଯୋଗିତା**

**ସମ୍ବଲପୁର,୨୫।୧(ବି.ଶଙ୍କର)**

ପୂର୍ବତଟ ରେଳପଥ କ୍ରୀଡା ସଙ୍ଗଠନ ସମ୍ବଲପୁର ମଣ୍ଡଳ ଦ୍ୱାରା ଆନ୍ତଃ ବିଭାଗୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ରେଲୱେ ଷ୍ଟାଡିୟମରେ ଏହି ପ୍ରତିଯୋଗିତାରେ କ୍ରିକେଟ, ଭଲିବଲ, ବ୍ୟାଡମିଣ୍ଟନ ଏବଂ ଟେନିସ ଭଳି ବିଭିନ୍ନ ଖେଳ ଖେଳାଯାଉଛି। ସମ୍ବଲପୁର ମଣ୍ଡଳର ସମସ୍ତ ବିଭାଗ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଛନ୍ତି। ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଚୌଧରୀ କହିଥିଲେ, କ୍ରୀଡାରେ ଅଂଶ ଗ୍ରହଣ କର୍ମଚାରୀଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ବୃଦ୍ଧି କରିବା ସହିତ ଶାରୀରିକ ସୁସ୍ଥତା ଏବଂ ମାନସିକ ସୁସ୍ଥତା ବଜାୟ ରଖିବାରେ ସାହାଯ୍ୟ କରେ। ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଙ୍ଗଠନ ସମ୍ବଲପୁର ଶାଖା ଅଧ୍ୟକ୍ଷା ବିନ୍ଦୁ ଚୌଧରୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ କ୍ରିକେଟ ମ୍ୟାଚ ମେକାନିକାଲ ବନାମ ଅଫିସର ଦଳ ମଧ୍ୟରେ ଖେଳାଯାଇଥିଲା। ମେକାନିକାଲ ଦଳ ପ୍ରଥମେ ବ୍ୟାଟିଂ କରି ୧୦ଓଭରରେ ୪ ଉଇକେଟ୍ ହରାଇ ୮୦ ରନ୍ କରିଥିଲା। ଜବାବରେ ଅଫିସର ଦଳ ୯.୧ ଓଭରରେ ୩ ଉଇକେଟ୍ ହରାଇ ୮୩ ରନ୍ କରିଥିଲା। ଫଳରେ ଅଫିସର ଦଳ ୭ ଉଇକେଟରେ ମ୍ୟାଚ ଜିତିଥିଲା। ଅଫିସର ଦଳର କୁମୁଦ ରଞ୍ଜନଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ କରାଯାଇଥିଲା।

**ସଂକ୍ଷେପରେ**

## କୃତୀ ପ୍ରତିଭା ସମ୍ମାନିତ

**ପଡିଆବାହାଲ,୨୭।୧(ରାଧାମୋହନ ଷଡ଼ଙ୍ଗୀ)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକର ବାହାମ ପଞ୍ଚାୟତସ୍ତରୀୟ ସାଧାରଣତନ୍ତ୍ର ଦିବସ ପଧାନପାଲି ହାଇସ୍କୁଲ ପଡିଆରେ ପାଳିତ ହୋଇଯାଇଛି। ସରପଞ୍ଚ ସରସ୍ୱତୀ ଭୁସାଗରଙ୍କ ସଭାପତିତ୍ୱ ଓ ଡା ରାଜାରାମ ଷଡ଼ଙ୍ଗୀଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ପ୍ରଭାତ କୁମାର ବିଶ୍ୱାଳ ମୁଖ୍ୟଅତିଥି, ବାଣୀ ମହାପାତ୍ର ମୁଖ୍ୟବକ୍ତା, ଏମ୍‌ପି ପ୍ରତିନିଧି ପ୍ରମୋଦ କୁମାର ମିଶ୍ର, ସମିତି ସଭ୍ୟ ପ୍ରଫୁଲ୍ଲ ମଗର, ଶିକ୍ଷାବିତ ପ୍ରଫୁଲ୍ଲ କୁମାର ପଣ୍ଡା, ବ୍ୟବସାୟୀ ସମାଜସେବୀ ବିଜୟ କୁମାର ନାୟକ, ବିଶିଷ୍ଟ ଚାଷୀ ସୁବୋଧ କୁମାର ବେହେରା ସମ୍ମାନୀତ ଅତିଥିଭାବେ ଯୋଗଦାନ କରିଥିଲେ। ସାମ୍ବିଧାନିକ ବିଧିବ୍ୟବସ୍ଥାକୁ ସମ୍ମାନ ଜଣାବା ଆମ ସମସ୍ତଙ୍କ କର୍ତ୍ତବ୍ୟ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଥିବା ଅନେକ ପ୍ରତିଭାଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।

## ଉପଖଣ୍ଡ ସ୍ତରୀୟ ୭୭ ତମ ସାଧାରଣତନ୍ତ୍ର ଦିବସ

**କୁଚିଣ୍ଡା,୨୭।୧(ବିରଞ୍ଚି ଦର୍ଶୀ)**

ସମ୍ବଲପୁର ଜିଲା କୁଚିଣ୍ଡା କଲେଜ ପଡ଼ିଆରେ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କୁଚିଣ୍ଡା ଉପଜିଲାପାଳ ସରୱନନ ସ ମୁଖ୍ୟଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର ୨୧ଟି ଦଳ ପରେଡରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ବକ୍ସମା କୁଚିଣ୍ଡା ସୂଚନାକେନ୍ଦ୍ରସ୍ଥିତ ମହାତ୍ମା ଗାନ୍ଧୀ, ଉପଜିଲାପାଳ ଅଫିସ ସମ୍ମୁଖରେ ଥିବା ସହୀଦ ସ୍ତମ୍ଭ, ରାମଜୀପଡାସ୍ଥିତ ଆମ୍ବେଡ଼କର ଏବଂ ଜ୍ୟୋତିପଡାସ୍ଥିତ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ଉପଜିଲାପାଳ ସରୱନନ ସ ମାଲ୍ୟାର୍ପଣ କରିଥିଲେ। ଜାତୀୟ ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ କୁଚିଣ୍ଡା ଡ଼ାକ୍ତରଖାନାର ରୋଗୀଙ୍କୁ ଫଳ ଏବଂ ଜେଲ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏହି ଜାତୀୟ କାର୍ଯ୍ୟକ୍ରମକୁ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଆଲୋକ ପଟେଲ, ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଦୀପ ଦାସ, ବିଡ଼ିଓ ଜୟନ୍ତ ସାହୁ, ଆସିଷ୍ଟାଣ୍ଟ କଲେକ୍ଟର ଲୋଚନ ଶବର, ରମେଶ ସାହୁ ଓ ସାଗର ପ୍ରଧାନ ପରିଚାଳନା କରିଥିଲେ। ସେହିପରି କୁଚିଣ୍ଡା ସାମ୍ବାଦିକ ଭବନରେ ସଂଘ ସଭାପତି ଦୀନେଶ ନନ୍ଦ, କୁଚିଣ୍ଡା କଲେଜରେ ଅଧ୍ୟକ୍ଷ ମନୋଜ ପଣ୍ଡା, ବକ୍ସମାସ୍ଥିତ ଗୁରୁଚରଣ ଯୁକ୍ତ ୨କଲେଜରେ ପରିଚାଳନା ବୋର୍ଡ ସଦସ୍ୟ ଫକୀର ମୋହନ ବରିହା, ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ସଭାପତି ଧିରେନ୍ଦ୍ର ମହାନ୍ତି ଜାତୀୟ ପତାକା ଉତ୍ତୋଳନ କରିଥିଲେ।

# କଠିନ ପରିଶ୍ରମ ସଫଳତାର ଚାବିକାଠି

**ବିଜାଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ**



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

**ନାକଟିଦେଉଳ,୨୭।୧(ବୈକୁଣ୍ଠନାଥ ସାହୁ)**

କଠିନ ପରିଶ୍ରମ ସଫଳତାର ଚାବିକାଠି। ଦୃଢ଼ ଆତ୍ମବିଶ୍ୱାସ ରଖି ଛାତ୍ରୀଛାତ୍ରମାନେ କଠିନ ପରିଶ୍ରମ କରି ସଫଳତାର ଶୀର୍ଷ ଛୁଇଁବାକୁ ଚେଷ୍ଟା ଅବ୍ୟାହତ ରଖନ୍ତୁ। ମଙ୍ଗଳବାର ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ବଳମ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବିଜାଗଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ସମାରୋହରେ ଯୋଗଦେଇ ଅତିଥିମାନେ ଏହି ମତପ୍ରକାଶ କରିଛନ୍ତି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର, ମୁଖ୍ୟବକ୍ତାଭାବେ ବାଟଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରାଜନୀତି ବିଜ୍ଞାନ ଅଧ୍ୟାପକ ପ୍ରଫୁଲ୍ଲ କୁମାର ପ୍ରଧାନ, ସମ୍ମାନିତ ଅତିଥିଭାବେ ପୂର୍ବତନ ନାକଟିଦେଉଳ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ, ବ୍ଲକ ଯୁବ ବିଜେଡି ସଭାପତି ଧିରେନ କୁମାର ସାହୁ, ପେଣ୍ଡବାହାଲ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରତାପ କୁମାର ସ୍ୱାଇଁ, ବଳମ କ୍ଲଷ୍ଟର ସିଆରସିସି କେଦାରସନ ସାହୁ, ଶିକ୍ଷାବିତ୍ ଭକ୍ତ ବଲ୍ଲଭ ପ୍ରଧାନ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ଭଲ ପାଠ ପଢି ଅନୁଷ୍ଠାନର ନାମକୁ ଗୌରାବାନ୍ୱିତ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। କଠିନ ପରିଶ୍ରମ ସଫଳତାର ଚାବିକାଠି। ତେଣୁ ଛାତ୍ରୀଛାତ୍ରମାନେ ଏଥିପ୍ରତି ସଚେତନ ହୋଇ ଶିକ୍ଷା ଗ୍ରହଣ କରିବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ଆୟୋଜିତ ୨୬ଟି ଇଭେଣ୍ଟର କୃତି ପ୍ରତିଯୋଗୀ ପୁରସ୍କୃତ କରାଯାଇଥିଲା। ସବ ଜୁନିୟରରେ ଚାମ୍ପିୟନ ତୃତୀୟ ଶ୍ରେଣୀ ଛାତ୍ରୀ ବନିତା ସାହୁ, କନିଷ୍ଠ ବର୍ଗରେ ୫ ମ ଶ୍ରେଣୀ ଛାତ୍ର ଓମ କିସାନ ଏବଂ ବରିଷ୍ଠ ବର୍ଗରେ ୮ମ ଶ୍ରେଣୀ ଛାତ୍ରୀ ଉଷଶ୍ରୀ ନାଏକଙ୍କୁ ଅତିଥିମାନେ ଟ୍ରଫି ସହିତ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ। ଏଥିସହିତ ଚଳିତ ବର୍ଷର ଶ୍ରେଷ୍ଠ ଛାତ୍ରୀ ୮ମ ଶ୍ରେଣୀର ଦିପ୍ତିମୟୀ ସାହୁଙ୍କୁ ସ୍ୱତନ୍ତ୍ରଭାବେ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ସସ୍ମିତା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ସୁଷମା ପ୍ରଧାନ, ସନ୍ତୋଷିନୀ ନାଏକ, ଜୀବନ୍ତୀ ଦେହୁରୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଞ୍ଜନ କୁମାର ପ୍ରଧାନ ଏବଂ ଶିକ୍ଷକ ସୁଜିତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ପଞ୍ଚଖଣ୍ଡା କପ କ୍ରିକେଟ: ଖୁବେଲ ଚାମ୍ପିୟନ



ଅତିଥିମାନଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

**ନାକଟିଦେଉଳ,୨୭।୧(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଗିରିଶ୍ଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ଗୌଡ଼ପାଲି କ୍ରିକେଟ କ୍ଲବ ପକ୍ଷରୁ ଗତ ୨୨ତାରିଖଠାରୁ ଚାଲିଥିବା ପଞ୍ଚଖଣ୍ଡା କପ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଲିଙ୍କନ ପାର୍କ ବାହାମ ଏବଂ ଚାରମାଳର ଖୁବେଲ ଦଳ ମଧ୍ୟରେ ହୋଇଥିଲା। ଟସ୍ ଜିଣି ଖୁବେଲ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮ଟି ଉଇକେଟ ହରାଇ ୧୧୭ ରନ କରିଥିଲା। ଜବାବରେ ବାହାମ ଦଳ ୧୦ ଓଭରରେ ୯ ଉଇକେଟ ହରାଇ ୪୪ରନ କରି ପରାଜିତ ହୋଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଭାବେ ଖୁବେଲର ବାଦଲ ଏବଂ ମ୍ୟାନ ଅଫ ଦି ସିରିଜ ଭାବେ ରୋହିତଙ୍କୁ ପୁରସ୍କୃତ କରାଯାଇଥିଲା। ଗୌଡ଼ପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ ପ୍ରମୋଦ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ନାକଟିଦେଉଳ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସୁଦର୍ଶନ ସାହୁ, ମୁଖବକ୍ତାଭାବେ କିସିଣ୍ଡା ଥାନା ଏସଆଇ ଗୋଲକ ବିହାରୀ ପ୍ରଧାନ, ସମ୍ମାନିତ ଅତିଥିଭାବେ ଗିରିଶ୍ଚନ୍ଦ୍ରପୁର ସରପଞ୍ଚ ଶୁଭେନ୍ଦ୍ର ପ୍ରଧାନ, ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରମୋଦ କୁମାର ପ୍ରଧାନ, ମାଛୁ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରମୋଦ ପ୍ରଧାନ ଏବଂ ଗିରିଶ୍ଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟ କ୍ରୀଡା ଶିକ୍ଷକ ପ୍ରକାଶ ଚନ୍ଦ୍ର ପଣ୍ଡା ଯୋଗଦେଇ ବିଜେତା ଖୁବେଲ ଏବଂ ଉପବିଜେତା ବାହାମ ଦଳକୁ ଟ୍ରଫି ସହିତ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ। କ୍ରିକେଟ କ୍ଲବ ସଭାପତି ରଞ୍ଜନ ବାବୁ ଧନ୍ୟବାଦ ଅର୍ପଣ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ଗୌଡ଼ପାଲି କ୍ରିକେଟ କ୍ଲବର ସୁମନ୍ତ ବାବୁ, ମନୋଜ ଦେଓ, ରତ୍ନାକର ଦେଓ, ସତ୍ୟବାନ ପ୍ରଧାନ, ବୁଲୁ ସାହୁ ଏବଂ ରବିରଞ୍ଜନ ତିୱାରୀଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ରେଢ଼ାଖୋଲରୁ ସମ୍ବଲପୁରକୁ ଆମବସ୍ ଚଳାଚଳ ଦାବି

**ସମ୍ବଲପୁର,୨୭।୧(ଭବାନୀ ଶଙ୍କର ଭୋଇ)**

ରେଢ଼ାଖୋଲରୁ ସମ୍ବଲପୁରକୁ ଆମବସ୍ ସେବା ଯୋଗାଇ ଦେବାକୁ ମଙ୍ଗଳବାର ରେଢ଼ାଖୋଲ ପ୍ରେସ କ୍ଲବ ତରଫରୁ ରେଢ଼ାଖୋଲ ଉପଜିଲାପାଳ ରଶ୍ମିରଞ୍ଜନ ମହନ୍ତଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରେଢ଼ାଖୋଲ ଉପଖଣ୍ଡର ଜନସାଧାରଣ ଶିକ୍ଷା, ବ୍ୟବସାୟ, ସ୍ୱାସ୍ଥ୍ୟ ସେବା ପାଇଁ ସମ୍ବଲପୁର, ବୁର୍ଲା, କଟକ, ଭୁବନେଶ୍ୱର, ବ୍ରହ୍ମପୁରକୁ ପ୍ରତ୍ୟେକ ଦିନ ଯିବା ଆସିବା କରିଥାନ୍ତି। ଯାତ୍ରୀଙ୍କ ସୁବିଧା ପାଇଁ ରେଢ଼ାଖୋଲ ସହରରେ ଏକ ସରକାରୀ ବସ୍‌ର ଅଗ୍ରିମ ଟିକେଟ ବୁକିଙ୍ଗ କାଉଣ୍ଟର, ରେଢ଼ାଖୋଲଠାରୁ ସମ୍ବଲପୁର ସହରକୁ ସକାଳୁ ସରକାରୀ ବସ୍ ସେବା ଯୋଗାଇ ଦେବା, ସମ୍ବଲପୁରଠାରୁ କଟକକୁ ଯାଉଥିବା ବସକୁ ଭୁବନେଶ୍ୱର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା, ଫୁଲବାଣୀରୁ ସମ୍ବଲପୁରକୁ ଚଳାଚଳ କରୁଥିବା ଦୁଇଟି ବସ ବୁର୍ଲା ମେଡିକାଲ ଦେଇ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବାକୁ ଦାବି କରି ପ୍ରେସ କ୍ଲବର ସଦସ୍ୟ ମାନେ ରେଢ଼ାଖୋଲ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିସହିଁ ସମ୍ବଲପୁର ଜିଲାପାଳ, ଓଡିଶା ରାଜ୍ୟ ପରିବହନ ନିଗମର ମୁଖ୍ୟ ପ୍ରବନ୍ଧକ, ବାଣିଜ୍ୟ ଓ ପରିବହନ ସଚିବ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କୁ ମଧ୍ୟ ଲିଖିତ ଭାବେ ଉପଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ରେଢାଖୋଲରୁ ସକାଳୁ ସମ୍ବଲପୁରକୁ ସରକାରୀ କାମରେ ଆସିବା ପାଇଁ ଘରୋଇ ବସ୍ ଉପରେ ନିର୍ଭର କରିବାକୁ ପଡୁଛି। ତେଣୁ ସରକାର ରେଢାଖୋଲ ନିମନ୍ତେ ଇବସ୍ ସହିତ ଆମବସର ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ପ୍ରେସ କ୍ଲବ ସଭାପତି ଶଙ୍କର ପୃଷ୍ଟି, ଉପଦେଷ୍ଟା ଜୟନ୍ତ ଖଡ଼ିରତ୍ନ, ସମ୍ପାଦକ ତପନ ବିଶ୍ୱାଳ, ସହସମ୍ପାଦକ କନ୍ଦର୍ପ ବେହେରା, ମଦନ ବେହେରା, ପ୍ରସନ୍ନ ପ୍ରଧାନ, ଗଜାନନ ଭେସରା, ସୁଧୀର କୁମାର ସୁନା, ସରୋଜ କୁମାର ସାହୁ, ସୁଶାନ୍ତ ନାଗ, ଯଶୋବନ୍ତ ନାରାୟଣ ସାହୁ ଉପସ୍ଥିତ ଥିଲେ।

# ମୁକ୍ତି ସଂଗ୍ରାମରେ ସମ୍ବଲପୁରର ଅବଦାନ ଅତୁଳନୀୟ

**ସମ୍ବଲପୁର,୨୭।୧(ପ୍ରମୋଦ ବହିଦାର)**



ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ଜିଲାସ୍ତରୀୟ ଅଧିକାରୀଙ୍କ ଗହଣରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ।

**ସମ୍ବଲପୁରରେ ସାଧାରଣତନ୍ତ୍ର ଦିବସ ପାଳିତ**

ସମ୍ବଲପୁରରେ ସୋମବାର ୭୭ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ରିଜର୍ଭ ପୋଲିସ ପଡିଆରେ ଆୟେଜିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମବାୟ, ହସ୍ତତନ୍ତ ଓ ବୟନ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସେ ସମବେତ ଜନତାଙ୍କୁ ସମ୍ବୋଧିତ କରି କହିଥିଲେ, ଏହି ଦିବସ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବ, ଗୌରବ ଓ ଆନନ୍ଦର ଦିବସ। ଏହାସହ ସେ ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଡ଼କରଙ୍କ ସ୍ମୃତିଚାରଣ କରି ଏହି ଦିବସ ଆମପାଇଁ ସ୍ମୃତି, ସଂକଳ୍ପ ଓ ଆତ୍ମସମୀକ୍ଷାର ଦିବସ ବୋଲି କହିଥିଲେ। ସମ୍ବିଧାନ ଆମ ବିଧି ବ୍ୟବସ୍ଥାର ଭିତ୍ତିଭୂମି ନିର୍ଦ୍ଧାରଣ କରିଥାଏ। ଏହାର ପ୍ରସ୍ତାବନାରେ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତିଫଳିତ ହେବା ସହ ଦେଶବାସୀଙ୍କ ଅଭିଳାଷା, ଆଶା ଓ ଆକାଂକ୍ଷାକୁ ନିଶ୍ଚିତ କରିଥାଏ। ଭାରତର ମୁକ୍ତି ସଂଗ୍ରାମରେ ସମ୍ବଲପୁରର ଅବଦାନ ଅତୁଳନୀୟ ବୋଲି ମନ୍ତ୍ରୀ ବଳସାମନ୍ତ କହିଥିଲେ। ଏହି ଅବସରରେ ମନ୍ତ୍ରୀ ବଳସାମନ୍ତ ଜିଲାର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ସେ ରାଜ୍ୟ ସରକାରଙ୍କ କେତେକ ଉପଲବ୍ଧି ଉପରେ ଆଲୋକପାତ କରିଥିଲେ। ୨୦୩୬ ସୁଦ୍ଧା ରାଜ୍ୟର ସମସ୍ତ କୃଷକଙ୍କୁ ସମବାୟ ଅଧୀନରେ ଆଣିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିପରି ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ ଆମର ସ୍ୱପ୍ନ ଆଉ ସଙ୍କଳ୍ପ ବୋଲି ସେ କହିଥିଲେ। ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ଜିଲାସ୍ତରୀୟ ପରେଡରେ ମୋଟ ୩୮ଟି ଟ୍ରୁପ୍ ଭାଗ ନେଇଥିଲେ। ଏଥିରେ ଏନ୍‌ସିସି, ଏପିଆର ବାଟାଲିୟନ, ସିଭିଲିଆନ ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ସ୍କାଉଟ ଓ ଛାତ୍ରୀଛାତ୍ରଙ୍କ ଦଳ ସହିତ ୧୦ଟି ସଚେତନତାଧର୍ମୀ ବାର୍ତ୍ତାବାହକ ପ୍ରଜ୍ଞାପନ ମେଢ଼ ମଧ୍ୟ ଭାଗ ନେଇଥିଲା। ପରେଡ ପରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ମୁଖ୍ୟଅତିଥିଙ୍କ ଦ୍ୱାରା ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀଙ୍କ ସହ ଜିଲାସ୍ତରୀୟ ପ୍ରଶାସନିକ ଓ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ଜିଲ୍ଲାର ବିକାଶ ପାଇଁ ଆମ ସରକାର ସବୁବେଳେ ତତ୍ପର


ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

## ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

**ଭବାନୀପାଟଣା,୨୭।୧(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ଭବାନୀପାଟଣା ରିଜର୍ଭ ପୋଲିସ ପଡ଼ିଆଠାରେ ସୋମବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେ ମିଳିତ ପରେଡ୍‌ର ଅଭିଭାଦନ ଗ୍ରହଣକରି ଜିଲାବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଥିଲେ। ଜିଲାର ବିକାଶ ପାଇଁ ଆମ ସରକାର ସବୁବେଳେ ତତ୍ପର ବୋଲି ମନ୍ତ୍ରୀ ଖୁଣ୍ଟିଆ ମତବ୍ୟକ୍ତ କରିଥିଲେ। ମିଳିତ ପରେଡ୍‌ରେ ମୋଟ ୪୩ଟି ଦଳ ଅଂଶ ଗ୍ରହଣ କରିଥିଲେ। ଏଥିରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଅନୁଷ୍ଠାନକୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ବିବେଚିତ ବ୍ୟକ୍ତିବିଶେଷଙ୍କୁ ମଧ୍ୟ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ପରେଡ୍ ଉତ୍ସବ ପରେ ମୁଖ୍ୟ ଅତିଥି ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନରେ ଯାଇ ସେଠାରେ ନୂତନ ରକ୍ତଭଣ୍ଡାରରେ ଅନୁଷ୍ଠିତ ରକ୍ତଦାନ ଶିବିର ଉଦ୍‌ଘାଟନ କରିଥିଲେ। ଏହାପରେ ଜିଲା କାରାଗାର ପରିଦର୍ଶନକରି ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଏହିସବୁ କାର୍ଯ୍ୟକ୍ରମରେ କଳାହାଣ୍ଡି ଲୋକ ସଭା ସାଂସଦ ମାଳବିକା ଦେବୀ, ଜିଲାପାଳ ପାୱାର ସଚିନ ପ୍ରକାଶ, ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେବରକୋଣ୍ଡା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବଇଡୁରା ଦୀପ, ଡିଏଫ୍‌ଓ (ଉତ୍ତର) ରମେଶ କୁମାର ବିଷ୍ଣୋଇ, ଡିଏଫ୍‌ଓ (ଦକ୍ଷିଣ) ଆର୍. କଲାଇ ବାନନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଭାଜପା ଜିଲା ସଭାପତି ଯୁଗଳ କିଶୋର ପୋଢ଼ ପ୍ରମୁଖ ଯୋଗଦେଇଥିଲେ। ସନ୍ଧ୍ୟାରେ ଟାଉନ ହଲ୍‌ଠାରେ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଦୁର୍ଯ୍ୟୋଧନ ଭୋଇ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ, ଡ. ଅଜୟ ମିଶ୍ର, ଡ. ଉମେଶ ଚନ୍ଦ୍ର ଶତପଥୀ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ହେମନ୍ତ କୁମାର ମୁଣ୍ଡ, ବିରଞ୍ଚି ନାରାୟଣ ମୁଣ୍ଡ, ରବି ପ୍ରସାଦ କାନୁନ୍‌ଗୋ, ଶୁଭେନ୍ଦୁ ବେହେରା, ଚିତ୍ତରଞ୍ଜନ କର ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନିଆଲ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ସ୍ୱାଧୀନତା ସଂଗ୍ରାମୀଙ୍କୁ ମନେ ପକାଇଲେ ଜିଲାପାଳ

**ନୂଆପଡ଼ା,୨୭।୧ (ମକାରୁ ବେମାଲ)**

ସ୍ଥାନୀୟ ମିନି ଷ୍ଟାଡିୟମଠାରେ ସୋମବାର ଜିଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଥମେ ଗାନ୍ଧୀ ପ୍ରମୋଦ ଉଦ୍ୟାନଠାରେ ଜାତୀୟ ପିତା ମହାତ୍ମା ଗାନ୍ଧୀ ଓ ଏକତା ଛକଠାରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଘାସିରାମ ମାଝୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ମିନି ଷ୍ଟାଡିୟମଠାରେ ଜାତୀୟ ପତାକା ଉତ୍ତୋଳନ କରି ମିଳିତ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ପରେଡରେ ୩୨ଟି ଦଳ ସାମିଲ ହୋଇଥିଲେ। ଏହି ଅବସରରେ ଉଦ୍‌ବୋଧନ ଦେଇ ଜିଲାପାଳ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନକୁ ମନେ ପକାଇ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୁକ୍ତି ସଂଗ୍ରାମରେ ନୂଆପଡା ମାଟିର ବରପୁତ୍ରଙ୍କ ଅବଦାନ ସ୍ମରଣ କରିଥିଲେ। ଏହି ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଜିଲାପାଳ ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଉଦ୍‌ଘାଟନ କରି କାରାଗାର ଅନ୍ତେବାସୀ ଓ ବିଜୁ ପଟ୍ଟନାୟକ ଅନଗ୍ରସର ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଫଳ ଓ ମିଷ୍ଟାନ୍ନ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଭାରତୀୟମ ପୋଲିସ ପଡିଆ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ଜିଲା ଆରକ୍ଷୀ ଅଧୀକ୍ଷକ ଅମୃତ ପାଲ ସିଂ, ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲାପାଳ ସୁର୍ମି ସୋରେନ,ଏପିଡି କ୍ଷମାନିଧି ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଉପଖଣ୍ଡିୟ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ, ଜିଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


ଜିଲାପାଳ ସାମୂହିକ ପରେଡ୍ ଅଭିବାଦନ ଗ୍ରହଣ କରୁଛନ୍ତି।

## ୮୫ ଅଭିଯୋଗର ଶୁଣାଣି କଲେ ଅଧିକାରୀ

**କୋକସରା,୨୭।୧(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

ମଙ୍ଗଳବାର କୋକସରା ବ୍ଲକ କାର୍ଯ୍ୟାଳୟଠାରେ ଅଭିଯୋଗ ଶୁଣାଣି ହୋଇଥିବାବେଳେ ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଅନୁପସ୍ଥିତି ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅତିରିକ୍ତ ଜିଲାପାଳ ତନ୍ମୟ ଦରୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ପ୍ରକଳ୍ପ ନିର୍ଦ୍ଦେଶକ ଦୟାମୟ ପାଢ଼ୀ, ଧର୍ମଗଡ଼ ଉପଜିଲାପାଳ ପ୍ରେକ୍ଷା ଅଗ୍ରୱାଲ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଡୋଲାମଣି ଭୋଇ, ଡିପିଓ ଦୁର୍ଯ୍ୟୋଧନ ଭୋଇ, ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, ବିଡ଼ିଓ ହିମାଞ୍ଚଳ ମାଝି, ତହସିଲଦାର ଚୌଡଗଙ୍ଗ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ଶିବରେ ମୋଟ ୮୫ ଅଭିଯୋଗ ଆସିଥିବାବେଳେ ବ୍ୟକ୍ତିଗତ ୫୯ ଓ ସାମୂହିକ ୨୬ଟି ରହିଥିଲା। ସେଥି ମଧ୍ୟରୁ କାଳାହାଣ୍ଡି-ନବରଙ୍ଗପୁର ରେଳ ପ୍ରକଳ୍ପ ଅର୍ଥ ଅନୁମୋଦନ ହୋଇଥିଲେ ସୁଦ୍ଧା କଳାହାଣ୍ଡିରେ କୌଣସି ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବା, ରେଙ୍ଗାଲପାଲି (ନାହାଲପଡ଼ା) ପ୍ରାଥମିକ ବିଦ୍ୟାଳୟକୁ ନିଜ ଗ୍ରାମକୁ ସ୍ଥାନାନ୍ତର କରିବା ଅନ୍ୟତମ ଥିଲା।

## ନ୍ୟୁ ଇୟର କପ୍ କ୍ରିକେଟ: ଟଙ୍କାପାଣି ଚାମ୍ପିୟନ


ମୁଖ୍ୟ ଅତିଥି ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି।

**ନୂଆପଡ଼ା,୨୭।୧ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ ରାଜୀବ ଗାନ୍ଧୀ ଷ୍ଟାଡିୟମଠାରେ ଆୟୋଜିତ ୧୯ତମ ନ୍ୟୁ ଇୟର କପ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇ ଯାଇଛି। ଫାଇନାଲ ଖେଳ ତରବୋଡ ଓ ଟଙ୍କାପାଣି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟଙ୍କାପାଣି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୭ ଉଇକେଟ ହରାଇ ୯୭ ରନ ସଂଗ୍ରହ କରିଥିଲା। ତରବୋଡ ଦଳ ସମାନ ଓଭରରେ ୯ ଉଇକେଟ ହରାଇ ୭୨ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ଟଙ୍କାପାଣି ଦଳ ଚାମ୍ପିୟନ ହୋଇଥିଲା । ଅନୁଷ୍ଠାନ ସଭାପତି ଅଜୟ ଗହିରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ ମୁଖ୍ୟ ଅତିଥି, ସାମାଜିକ କର୍ମୀ ମାଧୋ ପ୍ରସାଦ ସାହୁ, ସ୍ଥାନୀୟ ସରପଞ୍ଚ ଶ୍ୟାମ ସୁନ୍ଦର ପୃଷ୍ଟି, ଫରେଷ୍ଟର ଗଗନ ହଂସ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ସୁରେଶ ସାହୁ ଓ ସତ୍ୟମ ସେଠୀ ଖେଳ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବ୍ୟାଙ୍କ କର୍ମଚାରୀଙ୍କ ଆନ୍ଦୋଳନ: ଗ୍ରାହକ ହଇରାଣ

**ରୁପ୍ରା ରୋଡ୍,୨୭।୧(ସଞ୍ଜୀବ ଦାସ):** ସପ୍ତାହର ୨ଦିନ ଶନିବାର ଓ ରବିବାର ଛୁଟି ବ୍ୟବସ୍ଥା ଲାଗୁ କରିବା ଦାବିରେ ବ୍ୟାଙ୍କ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହାର ପ୍ରଭାବ ନର୍ଲା, ରୁପ୍ରା ରୋଡ୍ ଅଞ୍ଚଳର ଷ୍ଟେଟ ବ୍ୟାଙ୍କ ଶାଖାରେ ପରିଲକ୍ଷିତ ହୋଇଛି। ନେଣଦେଣ ବନ୍ଦ ରହିଥିବା ବେଳେ ଗ୍ରାହକମାନେ ଆସି ନିରାଶହୋଇ ଫେରିଯାଉଛନ୍ତି। ବ୍ୟାଙ୍କ ଅଫ୍ ଇଣ୍ଡିଆ ପାଖରେ ଥିବା ଏଟିଏମ୍ ବନ୍ଦ ଥିବାବେଳେ ଅନ୍ୟ ଏଟିଏମ୍‌ରେ କ୍ୟାଶ୍ ନ ଥିବାରୁ ଲୋକେ ହଇରାଣ ହେଉଛନ୍ତି । ବିଶେଷକରି ବୟସ୍କ, ଚାଷୀ ଓ ଦିନମଜୁରିଆମାନେ ଅଧିକ ପ୍ରଭାବିତ ହୋଇଛନ୍ତି।

### ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ

**ଖଡ଼ିଆଳ,୨୭।୧ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଳ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଖଡ଼ିଆଳ ଥାନା ଅଧିକାରୀ ସୁମନ୍ତ କୁମାର ନାଏକ ଯୋଗଦେଇ ମହିଳାମାନେ ଆତ୍ମାରକ୍ଷା ପାଇଁ ବିଭିନ୍ନ ରଣକୌଶଳ ଜାଣିବା ଆବଶ୍ୟକ ବୋଲି କହିଥିଲେ। ଉଦ୍‌ଘାଟନୀ ସଭାରେ ବିଦ୍ୟାଳୟ ଅଧ୍ୟକ୍ଷା ସସ୍ମିତା ପ୍ରଭା ସାମଲ ଅଧ୍ୟକ୍ଷତା କରିଥିଲେ। କ୍ରୀଡା ଶିକ୍ଷକ ସୁରଜିତ ପାତ୍ର, ଅଧ୍ୟାପକ କଳ୍ପଶ୍ରୀ ଆଚାର୍ଯ୍ୟ, ମାଷ୍ଟର ତାଲିମଦାତା ନୀଳିମା ବାରିକ ପ୍ରମୁଖ ଯୋଗଦେଇଥିଲେ। ଏହି ଶିବିର ଫେବୃଆରୀ ୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

### ମୁକ୍ତ ବିଚାରମଞ୍ଚର ମାସିକ ଆଲୋଚନାଚକ୍ର

**ଖଡ଼ିଆଳ,୨୭।୧ (ସୁଜିତ କୁମାର ପ୍ରଧାନ):** ମୁକ୍ତ ବିଚାର ମଞ୍ଚ ଖଡ଼ିଆଳ ଆନୁକୂଲ୍ୟରେ ବଲାଙ୍ଗୀର ଜିଲାର ଲାଠୋରଠାରେ ମାସିକ ଆଲୋଚନଚକ୍ର ଅନୁଷ୍ଠିତ ହୋଇଯାଇଛି। ମହୀୟସୀ ସାବିତ୍ରୀ ବାଇ ଫୁଲେଙ୍କ ଜନ୍ମ ମାସ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଆୟକର ଶ୍ରୀକାନ୍ତ ଚାଟାର୍ଜୀ ସଭାପତିତ୍ୱ କରିଥିଲେ। ମହିଳା ମହାବିଦ୍ୟାଳୟ କଣ୍ଟାବାଞ୍ଜିର ଅଧ୍ୟାପକ ଜିତେନ୍ଦ୍ର ସୁନା ମଞ୍ଚ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ଲୋହିତାକ୍ଷ ଜୋଶୀ ଓ ଶିକ୍ଷୟିତ୍ରୀ ନୀଳିମାରାଣୀ ସାଗର ଆଲୋଚ୍ୟ ବିଷୟରେ ସୁଚିନ୍ତିତ ମତ ଉପସ୍ଥାପନ କରିଥିଲେ। ବୈଠକରେ ଖଡ଼ିଆଳ ଓ ଲାଠୋରର ବହୁ ବୁଦ୍ଧିଜୀବୀ, ଛାତ୍ରୀଛାତ୍ର ଉପସ୍ଥିତ ରହି ପ୍ରଶ୍ନ ଉତ୍ତରରେ ସକ୍ରିୟ ଯୋଗଦାନ କରିଥିଲେ। ଶେଷରେ ସୁଶାନ୍ତ ବିଶି ଧନ୍ୟବାଦ ଦେଇଥିଲେ।

## ବିକଶିତ ଭାରତରେ ସାମିଲ ହେବାକୁ ଆହ୍ୱାନ

### ବିକାଶରେ 'ଏକ ସାମ୍ ଇଣ୍ଡିଆନ ଆର୍ମି କେ ନାମ୍'

**ଭବାନୀପାଟଣା,୨୭।୧(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ବିକାଶ ଉଇସ୍‌ଡମ ପାର୍କରେ ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ସାଧାରଣତନ୍ତ୍ର ଦିବସ ଅବସରରେ 'ଏକସାମ୍‌ଇଣ୍ଡିଆନଆର୍ମିକେ ନାମ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲେଫ୍‌ଟନାଣ୍ଟ କର୍ଣ୍ଣେଲ ଜନ୍ମେଜୟ ମିଶ୍ର (କମାଣ୍ଡିଂ ଅଫିସର ଭାରତୀୟ ସେନା) ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ନୌବାହିନୀ ଅଧିକାରୀ ତଥା ବର୍ତ୍ତମାନ ଜୋନ ଅଫିସର, ଦଶପଲ୍ଲା ଓଡିଶା ରେଭିନ୍ୟୁ ସର୍ଭିସ ଅମିତ କୁମାର ମଲ୍ଲିକ, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଉପକୁଳ ସଚିବ ମେଜର ଡ. ଜୟଦେବ ସାହୁ, ଜେସିଆଇ ଆନନ୍ଦ ଜୈନ, ଜେସିଆଇ ସୋହନ ଅଗ୍ରୱାଲ, ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ ନିର୍ଦ୍ଦେଶକ ଡି ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି ରାମ କୁମାର, ଶିକ୍ଷା ପ୍ରଭାରୀ ଡି ବିଜୟା, ବିବିଏ ବିସିଏ ଅଧ୍ୟକ୍ଷ ଡ ସୁଦୀପ୍ତ ଜେନା, ବିକାଶ ନର୍ସିଂ କଲେଜ ଅଧ୍ୟକ୍ଷ ଡ. ଗୋପୀନାଥ ସୁବ୍ରମନ୍ୟମ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତି ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଏନ୍‌ସିସି ଓ ନାଭାଲ କ୍ୟାଡେଟ୍, ବିକାଶ ଆବାସିକ ବିଦ୍ୟାଳୟର ଏନ୍‌ସିସି, ଜୁନିଅର ରେଡକ୍ରସ ଆଦି ଦଳ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ବନ୍ଦେ ମାତରମ୍ ଗାନ କରାଯାଇଥିଲା। ପୂର୍ବତନ ନୌସେନା ଅଧିକାରୀ ମଲ୍ଲିକ ତାଙ୍କ ଅଭିଭାଷଣରେ ଛାତ୍ରୀଛାତ୍ର ଦେଶ ସେବାରେ ବ୍ରତୀ ହୋଇ ବିକଶିତ ଭାରତରେ ନିଜକୁ ସାମିଲ ହେବାକୁ ଉତ୍ସାହିତ କରିଥିଲେ। ମୁଖ୍ୟ ଅତିଥି କର୍ଣ୍ଣେଲ ଜନ୍ମେଜୟ ମିଶ୍ର ପିପିଟି ମାଧ୍ୟମରେ ନିଜ ସୈନିକ ଜୀବନର ଅନୁଭୂତି ଉପସ୍ଥାପନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଅପରେସନ ସିନ୍ଦୂର, ବିଜୟ ଦିବସ, ବୀର ଯବାନ ଓ ଇଣ୍ଡିଆନ ଆର୍ମି ପ୍ରସଙ୍ଗ ଭିତ୍ତିରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରଯାଇଥିଲା। ଅନୁଷ୍ଠାନ ତରଫରୁ ଅତିଥିଙ୍କୁ ଉପଢୌକନ ଓ ସ୍ମୃତି ଫଳକ ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଗତବର୍ଷ ଦିଲ୍ଲୀରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ 'ସମ୍ବଲପୁରୀ ଲୋକନୃତ୍ୟ'ରେ ଅଂଶଗ୍ରହଣ କରି 'ଗିନିଜ ବୁକ ଅଫ ୱାଲ୍ଡ ରେକର୍ଡ'ରେ ସ୍ଥାନ ପାଇଥିବା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱିତୀୟ ବର୍ଷର ଛାତ୍ରୀ ଜୁଲି ସା ଓ ପୂର୍ଣ୍ଣିମା ସା'ଙ୍କୁ ସମର୍ଦ୍ଧିତ କରାଯାଇଥିଲା।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଗଣ।

## ବୋଡ଼େନ ବ୍ଲକରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**ବୋଡ଼େନ,୨୭।୧ (ଟିକେଶ୍ୱର ନାଗ):** ନୂଆପଡ଼ା ଜିଲା ବୋଡ଼େନ ବ୍ଲକରେ ଜିଲାପାଳ ମଧୁସୂଦନ ଦାଶଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳଙ୍କ ସହ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ସୁର୍ମି ସୋରେନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଧନେଶ୍ୱର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୪୮ଟି ବ୍ୟକ୍ତିଗତ ଓ ୧୫ଟି ଗୋଷ୍ଠୀଗତ ଏଭଳି ମୋଟ ୬୩ ଅଭିଯୋଗର ଶୁଣାଣି ହୋଇଥିଲା। ଏହିସବୁ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଫରସରା ପଞ୍ଚାୟତର ପତୁପଡ଼ା ଗ୍ରାମର ଅସହାୟ ଦୁତିକା ଜଗତ ଓ କେରାପଦର ଗ୍ରାମର ଶିବ ହରିଜନଙ୍କୁ ରେଡକ୍ରସ ପାଣ୍ଠିରୁ ୫,୦୦୦ ଟଙ୍କା ଲେଖାଏର ଚେକ୍ ପ୍ରଦାନ କରାଯାଇଥିଲା। ବିଡ଼ିଓ ସୁଶାନ୍ତ କୁମାର ରଣା, ତହସିଲଦାର ସରିତା ଗୁପ୍ତା, ଡେପୁଟି କଲେକ୍ଟର ଶେଖ ନସିମ, ଚିନ୍ମୟ ସାଗର ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏହି ଉପଲକ୍ଷେ ବ୍ଲକ ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଓ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା।

## ନବନିର୍ମିତ ଖେଳ ପଡ଼ିଆ ମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ

**କେସିଙ୍ଗା,୨୭।୧ (ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ସହରର ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ନବନିର୍ମିତ ଖେଳ ପଡ଼ିଆକୁ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଖୁଣ୍ଟିଆ ଅଭିଭାଷଣ ରଖି ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଅନୁପମ ସାହା, କେସିଙ୍ଗା ଏନ୍‌ଏସି ଅଧ୍ୟକ୍ଷ ନୃପରାଜ ଯାଦବ, ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି ପ୍ରମୁଖ ଯୋଗଦେଇଥିଲେ। ସଭାରେ ଜିଲାପାଳ ପାୱାର ସଚିବ ପ୍ରକାଶ ବିବରଣୀ ପାଠ କରିଥିବାବେଳେ ଏନ୍‌ଏସି ଅଧ୍ୟକ୍ଷ ଯାଦବ କେସିଙ୍ଗା ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ସାହା ୨୦୨୦ରେ ରାଜ୍ୟ ସରକାରଙ୍କ ଯେଉଁ ଯୋଜନା ଥିଲା ସେଥିରେ ଏହି ବିଦ୍ୟାଳୟକୁ ସାମିଲ କରାଯାଇଛି ବୋଲି ପ୍ରକାଶ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ବି ଚନ୍ଦ୍ରଶେଖର ଆଚାର ମଞ୍ଚ ପରିଚାଳନା କରିଥିବାବେଳେ ପ୍ରଧାନ ଶିକ୍ଷକ ସମୀର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଶରତ ଚନ୍ଦ୍ର ସ୍ମାରକୀ ଜାତୀୟସ୍ତରୀୟ ଫୁଟ୍‌ବଲ ମହାକୁମ୍ଭ

**କୋକସରା,୨୭।୧ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** ଶରତ ଚନ୍ଦ୍ର ସ୍ମାରକୀ ଜାତୀୟ ସ୍ତରୀୟ ଫୁଟ୍‌ବଲ ମହାକୁମ୍ଭ ସୋମବାର କୋକସରା ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ କସ୍ତୁରବା ଖେଳ ପଡିଆରେ ଉଦ୍‌ଘାଟିତ ହୋଇଛି। ଏଥିରେ କୋକସରା ବ୍ଲକ ଅଧ୍ୟକ୍ଷା ଗିତା ଅଗ୍ରୱାଲ ମୁଖ୍ୟ ଅତିଥି ଓ ଥାନା ଆଇଆଇସି ସୁଜ୍ଞାନ ବାରିକ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଡ଼. ତତ୍ତ୍ୱଦର୍ଶୀ ଦାସ, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ଛତିଶଗଡ଼ ଭିଲାଇ ଓ ବଲାଙ୍ଗୀର ଟିଟିଲାଗଡ଼ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟାଇବ୍ରେକରରେ ଟିଟିଲାଗଡ଼ ୧-୦ରେ ବିଜୟୀ ହୋଇଥିଲା। ରେଫରି ଭାବେ ନବୀନ ବର୍ଗଡି, ଲାଇନମ୍ୟାନ ଭାବେ ଶଙ୍କର ପୋଡ଼ନ୍ ଖେଳ ପରିଚାଳନା କରିଥିଲେ। ସ୍ପୋର୍ଟସ କ୍ଲବ ସଭାପତି ତ୍ରିମୋହନ ନାଏକ, ସମ୍ପାଦକ କ୍ଷୀରସିନ୍ଧୁ ନେଗୀ, ସହ ସମ୍ପାଦକ ମହେଶ ଗୁପ୍ତା, ଉପସଭାପତି କାମାକ୍ଷ ନାଏକ ସହଯୋଗ କରିଥିଲେ।

# ୭୭ତମ ସାଧାରଣତନ୍ତ୍ର ଦିବସ

**ଖଡ଼ିଆଳ,୨୭।୧ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ଖେଳ ପଡ଼ିଆଠାରେ ଉପଖଣ୍ଡସ୍ତରୀୟ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ବିଧାୟକ ଅଧିରାଜମୋହନପାଣିଗ୍ରାହୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନକରି ମିଳିତ ପରେଡ୍‌ର ଅଭିବାଦନ ଗ୍ରହଣ କରିଥିଲେ। ଅନ୍ୟତମ ଅତିଥି ଭାବରେ ଖଡିଆଳ ବିଡିଓ ମିଳନ ଝଙ୍କାର, ତହସିଲଦାର ନରସିଂ ଗଡବା, ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଏନ୍‌ଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା, ଏନ୍‌ଏସି ଇଓ ସ୍ୱାଧୀନ କେତନ ମହାରଣା, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନ, ଥାନା ଅଧିକାରୀ ସୁମନ୍ତ ନାଏକ ପ୍ରମୁଖ୍ ଯୋଗଦେଇଥିଲେ। ଗୌରାଙ୍ଗ ସାହୁ ମଞ୍ଚ ପରିଚାଳନା କରିଥିଲେ। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ଲାଞ୍ଜିଗଡ଼ (ରମେଶ ଚନ୍ଦ୍ର ନାୟକ):** ସାଧାରଣତନ୍ତ୍ର ଦିବସ ଅବସରରେ ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ଗୋପବନ୍ଧୁ ସ୍କୁଲ ଖେଳପଡିଆଠାରେ ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ପଞ୍ଚାୟତ ସମିତି ଅଧ୍ୟକ୍ଷା କମଳା ପାତ୍ର, ବିଡ଼ିଓ ଶଶାଙ୍କ ପାତ୍ର, ଗୋଷ୍ଠୀ ଶିକ୍ଷାଧିକାରୀ ରୁଷିଆ ମେହେର, ବିଧାୟକ ପ୍ରତିନିଧି ପ୍ରଦୀପ ଘଡେଇ, ବ୍ଲକ ପୂର୍ବତନ ଅଧ୍ୟକ୍ଷ ମନୋହର ହରପାଲ, ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମଲ୍ଲିକ, ମା' ହିରାନୀଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଜଗତ ରାମ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ଲାଞ୍ଜିଗଡ ହାଇସ୍କୁଲ ପଡିଆଠାରେ ଲାଞ୍ଜିଗଡ ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ବ୍ଲକ ମେଡିକାଲ ଅଫିସର ଡା. ଭବାନୀ ଶଙ୍କର ଲେଙ୍କା ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ସେହିପରି ଲାଞ୍ଜିଗଡ ଜେଏମ୍‌ଏଫ୍‌ସି କୋର୍ଟ ପରିସରରେ ବିଚାରପତି ନାଜେଦା ଖାତୁନ, ବେଦାନ୍ତ ଲିମିଟେଡ୍ ପରିସରରେ ସିଇଓ ପ୍ରଣବ ଭଟ୍ଟାଚାର୍ଯ୍ୟ ପତାକା ଉତ୍ତୋଳନ କରିଥିଲେ।



ଖଡ଼ିଆଳଠାରେ ପରେଡର ଅଭିବାଦନ ଗ୍ରହଣ କରୁଛନ୍ତି ମୁଖ୍ୟ ଅତିଥି।

**କୋକସରା (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** କୋକସରା ବ୍ଲକ୍ ସଦର ମହକୁମା ଗୁଡ଼ହାଣ୍ଡି ମଞ୍ଚରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀତା ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡ଼ିଓ ଡ. ହିମାଞ୍ଚଳ ମାଝୀ ଜାତୀୟ ପତାକା ଉତ୍ତୋଳନକରି ପରେଡ୍‌ର ଅଭିବାଦନ ଗ୍ରହଣ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ତହସିଲଦାର ଚୌଡଗଙ୍ଗ ପ୍ରଧାନ, କୋକସରା ଥାନା ଅଧିକାରୀ ସୁଜ୍ଞାନ କୁମାର ବାରିକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି, ସ୍ଥାନୀୟ ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ଭାଜପା ନେତା ତ୍ରିନାଥ ଶବର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିବିଶେଷଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ସେହିପରି ପରେଡ୍‌ରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବିଦ୍ୟାଳୟକୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ସ୍ଥାନୀୟ ପଟ୍ଟନାୟକପଡ଼ାଠାରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଥିଲା।

**ବୋଡ଼େନ (ଟିକେଶ୍ୱର ନାଗ):** ନୂଆପଡ଼ା ଜିଲା ବୋଡ଼େନ ବ୍ଲକ କାର୍ଯ୍ୟାଳୟରେ ମୁଖ୍ୟ ଅତିଥି ରୂପେ ଅଧ୍ୟକ୍ଷା ପ୍ରେମଶୀଳା ନାଗ ଯୋଗଦାନକରି ଜାତୀୟ ପତାକା ଉତ୍ତୋଳନ କରିଥିବାବେଳେ ସ୍ଥାନୀୟ ହାଇସ୍କୁଲ ପଡିଆଠାରେ ମିଳିତ ପରେଡ୍‌ରେ ମୁଖ୍ୟ ଅତିଥି ରୂପେ ବିଡ଼ିଓ ସୁଶାନ୍ତ କୁମାର ରଣା ଯୋଗଦାନକରି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ତହସିଲଦାର ସରିତା ଗୁପ୍ତା, ଅତିରିକ୍ତ ତହସିଲଦାର ଅନସୂୟା ବାଗ୍‌ଦେବୀ, ବିଏସ୍‌ଏଫ୍ କମାଣ୍ଡାଣ୍ଟ ଏମ୍.ଏଲ୍. ଗୁପ୍ତା, ସାମାଜିକ କର୍ମୀ ଫାରୁକ ମହମ୍ମଦ, ରାଜ କୁମାର ନାଗ, ସୌଦାଗର ସାହୁ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କ୍ଷୀରୋଦ ନାଏକ, ଜିପିଡିଓ ଭୀଷ୍ମ କୁମାର, ଏପିଓ ରବିନାରାୟଣ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ବୈଷ୍ଣବ କୁମାର ଦୁରିଆ ମଞ୍ଚ ପରିଚାଳନା କରିଥିଲେ।

**କୋମନା (ମହେଶ ବାଗ):** ନୂଆପଡ଼ା ଜିଲା କୋମନା ବ୍ଲକ ସଦର ମହକୁମାସ୍ଥିତ ଜିତାମିତ୍ର ହାଇସ୍କୁଲ ପଡ଼ିଆଠାରେ ବ୍ଲକସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଅନସୂୟା କୁମ୍ଭାର ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ବରିଷ୍ଠ ଅଧିକାରୀ ସର୍ବେଶ୍ୱର ଜାଲ, ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, ବିଇଓ ଅନିତା ପଣ୍ଡା, ସାମାଜିକ କର୍ମୀ ବୀରେନ୍ଦ୍ର ପ୍ରଧାନ, ଏବିଡିଓ ଭକ୍ତବନ୍ଧୁ ବୁଡ଼େକ ପ୍ରମୁଖ ଉପସ୍ଥିତ ଥିଲେ।

## ଥୁଆମୂଳ ରାମପୁର କୋର୍ଟରେ ସାଧାରଣତନ୍ତ୍ର ଦିବସ

**ଥୁଆମୂଳ ରାମପୁର,୨୭।୧ (ଦୁର୍ଗା କୀର୍ତ୍ତି):**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଜେଏମ୍‌ଏଫ୍‌ସି କୋର୍ଟ ପରିସରରେ ୭୭ତମ ସାଧାରଣତନ୍ତ୍ର ଦିବସ ସୋମବାର ପାଳିତ ହୋଇଯାଇଛି। ବିଚାରପତି ଡ. ତାରିଣୀ ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ କୋର୍ଟର ସମସ୍ତ କର୍ମଚାରୀ, ଆଇନଜୀବୀ ଓ ପୋଲିସ ଅଧିକାରୀ ଉପସ୍ଥିତ ରହି ସମ୍ବିଧାନ ପ୍ରଣେତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଦେଶର ଏକତା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ଧ୍ରୁବଚରଣ ମୁଦୁଲିଙ୍କ ତତ୍ତ୍ୱାବଧାନରେ ଉତ୍ସବ ପାଳିତ ହୋଇଥିଲା। ବ୍ଲକ ପରିସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ତାଲୁକ ଆଇନ ସେବା ସମିତି ପକ୍ଷରୁ ବାଲ୍ୟ ବିବାହ ମୁକ୍ତ ସମାଜ ଗଠନ ପାଇଁ ଏକ ସାଇକେଲ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।


ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସର ସମ୍ମିଳିତ ପରେଡରେ ମୁଖ୍ୟ ଅତିଥି ଅଭିବାଦନ ଗ୍ରହଣ କରୁଛନ୍ତି।

# ସମ୍ବିଧାନର ଆଦର୍ଶକୁ ବଜାୟ ରଖି କାର୍ଯ୍ୟ କରିବାକୁ ଆହ୍ୱାନ

ବରଗଡ଼,୨୭।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ସଦର ମହକୁମାରେ ଆୟୋଜିତ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ନାଏକ ପ୍ରଥମେ ଶହୀଦ ମାଧୋ ସିଂ, ବହ୍ନି କନ୍ୟା ପାର୍ବତୀ ଗିରି, ମହାତ୍ମା ଗାନ୍ଧୀ, କବି ଗଙ୍ଗାଧର ମେହେର, ବୀର ସୁରେନ୍ଦ୍ର ସାଏ ଏବଂ ବାବା ସାହେବ ଭୀମରାଓ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ପରେ ପରେଡ ଅଭିବାଦନ ଗ୍ରହଣ କରି କହିଥିଲେ ଯେ, ସ୍ୱାଧୀନତା ପରଠାରୁ ଭାରତ କୃଷି-ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟସେବା, ଭିତ୍ତିଭୂମି, ଗମନାଗମନ ଏବଂ ମହିଳା ସଶକ୍ତୀକରଣ ଭଳି ବିଭିନ୍ନ କ୍ଷେତ୍ରରେ ହୋଇଥିବା ଉଲ୍ଲେଖନୀୟ ଅଗ୍ରଗତିରେ ଓଡ଼ିଶାର ଭାତହାଣ୍ଡି ତଥା ହସ୍ତତନ୍ତର ପେଣ୍ଠସ୍ଥଳ ଭାବେ ପରିଚିତ ବରଗଡ଼ ଜିଲାର ଯଥେଷ୍ଟ ଅବଦାନ ରହିଛି। ତେଣୁ ଏକ ବିକଶିତ ଓଡ଼ିଶା, ବିକଶିତ ଭାରତ ତଥା ବିକଶିତ ବରଗଡ଼ ଗଠନ ପାଇଁ ସମସ୍ତେ ଏକତ୍ରିତ ହୋଇ ଏହି ତ୍ରିରଙ୍ଗା ତଳେ ଶପଥ ନେବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ଜଣେ ଦାୟିତ୍ୱବାନ ନାଗରିକ ଭାବେ ସମସ୍ତେ ସମ୍ବିଧାନରେ ଲିଖିତ ଆଦର୍ଶକୁ ବଜାୟ ରଖିବା ଏବଂ ସମସ୍ତଙ୍କ ପାଇଁ ନ୍ୟାୟ ଓ ସମାନତାକୁ ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟ କରିବା ଲାଗି ଉପଦେଶ ଦେଇଥିଲେ। ସମାରୋହରେ ୩୮ ଗୋଟି ପରେଡ ଦଳ ଏବଂ ଜିଲାର ପର୍ଯ୍ୟଟନ ସ୍ଥଳ, ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ, କଳା ସଂସ୍କୃତି ଉପରେ ଆଧାରିତ ୧୯ ପ୍ରଜ୍ଞାପନ ମେଢ଼ ସହ ବାଲ୍ୟବିବାହ ରୋକିବା ପାଇଁ ଆରମ୍ଭ ହୋଇଥିବା ୧୦୦ ଦିନିଆ ଅଭିଯାନ ଉପରେ ପର୍ଯ୍ୟବସିତ ଗୋଟିଏ ସାଇକେଲ ଚାଳକ ବାଳିକା ଦଳ ଯୋଗ ଦେଇଥିଲେ। ୮ଟି ନୃତ୍ୟ ଦଳ ନୃତ୍ୟ ପ୍ରଦର୍ଶନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଭାଗ ନେଇ କୃତିତ୍ୱ ହାସଲ କରିଥିବା ୧୩ ଜଣ କ୍ରୀଡାବିତ ଏବଂ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ସମାରୋହକୁ ସୂଚାରୁ ରୂପେ ଆୟୋଜନ କରିବାରେ ସହଯୋଗ କରିଥିବା ଜିଲା ପୂର୍ତ୍ତ ବିଭାଗ, ବରଗଡ଼ ପୌର ପରିଷଦଙ୍କ ସମେତ ପାନୀୟ ଜଳ ଯୋଗାଣ ପାଇଁ ଜେସିଆଇ ଅନୁଷ୍ଠାନ, ଶିଶୁ ସୁରକ୍ଷା ୟୁନିଟ, ୨୦ ସ୍ୱେଚ୍ଛାସେବୀ ଏବଂ ପରେଡ କାର୍ଯ୍ୟକ୍ରମ, ସାଂସ୍କୃତିକ କାର୍ଯ୍ୟକ୍ରମର ବିଚାରକ ମଣ୍ଡଳୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହ ସରିବା ପରେ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ତଥା ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଜିଲାପାଳ ଆଦିତ୍ୟ ଗୋୟଲ, ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମିନା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା ସ୍ଥାନୀୟ କାରାଗାର ଅନ୍ତେବାସୀ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟର ରୋଗୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ ।

# ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ

ବରଗଡ଼,୨୭।୧(ପ୍ରେମାନନ୍ଦ ଖମାରୀ)

### କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନ

ବରଗଡ଼ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନରେ ଅନୁଷ୍ଠାନର ଚେୟାରମ୍ୟାନ ଡି. ମୁରଲୀ କ୍ରିଷ୍ଣା ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଛାତ୍ରୀଛାତ୍ରମାନେ ସ୍ୱାଧୀନତା ସଂଗ୍ରାମୀଙ୍କ ବେଶଭୂଷାରେ ସଜ୍ଜିତ ହୋଇଥିଲେ ଏବଂ ପରେଡ୍, ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ପରେଡ଼ରେ ଶ୍ରେଷ୍ଠ ସଦନର ନାମ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ଟ୍ରଷ୍ଟି ଡି. ରାମତୁଳସୀ, ଏଡ଼ମିନ୍ ଅଫିସର ଲଗ୍ନିକା ଦାସ, ଉପାଧ୍ୟକ୍ଷ ଡଃ ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ମାହେଶ୍ୱରୀ ନର୍ସିଂ କଲେଜ

ବରଗଡ଼ସ୍ଥିତ ମାହେଶ୍ୱରୀ ନର୍ସିଂ କଲେଜରେ କଲେଜର ସମ୍ପାଦିକା ସନ୍ତୋଷିନୀ କର୍ଣ୍ଣ ପତାକା ଉତ୍ତୋଳନ କରିଥିଲେ। କଲେଜର ମୁଖ୍ୟ ଅଧ୍ୟକ୍ଷା ଜାଗୃତି ଦିଶ୍ରୀ, ଅତିଥି ଅଧ୍ୟାପକ ଡା. ଅରୂପାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟକ୍ଷା ଦିଶ୍ରୀ ସମ୍ବିଧାନର ମୂଲ୍ୟବୋଧ, ଏକତା ଏବଂ ରାଷ୍ଟ୍ର ଗଠନରେ ଶିକ୍ଷାର ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ।

### ଓଡ଼ିଶା ଏଣ୍ଟରପ୍ରାଇଜେସ୍

ବରଗଡ଼ସ୍ଥିତ ଓଡ଼ିଶା ଏଣ୍ଟରପ୍ରାଇଜେସ୍ ପରିସରରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସରେ ଏଣ୍ଟରପ୍ରାଇଜେସ୍‌ର ଅଧ୍ୟକ୍ଷା କୁମୁଦିନୀ ବାଗ ପତାକା ଉତ୍ତୋଳନ କରିଥିଲେ। ଓଡ଼ିଶା ଏଣ୍ଟରପ୍ରାଇଜେସ୍‌ର ସମସ୍ତ କର୍ମଚାରୀ ଉପସ୍ଥିତ ଥିବାବେଳେ ଚନ୍ଦ୍ରଶେଖର ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

### ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲ

ବରଗଡ଼ସ୍ଥିତ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲରେ ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ ସାୱାଡ଼ିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଅନୁଷ୍ଠାନର ଚେୟାରମ୍ୟାନ ସୁମନ ସାୱାଡ଼ିଆ ସାଧାରଣତନ୍ତ୍ର ଦିବସ ପାଳନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ।

### ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଶନ୍ସ

ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଶନ୍ସ ଅଧିନ ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସରେ ଇନଷ୍ଟିଚ୍ୟୁଶନ୍ସର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓଙ୍କ ଉପସ୍ଥିତିରେ ଭେଟେରାନ ଆର୍ମି ଅଫିସର କର୍ନଲ ବିଶ୍ୱଜିତ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଚିଫ୍ ଏଡ଼ମିନିଷ୍ଟ୍ରେଟିଭ ଅଫିସର ଅଜୟ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ଉପଦେଷ୍ଟା ପ୍ରସନ୍ନ କୁମାର ଦାଶ ବିକାଶ ନର୍ସିଂ କଲେଜକୁ ଶ୍ରେଷ୍ଠ ପରେଡ୍ ଗ୍ରୁପ୍ ଘୋଷଣା କରିଥିଲେ। ଛାତ୍ରୀ ସୌମ୍ୟାଶ୍ରୀତା ବିଶ୍ୱାଳ ବକ୍ତବ୍ୟ ରଖିଥିବା ବେଳେ ବିକାଶ ହାୟର ଏଜୁକେଶନାଲ କ୍ୟାମ୍ପସର ସମସ୍ତ ଅଧ୍ୟକ୍ଷ ଡଃ କ୍ଷୀରୋଦ କୁମାର ପ୍ରଧାନ, ପ୍ରଫେସର ସତ୍ୟବ୍ରତ ମିଶ୍ର, ଅଧ୍ୟକ୍ଷା ଦିପାଞ୍ଜଳି ପଟେଲ, ଡଃ ପୂର୍ଣ୍ଣେନ୍ଦୁ ମିଶ୍ର, ଡଃ ଦିଲୀପ ଖମାରୀ, ଡଃ ଶୁଭେନ୍ଦୁ ଶେଖର ମିଶ୍ର, ଉପାଧ୍ୟକ୍ଷ ଦୀପକ କୁମାର ନାୟକ ମଞ୍ଚାସୀନ ଥିଲେ।



କ୍ରିଷ୍ଣା ବିକାଶ ଗ୍ରୁପ ଛାତ୍ରୀଛାତ୍ରଙ୍କ ପରେଡ୍ ପ୍ରଦର୍ଶନ।

# ଗଣତନ୍ତ୍ର ଦିବସରେ ଅଧିକାରୀ, କର୍ମଚାରୀ ସମ୍ମାନିତ

ସୋହେଲା,୨୭।୧
(ଅଶ୍ୱିନୀ କୁମାର ପାତ୍ର)

ସୋହେଲା ମିନିଷ୍ଟାଡିୟମଠାରେ ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ବ୍ଲକସ୍ତରୀୟ ୭୭ତମ ଗଣତନ୍ତ୍ର ଦିବସ ପାଳନ କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ ବିଡିଓ ତଥା ନବ ଗଠିତ ସୋହେଲା ଏନଏସିର ଏକଜିକ୍ୟୁଟିଭ ଅଫିସର ସୁଶ୍ରୀ କରିସ୍ମା ବେସ୍ରା ଯୋଗଦେଇ ଜାତୀୟ ପତାକାକୁ ଉତୋଳନ କରି ଉଦବୋଧନ ଦେଇଥିଲେ ।

**ପାଇକମାଳ, (ବଡ଼ ଶତପଥୀ):** ପାଇକମାଳ ଏମଇ ସ୍କୁଲ ପଡିଆରେ ବ୍ଲକସ୍ତରୀୟ ସାଧାରଣ ତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରି ସାମୁହିକ ପରେଡରେ ଯୋଗ ଦେଇଥିଲେ।

**ଝାରବନ୍ଧ(ଦେବେନ୍ଦ୍ର ସାହୁ)** ଝାରବନ୍ଧ ବ୍ଲକ ପଡିଆଠାରେ ବ୍ଲକସ୍ତରୀୟ ଆୟୋଜି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସ୍ଥାନୀୟ ବିଡିଓ ପର୍ଶୁରାମ ପଣ୍ଡା ଯୋଗଦାନ କରି ପତକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ତହସିଲଦାର ଅଲେଖ ଘୁଟା, ଥାନା ଅଧିକାରୀ କେ. ସାମରିଆ, ଜିଲାପରିଷଦ ସଭ୍ୟ ସନ୍ତୋଷ ବେହେରା, ଅତିରିକ୍ତ ତହସିଲଦାର ବିଶ୍ୱକସେନ ପୁରୋହିତ ମଞ୍ଚାସୀନ ଥିଲେ। ଏହି ଅବସରରେ ବ୍ଲକରେ କାର୍ଯ୍ୟରତ ଥିବା ବିଭିନ୍ନ ବିଭାଗର ଅଧିକାରୀ ତଥା କର୍ମଚାରୀମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।

# ରାଜୀବଲୋଚନ ହୋତା ଥିଲେ ସାଲିସବିହୀନ ନେତା

ବରପାଲି,୨୭।୧(ଚିତ୍ତରଞ୍ଜନ ସାହୁ):

ବରପାଲି ସମଲେଶ୍ୱରୀ ବିହାରସ୍ଥିତ ଫାର୍ମାସ୍ୟୁଟିକାଲ କଲେଜଠାରେ ଝଡର ଇଗଲ ରାଜୀବଲୋଚନ ହୋତାଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀରେ ନରେନ୍ଦ୍ର କୁମାର ହୋତାଙ୍କ ସଭାପତିତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବରଗଡ଼ ପୂର୍ବତନ ବିଧାୟକ ସାଧୁଚରଣ ନେପାକ, ବ୍ରାହ୍ମଣ ସମାଜ ସଭାପତି କୃଷ୍ଣଚନ୍ଦ୍ର ଦେବତା, ନରେନ୍ଦ୍ର ଶତପଥୀ, ବରଗଡ଼ ଏମ୍‌ପି ପ୍ରତିନିଧି ସୁରେଶ୍ୱର ଶତପଥୀ, ଜେଠୁ ଭୋଇ, ଅଶ୍ୱିନୀ ମିଶ୍ର, ଘନଶ୍ୟାମ ପାଣିଗ୍ରାହୀ, କୀର୍ତ୍ତନ ଦାଶ, କିଶୋର ଦଫାଦାର, ଶୈଳାଲା ଦେବତା, ଗାଇସିଲେଟ ବ୍ଲକ ଅଧ୍ୟକ୍ଷ ପ୍ରଣୟ ସାହୁ, ମଧୁ ପଧାନ, ହରଦୀପ ସିଂ, ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ, ଧ୍ରୁବରାଜ ମେହେର, ପ୍ରଦ୍ୟୁମ୍ନ ତ୍ରିପାଠୀ, ସୁରେନ୍ଦ୍ର ଭୁବନ ଭୋଇ, ଗୌରାଙ୍ଗ ପାଣ୍ଡେ ଯୋଗଦାନ କରି ସ୍ୱର୍ଗତ ରାଜୀବଲୋଚନ ହୋତା ନିର୍ଭୀକ ଓ ସାଲିସ ବିହୀନ ନେତା ଥିଲେ ବୋଲି ମତବ୍ୟକ୍ତ କରିଥିଲେ।



ରାଜୀବଲୋଚନ ହୋତାଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକି କାର୍ଯ୍ୟକ୍ରମ।

ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ଗଣେଶ ଚନ୍ଦ୍ର ମେହେର ସଭା ସଂଯୋଜନା କରିଥିବା ବେଳେ କଣ୍ଠଶିଳ୍ପୀ ଅଜିତ ପାଣିଗ୍ରାହୀ ମା’ ମାଟି ଉପରେ ସମାପନ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ସକାଳ ସମୟରେ ବରପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯିବା ସହ ଆହାର କେନ୍ଦ୍ରରେ ଗରିବଙ୍କୁ ମାଗଣା ଭୋଜନ ବଣ୍ଟନ କରାଯାଇଥିଲା। ଏଥିସହ ଭେଡେନ ବଡ଼ ପିପିଲିପାଲି ଆନନ୍ଦ ସେବା ସଦନ ଅନାଥାଶ୍ରମର ଅନ୍ତେବାସୀଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା। ନୂଆଁସକାଳ ପବ୍ଲିକେଶନ ଡୁଙ୍ଗୁରିପାଲିର ସମ୍ପାଦକ ଗୋରାଙ୍ଗ ପାଣ୍ଡେଙ୍କ ଝଡ଼ର ଇଗଲ ରାଜୀବଲୋଚନ ହୋତାଙ୍କ ତୈଳ ଫଟୋଚିତ ଏବଂ ପଦ୍ମାଳୟା କୈଳାସ ଫାଉଣ୍ଡେଶନ ଝସକେତନ ମେହେର ପକ୍ଷରୁ ପ୍ରଦାନ କରିଥିଲେ। ଏଥିରେ କଲେଜର ନିର୍ଦ୍ଦେଶକ ଡ. ରଞ୍ଜନ କୁମାର ସାହୁ, ଅଧ୍ୟକ୍ଷ ଡ. ଆଶୁତୋଷ ପଧାନ, ମା’ ସମଲେଶ୍ୱରୀ କଲେଜ ଅଫ ସାଇନ୍ସ ଏଣ୍ଡ ଆର୍ଟ୍ସର ଅଧ୍ୟକ୍ଷ ମନୋଜ କର, ରାଜୀବଲୋଚନ ହୋତା କଲେଜ ଅଫ ଫର୍ମାସୀର ଅଧ୍ୟକ୍ଷ ଆଶୁତୋଷ ମେହେର, କଲେଜର ସମସ୍ତ ପ୍ରଫେସର, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ବୃନ୍ଦ ଏବଂ ପରିଚାଳନା କମିଟିର ସଦସ୍ୟ ସାମିଲ ଥିଲେ।

# ଧାନପହ୍ଲା ରୋଇଲେ କ୍ରିଷ୍ଣା ବିକାଶ ଛାତ୍ରୀଛାତ୍ର

ବରଗଡ଼,୨୭।୧(ପ୍ରେମାନନ୍ଦ ଖମାରୀ)

ଜାତୀୟ ଶିକ୍ଷାନୀତି(ଏନଇପି)କୁ ଅନୁଧ୍ୟାନ କରି ମଙ୍ଗଳବାର ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ କ୍ରିଷ୍ଣା ବିକାଶ ଗ୍ରୁପ ଅଧିନ ବିକାଶ ଆବାସିକ ବିଦ୍ୟାଳୟର ଦ୍ୱିତୀୟରୁ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରମାନେ ଏକ ନିଆରା କାର୍ଯ୍ୟକ୍ରମ କରିଥିଲେ। ବିଦ୍ୟାଳୟର ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଚାଷୀ ବେଶରେ ସଜ୍ଜିତ ହୋଇ କ୍ଷେତରେ ଧାନପହ୍ଲା ରୋଇଥିଲେ। କ୍ରିଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲୀକ୍ରିଷ୍ଣାଙ୍କ ମାର୍ଗଦର୍ଶନରେ ଛାତ୍ରୀଛାତ୍ର କୃଷିକ୍ଷେତ୍ରକୁ ଯାଇ ଧାନପହ୍ଲା ରୋଇଥିଲେ। ଚେୟାରମ୍ୟାନ କ୍ରିଷ୍ଣା ମଧ୍ୟ ଏଥିରେ ସାମିଲ ହୋଇ କୃଷକମାନଙ୍କ ଜୀବନ, ଜୀବିକା ଉପରେ ବଖାଣିବା ସହିତ ଦେଶର ଖାଦ୍ୟ, ପେୟ, ସଂସ୍କୃତିକୁ ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ। କ୍ରୀଷ୍ଣା ବିକାଶ ସମୂହର ଡାଇରେକ୍ଟର ଡଃ ସମରେନ୍ଦ୍ରନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟର ଏକ୍‌ଜିକ୍ୟୁଟିଭ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।


କ୍ରିଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନଙ୍କ ମାର୍ଗଦର୍ଶନରେ ଛାତ୍ରୀଛାତ୍ର ଧାନପହ୍ଲା ରୋଉଛନ୍ତି।

# ଯୁବକଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

ବରଗଡ଼,୨୭।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପଞ୍ଚାୟତ କଲେଜ ନିକଟ ବାଲିଟିକ୍ରା ପାଖରେ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତ ଯୁବକ ଜଣକ ହେଲେ, ସ୍ଥାନୀୟ ୱାର୍ଡ ନଂ-୭ ଖଜୁରଟିକ୍ରା ନିବାସୀ ଶୁଭମ ମହାନ୍ତି(୨୬)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପାରିପାର୍ଶ୍ୱିକ ସ୍ଥିତିରୁ ତାହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ଅଧିକ ତଦନ୍ତ କରୁଛି। ମୃତ ଯୁବକ ବରଗଡ଼ର ଏକ ଲଜ୍‌ରେ ମ୍ୟାନେଜର ଭାବେ କାମ କରୁଥିଲେ। ସେ ସବୁଦିନ ଭଳି ସୋମବାର ସକାଳ ୬ଟାରୁ ତାଙ୍କ ସ୍କୁଟିରେ ଉକ୍ତ ଲଜ୍‌କୁ ଯାଇଥିଲେ। ତେବେ ସକାଳ ୮ଟାରେ ସେ ଘରକୁ ଯାଉଛି କହି ଲଜ୍‌ରୁ ବାହାରିଥିଲେ। କିନ୍ତୁ ରାତି ସୁଦ୍ଧା ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କୁ ପାଇ ନ ଥିଲେ ଏବଂ ରାତାରାତି ପୋଲିସକୁ ଜଣାଇଥିଲେ। ଅନ୍ୟପଟେ ମଙ୍ଗଳବାର ସକାଳେ ବେକରେ ଦଉଡ଼ି ବନ୍ଧା ହୋଇ ଏକ ଗଛରେ ଝୁଲୁଥିବା ଅର୍ଥାତ ଗୋଡ଼ ତଳକୁ ଲାଗି ରହିଥିବା ଅବସ୍ଥାରେ ତାଙ୍କ ମୃତଦେହ ଦେଖିବାକୁ ମିଳିଥିଲା। ସେହିପରି ଘଟଣାସ୍ଥଳରେ ମୃତ ଯୁବକଙ୍କ ସ୍କୁଟି ମଧ୍ୟ ରହିଥିଲା। ସ୍ଥାନୀୟ ଲୋକେ ଖବର ଦେବା ପରେ ପୋଲିସ ଘଟଣାସ୍ଥଳକୁ ପହଞ୍ଚିଥିଲା ଏବଂ ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହ ଚିହ୍ନଟ ହୋଇଥିଲା।

# ସେମିରେ ବିହାର ବକ୍ସର

ହରଭଙ୍ଗା,୨୭।୧(ନରେନ୍ଦ୍ର କୁମାର ସାହୁ)

### ୨୨ତମ ତିଲେଶ୍ୱର କପ୍ ଫୁଟବଲ

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତିଲେଶ୍ୱର ବଜାର ଆସୋସିଏଶନ ପକ୍ଷରୁ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଚାଲିଥିବା ୨୨ତମ ତିଲେଶ୍ୱର କପ୍ ଫୁଟବଲ ମହାକୁମ୍ଭର ମଙ୍ଗଳବାର ଥିଲା ପଞ୍ଚମ ଦିବସ। ଏହି ଦିବସରେ ବିହାର ବକ୍ସର ଓ ଭଞ୍ଜନଗର ମଧ୍ୟରେ ଖେଳ ହୋଇଥିଲା ବେଳେ ଟାଇବ୍ରେକର ଜରିଆରେ ବିହାର ବକ୍ସର ଦଳ ୪-୨ ଗୋଲରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ସମାଜସେବୀ ପ୍ରଫୁଲ ବାରିକ, ବିପ୍ଳୁଲ ବିଶ୍ୱାସ, ଲୁଲୁ ସେଠୀ ଅତିଥି ଭାବେ ଯୋଗ ଦେଇଥିଲେ। ରେଫରି ଶେଷଦେବ ବେହେରା, ସୁଜିତ କୁମାର ହଂସ, ଗରିବ ବେହେରା ଓ ଚତୁର୍ଥ ରେଫରୀ ଶିବ ଦେହୁରି ଖେଳ ପରିଚାଳନା କରିଥିଲେ। ସିମୁନ ନାଏକ ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ସୁଜିତ ବେହେରା ଓ ସୁନୀଲ କର୍ଣ୍ଣ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶୁଭ୍ରଜିତ ପ୍ରଧାନ, ନାରାୟଣ ମହାନ୍ତି, ଝାଟିଆ ପ୍ରଧାନ, ଶିବାନନ୍ଦ ସାହୁ, ବିକ୍ରମ ପ୍ରଧାନ, ଓମ୍‌ପ୍ରକାଶ ମହାନ୍ତି ସହଯୋଗ କରିଥିଲେ।

# ଏକାଠି ୧୨ ଜ୍ୟୋତିର୍ଲିଙ୍ଗଙ୍କୁ ଦର୍ଶନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ

### ଜ୍ୟୋତିର୍ଲିଙ୍ଗ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ସମାପିତ

ଅତାବିରା,୨୭।୧(ଯୁଧିଷ୍ଠିର ମହାପାତ୍ର)

ଦୀର୍ଘ ପାଞ୍ଚ ଦିନ ବ୍ୟାପୀ ବରଗଡ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଅଷ୍ଟଶମ୍ଭୁ ପୀଠ ସରଣ୍ଡା ସ୍ଥିତ ପ୍ରଭୁ ବିଶ୍ୱେଶ୍ୱର ବାବାଙ୍କ ପରିସରରେ ନବନିର୍ମିତ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ସୋମବାର ସମାପିତ ହୋଇଯାଇଛି। ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତ ଏକାଠି ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କ ଦର୍ଶନ କରିଛନ୍ତି। ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଘଟିଛି ମହା ମିଳନ। ଭକ୍ତମାନଙ୍କ ମହାସମାଗମରେ ସରଣ୍ଡା ଶୈବପୀଠ ଭକ୍ତିମୟ ତଥା ଶିବମୟ ହୋଇପଡ଼ିଥିଲା । ଏହି ସମାରୋହରେ ବିଭିନ୍ନ ଦିବସରେ ନାନା ସାଂସ୍କୃତିକ ଦଳଙ୍କ ଚିତ୍ତାକର୍ଷକ ସଙ୍ଗୀତର ଭକ୍ତିମୟ ଗାନ ଓ ଅଭିନୟରେ ମାନସିକଧାରୀଙ୍କ ଜୟ ଜୟାକାର ଧ୍ୱନୀ ପରିବେଶକୁ ମନଲୋଭା କରିଥିଲା। ଭାରତର ବିଭିନ୍ନ ସ୍ଥାନରେ ଅବସ୍ଥାପିତ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମନ୍ଦିରର ଅବିକଳ ମନ୍ଦିର ଶୈଳୀରେ ନବନିର୍ମିତ ଦ୍ୱାଦଶ ମନ୍ଦିରର ପ୍ରତିଷ୍ଠା ମହୋତ୍ସବ ସମଗ୍ର ପଶ୍ଚିମ ଓଡ଼ିଶାର ଶୈବ ଭକ୍ତଙ୍କୁ ଆକର୍ଷିତ କରିଥିଲା। ମହୋତ୍ସବର ଅନ୍ତିମ ଦିବସରେ ଶ୍ରଦ୍ଧାଳୁମାନେ ଲୋତକ ଝରାଇ ଆଶୀର୍ବାଦ ଭିକ୍ଷା କରୁଥିବା ଦୃଶ୍ୟ କଳିଯୁଗରେ ଭଗବତ ଚେତନା ଉଦ୍ରେକ କରୁଥିବା ଅନୁଭବ ପ୍ରତ୍ୟୟମାନ ହେଉଥିଲା। ବରଗଡ଼ - ସମ୍ବଲପୁର ଜାତୀୟ ରାଜପଥକୁ ଲାଗି ଅବସ୍ଥିତ ବାବା ବିଶ୍ୱେଶ୍ୱରଙ୍କ ମନ୍ଦିରକୁ ଦୈନନ୍ଦିନ ଦର୍ଶନ ପାଇଁ ଆସୁଥିବା ଶୈବଭକ୍ତଙ୍କ ସୁରକ୍ଷା ନିମନ୍ତେ ଏହି ରାଜରାସ୍ତା ଉପରେ ଏକ ଫ୍ଲାଇଓଭର ବ୍ରିଜ୍ର ଆବଶ୍ୟକତା ରହିଛି। ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ଲୋକପ୍ରତିନିଧିମାନେ ସୁଦୃଷ୍ଟି ଦେବାକୁ ଶ୍ରଦ୍ଧାଳୁ ଭକ୍ତବିଶେଷ ଆଶା ପ୍ରକଟ କରିଛନ୍ତି। ପୁନଃଶ୍ଚ ଏଠାକାର ପାରିପାଶିକ ସୁବିଧା ସୁଯୋଗକୁ ଦୃଷ୍ଟି ଦେଇ ଏହି ବହୁ ପ୍ରାଚୀନ ବିଶ୍ୱେଶ୍ୱର ପୀଠକୁ ରାଜ୍ୟ ସରକାର ପର୍ଯ୍ୟଟନସ୍ଥଳିର ମାନ୍ୟତା ଏବଂ ଏକ ସ୍ଥାୟୀ ଟ୍ରଷ୍ଟ ବୋର୍ଡ ଗଠନ କରିବାର ଆବଶ୍ୟକତା ରହିଥିବା ବୁଦ୍ଧିଜୀବୀ ଦାବି କରିଛନ୍ତି । ସୋମବାର ପୂର୍ଣ୍ଣାହୁତି ଅନ୍ତିମ ଦିବସରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କ ବିଭିନ୍ନ ପୂଜାପାଠ ସହ ପ୍ରାଣ ପ୍ରତିଷ୍ଠା, ସମସ୍ତ ମନ୍ଦିରକୁ ଧ୍ୱଜା କଳସ ଓ ତ୍ରିଶୂଳ ସ୍ଥାପନ, ଆରତୀ ପୁଷ୍ପାଞ୍ଜଳି, ପୂର୍ଣ୍ଣାହୁତି ସହ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କ ଶୃଙ୍ଗାର ବେଶ ପୂଜା ଶେଷରେ ଭକ୍ତ ଭାବମୟ ଦର୍ଶନ କରିଥିଲେ । ପୂର୍ଣ୍ଣାହୁତି ଦିନ ଇତିଶ୍ରୀ କର ଏବଂ ସରିତା/ନିକିତା ବେହେରାଙ୍କ ମହିଳା ସଙ୍କୀର୍ତ୍ତନ, ଏହାସହିତ ପ୍ରତ୍ୟହ ସନ୍ଧ୍ୟାରେ ଲୋକ ମହୋତ୍ସବ ଏବଂ ଚିଚିଣ୍ଡା ଝସକେତନ ପ୍ରଧାନ ଏବଂ ସାଥିଙ୍କ ଦ୍ୱାରା ଜଳନ୍ଧର ବଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ନିରଞ୍ଜନ ପ୍ରଶାୟତ, ଜଗନ୍ନାଥ ପ୍ରଧାନ ଏବଂ ପ୍ରିୟ ଦର୍ଶିନୀ ଅର୍ଚ୍ଚନା ବାଗ ସଂଯୋଜନା କରିଥିଲେ। ପୂଜାକାର୍ଯ୍ୟରେ ମୁଖ୍ୟ ପୁରୋହିତ ପଣ୍ଡିତ ବଂଶୀଧର ମିଶ୍ରଙ୍କ ସମେତ ବ୍ରହ୍ମା ଦାୟିତ୍ୱରେ ଥିବା ପଣ୍ଡିତ ଡୋଲାମଣୀ ଶତପଥୀ, ଗ୍ରାମ୍ୟ ପଣ୍ଡିତ ରାକେଶ ରଞ୍ଜନ ମିଶ୍ର ଏବଂ ୨୧ ଜଣ ସହଯୋଗୀ କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। କର୍ତ୍ତାକର୍ତ୍ତ୍ରୀରୂପେ ସୋମନାଥ (ଗୁଜୁରାଟ) ମନ୍ଦିରରେ ସପତ୍ନିକ ରତ୍ନାକର ମହାପାତ୍ର ଓ ମନୋରମା, ମଲ୍ଲିକାର୍ଜ୍ଜୁନ (ଆନ୍ଧ୍ର ପ୍ରଦେଶ) ଯୋଗେଶ୍ୱର ଭୋଇଙ୍କ ପୁତ୍ରବଧୂ ରଞ୍ଜନ କୁମାର ଭୋଇ ଓ ସୁମିତା ଭୋଇ, ମହାକାଳେଶ୍ୱର (ମଧ୍ୟ ପ୍ରଦେଶ ) ରାମ ଅଗ୍ରୱାଲ ଓ ରେଣୁ, ଓମ କାରେଶ୍ୱର (ମଧ୍ୟ ପ୍ରଦେଶ) କୈଳାସଚନ୍ଦ୍ର ମିଶ୍ର ଓ ପ୍ରତିମା, ବୈଦ୍ୟନାଥ (ଝାରଖଣ୍ଡ) ଦୀନେଶ ଗାଇଗରିଆ ଓ ସୌଦାମିନୀ, ଭୀମଶଙ୍କର (ମହାରାଷ୍ଟ୍ର) ଝସକେତନ ସାହୁ ଓ ମମତାମୟୀ, ରମେଶ୍ୱରମ (ତାମିଲନାଡ୍ର) ସୁଦାମ ମହାପାତ୍ର ଓ ମୌସୁମି, ନାଗେଶ୍ୱର (ଗୁଜୁରାଟ) ମନ୍ଦିରରେ ତରଙ୍ଗ ମେହେର ଓ ଶୁଭଶ୍ରୀ, ବିଶ୍ୱନାଥ (ଉତ୍ତର ପ୍ରଦେଶ) ରବୀନ୍ଦ୍ର ଭୋଇ ଓ ଯମୁନା, ତ୍ର୍ୟମ୍ବକେଶ୍ୱର (ମହାରାଷ୍ଟ୍ର)ରେ ବିଦ୍ୟାଧର ମେହେର ଓ ରୀତା, କେଦାରନାଥ (ଉତ୍ତରାଖଣ୍ଡ) ରଙ୍କମଣୀ କର୍ମୀ ଓ ବାସନ୍ତୀ, ଏବଂ ମହାରାଷ୍ଟ୍ରର ଘୃଷ୍ଣେଶ୍ୱର ବାବାଙ୍କ ପ୍ରତିକୃତିରେ ସରଣ୍ଡାରେ ନବନିର୍ମିତ ପ୍ରତିଷ୍ଠାରେ ଅଶ୍ୱିନୀ ପ୍ରଧାନ ଓ ମିନତୀ ପ୍ରମୁଖ ୧୨ ଯୋଡି କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପୂର୍ଣ୍ଣାହୁତି ଦିବସରେ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବାବାଙ୍କ ଦର୍ଶନ କରିବା ସହ ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇ ମନ୍ଦିରର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ପାଇଁ ୫ କୋଟିର ଏକ ପ୍ରକଳ୍ପ ଯୋଜନା ସାରିଛି ଏବଂ ଫେବ୍ରୁଆରୀରେ ହେବାକୁ ଥିବା ବିଧାନସଭା ଅଧିବେଶନରେ ମନ୍ଦିରକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ମିଳିଯିବ ବୋଲି କହିଥିଲେ। ଏଥିରେ ପ୍ରତିଷ୍ଠା ମହୋତ୍ସବ କମିଟିର ସଭାପତି ପ୍ରଶାନ୍ତ ମିଶ୍ର, ସମ୍ପାଦକ ଅଶୋକ ଦାଶ ପ୍ରମୁଖ ମଞ୍ଚାସିନ ଥିଲେ ।


ଲୋକମଣ୍ଡପରେ ଲସ୍ତଲା ଗ୍ରାମର ନୃତ୍ୟ ଦଳଙ୍କୁ ପୁରସ୍କୃତ କରାଯାଉଛି।

## ଏଟିଏମ୍ କାର୍ଡ ବଦଳାଇ ଦୁର୍ବୃତ୍ତ ଠକିନେଲେ ୨୨ ହଜାର

ବଡ଼ଗାଁ, ୨୭।୧(ଅଶୋକ ଷଡଙ୍ଗୀ: ସୁନ୍ଦରଗଡ଼ ଜିଲା ବଡ଼ଗାଁ ଏଚ୍‌ଡିଏଫସି ଏଟିଏମ କାଉଣ୍ଟରରୁ ଟଙ୍କା ଉଠାଣ କରୁଥିବା ଗରିଆମାଲ ଗ୍ରାମର ଜଣେ ଯୁବତୀଙ୍କୁ ଜଣେ ଠକ ବ୍ୟକ୍ତି ଏଟିଏମ କାର୍ଡ ବଦଳାଇ ୨୨ ହଜାର ଟଙ୍କା ଠକି ନେଇଥିବା ସୂଚନା ମିଳିଛି। ଘଟଣା ଅନୁଯାୟୀ ଗରିଆମାଲ ଗ୍ରାମର ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଜଣେ ଯୁବତୀ ମଙ୍ଗଳବାର ବଡ଼ଗାଁ ଏଚଡିଏଫସି ଏଟିଏମ୍‌ରେ ଟଙ୍କା ଉଠାଣ କରୁଥିବା ସମୟରେ ଏଟିଏମ୍ ଭିତରକୁ ଜଣେ ଯୁବକ ହେଲମେଟ ପିନ୍ଧି ପଶିଥିଲେ। ସେ ଜୋରଜବରଦସ୍ତ ସାହାଯ୍ୟ କରିବା ବାହାନାରେ ଯୁବତୀଙ୍କ ଏଟିଏମ୍ କାର୍ଡକୁ ଛଡ଼ାଇ ନେଇଥିଲେ।ଚାଲାକି କରି ଯୁବତୀକୁ ଅନ୍ୟ ଏକ ଏଟିଏମକାର୍ଡ ଦେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ବାହାରେ ଜଗିରହିଥିବା ତାଙ୍କ ସହଯୋଗୀ ସହିତ ବାଇକରେ ଦୁଇ ଜଣ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଦୁର୍ବୃତ୍ତ ଦ୍ୱୟ ଅନ୍ୟ ଏକ ଏଟିଏମ୍‌ରୁ ୨୨ ହଜାର ଉଠାଣ କରିଥିଲେ। ଯୁବତୀ ଜଣଙ୍କ ତାଙ୍କର ଏକାଉଣ୍ଟ ଖାଲି ହୋଇଯାଇଥିବା ଜାଣିଥିଲେ। କିଛିଦିନ ତଳେ ଏହି ଏଟିଏମ୍‌ରେ ଅନୁରୂପ ଭାବେ ଠକେଇ ହୋଇଥିଲା। ଏଟିଏମ୍‌ରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଏହି ଘଟଣା ବିଷୟରେ ବଡ଼ଗାଁ ଥାନାରେ ଅଭିଯୋଗ କରି ନ ଥିବା ଯୁବତୀ ଜଣଙ୍କ ପ୍ରକାଶ କରିଛନ୍ତି।

# ସୁନ୍ଦରଗଡ଼କୁ ଆହୁରି ସମୃଦ୍ଧ କରିବାକୁ ପରାମର୍ଶ

ସୁନ୍ଦରଗଡ଼, ୨୭।୧(ଜୟନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ସଦର ମହକୁମାଠାରେ ୭୭ତମ ସାଧାରଣତନ୍ତ୍ର ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ଜିଲାପାଳ ଡା ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବା ସହିତ ଉପସ୍ଥିତ ଜନତାଙ୍କୁ ଉଦବୋଧନ ଦେଇଥିଲେ।

ଏହି ଅବସରରେ ମୁଖ୍ୟ ଅତିଥି ଜିଲାପାଳ ଡା ମହାପାତ୍ର କହିଥିଲେ 'ସମ୍ବିଧାନରେ ଭାରତକୁ ଏକ ଗଣତାନ୍ତ୍ରିକ, ଧର୍ମନିରପେକ୍ଷ, ସମାଜବାଦୀ, ସାଧାରଣତନ୍ତ୍ର ରାଷ୍ଟ୍ର ଭାବେ ଗ୍ରହଣ କରିବା ସହିତ ପ୍ରତ୍ୟେକ ନାଗରିକଙ୍କୁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ସମାନ ସୁବିଧା ସୁଯୋଗ ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ସରକାରଙ୍କ ସମସ୍ତ ଯୋଜନା କିଭଳି ସୁଦୂର ପ୍ରସାରିତ ହେବ ଏବଂ ହିତାଧିକାରୀ ଯେଭଳି ସମସ୍ତ ଜନକଲ୍ୟାଣକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ ତାହା ଉପରେ ନିଜ ଅଭିଭାଷଣ ମାଧ୍ୟମରେ ପ୍ରକାଶ କରିଥିଲେ। ସେହିଭଳି ସୁନ୍ଦରଗଡ଼ ଜିଲାର କଳା, ସଂସ୍କୃତି ଓ ପରମ୍ପରା ଉପରେ ମଧ୍ୟ ନିଜର ଅଭିଭାଷଣ ରଖିବା ସହିତ ସୁନ୍ଦରଗଡ଼ ଜିଲାକୁ ଆହୁରି ସରସ ସୁନ୍ଦର ଓ ସମୃଦ୍ଧ କରିବା ଦିଗରେ ଆଗଭର ହେବାକୁ ନିଜ ବକ୍ତବ୍ୟ ମାଧ୍ୟମରେ କହିଥିଲେ। ଏହି ଜିଲାସ୍ତରୀୟ ପରେଡରେ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ୩୩ଟି ପରେଡ ଦଳ ଭାଗ ନେଇଥିଲେ। ଶ୍ରେଷ୍ଠ ବିବେଚିତ ପରେଡ ଦଳଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିଭଳି ସାର୍ଥକ ସ୍କୁଲ, ଆସ୍ଥା ଗୃହ, ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜିଲା କାରାଗାରର ଅନ୍ତେବାସୀଙ୍କୁ ମୁଖ୍ୟ ଅତିଥି ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ।

ପରେ ସ୍ଥାନୀୟ ଜିଲା କ୍ରୀଡ଼ା ସଂସଦ ପଡ଼ିଆଠାରେ ଜିଲା ପ୍ରଶାସନ, ଗଣମାଧ୍ୟମ ଓ ବାର୍ ଆସୋସିଏଶନ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ଅମ୍ରିତ ପାଲ କୌର, ଅତିରିକ୍ତ ଜିଲାପାଳ ସୂରଜ ପଟ୍ଟନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ସୁରଞ୍ଜନ ସାହୁ, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅମିତ କୁମାର ଗୁପ୍ତ, ଆଇଟିଡିଓ ସୁନ୍ଦରଗଡ଼ ଧୀରେନ୍ଦ୍ର ସେଠୀ, ସଦର ତହସିଲଦାର କୁଳମଣି ରଣବିଡ଼ା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଏବଂ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଉପସ୍ଥିତ ଥିଲେ।

ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ସକାଳେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ରାମଧୂନ ପରିବେଷଣ କରାଯାଇଥିଲା। ସହର ମଧ୍ୟରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।

ଜିଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ





ସୁନ୍ଦରଗଡ଼ରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ସମାରୋହରେ ମୁଖ୍ୟ ଅତିଥି ଜିଲାପାଳ ଡା.ଶୁଭଙ୍କର ମହାପାତ୍ର ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି। ବିଦ୍ୟାଳୟର ଛାତ୍ରମାନଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ।

## ଗୁରୁକୁଳ ଓ ମାହେଶ୍ୱରୀ କଲେଜରେ ସାଧାରଣତନ୍ତ୍ର ଦିବସ

ସୁନ୍ଦରଗଡ଼,୨୭।୧(ଜୟନାରାୟଣ ମେଣ୍ଡୁଲି): ସୋମବାର ୭୭ତମ ସାଧାରଣତନ୍ତ୍ର ଦିବସ ସୁନ୍ଦରଗଡ଼ ସ୍ଥିତ ଗୁରୁକୁଳ +୨ ବିଜ୍ଞାନ ମହାବିଦ୍ୟାଳୟରେ ପାଳିତ ହୋଇଛି। ମହାବିଦ୍ୟାଳୟର ସଭାପତି ବିଥିକା ନାଏକ ଓ ସମ୍ପାଦକ ଲିପନ କୁମାର ନାଏକ ପତାକା ଉତ୍ତୋଳନ କରିଥିଲେ। ବରିଷ୍ଠ ଅଧ୍ୟାପକ ଉମ୍ବରୁଧର ପଟେଲ ଛାତ୍ରୀଛାତ୍ରଙ୍କୁ ଆମ ଦେଶର ଆମ ସଂସ୍କୃତିର ମହତ୍ତ୍ୱ ବିଷୟରେ ଉପଦେଶ ଦେଇଥିଲେ। ସୁନ୍ଦରଗଡ ସ୍ଥିତ ସରକାରୀ ମହାବିଦ୍ୟାଳୟ ନିକଟସ୍ଥ ପଡ଼ିଆରେ ଅନୁଷ୍ଠିତ ୭୭ତମ ଜିଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ଗୁରୁକୁଳ କଲେଜ ପରେଡରେ ଅଂଶଗ୍ରହଣ କରିଥିଲେ ଓ ମହାବିଦ୍ୟାଳୟର ଯୁକ୍ତ ୨ ବିଜ୍ଞାନ ଛାତ୍ରୀ ଶୁଭସ୍ମିତା ନାଥ ତର୍କ ବିତର୍କ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରି ମୁଖ୍ୟ ଅତିଥିଙ୍କଠାରୁ ପୁରସ୍କାର ପାଇଛନ୍ତି। ଏହି ଦିବସରେ ସଭାପତି, ସମ୍ପାଦକ ଓ ଅଧକ୍ଷ ମଳୟ କୁମାର ନାଏକ ଯୋଗ ଦେଇଥିଲେ। ସେହିପରି ମାହେଶ୍ୱରୀ କଲେଜରେ ଅବସରପ୍ରାପ୍ତ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନୁଷ୍ଠାନର ଡାଇରେକ୍ଟର ଫକୀର କର୍ଣ୍ଣଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମାହେଶ୍ୱରୀ ଇନଷ୍ଟିଚ୍ୟୁସନର ଛାତ୍ରୀଛାତ୍ର, କର୍ମଚାରୀ ଉପସ୍ଥିତ ଥିଲେ।

## ଲୁଆବାହାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

### ଉନ୍ମୋଚିତ ହେଲା ବାର୍ଷିକ ପତ୍ରିକା 'ଅନ୍ୱେଷା'

ହେମଗିର,୨୭।୧(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅନ୍ତର୍ଗତ ଲୁଆବାହାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ନବନିତା ନାଏକଙ୍କ ନେତୃତ୍ୱରେ ସୋମବାର ଗଣତନ୍ତ୍ର ଦିବସ ତଥା ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ହେମଗିର ଗୋଷ୍ଠୀ ଶିକ୍ଷା ଅଧିକାରୀ କରୁଣା ସାଗର ପଟେଲ, ମୁଖ୍ୟବକ୍ତା ଭାବେ ଭେଷଜ ପଟେଲ ମହାବିଦ୍ୟାଳୟର ଅଧକ୍ଷା ମିନତି ମିଶ୍ର, ସମ୍ମାନିତ ଅତିଥି ଭାବରେ ପୂର୍ବତନ ବ୍ଲକ ଅଧକ୍ଷ ଗୋପାଳ ଚନ୍ଦ୍ର ପଧାନ, ମାଧ୍ୟମିକ ଶିକ୍ଷକ ସଂଘର ସଭାପତି ପୂର୍ଣ୍ଣାନନ୍ଦ ପଧାନ, ବେଦାନ୍ତ କମ୍ପାନୀର ସିଏସ୍‌ଆର ଅଲକା ମିଞ୍ଜ, ଜିଏମ୍‌ଡିସି ସାଇଟ ଇନ ଚାର୍ଜ କ୍ୟାପଟେନ ରଣବିର ସିଂ,ପୂର୍ବତନ କ୍ରିଡ଼ା ଶିକ୍ଷକ ଉମ୍ବରୁଧର ସା, ଭେଷଜ ପଟେଲ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ଅଶ୍ୱିନୀ କୁମାର ମିଶ୍ର, ଏବିଇଓ କିଶୋର କୁମାର ଅର୍କ, ଏସ୍‌ଏମ୍‌ଡିସି କମିଟି ସଭ୍ୟ ସୁଜନ ବଡ଼େଇ, ଟିକେଶ୍ୱର ପଧାନ, ପୂର୍ବତନ ପ୍ରଧାନ ଶିକ୍ଷକ ହରିହର ନାଏକ, ପୂର୍ବତନ ଶିକ୍ଷକ ପଦ୍ମନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବାର୍ଷିକ ପତ୍ରିକା 'ଅନ୍ୱେଷା' ଉନ୍ମୋଚନ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ବାର୍ଷିକ କ୍ରୀଡାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ସମିଦ କୁମାର ପଟେଲ, ସମୀର ରଞ୍ଜନ ମିଶ୍ର, ସୁନିଲ କୁମାର ସା, ମିତ୍ରଭାନୁ ସା,ଦିପନ କୁମାର ମହୁରି, ଧରିତ୍ରୀ ରଞ୍ଜିତା ହୋତା, ସୁଶ୍ରୀ ପ୍ରମିତା ପଧାନ, ଆରତୀ ବଡ଼ାଇ, ଭିତେଶ୍ୱରି କୁଆଁର, ହେମରାମ ପଟେଲ, ବିନୋଦ ବିହାରୀ ପଟେଲ ଓ ପଟୁଆରି ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଡିଲେଶ୍ୱରି କୁମୁରା ଓ ସନ୍ଦିପ କୁମାର କିଣ୍ଡୋ ମଞ୍ଚ ପରିଚାଳନା କରିଥିଲେ।



ଅତିଥିମାନଙ୍କ ଦ୍ୱାରା ବାର୍ଷିକ ପତ୍ରିକା 'ଅନ୍ୱେଷା' ଉନ୍ମୋଚନ କରାଯାଉଛି।

## ବିଦ୍ୟାଳୟର ବାର୍ଷିକ ଉତ୍ସବ



ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର।

କୁତ୍ରା, ୨୭।୧ (ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ତରକେରା ଉଚ୍ଚ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ଉତ୍ସବ ମଙ୍ଗଳବାର ତରକେରା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ଯୋଗଦେଇ ଶିକ୍ଷାର ଗୁରୁତ୍ୱ ଓ ଛାତ୍ରୀଛାତ୍ରଙ୍କ ଉନ୍ନତି ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ତହସିଲଦାର ଶାଶ୍ୱତ ରଞ୍ଜନ ଦାସ, ବ୍ଲକ ଶିକ୍ଷା ଅଧିକାରୀ ଅନନ୍ତ କୁମାର ନାଏକ, ବ୍ଲକ ଅଧକ୍ଷା ଶାନ୍ତିଲତା ଲାକଡା, ଜେଏସଡବ୍ଲ୍ୟୁ ସିଏସ ମୁଖ୍ୟ ସଂଗ୍ରାମ କେଶରୀ ରାଉତ, ସିଏସ୍‌ଆର ପ୍ରବନ୍ଧକ ଅଲେଖ ଦଳେଇ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିନିରାନୀ ସୋରେନ, ଓଷ୍ଟା ଜିଲା ସଭାପତି ଡ. ବିଭୀଷଣ ବାରିକ, ଓଷ୍ଟା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିତ୍ୟାନନ୍ଦ ବେହେରା, ତରକେରା ସରପଞ୍ଚ ବୁଧବାରୀ ଏକ୍କା, ସମିତି ସଭ୍ୟା ସଂଯୁକ୍ତା ସୁନ୍ୟାନୀ, ସମାଜସେବୀ ବିଦ୍ୟାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ତରକେରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ପ୍ରଧାନ ଓ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶଶି ସାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବକୁ ସଫଳ କରିବାରେ ଶିକ୍ଷକ କେଦାର ଚନ୍ଦ୍ର ସାହୁ, ଗଙ୍ଗାଧର କୁଜୁର, ଲଳିତା ପୃଷ୍ଟି, ଶୁଶିଲ ଲାକ୍ରା, ବିଦ୍ୟାଧର ରାଉତ, ସୁରେନ ଲାକ୍ରା, ସମୀର ରଣା, ସଂହିତା ରେଭିକା ସୋରେଙ୍ଗ, କୈଶଲ୍ୟା ସାହୁ, ଗୀତାଞ୍ଜଳୀ ମୁଦୁଲି ଓ ଗୀତା ବାଗଦା ପ୍ରମୁଖ ସହଯୋଗ କରିଥିଲେ।

## ପୋଲିସର ଜନସମ୍ପର୍କ କାର୍ଯ୍ୟକ୍ରମ

ଲହୁଣୀପଡା, ୨୭।୧(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା କେ.ବଲାଙ୍ଗ ଥାନା ପରିସରରେ କେ ବଲାଙ୍ଗ ପୋଲିସ ପକ୍ଷରୁ ସୋମବାର ଏକ ଜନ ସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକଙ୍କୁ ସଚେତନ କରିବା, ପୋଲିସ ଓ ଲୋକଙ୍କ ମଧ୍ୟରେ ଦୂରତା କମାଇବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। ଏଥିରେ ୮ଟି ପଞ୍ଚାୟତର ଲୋକମାନେ ଯୋଗ ଦେଇଥିଲେ। ଲୋକଙ୍କ ପାଇଁ ଏକ ମାଗଣା ଚିକିତ୍ସା ଶିବିର ଖୋଲାଯିବା ସହିତ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ପ୍ରଦାନ କରାଯାଇଥିଲା। ଏକ ରକ୍ତଦାନ ଶିବିର ମଧ୍ୟ କରାଯାଇଥିଲା। ଏଥିରେ ୩୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ରକ୍ତଦାନ ଓ ସ୍ୱାସ୍ଥ୍ୟ ଶିବିରରେ ହାଇଟେକ ମେଡ଼ିକାଲ ଓ ରାଉରକେଲା ସରକାରୀ ଡାକ୍ତରଖାନାରେ ବିଭିନ୍ନ ବିଭାଗର ଚିକିତ୍ସକମାନେ ଯୋଗ ଦେଇଥିଲେ। ଗ୍ରାମ ଗ୍ରାମ ମଧ୍ୟରେ ଫୁଟବଲ, ଭଲିବଲ ଓ କ୍ରିକେଟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଫୁଟବଲ ଖେଳରେ ଜାମୁଡ଼ିହି ଦଳ ,ଭଲିବଲ ଖେଳରେ ଲହଙ୍ଗାପଡା ଦଳ ଓ କ୍ରିକେଟ ଖେଳରେ କେ.ବଲାଙ୍ଗ ମେଡ଼ିକାଲ ଦଳ ଚାମ୍ପିୟନ ହୋଇଥିଲେ। ବିଜେତା ଉପବିଜେତା ଦଳଙ୍କୁ ଟ୍ରଫି ଓ ଖେଳ ସାମଗ୍ରୀ ପ୍ରଦାନ କରାଯାଇଥିଲା। ବିଭିନ୍ନ ପଞ୍ଚାୟତର ୨୪ଟି ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ବିଭିନ୍ନ ଖେଳ ପ୍ରତିଯୋଗିତା କରାଯାଇଥିଲା। କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଜନସମ୍ପର୍କ କାର୍ଯ୍ୟକ୍ରମ କେ. ବଲାଙ୍ଗ ଥାନା ଅଧିକାରୀ ଅଶୋକ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଜିଲା ପରିଷଦ ସଦସ୍ୟା ଶୁଶିଳା ମୁଣ୍ଡା, ୮ଟି ପଞ୍ଚାୟତର ସରପଞ୍ଚ,ସମିତି ସଭ୍ୟା ସଭ୍ୟଙ୍କ ସମେତ ଜନ ପ୍ରତିନିଧି, ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ମଧ୍ୟ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସବ ଇନ୍ସପେକ୍ଟର ଋଷଭ କୁମାର ପଣ୍ଡା,ଏଏସଆଇ ବାସୁଦେବ ବେହେରା, ତପନ ପାତ୍ରଙ୍କ ସମେତ ଥାନା କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ଜଣାପଡିଛି। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଜନ ସମ୍ପର୍କ କାର୍ଯ୍ୟକ୍ରମରେ ଭଲିବଲ ଟୁର୍ନାମେଣ୍ଟ।

## ଡୁମେରବାହାଲ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସୁନ୍ଦରଗଡ଼,୨୭।୧(ଜୟ ନାରାୟଣ ମେଣ୍ଡୁଲି): ସବ୍‌ଡେଗା ବ୍ଲକ ଡୁମେରବାହାଲ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ କବିତା ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ହମିରପୁର ସରପଞ୍ଚ ଦୀପାଞ୍ଜଳି ଭୋଇ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବରେ ପୂର୍ବତନ ପ୍ରଧାନ ଶିକ୍ଷକ ହେମକାନ୍ତ ପଟେଲ, ବରିଷ୍ଠ ଶିକ୍ଷକ ଡୁଲାଚାନ୍ଦ ପଟେଲ, ଏସଏମସି ଚ୍ୟାରମେନ ଗଦାଧର ମାହାର, ଗ୍ରାମର ବିଶିଷ୍ଟ ବ୍ୟକ୍ତି ଜୟଧର ସା, ମହେନ୍ଦ୍ର ଭୋଇ, ଶତ୍ରୁଘ୍ନ ନାଗ ପ୍ରମୁଖ ଯୋଗଦାନ କରିଥିଲେ। ବିଭିନ୍ନ ବିଭାଗରେ ପାରଦର୍ଶିତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ ସମ୍ବଲପୁରୀ ନାଟକ, ମୁଇଁ କଳାପଟା କହୁଛେଁ ମଞ୍ଚସ୍ଥ କରାଯାଇଥିଲା।

## ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ

ଲହୁଣୀପଡ଼ା/ହେମଗିର/ରାଜଗାଙ୍ଗପୁର/ବାଲିଶଙ୍କରା,୨୭।୧ (ଦାଶରଥି ପଣ୍ଡା/ ଚୈତନ୍ୟ ପଟେଲ/ ଅଶୋକ ପାଣି/ହୃଦାନନ୍ଦ ବାରିକ): ସୁନ୍ଦରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ସୋମବାର ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଲହୁଣୀପଡ଼ା ବ୍ଲକ କାର୍ଯ୍ୟାଳୟରେ ବିଡିଓ ଅନୁରାଗ ମିଶ୍ର ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ, ତହସିଲ କାର୍ଯ୍ୟାଳୟରେ ବବୁଲ ପେରେଇ ତହସିଲଦାର ପତାକା ଉତ୍ତୋଳନ କରିଥିଲେ। ଭାଜପା କାର୍ଯ୍ୟାଳୟରେ ରାଉରକେଲା ଭାଜପା ସାଙ୍ଗଠନିକ ଜିଲା ସଭାପତି ପୂର୍ଣ୍ଣିମା କେର୍କେଟା ପତାକା ଉତ୍ତୋଳନ କରିଥିବା ବେଳେ ପୂର୍ବତନ ସୈନିକ ଓ କୃଷକଙ୍କୁ ସମ୍ମାନିତ କରାଯାଇଥିଲା। ଲହୁଣୀପଡାସ୍ଥିତ ଗାନ୍ଧୀ ଛକ ଠାରେ ବିଜୁ ଜନତା ଦଳ ପକ୍ଷରୁ ବଣେଇ ବିଜେଡି ରାଉରକେଲା ସାଙ୍ଗଠନିକ ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଯୋଗ ଦେଇଥିଲେ। ହେମଗିର ହାଇସ୍କୁଲ ପଡ଼ିଆ ଠାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବ୍ଲକ ଅଧକ୍ଷ ପ୍ରେମାନନ୍ଦ ସା ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରେଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜଗାଙ୍ଗପୁର ପୌରପରିଷଦ ଆନୁକୂଲ୍ୟରେ ଫୁଟବଲ ପଡିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜଗାଙ୍ଗପୁର ପୌରାଧକ୍ଷା ମାଧୁରୀ ଲୁଗୁନ ପତାକା ଉତ୍ତୋଳନ କରିଥିଲେ। ବିଭିନ୍ନ ବିଦ୍ୟାଳୟ ଯୋଗଦେଇ ନିଜର ପରେଡ ପ୍ରଦର୍ଶନ କରିଥିଲେ। ସେହିପରି ଟ୍ରକ ମାଲିକ ସଂଘରେ ସଭାପତି ରାକେଶ ନନ୍ଦା, ନୀଳଚକ୍ର କାର୍ଯ୍ୟାଳୟରେ ସଭାପତି ତଥା ପୂର୍ବତନ ପୌରାଧକ୍ଷା ଶଶୀରେଖା ସାମଲ, କଂଗ୍ରେସ କାର୍ଯ୍ୟାଳୟରେ କଂଗ୍ରେସ ସଭାପତି ଦେବରଞ୍ଜନ ବିନୋଦ,ସୁବାସଛକ ରେ ରାଜଗାଙ୍ଗପୁର ବିଧାୟକ ଡ. ସିଏସ ରାଜନ ଏକ୍କା ପତାକା ଉତ୍ତୋଳନ କରିଥିଲେ। ବାଲିଶଙ୍କରା ବ୍ଲକ ବାଲିଶଙ୍କରା ରାଜା ବଙ୍ଗଳା ଖେଳ ପଡିଆରେ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା କୁଞ୍ଜଲତା ଭିତ୍ରିଆ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ପରେଡ ଅଭିବାଦନ ଗ୍ରହଣ କରିଥିଲେ।

## ଫୁଟ୍‌ବଲ ଟୁର୍ନାମେଣ୍ଟ: ପାଟୁଲୀ ଚାମ୍ପିୟନ

ଟେନ୍‌ସା, ୨୭।୧(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ ଜିଲା କୋଇଡା ବ୍ଲକ ଅନ୍ତର୍ଗତ ମାଲଦା ଗ୍ରାମ ପଞ୍ଚାୟତ ମାଲଦା ଖେଳ ପଡ଼ିଆରେ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ମାଲଦା ଯୁବକ ସଂଘ ପକ୍ଷରୁ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ପାଟୁଳୀ ଦଳ ଚାମ୍ପିୟନ ହୋଇଛି। ଏହି ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଶେଷ ଫାଇନାଲ ମ୍ୟାଚରେ ମାଲଦା ୟୁଥ କ୍ଲବ ସହିତ ପାଟୁଳୀ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ମାଲଦା ୟୁଥ କ୍ଲବକୁ ୪-୩ ଗୋଲରେ ପରାସ୍ତ କରି ପାଟୁଳୀ ଦଳ ପ୍ରଥମ ସ୍ଥାନ ଅଧିକାର କରିଥିଲା। ଟୁର୍ନାମେଣ୍ଟର ଉଦ୍‌ଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ପ୍ରଭାତ କୁମାର ପଣ୍ଡା ଯୋଗଦେଇ କ୍ରୀଡା ମାଧ୍ୟମରେ ଯୁବପିଢ଼ିକୁ ସୁସ୍ଥ, ଏକତା ଓ ସ୍ୱାସ୍ଥ୍ୟ ସଚେତନତାର ସନ୍ଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ଟିକେଶ୍ୱର୍ ପାତ୍ର, ତପନ ପାତ୍ର, ଡକ୍ଟର ବାଦଲ ବାରିକ, ପୂର୍ବତନ ସରପଞ୍ଚ ଦିବାକର ନାଏକ, ଦିଲ୍ଲୀପ ମହାକୁଡ, ସମାଜସେବୀ ବାଟୁ ମୁଣ୍ଡା ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସାଧାରଣତନ୍ତ୍ର ଦିବସ ଅବସରରେ ଅତିଥିମାନେ ତ୍ରିରଙ୍ଗା ପତାକା ଉତ୍ତୋଳନ କରି ଟୁର୍ନାମେଣ୍ଟର ଶୁଭାରମ୍ଭ କରିଥିଲେ। ଏହା ପରେ ଜାତୀୟ ସଙ୍ଗୀତ ପରିବେଷଣ ଓ ଖେଳାଳିମାନଙ୍କ ଶପଥଗ୍ରହଣ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣ ସମାରୋହରେ ବିଜୟୀ ପାଟୁଳୀ ଦଳକୁ ବଡ଼ ଖାସି(ଛେଳି) ସହିତ ଟ୍ରଫି ଓ ଉପବିଜୟୀ ଦଳ ମାଲଦା ୟୁଥ କ୍ଲବକୁ ଛୋଟ ଖାସି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଆୟୋଜକ ମାଲଦା ଯୁବକ ସଂଘର ସଭାପତି ଆସୁତୋଷ ସିଂହା, ସମ୍ପାଦକ ରାଜେଶ ବଳ, ରଞ୍ଜନ ଲହାର ଓ ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳକୁ ପରିଚାଳନା କରିଥିଲେ।



ଫୁଟବଲ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

## ଆନ୍ତଃ କଲେଜ ଖୋଖୋ ପ୍ରତିଯୋଗିତା

କୁଆଁରମୁଣ୍ଡା,୨୭।୧(ମହେନ୍ଦ୍ର କୁମାର ସାହୁ)

ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ରବିବାର ଆନ୍ତଃକଲେଜ ଖୋଖୋ ମହିଳାଦଳ ପ୍ରତିଯୋଗିତାରେ ସୁନ୍ଦରଗଡ ଜିଲା ବୀରମିତ୍ରପୁରସ୍ଥିତ ଶ୍ରମ ଶକ୍ତି ମହାବିଦ୍ୟାଳୟ ଫାଇନାଲରେ ସରକାରୀ ସ୍ୱୟଂଶାସିତ କଲେଜ ରାଉରକେଲାଠାରୁ ୧୦ପଏଣ୍ଟରୁ ବିଜେତା ହୋଇ ଚାମ୍ପିୟନ ହୋଇଥିବା ବେଳେ ପୁରୁଷ ଦଳ ଫାଇନାଲରେ ଜିସିପିଇ ଠାରୁ ୧୦/୦୬ ରେ ପରାସ୍ତ ହୋଇ ରନର୍ସଅପ ହୋଇଥିଲେ। ପୁରୁଷ ଦଳରେ ଗୁଲସାନ ଲୁଗୁନ, ରନିତି ଡୁଙ୍ଗଡୁଙ୍ଗ, ରନିତି କନ୍ଦୁଆ, ଦୀପକ କନ୍ଦୁଆ, ସୁକୁଦେବ ନାଗ, ସନ୍ଦୀପ ସୋରେଙ୍ଗ, ସୁରଜ ସାହୁ,ରବୀନ୍ଦ୍ର ଗଞ୍ଜୁ, ରହାନ ବଡ଼ାଇକି, କାଶୀ ମହାକୁଦ, ସଞ୍ଜୟ ସାହୁ ଓ ମହିଳା ଦଳରେ ରିତୁ ମିଞ୍ଜ, ଦୀପିକା ଲୁଗୁନ, ମାନିସା ଲୁଗୁନ, ଅନୁଷ୍କା ଲୁଗୁନ, ସାଲମି କୁଜୁର, ନୀତିନ ବୁଡୁ, ମମତା ପ୍ରଧାନ, ଆମିସା ଏକ୍କା, ଆଲିଶା ବାରା ,ସୋନିଆ ବାର୍ଲା, ଅଞ୍ଜଳି ଡାଙ୍ଗ ଭାଗ ନେଇଥିଲେ। ରାଜ୍ୟସ୍ତରୀୟ ଖୋଖୋ ରେଫରୀ ତଥା ଖୋଖୋ ପ୍ରଶିକ୍ଷକ ଅନିଲ ସାହୁ ଓ ବିପ୍ଳବ କୁଆଙ୍କ ନେତୃତ୍ୱରେ ଖେଳାଳିମାନେ ଖେଳ ଅଭ୍ୟାସ କରୁଥିଲେ। ଦଳର ସଫଳତା ନେଇ କଲେଜ ଅଧକ୍ଷ ସଞ୍ଜୟ କୁମାର ସିଂ, ସୁଶିଲ ଭେଙ୍ଗରା, ଡକ୍ଟର ମୁନିନ୍ଦ୍ର ମହାଲିକଙ୍କ ସମେତ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଛାତ୍ରୀ ଓ ଛାତ୍ର ଅଭିନନ୍ଦନ ଜଣାଇଛନ୍ତି।

### ଶ୍ରମ ଶକ୍ତି କଲେଜ ମହିଳା ଦଳ ଚାମ୍ପିୟନ, ପୁରୁଷ ଦଳ ରନରଅପ



ଶ୍ରମ ଶକ୍ତି ମହାବିଦ୍ୟାଳୟର ଖୋଖୋ ଖେଳାଳିମାନେ।

**ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର**

ଦେବଗଡ଼,(ଶଶାଙ୍କ ଶେଖର ଝାଙ୍କର): ଦେବଗଡ଼ ଜିଲା ରିଆମାଳ ବ୍ଲକ୍ ଆଡସ ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୧୮ଟି ଅଭିଯୋଗ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଏସ୍‌ପି ଅନିଲ କୁମାର ମିଶ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲାପାଳ ପରକ୍ଷିତ ସାହୁ, ଏସିଏଫ୍ ସ୍ୱାଧୀନତା ସାହାଣୀ, ସହକାରୀ ଜିଲାପାଳ ହେମନ୍ତ ସିଂ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ତହସିଲଦାରଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଏପ୍‌ସିଲନ କମ୍ପାନୀକୁ ଡିଏଫ୍‌ଓ, ତହସିଲଦାରଙ୍କ ଅନୁକମ୍ପା

ଝାରସୁଗୁଡ଼ା,୨୭।୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ ଅଧୀନ ଶ୍ରୀପୁରା ଗ୍ରାମପଞ୍ଚାୟତରେ ଥିବା ଏପ୍‌ସିଲନ କାର୍ବନ ଅଶୋକା ପ୍ରାଇଭେଟ୍ ଲିମିଟେଡ୍ ନାମକ କମ୍ପାନୀ ଦ୍ୱାରା ବେଆଇନ ଭାବେ ସ୍ଥାନୀୟ ଜଙ୍ଗଲ ଜମି ଜବରଦଖଲ କରାଯାଇଥିବା ଅଭିଯୋଗ ହୋଇଛି। ତେବେ ଏହି ଅଭିଯୋଗ ଉପରେ ତଦନ୍ତ କରିବା ପାଇଁ ଝାରସୁଗୁଡା ଡିଏଫ୍‌ଓ ଅଶୋକ ମନୁଭଇ ଏବଂ ତହସିଲଦାର ସଦାକର କୁମ୍ଭାରଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ହେଲେ ଡିଏଫ୍‌ଓ ଏବଂ ତହସିଲଦାର ତଦନ୍ତରେ ବିଳମ୍ବ କରିବା ସହ ଉକ୍ତ କମ୍ପାନୀକୁ ପରୋକ୍ଷରେ ଅନୁକମ୍ପା ଦେଖାଉଥିବା ଶ୍ରୀପୁରା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିସହ ଏ ସମ୍ପର୍କିତ ଦାବିପତ୍ର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆରସି)ଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇଙ୍କୁ ମଙ୍ଗଳବାର ପ୍ରଦାନ କରିଛନ୍ତି।


ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସୂଚନା ଅନୁଯାୟୀ, ଶ୍ରୀପୁରା ଗ୍ରାମରେ ଥିବା ଜଙ୍ଗଲ ଜମିର ଖାତା ନମ୍ବର ୧୭୮, ପ୍ଲଟ୍ ନମ୍ବର ୪୨୭କୁ ଉକ୍ତ କମ୍ପାନୀ ବେଆଇନ ଭାବେ ବ୍ୟବହାର କରୁଛି। ଶ୍ରୀପୁରା ଗ୍ରାମବାସୀ ଉକ୍ତ ଜଙ୍ଗଲ ଜମିରେ ଏକ୍ ପେଡ୍ ମା' କେ ନାମ୍ କାର୍ଯ୍ୟକ୍ରମ ଜରିଆରେ ଜଙ୍ଗଲ ବିଭାଗ ସହିତ ମିଶି ୧୦୦୦ ଚାରା ରୋପଣ କରିଥିଲେ। ଏହାର ସୁରକ୍ଷା ପାଇଁ ବ୍ୟାରିକେଡ୍ କରାଯାଇଥିଲା। ମାତ୍ର ରାସ୍ତା ସଙ୍କୁଚିତ ହେଉଥିବା ଆଳଦେଖାଇ ଝାରସୁଗୁଡ଼ା ତହସିଲଦାର ଏହି ବ୍ୟାରିକେଡ୍‌କୁ ହଟାଇ ଦେଇଥିଲେ। ଏହାକୁ ନେଇ ସ୍ଥାନୀୟ ସରପଞ୍ଚ ଓ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିବା ସହ ୨୦୨୫ ଅକ୍ଟୋବର ୧୩ରେ ଜିଲାପାଳଙ୍କୁ ଭେଟି ଉକ୍ତ କମ୍ପାନୀଠାରୁ ଜଙ୍ଗଲ ଜମି ମୁକ୍ତ କରିବା ପାଇଁ ଦାବି କରିଥିଲେ। ଜିଲାପାଳ ଏହାର ତଦନ୍ତ ପାଇଁ ଡିଏଫ୍‌ଓ ଏବଂ ତହସିଲଦାରଙ୍କୁ ଦାୟିତ୍ୱ ଦେଇଥିଲେ।

**ଜଙ୍ଗଲ ଜମି ଜବରଦଖଲ ମୁକ୍ତ ପ୍ରସଙ୍ଗ**

- ତଦନ୍ତ ପ୍ରକ୍ରିୟାରେ ବିଳମ୍ବ, ଗ୍ରାମବାସୀ ଅସନ୍ତୁଷ୍ଟ
- ରାଷ୍ଟ୍ରପତି, ଏନ୍‌ଏଚ୍‌ଆର୍‌ସିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ହେଲେ ଏହି ତଦନ୍ତରେ ଶିଥିଳତାକୁ ନେଇ ଗତ ୧୯ ତାରିଖରେ ଶ୍ରୀପୁରା ଗ୍ରାମର ଶତାଧିକ ମହିଳା, ପୁରୁଷ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଡିଏଫ୍‌ଓ ଏବଂ ତହସିଲଦାରଙ୍କ ବିରୋଧରେ ନାରାବାଜି ଦେବା ସହ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଥିଲେ। ଗତ ୨୨ ତାରିଖରେ ଶ୍ରୀପୁରା ଗ୍ରାମବାସୀ ଏକତ୍ରିତ ହେବା ସହ ଜଙ୍ଗଲ ଜମି ଏବଂ ବୃକ୍ଷଗୁଡିକର ସୁରକ୍ଷା ପାଇଁ ଆସନ୍ତା ୨ ତାରିଖରେ ଉକ୍ତ ଜଙ୍ଗଲ ଜମିରେ ଏକ୍‌ଜୁଟ ହେବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହି ସମୟରେ ସେମାନଙ୍କୁ ସୁରକ୍ଷା ପ୍ରଦାନ ପାଇଁ ବଡ଼ମାଳ ଆଇଆଇସି ଏବଂ ଝାରସୁଗୁଡା ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇଥିଲେ। ଅପରପକ୍ଷେ ଉକ୍ତ କମ୍ପାନୀକୁ ଅନୁକମ୍ପା ଦେଖାଉଥିବା ଡିଏଫ୍‌ଓ ଏବଂ ତହସିଲଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନବେଳେ ଜିଲା ପରିଷଦ ସଦସ୍ୟ ଦିଗାମ୍ବର ଭୋଇ, ଶ୍ରୀପୁରା ସରପଞ୍ଚ ଯଶୋବନ୍ତୀ ପାଣ୍ଡେ, ବିରଞ୍ଚି ମାଝୀ, ରୀନା ବାଗ୍, ମିନତି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ତହସିଲଦାର କୁମ୍ଭାରଙ୍କୁ ପଚାରିବାରୁ ଏହି ପ୍ରସଙ୍ଗ ଜଙ୍ଗଲ ଜମି ଉପରେ ଥିବାରୁ ଏହାର ଉତ୍ତର ଡିଏଫ୍‌ଓ ଦେବେ ବୋଲି କହିଥିଲେ। ଝାରସୁଗୁଡ଼ା ଡିଏଫ୍‌ଓ ଅଶୋକ ମନୁଭଇଙ୍କୁ ମୋବାଇଲ ନମ୍ବର (୯୪୩୭୦୫୫୬୯୫)ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କଲ୍ ରିସିଭ୍ କରି ନ ଥିଲେ। ଏପ୍‌ସିଲନ କମ୍ପାନୀର ପ୍ଲାଣ୍ଟ ହେଡ୍ ରାକେଶ ମୋହନଙ୍କୁ ପଚାରିବାରୁ ସେ ମତାମତ ଦେବାକୁ ମନା କରିଥିଲେ।

# କୁମ୍ଭାରମାଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ


ଖେଳାଳିଙ୍କ ଗହଣରେ ପୂର୍ବତନ ବିଧାୟିକା ଦୀପାଳି ଦାସ।

ଝାରସୁଗୁଡ଼ା,୨୭।୧(ଆଶିଷ ରଞ୍ଜନ ଦାଶ)

**ଚେତେନପଡ଼ା ଚାମ୍ପିୟନ**

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ୍ ସମାସିଂହା ପଞ୍ଚାୟତ ଅଧୀନ କୁମ୍ଭାରମାଲ ସ୍କୁଲ ଖେଳପଡ଼ିଆରେ ଚତୁର୍ଥ କୁମ୍ଭାରମାଲ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ୍ ୮ଟି ଟିମ୍ ଭାଗ ନେଇଥିଲେ। ଫାଇନାଲ୍ ମ୍ୟାଚ୍ ଚେତେନପଡ଼ା (ରେଙ୍ଗାଲି) ଓ ୧୧ ଷ୍ଟାର୍ ସାଲେପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଚେତେନପଡ଼ା ଟିମ୍ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। କୁମ୍ଭାରମାଲର ଅଲ୍ ବଏଜ କ୍ଲବ୍ ପକ୍ଷରୁ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ପୂର୍ବତନ ବିଧାୟିକା ଦୀପାଳି ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଜେତା ଟିମ୍‌କୁ ଟ୍ରଫି ସହ ୩୦ ହଜାର ଟଙ୍କା ଏବଂ ଉପବିଜେତା ଟିମ୍‌କୁ ଟ୍ରଫି ସହ ୨୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ତଥା ବିଜେଡି ବ୍ଲକ୍ ସଭାପତି ପୁରୁଷୋତ୍ତମ ନାଏକ, ଚିନୁ ବହିଦାର, ଆଞ୍ଚଳିକ ବିକାଶ ପରିଷଦ ଲଇକେରା, କୋଲାବିରା ଓ କିର୍ମିରାର ସଭାପତି ଜିତେନ୍ଦ୍ରିୟ ଧୁରୁଆ, ଯୁବନେତା ହେମନ୍ତ ସାହୁ, ପ୍ରଶାନ୍ତ ମହାନନ୍ଦିଆ ଯୋଗଦେଇଥିଲେ। ରେଫରି ଶତାବ୍ଦୀ ଜୟପୁରିଆ, ରାଜା ମହାପାତ୍ର, ରାଜେଶ ଜୟପୁରିଆ ଓ ଟୁନା ପୋଢ଼ ଖେଳ ପରିଚାଳନା କରିଥିଲେ। କ୍ଲବ୍ ସଭାପତି ଗୁରୁଚରଣ ପ୍ରଧାନ, ଉପସଭାପତି ମଙ୍ଗଳ କିଷାନ, ସଦସ୍ୟ ସ୍ୱରୂପ କିଷାନ, ରଞ୍ଜନ ତରିଆ, ଦୀପକ କିଷାନ, ଦିଲ୍ଲୀପ କିଷାନ, ଝସକେତନ କିଷାନ, ବିଶ୍ୱ କିଷାନ, ରମେଶ କିଷାନ, ଗଣେଶ କିଷାନ, ଜନ୍ମଜୟ କିଷାନ, ପ୍ରଦ୍ୟୁମ୍ନ ମାଝୀଙ୍କ ସମେତ କ୍ଲବ୍‌ର ସମସ୍ତ ସଭ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ରାମଲୀଳା ମହୋତ୍ସବ ଉଦ୍‌ଯାପିତ

କୋଲାବିରା,୨୭।୧(ସଞ୍ଜୟ ପୂଜାରୀ)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ୍ କେଲେଣ୍ଡାମାଲ ପଞ୍ଚାୟତ ଗୁଡ଼ିଗାଁ ଗ୍ରାମରେ ଚାଲିଥିବା ୨ୟ ରାମଲୀଳା ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ରାବଣଙ୍କ ଦରବାରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସେହିପରି ଶୁକ୍ରବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା ଜିଲା ସାଧାରଣ ସମ୍ପାଦକ ନବଲ ଅଗ୍ରୱାଲ, କଂଗ୍ରେସ ଟାଉନ୍ ସଭାପତି ଦେବାନନ୍ଦ ବାରିକ ଅତିଥି ଭାବରେ ଯୋଗଦେଇଥିଲେ। ଶନିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ନୃପଲାଲ ପଶାୟତ ଓ ରଘୁନାଥପାଲି ସରପଞ୍ଚ ରଞ୍ଜନ ସରାଫ ରାଜ ଅତିଥି ଭାବରେ ଯୋଗଦେଇଥିଲେ। ରବିବାର ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା ଦୀପାଳି ଦାସ ରାଜ ଅତିଥି ଭାବରେ ଯୋଗଦେଇଥିଲେ। ସୋମବାର ଉଦ୍‌ଯାପନୀ ଦିବସରେ ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂ ମୁଖ୍ୟ ଅତିଥି ଓ ସାମାଜିକ କର୍ମୀ ଜଗନ୍ନାଥ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ୫ ଦିନ ବ୍ୟାପୀ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାବଣଙ୍କ ରାଜ୍ୟାଭିଷେକ, ରାମ ଲକ୍ଷ୍ମଣ ଓ ସୀତାଙ୍କ ବନବାସ, ସୀତା ଚୋରି, ଇନ୍ଦ୍ରଜିତ୍ ବଧ, ଶ୍ରୀରାମ ଓ ରାବଣ ଯୁଦ୍ଧ ସହ ରାମଙ୍କ ଦ୍ୱାରା ରାବଣ ବଧ ସହ ରାମଲୀଳା ମହୋତ୍ସବ ଶେଷ ହୋଇଛି। ରାବଣ ଭୂମିକାରେ ବୌଦ୍ଧ ଜିଲାର ମନୋଜ ମହାନ୍ତି ଓ ତାଙ୍କର ସାଥୀ କଳାକାରମାନେ ଅନ୍ୟ ଭୂମିକାରେ ଅଭିନୟ କରିଥିଲେ। ରାମଲୀଳା ମହୋତ୍ସବ କମିଟି ସଭାପତି ହୃଷୀକେଶ ପଟେଲଙ୍କ ସମେତ ସମସ୍ତ ସଦସ୍ୟ ଓ ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଶୋଭାଯାତ୍ରାରେ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା



ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

ଦେବଗଡ଼,୨୭।୧(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ପୋଲିସ ଆନୁକୂଲ୍ୟରେ କଲା ପଞ୍ଚାୟତ ଡିଗ୍ରୀ କଲେଜଠାରେ ସଡ଼କ ସୁରକ୍ଷା ସଚେତନତା କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବାରକୋଟ ଆଇଆଇସି ସୁଶାନ୍ତ କୁମାର ବଡ଼େଇ ଯୋଗଦେଇ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସଡକ ସୁରକ୍ଷା ସମ୍ପର୍କିତ ନିୟମ ବିଷୟରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ସାନ୍ତନୁ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ବାରକୋଟ ଥାନାର ଏସ୍‌ଆଇ ସନାତନ ନାୟକ, ଏସ୍‌ଆଇ ଅରବିନ୍ଦ ବେହେରା, ହାବିଲଦାର ଗିରିଧାରୀ ସାହୁ, ଅଧ୍ୟାପକ ମଦନ ପଲେଇ, ନବକୃଷ୍ଣ ବେହେରା, ଭୁବନ ମହାନ୍ତ, ଆଲୋକ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ଶୋଭାଯାତ୍ରା କଲା ଗ୍ରାମ ପରିକ୍ରମା କରିବା ସହ ସଡ଼କ ସୁରକ୍ଷା ସମ୍ପର୍କିତ ପ୍ରଚାରପତ୍ର ପଥଚାରୀଙ୍କୁ ବଣ୍ଟନ କରାଯାଇଥିଲା।

# ୫୫୦ କିଷାନ ସମାଜର ବାର୍ଷିକ ମହୋତ୍ସବ

ଲଇକେରା,୨୭।୧(ରଞ୍ଜନ କୁମାର ମେହେର)

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ୍ ଅଧୀନ ଖଏରଡିହିଠାରେ ୫୫୦ କିସାନ ସମାଜ ଜାମଡିହି ଆଞ୍ଚଳିକ ଗୁଡ଼ିର ବାର୍ଷିକ ମହୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଛତ୍ରଲାଲ କିଷାନ ସଭା ପରିଚାଳନା କରିଥିଲେ। ଜାମଡିହି ଆଞ୍ଚଳିକ ଗୁଡ଼ିର ସଭାପତି ରଘୁ କିଷାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ଜିଲା ସମ୍ପାଦକ ରାମତୁଲା ବୁଦୁଲା, ମୁଖ୍ୟବକ୍ତା ଭାତଲଇଡା ମହାଗୁଡ଼ି ସଭାପତି ସନ୍ତୋଷ ମାଝୀ, ସମ୍ମାନିତ ଅତିଥି ଭାବରେ ବଲାଙ୍ଗୀର ଜିଲା ସଭାପତି ଗୋପାଲ ପ୍ରଧାନ, ଭାତଲଇଡା ମହାଗୁଡ଼ି ସମ୍ପାଦକ ଯୋଗେଶ୍ୱର କିଷାନ, ପିପିଲିମାଲ ମହାଗୁଡ଼ି ସଭାପତି ଉତ୍ତମ ନେଗୀ, ଜିଲା କମିଟି ସଭାନେତ୍ରୀ ସବିତା ପ୍ରଧାନ, ଉପସଭାପତି ଆଶୋକ ମାଝୀ ଯୋଗଦେଇଥିଲେ। ଜିଲା କମିଟି ସଭ୍ୟ ବିନୋଦ ବିହାରୀ ବାଗ୍, କ୍ଷୀରୋଦ କିଷାନ, ପରମାନନ୍ଦ ବାଗ୍, ନରୋତ୍ତମ କିଷାନ, ପ୍ରଫୁଲ୍ଲ କିଷାନ, କଷ୍ଟୁ ପିଙ୍ଗ, ବାନେଶ୍ୱର କିଷାନ, ରସାନନ୍ଦ କିଷାନ, ଗଣ୍ଡାରାମ ପ୍ରଧାନ, ବିଶିକେସନ ମିର୍ଦ୍ଧା, ପ୍ରେମାନନ୍ଦ ପ୍ରଧାନ, ବୀରକିଶୋର ବାଗ୍, ଚନ୍ଦ୍ରମଣୀ ବାଗ୍, ମନୋଜ କିଷାନ, ସେବତୀ ବାଗ୍ ମଞ୍ଚାସୀନ ଥିଲେ। ଅତିଥିମାନେ କିଷାନ ସମାଜର ବିକାଶ ପାଇଁ ଶିକ୍ଷା, ନିଶା ନିବାରଣ, କିସାନ ସଙ୍ଗଠନ, ସଂସ୍କୃତି ଓ ପରମ୍ପରା, ସମାଜରେ ମହିଳାଙ୍କ ଭୂମିକା ଏବଂ କିସାନ ସମାଜର ୨୦୧୨ ନିୟମାବଳୀ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ଗୁଡ଼ିର ସମସ୍ତ ସଦସ୍ୟ, ସମସ୍ତ ଗୁଡ଼ିର ବରିହା, ଖଏରଡିହି ଗ୍ରାମବାସୀ ସହଯୋଗ କରିଥିଲେ। ଲଇକେରା ବ୍ଲକ୍ ଅଧୀନ ଖୁନ୍ତାମାଳ ଓ କୁଲେମୁରା ଗ୍ରାମପଞ୍ଚାୟତର ୫୦୦ରୁ ଊର୍ଦ୍ଧ୍ୱ କିସାନ ସମାଜର ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଦେବାନନ୍ଦ କିଷାନ ଧନ୍ୟବାଦ ଦେଇଥିଲେ।

# ସମାସିଂହାରେ ମକର ଯାତ୍ରା


କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ଓ ବିଧାୟକ।

କୋଲାବିରା,୨୭।୧(ସଞ୍ଜୟ ପୂଜାରୀ)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ୍ ଅଧୀନ ସମାସିଂହା ଗ୍ରାମରେ ୫୪ତମ ମକର ଯାତ୍ରା ସୋମବାର ଉଦ୍‌ଘାଟିତ ହୋଇଯାଇଛି । ଅପରାହ୍ନରେ ହର ଓ ହରିଙ୍କୁ ୨ଟି ରଥରେ ଅଣାଯାଇ ଦୁର୍ଗାମଣ୍ଡପ ସମ୍ମୁଖରେ ମକର ମିଳନ କରାଯାଇଥିଲା। କ୍ଷୀରୋଦ ପୂଝାରୀ ମୁଖ୍ୟ ପୂଜକ ଦାୟିତ୍ୱ ତୁଲାଇଥିଲେ । ପ୍ରଗତି ସଂଘ ଆନୁକୂଲ୍ୟରେ ଆୟୋଜିତ ମକର ଯାତ୍ରାରେ ମୁଖ୍ୟ ଅତିଥି ଭାବେ ସମବାୟ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଓ ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇଥିଲେ। ସଂଘ ସଭାପତି ମନୋଜ କାଲୋଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଧାୟକ ତ୍ରିପାଠୀ କହିଥିଲେ, ଭାଜପା ସରକାରରେ ଝାରସୁଗୁଡ଼ା ଜିଲାରେ ସୁରୁଖୁରୁରେ ଧାନକିଣା ଚାଲିଛି । ଧାନବିକ୍ରି ପାଇଁ ଟୋକନ୍ ଓ ଟାର୍ଗେଟର କୌଣସି ସମସ୍ୟା ନାହିଁ । ଝାରସୁଗୁଡ଼ାର ଉନ୍ନତି ପାଇଁ କାମ କରିବା ସହ ସଚେତନ ରହିଥିବା ବିଧାୟକ କହିଛନ୍ତି। ଏହି ସଭାରେ ପ୍ରଗତି ସଂଘର ସମ୍ପାଦକ ପ୍ରକାଶ ସାହୁ, ପୂର୍ବତନ ସରପଞ୍ଚ ତୁଳାରାମ ସେନାପତି, ଗୌତମ ନାଏକ, ଚେତାନନ୍ଦ ପଟେଲ, ପୂର୍ବତନ ସରପଞ୍ଚ ହେମନ୍ତ ସାହୁ, ସଚିନ୍ଦ୍ର ପଟେଲ, ଭାଜପା ମଣ୍ଡଳ ସଭାପତି ରାଜେଶ ଦାଶ, ଉପସଭାପତି ସଞ୍ଜୟ ପୂଜାରୀ, ଏମ୍‌ପିଙ୍କ ପ୍ରତିନିଧି ସମରେନ୍ଦ୍ର ରାଏ ମଞ୍ଚାସୀନ ଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏଥିସହ ଲୋକମାନେ ମିନାବଜାର ବୁଲିବା ସହ ଦୋକାନରୁ ବିଭିନ୍ନ ସାମଗ୍ରୀ କିଣିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଲଇକେରା ଆଇଆଇସି କୃଷ୍ଣଚନ୍ଦ୍ର ମେହେର ଓ କୋଲାବିରା ଥାନା ଭାରପ୍ରାପ୍ତ ଥାନା ଅଧିକାରୀ ସନ୍ତୋଷ ପ୍ରଧାନଙ୍କ ନେତୃତ୍ୱରେ ଫୋର୍ସ ମୁତୟନ କରାଯାଇଛି।

# ନବ ଦାସ ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ମୁଡ଼କାଝୁଡ଼ା ଚାମ୍ପିୟନ

ଝାରସୁଗୁଡ଼ା,୨୭।୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ୍ ସଦର ପଞ୍ଚାୟତ ଅଧୀନ ତରେଇକେଲା ଗ୍ରାମରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ତୃତୀୟ ନବ ଦାସ ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ସୋମବାର ଅନୁଷ୍ଠିତ ହୋଇଯାଇଛି। ଭୀମ କ୍ଲବ୍ ଭଜୁପଡା ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଟିମ୍ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍‌ରେ ମୁଡ଼କାଝୁଡ଼ା ଟିମ୍ ଭୋଇମୁଣ୍ଡା ଟିମ୍‌କୁ ପରାସ୍ତ କରି ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ୱର୍ଗତ ନବ ଦାସଙ୍କ ପୁଅ ଯୁବନେତା ତଥା ସାମାଜିକ କର୍ମୀ ବିଶାଳ ଦାସ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ଦୀନବନ୍ଧୁ ଧୁରୁଆ, ସାମାଜିକ କର୍ମୀ ବୀରେନ୍ଦ୍ର ମହାପାତ୍ର, ଦୁର୍ଗାନନ୍ଦ ବିଶି, ରାମେଶ୍ୱର ପ୍ରଧାନ, ଚନ୍ଦ୍ରକାନ୍ତ ମାଝୀ, ବନ କିଷାନ, କର୍ଣ୍ଣ କିଷାନ ଯୋଗଦେଇଥିଲେ। ଯୁବନେତା ପ୍ରଶାନ୍ତ ମହାନନ୍ଦିଆ ଧନ୍ୟବାଦ ଦେଇଥିଲେ। ଏଥିରେ ଭୀମ କ୍ଲବ୍‌ର ସହଦେବ ବାଗ୍, ଗୁଣ ବାଗ୍, ଅଭୟ ବାଗ୍, ଗଣେଶ ମାଝୀ, ପ୍ରମୋଦ କିଷାନ, ଗୁରୁଦେବ କିଷାନ, ମନୋଜ ବାଗ୍, ଶ୍ରୀକାନ୍ତ ମାଝୀ, ଅନିଲ ବାଗ୍, ଦୟାନନ୍ଦ ମାଝୀ, ଅମିତ କିଷାନ ପ୍ରମୁଖ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବିଶାଳ ଦାସ ଖେଳାଳିଙ୍କ ସହିତ ପରିଚୟ ହେଉଛନ୍ତି।

# ଝାରସୁଗୁଡ଼ା ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

ଝାରସୁଗୁଡ଼ା,୨୭।୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାସ୍ଥିତ ମନମୋହନ ପଡିଆଠାରେ ଜିଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ସୋମବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରି ଜିଲାର ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଅତିରିକ୍ତ ଜିଲାପାଳଙ୍କ ସମେତ ଜିଲାସ୍ତରୀୟ ବହୁ ଅଧିକାରୀ ଉପସ୍ଥିତ ଥିଲେ।

ସେହିପରି ଝାରସୁଗୁଡ଼ା ଜିଲା ଓ ସହରର ପ୍ରତ୍ୟେକ ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା। ସରବାହାଲ ସରସ୍ୱତୀ ଶିଶୁ ମନ୍ଦିରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଡ. ସରୋଜ କୁଅଁର, ସମ୍ପାଦକ ସୁବ୍ରତ ତ୍ରିପାଠୀ, ପ୍ରଶାନ୍ତ ଦାଶ, ବ୍ୟବସାୟୀ ଲଳିତ ଜୟସ୍ୱାଲ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସମ୍ବଲପୁରୀ ନୃତ୍ୟ, ଗୀତ, ଦେଶାତ୍ମବୋଧକ ସଙ୍ଗୀତ ଏବଂ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପଞ୍ଚପଡ଼ାସ୍ଥିତ ଶିଶୁବିକାଶ ବିଦ୍ୟାମନ୍ଦିର ପରିସରରେ ବିଦ୍ୟାଳୟ ସମ୍ପାଦକ ଦିଗାମ୍ବର ମାଝୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ପ୍ରେମାନନ୍ଦ ପଟେଲ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ମମତା ସିଂହ, କୋଷାଧକ୍ଷା ପ୍ରିୟଙ୍କା ସାହୁ ମଞ୍ଚାସୀନ ଥିଲେ। ବରିଷ୍ଠ ଆଚାର୍ଯ୍ୟା ମନ୍ଦାକିନୀ ମାକର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ପରେଡ୍‌ରେ ଭାଗ ନେଇଥିବା ଛାତ୍ରୀଙ୍କୁ ଜିଲାପାଳ ପୁରସ୍କୃତ କରୁଛନ୍ତି।

# 'ଦେବଗଡ଼ ଜିଲାର ବିକାଶଧାରାରେ ସମସ୍ତେ ସାମିଲ ହୁଅନ୍ତୁ'

ଦେବଗଡ଼,୨୭।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ସ୍ଥିତ ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ୭୭ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସୋମବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟରେଡ୍‌ରେ ଅଭିବାଦନ ଗ୍ରହଣ କରି ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିଚାରଣ କରିଥିଲେ। ଜିଲାର ସାମଗ୍ରିକ ବିକାଶ ପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲାର ବିକାଶ ଧାରାରେ ସମସ୍ତେ ସାମିଲ ହେବା ସହିତ ସହଯୋଗ କରିବାକୁ ଜିଲାପାଳ ଆହ୍ୱାନ ଦେଇଛନ୍ତି। ସକାଳେ ସହରରେ ରାମଧୁନ୍ ପରିବେଷଣ କରାଯାଇଥିବାବେଳେ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବିଭିନ୍ନ ଶିକ୍ଷାନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ପରେଡ୍ କମାଣ୍ଡର ହମ୍ବିରା ସୋରେନ, ସେକେଣ୍ଡ କମାଣ୍ଡର ଏସ୍‌ଆଇ ଅରମେଦ ସିଲାସ ଡୁଙ୍ଗଡୁଙ୍ଗଙ୍କ ନେତୃତ୍ୱରେ ଜିଲାସ୍ତରୀୟ ପରେଡ୍‌ରେ ୩୧ଟି ଦଳ ଭାଗ ନେଇଥିଲେ। ୩୧ଟି ଦଳ ମଧ୍ୟରୁ ୟୁନିଫର୍ମ ଦଳରେ (ପ୍ରଥମ) ରାଜାବାସୁଦେବ ଉଚ୍ଚ ବିଦ୍ୟାଳୟର ସ୍କାଉଟ, ଦ୍ୱିତୀୟରେ ଦେବଗଡ଼ ମହାବିଦ୍ୟାଳୟ ଏନ୍‌ସିସି ବାଳିକା, ସିଭିଲିଆନ ସିନିୟର୍‌ରେ ଆଦର୍ଶ ମହାବିଦ୍ୟାଳୟ ପ୍ରଥମ, ଦେବଗଡ଼ ନଟ୍ରେଡେମ ଏକାଡେମୀ ଦ୍ୱିତୀୟ, ସିଭିଲିଆନ ଜୁନିୟରରେ ଦେବଗଡ଼ ଡିଭାଇନ ପବ୍ଲିକ ସ୍କୁଲ ପ୍ରଥମ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦେବଗଡ଼ ବାଲ୍‌ଭାରତୀ ଇଂଲିଶ ମିଡ଼ିଅମ ସ୍କୁଲକୁ ରନିଂ ସିଲ୍ଡ ଓ କପ୍ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ।



ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ଛାତ୍ରୀଛାତ୍ର ମାର୍ଚ୍ଚପାଷ୍ଟ କରୁଛନ୍ତି।

**ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ**

# ୨ ସପ୍ତାହରେ ସତ୍ୟପାଠ ଦେବେ ରାଜ୍ୟ ସରକାର

## ହାଇକୋର୍ଟରେ ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ମାମଲା

କଟକ,୨୭।୧(କାର୍ତ୍ତିକ ସାହୁ)



ହାଇକୋର୍ଟରେ ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ମାମଲାର ଶୁଣାଣି ମଙ୍ଗଳବାର ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ହରୀଶ ଟଣ୍ଡନ ଓ ବିଚାରପତି ଏମ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ପୋଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ କେବେ କାର୍ଯ୍ୟକ୍ଷମ ହେବ ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାର ଏନେଇ ସତ୍ୟପାଠ ଦାଖଲ ରଖିବା ନିମନ୍ତେ ସମୟ ଦେବାକୁ ନିବେଦନ କରିଥିଲେ। ଖଣ୍ଡପୀଠ ଏହାକୁ ଗ୍ରହଣ କରି ୨ ସପ୍ତାହ ମଧ୍ୟରେ ସତ୍ୟପାଠ ଜରିଆରେ ଉତ୍ତର ରଖିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଦର୍ଶାଯାଇଥିଲା ଯେ, ରାଜ୍ୟ ସରକାର ୨୦୨୫ ଡିସେମ୍ବର ୫ରେ ଏକ କମିଶନ ଗଠନ କରିଛନ୍ତି, ଯାହାର ନାମ ଓଡ଼ିଶା ୟୁନିଫର୍ମ ସର୍ଭିସେସ ଷ୍ଟାଫ ସିଲେକ୍ସନ କମିଶନ ୨୦୨୫। ଏଥିରେ ଜଣେ ଚେୟାରମ୍ୟାନ ରହିବେ, ଆଉ ଦୁଇ ସଦସ୍ୟ ରହିବେ। ଏହି କମିଶନ ସବ ଇନ୍ସପେକ୍ଟର ଓ କନଷ୍ଟେବଲମାନଙ୍କୁ ନିଯୁକ୍ତି କରିବେ। ବିଶେଷକରି ଗ୍ରୁପ ବି' ଓ ଗ୍ରୁପ ସି' ପଦବୀ ନିଯୁକ୍ତି ପାଇଁ ଏହି କମିଶନ ଗଠନ ହୋଇଛି। ସରକାରୀ ଶିକ୍ଷାନୁଷ୍ଠାନରେ ଏହାର ପରୀକ୍ଷା କରାଯିବ। ଏଦ୍ୱାରା ପରୀକ୍ଷାରେ କୌଣସି ଜାଲିଆତି ହୋଇପାରିବନି ବୋଲି ରାଜ୍ୟ ସରକାର ହାଇକୋର୍ଟଙ୍କୁ ଅବଗତ କରିଥିଲେ। ତେବେ ଏହି କମିଶନ ଗଠନ ହେବାର ମାସେରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ସୁଦ୍ଧା ରାଜ୍ୟ ସରକାର କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ଆବେଦନକାରୀ ତଥା ଆଇନଜୀବୀ ଶିବଶଙ୍କର ମହାନ୍ତି ହାଇକୋର୍ଟଙ୍କ ଦୃଷ୍ଟିକୁ ଆଣିଥିଲେ।

# ହାର୍ଡକୋର୍ ମାଓବାଦୀ ଆଜାଦଙ୍କୁ ପାରଳାଖେମୁଣ୍ଡି ଆଣିଲା ପୋଲିସ

- ମାମଲାଗୁଡ଼ିକର ଶୀଘ୍ର ଶୁଣାଣି ପାଇଁ ୨୦୨୪ରେ ହୋଇଥିଲେ ସୁପ୍ରିକୋର୍ଟଙ୍କ ଦ୍ୱାରସ୍ଥ
- ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶରେ ପାରଳାଖେମୁଣ୍ଡିରେ ହୋଇଛି ସ୍ୱତନ୍ତ୍ର କୋର୍ଟ
- ୨୦୧୧ରେ ଗିରଫ ପରଠାରୁ ଥିଲେ ଝାରପଡା ଜେଲରେ

ମୋହନା,୨୭।୧(ମନ୍ମଥ ମିଶ୍ର)


ଆଜାଦଙ୍କୁ ମୋହନା କୋର୍ଟରେ ହାଜର ପରେ ପାରଳାଖେମୁଣ୍ଡି ନେବାକୁ ଭ୍ୟାନକୁ ଆଣୁଛି ପୋଲିସ ।

ହାର୍ଡକୋର୍ ମାଓବାଦୀ ଆଜାଦ ସୁପ୍ରିକୋର୍ଟଙ୍କ ଦ୍ୱାରସ୍ଥ ପରେ ତାଙ୍କୁ ରିମାଣ୍ଡରେ ଆଣି କୋର୍ଟରେ ହାଜର କରିଛି ମୋହନା ପୋଲିସ। ମାଓବାଦୀ ସବ୍ୟସାଚୀ ପଣ୍ଡାଙ୍କ ଡାହାଣ ହାତ କୁହାଯାଉଥିବା ଦୁନା କେଶବ ରାଓ ଓରଫ ଆଜାଦ ଗଜପତି ଜିଲାର ବିଭିନ୍ନ ସ୍ଥାନରେ ମାଓବାଦୀ ହିଂସା ଘଟାଇଥିଲେ। ତାଙ୍କ ନାମରେ ୨୦୦୮-୨୦୦୯ ଓ ୨୦୧୧ରେ ମୋଟ ୧୭ଟି ମାମଲା ରହିଛି। ୨୦୧୧ରେ ତାଙ୍କୁ ନୟାଗଡ଼ ଜିଲାର ପୋଲିସ ଷ୍ଟେସନରେ ନିଆଁ ଲଗାଇବା ସହ ଅସ୍ତ୍ରଶସ୍ତ୍ର ଲୁଟ୍ ଘଟଣାରେ ଗିରଫ କରାଯାଇଥିଲା। ଗିରଫ ପରଠାରୁ ତାଙ୍କୁ ଭୁବନେଶ୍ୱର ଝାରପଡ଼ା ଜେଲରେ ରଖାଯାଇଥିଲା। ଦୀର୍ଘ ୧୪ ବର୍ଷ ପରେ ୨୦୨୪ରେ ଆଜାଦ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିକୋର୍ଟଙ୍କ ନିର୍ଦ୍ଦେଶରେ ଏହି ସମସ୍ତ ମାମଲାର ଶୀଘ୍ର ଶୁଣାଣି ପାଇଁ ଚଳିତ ମାସ ୨ ତାରିଖରେ ପାରଳାଖେମୁଣ୍ଡିରେ ସ୍ୱତନ୍ତ୍ର କୋର୍ଟ ଖୋଲାଯାଇଛି। ଝାରପଡ଼ା ଜେଲରେ ରହୁଥିବା ଆଜାଦଙ୍କୁ ମଙ୍ଗଳବାର ସେଠାରୁ ପାରଳାଖେମୁଣ୍ଡି ଆଣି କଡ଼ା ସୁରକ୍ଷା ବଳୟରେ ମୋହନା କୋର୍ଟରେ ହାଜର କରାଯାଇଥିଲା। ଏଠାରୁ ଆବଶ୍ୟକୀୟ ନଥିପତ୍ର ନେବାପରେ ତାଙ୍କୁ ପାରଳାଖେମୁଣ୍ଡି ନିଆଯାଇଛି। ତାଙ୍କ ନାମରେ ଅଡ଼ବା ଥାନା ଅନ୍ତର୍ଗତ ପାଣିଗଣ୍ଡା ବିଟ୍ ହାଉସ ଉଡେଇବା ଘଟଣା, ମାନ୍ଦ୍ରାବାଜୁ ପୋଲିସ ସହିତ ଗୁଳି ବିନିମୟ, ଠିକାଦାର କ୍ୟାମ୍ପ ଉପରେ ଆକ୍ରମଣ ସହ ସରକାରୀ ବସ୍ ପୋଡ଼ି ମାମଲା ଥାନାରେ ରହିଛି। ଏଥିପାଇଁ ଆଜାଦଙ୍କୁ ମୋହନା କୋର୍ଟରେ ହାଜର କରାଯାଇଥିଲା। ତାଙ୍କ ବିରୋଧରେ ରୁଜୁ ସମସ୍ତ ମାମଲା ସଙ୍ଗୀନ ଥିବାରୁ ପାରଳାଖେମୁଣ୍ଡିରେ ସ୍ୱତନ୍ତ୍ର ଭାବେ ଶୁଣାଣି କରାଯିବାକୁ ଆଜାଦଙ୍କ ଓକିଲ ସନ୍ତୋଷ ପାଢ଼ୀ ସୂଚନା ଦେଇଛନ୍ତି।

# ଗାଡ଼ିରେ ନାଲିବତି ଲଗାଇ ଲୁଟୁଥିଲେ


ଗିରଫ ୪ ଅଭିଯୁକ୍ତ।



ଜବତ ସ୍କର୍ପିଓ।

ଭବାନୀପାଟଣା/ କେସିଙ୍ଗା,୨୭।୧
(ଉତ୍ତମ କୁମାର ଦାଶ/ ତୁମେଶ୍ୱର ସାହୁ)

## ୪ ଅଭିଯୁକ୍ତ ଗିରଫ

କଳାହାଣ୍ଡି ଜିଲା ଏମ୍. ରାମପୁର ଥାନା ଅଞ୍ଚଳର ୪ଜଣ ଯୁବକ ସ୍କର୍ପିଓ ଗାଡ଼ିରେ ନାଲିବତି ଲଗାଇ ନିଜକୁ ପୋଲିସ କହି ଲୋକଙ୍କୁ ଲୁଟୁଥିବାବେଳେ କେସିଙ୍ଗା ପୋଲିସ ହାତରେ ଧରାପଡିଛନ୍ତି। ସେମାନେ ହେଲେ ଏମ୍. ରାମପୁର ଥାନା ଅଇଁଲାପାଲିର ଆଶିଷ ମାଝୀ (୨୪), ଝାଲିଆଗୋଭାର ନରେଶ ହରିଜନ (୨୫) ଓ ଗୋପାଳ ହରିଜନ(୨୪) ଏବଂ କୁର୍ଶଲାର ଅଜିତ ସାହୁ (୨୬)। ସେମାନଙ୍କଠାରୁ ପୋଲିସ ନାଲିବତି ଲାଗିଥିବା ସ୍କର୍ପିଓ, ଲୁହା ରଡ଼, ମାରଣାସ୍ତ୍ର ଆଦି ଜବତ କରିଛି। ଗିରଫ ପରେ ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର କେସିଙ୍ଗା ପୋଲିସ କୋର୍ଟ ଚାଲାଣ କରିଛି।

କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ ମାଝୀଙ୍କ ସୂଚନା ଅନୁଯାୟୀ, ଦୀର୍ଘଦିନ ଧରି ଉପରୋକ୍ତ ଅଭିଯୁକ୍ତମାନେ ଏହି କାମ ଚଳାଇଥିଲେ। ରାତିରେ ପୋଲିସ କହି ଲୋକଙ୍କୁ ଯାଞ୍ଚ କରିବା ବାହାନାରେ ବିଭିନ୍ନ ସାମଗ୍ରୀ ଲୁଟୁଥିଲେ। ତେବେ କୌଣସି ସୂତ୍ରରୁ ଖବର ପାଇ ସୋମବାର ରାତିରେ ପଲମ ଛକରେ କେସିଙ୍ଗା ପୋଲିସ ପିଛାକରି ସେମାନଙ୍କୁ ଧରିଥିଲା। ସେମାନଙ୍କ ସହ ଆହୁରି କେତେଜଣ ଯୁବକ ସଂଶ୍ଲିଷ୍ଟ ଥିବା ପୋଲିସ ଅନୁମାନ କରି ତଦନ୍ତ କରୁଛି। ଅଭିଯୁକ୍ତମାନେ ଏମ୍ ରାମପୁର ଥାନା ଓ କେସିଙ୍ଗା ଥାନା ଅଞ୍ଚଳରେ ଏଭଳି ଅପରାଧ କରୁଥିଲେ। ଏ ନେଇ କେସିଙ୍ଗା ଥାନାରେ ଏକ ମାମଲା (ନଂ.୨୧/୨୬) ରୁଜୁ ହୋଇଛି।

# ବୋମାମାଡ଼ରେ ଘର କାନ୍ଥ ଭାଙ୍ଗିଲା

ଛତ୍ରପୁର,୨୭।୧(ଦିଲିପ ସାମଲ)

ଗଞ୍ଜାମ ଜିଲା ଛତ୍ରପୁର ଥାନା ଅନ୍ତର୍ଗତ ଚିକଲଖଣ୍ଡି ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଜଣଙ୍କ ଘର ଉପରକୁ ବୋମାମାଡ଼ ହୋଇଛି। ଗ୍ରାମର ଜି. କାମରାଜୁ ରେଡ୍ଡୀ ଓ ତାଙ୍କ ପରିବାର ଲୋକେ ଘରେ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ଏଭଳି କାଣ୍ଡ ଘଟାଇଛନ୍ତି। ବୋମାମାଡ଼ରେ ଘରର ପଛପଟ କାନ୍ଥ ଭାଙ୍ଗି ଯାଇଛି। ସୌଭାଗ୍ୟବଶତଃ ଘରେ ଥିବା ୩ ଜଣ ବର୍ତ୍ତିଯାଇଥିଲେ ମଧ୍ୟ ବହୁ ସାମଗ୍ରୀ ନଷ୍ଟ ହୋଇଛି। ଛତ୍ରପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ମଙ୍ଗଳବାର ସକାଳେ ଛତ୍ରପୁର ଏସ୍‌ଡିପିଓ ଚନ୍ଦନ କୁମାର ଘଡ଼େଇ, ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ଏବଂ ଅନ୍ୟ ଅଧିକାରୀମାନେ ଆସି ଅନୁଧ୍ୟାନ କରିଛନ୍ତି। ତେବେ କିଏ ଏବଂ କାହିଁକି ବୋମାମାଡ଼ କଲେ ତାହାର କାରଣ ସ୍ପଷ୍ଟ ହୋଇପାରିନାହିଁ। ସାଇଣ୍ଟିଫିକ୍ ଟିମ, ବୋମା ନିଷ୍କ୍ରିୟକାରୀ ଟିମ୍, ରାଜ୍ୟ ଫୋରେନସିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ନମୁନା ସଂଗ୍ରହ କରିବା ସହିତ ଯାଞ୍ଚ କରିଛନ୍ତି ।

# ଜଙ୍ଗଲରେ ଶିଶୁକନ୍ୟାଙ୍କୁ ବଳାତ୍କାର: ଯୁବକ ଗିରଫ

ଦେବଗଡ଼,୨୭।୧
(ଶଶାଙ୍କ ଶେଖର ଝାଙ୍କର)


ଉଦିତ୍ ପାତ୍ର

ଦେବଗଡ଼ ଥାନା ଅଞ୍ଚଳର ଏକ ଜଙ୍ଗଲରେ ୫ ବର୍ଷୀୟା ଶିଶୁକନ୍ୟାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ସୋମବାର ଗିରଫ କରିଛି। ସେ ହେଲେ ଦେବଗଡ଼ ଜିଲା ବାରକୋଟ ଥାନା ଅଧୀନ ବାଲିରୋଇ ଗ୍ରାମର ଉଦିତ୍ ପାତ୍ର। ସୂଚନା ଅନୁଯାୟୀ, ପରିବାର ଲୋକଙ୍କ ସହିତ ଶିଶୁକନ୍ୟା ନିକଟସ୍ଥ ଏକ ଗ୍ରାମକୁ ନାମଯଜ୍ଞ ଦେଖିବାକୁ ରବିବାର ଯାଇଥିଲେ। ସନ୍ଧ୍ୟା ହୋଇଯିବାରୁ ଗ୍ରାମକୁ ବାଇକ୍‌ରେ ଆସୁଥିବା ଚିହ୍ନା ଯୁବକ ଉଦିତ୍‌ଙ୍କ ସହିତ ଶିଶୁକନ୍ୟାଙ୍କୁ ପରିବାର ଲୋକେ ପଠାଇ ଦେଇଥିଲେ। କିନ୍ତୁ ସେ ଘରେ ଛାଡ଼ିବା ବଦଳରେ ଶିଶୁକନ୍ୟାଙ୍କୁ ଗ୍ରାମ ନିକଟ ଜଙ୍ଗଲକୁ ନେଇ ବଳାତ୍କାର କରିଥିଲେ। ଶିଶୁକନ୍ୟା କାନ୍ଦି କାନ୍ଦି ଘରକୁ ଯାଇ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ଘଟଣା ସାମ୍ନାକୁ ଆସିବାରୁ ଉଦିତ୍‌ଙ୍କୁ ଗ୍ରାମବାସୀ ନିସ୍ତୁକ ମାଡ଼ ମାରିଥିଲେ। ଏଥିରେ ତାଙ୍କ ମୁଣ୍ଡ ଫାଟିବା ସହିତ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା। ପରେ ପୋଲିସ ତାଙ୍କୁ ଉଦ୍ଧାର କରି ଦେବଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଛି। ସେଠାରେ ପୋଲିସ ହେପାଜତରେ ତାଙ୍କ ଚିକିତ୍ସା ଜାରି ରହିଛି। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିବା ପରେ ତାଙ୍କୁ କୋର୍ଟ ଚାଲାଣ କରାଯିବ। ଅପରପକ୍ଷେ ପୀଡିତାଙ୍କ ଡାକ୍ତରୀମାଇନା କରାଯାଇଛି। ଶିଶୁକନ୍ୟାଙ୍କ ବାପା ଏନେଇ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୯/୨୬) ରୁଜୁ କରିଛି। ଏଥିସହ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

## Business

# ବଜାରରେ ରେନୋର ନୂଆ ଆଇକନିକ୍ ଡଷ୍ଟର

ଭୁବନେଶ୍ୱର, ୨୭।୧
(ଅନୁରାଧା ମହାରଣା)




ରେନୋ ଡଷ୍ଟର ଏକ ସମ୍ପୂର୍ଣ୍ଣ ଆଧୁନିକ ଓ ଷ୍ଟାଇଲିଶ୍ ନୂଆ ଜେନେରେଶନ ସହ ବଜାରରେ ଉପଲବ୍ଧ ହୋଇଛି। ଏହି ଏସ୍‌ୟୁଭିରେ ୨ଟି ଟର୍ବୋ ପେଟ୍ରୋଲ ଇଞ୍ଜିନ ଟର୍ବୋ ଟିସିଇ ୧୬୦ ଓ ଟର୍ବୋ ଟିସିଇ ୧୦୦ ଉପଲବ୍ଧ। ଏହାସହ ପ୍ରଥମଥର ପାଇଁ ଭାରତରେ ୧.୮ ଲିଟର ଇଞ୍ଜିନ ଏବଂ ୧.୪ କିଲୋୱାଟ-ଘଣ୍ଟା ବ୍ୟାଟେରି ସହ ଶକ୍ତିଶାଳୀ ହାଇବ୍ରିଡ୍ ଇ-ଟେକ୍ ୧୬୦ ମଧ୍ୟ ଲଞ୍ଚ କରାଯାଇଛି। ପ୍ରଥମଥର ପାଇଁ ଭାରତରେ ରେନୋଲ୍ଟ ଗୁଗଲ୍ ନିଜସ୍ୱ ନିର୍ମିତ ଓପେନ-ଆର ଲିଙ୍କ୍ ସହ ମଲ୍ଟିମିଡିଆ ସିଷ୍ଟମ୍ ପ୍ରଦାନ କରୁଛି। ଭାରତୀୟ ଗ୍ରାହକଙ୍କୁ ଧ୍ୟାନରେ ରଖି ତିଆରି ହୋଇଥିବା ନୂଆ ରେନୋ ଡଷ୍ଟରର ପ୍ରାୟ ୯୦% ଉପାଦାନ ଭାରତ ପାଇଁ ବିଶେଷ ଭାବେ ଡିଜାଇନ୍ କରାଯାଇଛି। ଏହା ରେନୋଲ୍ଟ ଗ୍ରୁପ୍ ମଡ୍ୟୁଲାର ପ୍ଲାଟ୍‌ଫର୍ମ (ଆର୍‌ଜିଏମ୍‌ପି) ଉପରେ ଆଧାରିତ ଏବଂ ଶ୍ରେଷ୍ଠ କନେକ୍ଟିଭିଟି ସହ ୫-ଷ୍ଟାର ସୁରକ୍ଷା ମାନଦଣ୍ଡ ପାଇଁ ଇଞ୍ଜିନିୟର କରାଯାଇଛି। ରେନୋଲ୍ଟ ଗ୍ରୁପ୍‌ର ସମ୍ପୂର୍ଣ୍ଣ ମାଲିକାନାଧୀନ ସହଯୋଗୀ ରେନୋଲ୍ଟ ଇଣ୍ଡିଆ ଆଜି ନୂଆ ରେନୋ ଡଷ୍ଟରର ଉନ୍ମୋଚନ କରିଛି। ନୂଆ ରେନୋ ଡଷ୍ଟରର ଉନ୍ମୋଚନ ଏକ ଇଣ୍ଡଷ୍ଟ୍ରି-ଫାଷ୍ଟ କାର୍ଯ୍ୟକ୍ରମ ମାଧ୍ୟମରେ ହୋଇଥିଲା, ଯେଉଁଠାରେ ୧୫,୦୦୦ରୁ ଅଧିକ ଲୋକ ଏବଂ 'ଗ୍ୟାଙ୍ଗ୍ ଅଫ୍ ଡଷ୍ଟର' କମ୍ୟୁନିଟିର ସଦସ୍ୟମାନେ ଚେନ୍ନାଇର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଉପସ୍ଥିତ ଥିଲେ। ରେନୋଲ୍ଟ ଗ୍ରୁପ୍‌ର ଚିଫ୍ ଗ୍ରୋଥ୍ ଅଫିସର ଏବଂ ରେନୋଲ୍ଟ ବ୍ରାଣ୍ଡର ସିଇଓ ଫାବ୍ରିସ୍ କାମ୍ବୋଲିଭ୍ କହିଛନ୍ତ, ରେନୋଲ୍ଟ ଇଣ୍ଟରନ୍ୟାଶନାଲ ଗେମ୍ ପ୍ଲାନ୍ ୨୦୨୭ ଅଧୀନରେ ଭାରତ ଆମ ପାଇଁ ଏକ ରଣନୈତିକ ବଜାର। ଚେନ୍ନାଇରେ ଥିବା ଶକ୍ତିଶାଳୀ ଡିଜାଇନ, ଇଞ୍ଜିନିୟରିଂ ଏବଂ ମାନୁଫାକ୍ଚରିଂ ଇକୋସିଷ୍ଟମ୍ ଆମକୁ ଭାରତୀୟ ଗ୍ରାହକଙ୍କ ଆଶାକୁ ଭଲଭାବେ ବୁଝି ସେମାନଙ୍କ ପାଇଁ ଉପଯୁକ୍ତ ପ୍ରଡକ୍ଟ ଆଣିବାର ସାମର୍ଥ୍ୟ ଦେଉଛି।

# ୩ ଟ୍ରେନ୍‌ର ସମୟସୂଚୀରେ ପରିବର୍ତ୍ତନ

ଭୁବନେଶ୍ୱର, ୨୭।୧(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ଏବଂ ଭଦ୍ରକ ଷ୍ଟେଶନରେ ୩ଟି ଟ୍ରେନ୍‌ର ସମୟସୂଚୀରେ ସଂଶୋଧନ କରିଛି। ୧୮୧୧୮ ଗୁଣପୁର-ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ୍ ଖୋର୍ଦ୍ଧା ରୋଡ୍ ଷ୍ଟେଶନରେ ସମୟ ପରିବର୍ତ୍ତନ ହୋଇଥିବାବେଳେ ୧୨୨୫୩ ଏସ୍‌ଏମ୍‌ଭିଟି ବେଙ୍ଗାଲୁରୁ-ଭାଗଲପୁର ସାପ୍ତାହିକ ଏକ୍ସପ୍ରେସ୍‌କୁ ଭଦ୍ରକ ଷ୍ଟେଶନରେ ଏକ ନୂତନ ଷ୍ଟପେଜ ପ୍ରଦାନ କରାଯାଇଛି। ୨୨୮୫୬ ତିରୁପତି-ସାନ୍ତ୍ରାଗାଛି ସାପ୍ତାହିକ ଏକ୍ସପ୍ରେସ୍ ଭଦ୍ରକ ଷ୍ଟେଶନରେ ସମୟ ପରିବର୍ତ୍ତନ କରାଯାଇଛି। ଏହି ଟ୍ରେନ୍‌ଗୁଡ଼ିକର ଅନ୍ୟ ସମସ୍ତ ଷ୍ଟେଶନରେ ଚଳାଚଳ ସମୟ ଅପରିବର୍ତ୍ତିତ ରହିବ। ଯାତ୍ରୀମାନଙ୍କୁ ସଂଶୋଧିତ ସମୟ ଉପରେ ଧ୍ୟାନଦେବାକୁ ପରାମର୍ଶ ଦିଆଯାଇଛି।

# ବିଜିୟୁରେ ହେବ ୪ର୍ଥ ବ୍ୟାଙ୍କର୍ସ କନ୍‌କ୍ଲେଭ

ଭୁବନେଶ୍ୱର, ୨୭।୧
(ଅନୁରାଧା ମହାରଣା)

BGU BIRLA GLOBAL UNIVERSITY

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି(ବିଜିୟୁ)ର ବିର୍ଲା ସ୍କୁଲ ଅଫ୍ କମର୍ସ ପକ୍ଷରୁ ଜାନୁଆରୀ ୩୦ରେ ୪ର୍ଥ ବ୍ୟାଙ୍କର୍ସ କନ୍‌କ୍ଲେଭ ଅନୁଷ୍ଠିତ ହେବ। 'ଆଧୁନିକ ବ୍ୟାଙ୍କିଙ୍ଗ୍‌ରେ ଫିନ୍‌ଟେକ୍ ଆଧାରିତ ସ୍ଥିରତା: ରିସ୍କ ଓ ଦାୟିତ୍ୱର ସମନ୍ୱୟ' ଏହି କନ୍‌କ୍ଲେଭର ବିଷୟବସ୍ତୁ ରହିଛି। ଉକ୍ତ କାର୍ଯ୍ୟକ୍ରମରେ ପିକ୍ସେଲପେର ଚିଫ୍ ପ୍ରଡକ୍ଟ ଏବଂ ଟେକ୍ନୋଲୋଜି ଅଫିସର ଅରୁଣ ବିଜୟ କୁମାର, ଡ୍ରିମ୍ ମନିର ଉପାଧ୍ୟକ୍ଷ (ପ୍ରଡକ୍ଟ ଏବଂ ରେଭେନ୍ୟୁ) ନୈତିକ ଶାହ, ଆଇଡିଏଫ୍‌ସିର ପୂର୍ବତନ ଚିଫ୍ ରିସ୍କ ଅଫିସର ଏବଂ ଆଇଆସିଆଇ ବ୍ୟାଙ୍କର ପୂର୍ବତନ ବରିଷ୍ଠ ନେତା ପରାଗ ଶାହ ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଓଡ଼ିଶାର ଉପାଧ୍ୟକ୍ଷ ଅନନ୍ତ ପଟ୍ଟନାୟକ ଉପସ୍ଥିତ ରହିବେ। ଏହି ଅବସରରେ ବିଜିୟୁର କୁଳପତି ପ୍ରଫେସର କୁଳଭୂଷଣ ବଲୁନୀ କହିଛନ୍ତି, ଏହି କନ୍‌କ୍ଲେଭ ଶିଳ୍ପ ଏବଂ ଶିକ୍ଷାଜଗତ ମଧ୍ୟରେ ଯୋଗାଯୋଗ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ। ବିର୍ଲା ସ୍କୁଲ ଅଫ୍ କମର୍ସର ଡିନ୍ ପ୍ରଫେସର ପ୍ରଦୀପ୍ତ କୁମାର ସାନ୍ୟାଲ କହିଛନ୍ତି, ଫିନ୍‌ଟେକ୍ ବ୍ୟାଙ୍କିଙ୍ଗ୍‌କୁ ତାହାର ମୂଳ ଭିତ୍ତିରୁ ପୁନର୍ନିର୍ମାଣ ଏବଂ ଅଧିକ ସମାବେଶୀ, ଦକ୍ଷ ଏବଂ ସୁରକ୍ଷିତ କରୁଛି।

# ଗଣତନ୍ତ୍ର ଦିବସରେ ସ୍ୱଦେଶୀ ବିକଶିତ ଭାରତ ପାଇଁ ସଂକଳ୍ପ



ହରିଦ୍ୱାର, ୨୭।୧

ପତଞ୍ଜଳି ଯୋଗପୀଠରେ ଦେଶର ୭୭ତମ ଗଣତନ୍ତ୍ର ଦିବସ ପାଳନ ଅବସରରେ ଯୋଗଗୁରୁ ରାମଦେବ ଏବଂ ଆଚାର୍ଯ୍ୟ ବାଲକ୍ରିଷ୍ଣା ପତାକା ଉତ୍ତୋଳନକରି ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ବାବା ରାମଦେବ ସ୍ୱଦେଶୀ ଶିକ୍ଷା, ଚିକିତ୍ସା, ଅର୍ଥବ୍ୟବସ୍ଥା, ସନାତନ ଜୀବନପଦ୍ଧତି ଏବଂ ସ୍ୱାବଲମ୍ବୀ ବିକଶିତ ଭାରତ ପାଇଁ ସଂକଳ୍ପ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ଭାରତକୁ ବିଶ୍ୱର ସବୁଠାରୁ ବଡ଼ ଅର୍ଥନୈତିକ, ସୈନ୍ୟ ଓ ଆଧ୍ୟାତ୍ମିକ ଶକ୍ତି କରିବା ଦରକାର। ସାଧୁସନ୍ଥ ଓ ଶଙ୍କରାଚାର୍ଯ୍ୟମାନଙ୍କ ମଧ୍ୟରେ କୌଣସି ବିବାଦ ନ ହେବା ଉଚିତ। ଜାତି, ବର୍ଣ୍ଣ, ସମ୍ପ୍ରଦାୟ, ପ୍ରାନ୍ତ ବା ଭାଷା ନାମରେ ଉନ୍ମାଦ ନ ହେବା ଉଚିତ। ଗୋମାତା ସୁରକ୍ଷା ପାଇଁ ପ୍ରତ୍ୟେକ ବ୍ୟକ୍ତି ଦୈନିକ ଅତି କମ୍‌ରେ ୧୦ ଟଙ୍କାର ଗୋ-ଆଧାରିତ ଉତ୍ପାଦ ବ୍ୟବହାର କରିବା ଉଚିତ। ବିଶ୍ୱବ୍ୟାପୀ ଟାରିଫ ଯୁଦ୍ଧ ମଧ୍ୟରେ ସ୍ୱଦେଶୀ ଅଭିଯାନ ଚଳାଇ ଟଙ୍କାକୁ ମଜବୁତ କରିବା ଦରକାର ବୋଲି ସେ କହିଛନ୍ତି। ଆଚାର୍ଯ୍ୟ ବାଲକ୍ରିଷ୍ଣା କହିଛନ୍ତି, ବୀର ଶହୀଦମାନଙ୍କୁ ସ୍ମରଣକରି ବଡ଼ ଲକ୍ଷ୍ୟ ପାଇଁ ସଂକଳ୍ପ ନେଇ ଭାରତକୁ ବିଶ୍ୱଗୁରୁ କରିବା ଜରୁରୀ।

# ଗଡ଼ା ମଜୁରିରେ ଜୟଆଲୁକ୍କାସ୍‌ର ୪୦% ରିହାତି ଘୋଷଣା

ଭୁବନେଶ୍ୱର, ୨୭।୧

Joyalukkas World's favourite jeweller

ବିଶ୍ୱସ୍ତରୀୟ ଜୁଏଲେରି ବ୍ରାଣ୍ଡ ଜୟଆଲୁକ୍କାସ୍ ପକ୍ଷରୁ ବର୍ଷର ସବୁଠାରୁ ବଡ଼ ସେଲ୍ ଅଭିଯାନ ଦେଶବ୍ୟାପୀ ଆରମ୍ଭ କରିଛି। ଏହି ଅଭିଯାନ ଫେବୃଆରୀ ୨୨ ପର୍ଯ୍ୟନ୍ତ ଚାଲିବ। ୧୨ଟି ଦେଶରେ ୧୯୦ଟି ଷ୍ଟୋରରେ ଉତ୍କୃଷ୍ଟ ମାନ ଓ ଡିଜାଇନର ଗହଣା ଉପଲବ୍ଧକରିଥିବା ଏହି ବ୍ରାଣ୍ଡ ଗଡ଼ା ମଜୁରି ଉପରେ ଫ୍ଲାଟ୍ ୪୦% ରିହାତି ଘୋଷଣା କରିଛି। ଭାରତୀୟ ପାରମ୍ପରିକ ଓ ଆଧୁନିକ ଶୈଳିରେ ନିର୍ମିତ ଅଳଙ୍କାର ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ଏହି ଅଭିଯାନର ଶୁଭାରମ୍ଭ ଅବସରରେ ଜୟଆଲୁକ୍କାସ୍ ଗ୍ରୁପ୍ ଅଧ୍ୟକ୍ଷ ଡା. ଜୟ ଆଲୁକ୍କାସ୍ କହିଛନ୍ତି, ବର୍ଷର ସବୁଠାରୁ ବଡ଼ ଅଳଙ୍କାର ଉତ୍ସବ ମାଧ୍ୟମରେ ଆମେ ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ସର୍ବୋତ୍ତମ ଓ ବିସ୍ତୃତ ଅଳଙ୍କାରର କିଣିବାର ସୁଯୋଗ ପ୍ରଦାନ କରୁଛୁ। ଗହଣା ଉପରେ ଲାଇଫ୍‌ଲଙ୍ଗ୍ ରକ୍ଷଣାବେକ୍ଷଣ ଘୋଷଣା କରାଯାଇଛି।

# ୨୪ଜଣଙ୍କୁ 'ଡାଲମିଆ ପ୍ରତିଭା ସମ୍ମାନ'

ଭୁବନେଶ୍ୱର, ୨୭।୧
(ଅନୁରାଧା ମହାରଣା)

ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ୍‌ର ସିଏସ୍ଆର୍ ଶାଖା ଡାଲମିଆ ଭାରତ ଫାଉଣ୍ଡେଶନ (ଡିବିଏଫ୍) ତାହାର କପିଳାସ ସିମେଣ୍ଟ ୱାର୍କସ (କେସିଡବ୍ଲ୍ୟୁ) ଜରିଆରେ ସୋମବାର ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ୨୪ ଜଣଙ୍କୁ 'ଡାଲମିଆ ପ୍ରତିଭା ସମ୍ମାନ ୨୦୨୬' ପ୍ରଦାନ କରିଛି। ଏହି ଉତ୍ସବରେ ୧୦ମ ଓ ୧୨ଶ ଶ୍ରେଣୀର ୧୮ ଜଣ ଛାତ୍ରୀଛାତ୍ର ଏବଂ ୬ଜଣ ସାମାଜିକ କର୍ମୀଙ୍କୁ ସେମାନଙ୍କର ଶିକ୍ଷାଗତ ଓ ସମାଜସେବାରେ ଉତ୍କର୍ଷ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା। କଟକ ଓ ଯାଜପୁର ଜିଲାର ପଡ଼ୋଶୀ ପଞ୍ଚାୟତ ଅନ୍ତର୍ଗତ ୧୭ଟି ସ୍କୁଲରୁ ମନୋନୀତ କରାଯାଇଥିଲା। ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ୧୮ଜଣଙ୍କୁ ପ୍ରତ୍ୟେକ ୨୫୦୦ ଟଙ୍କାର ଅର୍ଥ ପୁରସ୍କାର ଏବଂ ୬ଜଣ ଉଲ୍ଲେଖନୀୟ ସାମାଜିକ କର୍ମୀଙ୍କୁ ଟ୍ରଫି, ପ୍ରମାଣପତ୍ର ଓ ଉପହାର ପ୍ରଦାନ କରାଯାଇଥିଲା। କେସିଡବ୍ଲ୍ୟୁ କଟକ ୟୁନିଟ୍ ହେଡ୍ ଦେବୀପ୍ରସାଦ ଦାସ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ।




# ହାଇଟେକ୍‌ରେ ଗଣତନ୍ତ୍ର ଦିବସ ପାଳିତ




ଭୁବନେଶ୍ୱର, ୨୭।୧
(ଅନୁରାଧା ମହାରଣା)

ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ୭୭ତମ ଗଣତନ୍ତ୍ର ଦିବସ ପାଳନ କରାଯାଇଛି। ଏଥିରେ ହାଇଟେକ୍ ଗ୍ରୁପ୍‌ର ସମସ୍ତ ଶିକ୍ଷାନୁଷ୍ଠାନ ମେଡିକାଲ କଲେଜ, ଡେଣ୍ଟାଲ କଲେଜ, ଫିଜିଓଥେରାପି କଲେଜ, ଫାର୍ମାସୀ କଲେଜ, ନର୍ସିଂ ସ୍କୁଲ ଓ କଲେଜ, ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟର ବିଦ୍ୟାର୍ଥୀମାନେ ଉପସ୍ଥିତ ଥିଲେ। ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ରୋଗୀ ପାଖରେ ପଇସା ଅଛି କି ନାହିଁ ନ ଦେଖି ରୋଗୀର ରୋଗକୁ ଦେଖିବାକୁ ସମସ୍ତ ଚିକିତ୍ସକ ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଅତିଥି ଭାବେ ଆମେରିକାର ପ୍ରସିଦ୍ଧ ସ୍ନାୟୁରୋଗ ବିଶେଷଜ୍ଞ ଡ. ପଞ୍ଚାନନ ଶତପଥୀ, ହାଇଟେକ୍ ଗ୍ରୁପ୍‌ର ପୂର୍ବତନ ଡିନ୍ ଓ ନିର୍ଦ୍ଦେଶକ ଡ. ଏସ୍.କେ. ବାସୁ, ହାଇଟେକ୍ ଗ୍ରୁପ୍‌ର ମ୍ୟାନେଜିଂ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ, ଡ. ରାକେଶ କୁମାର ପାଣିଗ୍ରାହୀ, ଟ୍ରଷ୍ଟି ମଧୁସ୍ମିତା ତ୍ରିପାଠୀ, ବିଶ୍ୱଜିତ୍ ପାଣିଗ୍ରାହୀଙ୍କ ଓ ମହାବିଦ୍ୟାଳୟର ଅଧ୍ୟକ୍ଷମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପ୍ରଶାସନିକ ଅଧିକାରୀ ଡ. ଗୋପେଶ୍ୱର ଆଚାର୍ଯ୍ୟ ପରିଚାଳନା କରିଥିଲେ।

# ବିଏସ୍‌ଏନ୍‌ଏଲ୍‌ର ନୂଆ ମାଇଲଖୁଣ୍ଟ ହାସଲ

ଭୁବନେଶ୍ୱର, ୨୭।୧
(ଅନୁରାଧା ମହାରଣା)

ସାଧାରଣତନ୍ତ୍ର ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ବିଏସଏନଏଲ ଓ ଫୋରଜି ଡାଟା ସେଣ୍ଟର ଠାରେ ସ୍ୱଦେଶୀ ଭାବରେ ବିକଶିତ ଆଇପି ମଲ୍ଟିମିଡିଆ ସବସିଷ୍ଟମ (ଆଇଏମଏସ) ଉଦଘାଟନ କରାଯାଇଛି। ବିଏସଏନଏଲ ଓ ମୁଖ୍ୟ ମହାପ୍ରବନ୍ଧକ ଦୁଷ୍ମନ୍ତ କୁମାର ବେହେରା ଏହାକୁ ଉଦଘାଟନ କରିଛନ୍ତି। ଏହି ସିଷ୍ଟମ ବିଏସଏନଏଲ ଗ୍ରାହକମାନଙ୍କୁ ଏଲଟିଇ (ଫୋରଜି) ମାଧ୍ୟମରେ ଏଚଡି-ଗୁଣବତ୍ତା ଭଏସ କଲ ପ୍ରଦାନ କରିବ, ଯାହା ସମ୍ପୂର୍ଣ୍ଣ ସ୍ପଷ୍ଟ ଯୋଗାଯୋଗ ସୁନିଶ୍ଚିତ କରିବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଦେବାଂଶୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସାବାଲେଙ୍କା, ଜେଭ୍‌ରେଭ୍, ଅଲ୍‌କାରାଜ ସେମିରେ

**ମେଲବୋର୍ନ, ୨୭।୧ (ଏପି)**

ଟପ୍ ସିଡ୍ ଆରିନା ସାବାଲେଙ୍କା ଅଷ୍ଟ୍ରେଲିଆନ ଓପନ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟରଫାଇନାଲରେ ସେ ୧୮ ବର୍ଷୀୟା ଇଭା ଜୋଭିଚ୍‌ଙ୍କୁ ୬-୩, ୬-୦ ସେଟ୍‌ରେ ହରାଇ ଦେଇଛନ୍ତି। ମହିଳା ସିଙ୍ଗଲ୍ସର ଅନ୍ୟ ଏକ ମ୍ୟାଚରେ ଏଲିନା ସ୍ୱିଟୋଲିନା ୬-୧, ୬-୨ ସେଟ୍‌ରେ ୩ଥର ଗ୍ରାଣ୍ଡସ୍ଲାମ ବିଜେତା କୋକୋ ଗଫ୍‌ଙ୍କୁ ପରାଜିତ କରିଛନ୍ତି। ସର୍ଭିସ ବେଳେ ତୃତୀୟ ସିଡ୍ ଗଫ୍‌ଙ୍କୁ ବାରମ୍ବାର ସଂଘର୍ଷ କରିବାକୁ ପଡ଼ିଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସେ ତାଙ୍କ ର୍‌ୟାକେଟ୍‌କୁ କଂକ୍ରିଟ ଚଟାଣରେ ପିଟି ଭାଙ୍ଗି ଦେଇଥିଲେ। ମ୍ୟାଚଟି ୫୯ ମିନିଟ ଧରି ଚାଲିଥିଲା। ପ୍ରବଳ ଗରମ ଯୋଗୁ ମଙ୍ଗଳବାର ଟୁର୍ନାମେଣ୍ଟର ୧୦ମ ଦିବସ ମ୍ୟାଚଗୁଡ଼ିକ କଭର ତଳେ ଖେଳାଯାଇଥିଲା। ଆଲେକ୍‌ଜାଣ୍ଡର ଜେଭରେଭଙ୍କୁ ରଡ୍ ଲାଭର ଆରେନାର ଏକ ଛାତ ତଳେ ଖେଳିବାର ସୁଯୋଗ ମିଳିଥିଲା। ୨୦ ବର୍ଷୀୟ ଲର୍ନର ଟିନ୍‌ଙ୍କ ବିପକ୍ଷ ମ୍ୟାଚ ସେ ୬-୩, ୬-୭(୫), ୬-୧, ୭-୬(୩)ରେ ବିଜୟ ଲାଭ କରି ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗତବର୍ଷ ଅଷ୍ଟ୍ରେଲିଆନ ଓପନ ରନରଅପ୍ ତଥା ବିଶ୍ୱର ନମ୍ବର-୩ ର୍‌ୟାଙ୍କିଙ୍ଗ ଜେଭରେଭ ତାଙ୍କର ୧୦ମ ଗ୍ରାଣ୍ଡସ୍ଲାମ ସେମିଫାଇନାଲ ଖେଳିବାକୁ ଯାଉଛନ୍ତି। ଶୀର୍ଷ ର୍‌ୟାଙ୍କିଙ୍ଗପ୍ରାପ୍ତ ସାବାଲେଙ୍କା ମଧ୍ୟ ଗତବର୍ଷ ମେଲବୋର୍ନରେ ରନରଅପ୍ ହୋଇଥିଲେ। ଚାରି ବର୍ଷରେ ସେ ତୃତୀୟ ଥର ଅଷ୍ଟ୍ରେଲିଆନ ଓପନ ଟାଇଟଲ ଜିତିବା ଲକ୍ଷ୍ୟରେ ଅଛନ୍ତି।



ରିଟର୍ନ ଶଟ୍ ଖେଳିବା ଅବସରରେ ଆଲେକ୍‌ଜାଣ୍ଡର ଜେଭରେଭ।

ସେ ୨୦୨୩ ଓ ୨୦୨୪ରେ ପଛକୁ ପଛ ଟାଇଟଲ ଜିତିଥିଲେ। ବର୍ଷକ ତଳେ ସେ ମାଡିସନ କିଜ୍‌ଙ୍କଠାରୁ ଫାଇନାଲରେ ପରାଜିତ ହୋଇଥିଲେ। ମେଲବୋର୍ନ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ (୧୧୩ ଫାରେନହିଟ୍) ରହିବ ବୋଲି ପୂର୍ବାନୁମାନ କରାଯାଇଥିଲେ ମଧ୍ୟ ଦଶମ ଦିବସରେ ଖେଳାଯାଇଥିବା ୪ଟି ସେମିଫାଇନାଲ ମଧ୍ୟରୁ ପ୍ରଥମଟି ଆଉଟ୍‌ଡୋରରେ ଖେଳାଯାଇଥିଲା। ପୁରୁଷ ସିଙ୍ଗଲ୍ସରେ କାର୍ଲୋସ ଅଲ୍‌କାରାଜ ମଧ୍ୟ ସେମିଫଇନାଲରେ ପ୍ରବେଶ କରିଛନ୍ତି। ସର୍ବକନିଷ୍ଠ ଖେଳାଳି ଭାବେ କ୍ୟାରିୟର ଗ୍ରାଣ୍ଡସ୍ଲାମ ହାସଲ କରିବା ଲକ୍ଷ୍ୟରେ ଥିବା ଏହି ୨୨ବର୍ଷୀୟ ଖେଳାଳି ମଙ୍ଗଳବାର ୭-୫, ୬-୨, ୬-୧ ସେଟ୍‌ରେ ଅଷ୍ଟ୍ରେଲିଆର ଆଲେକ୍ସ ଡି' ମିନାଉରଙ୍କୁ ହରାଇ ଦେଇଛନ୍ତି। ଅଲ୍‌କାରାଜ ଏପର୍ଯ୍ୟନ୍ତ ୬ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିସାରିଛନ୍ତି। ଏଠାରେ ସେ ପ୍ରଥମ ଥର ସେମିଫାଇନାଲରେ ପ୍ରବେଶ କରିଛନ୍ତି।

# ଭୁବନେଶ୍ୱର ଦଳକୁ ୧ ସ୍ୱର୍ଣ୍ଣ ସହ ୬ ପଦକ



କର୍ମକର୍ତ୍ତାଙ୍କ ଗହଣରେ ଭୁବନେଶ୍ୱର ଦଳର ପଦକ ବିଜେତା ଜିମ୍ନାଷ୍ଟ।

**ଭୁବନେଶ୍ୱର, ୨୭।୧ (ତପନ ସ୍ୱାଇଁ)**

ପୁରୀ ଜଗନ୍ନାଥ ଷ୍ଟାଡିୟମରେ ଗତ ୨୪ ଓ ୨୫ରେ ଅନୁଷ୍ଠିତ ୪୪ତମ ରାଜ୍ୟ ଜିମ୍ନାଷ୍ଟିକ ଚାମ୍ପିୟନଶିପ୍‌ରେ ଭୁବନେଶ୍ୱର ଦଳକୁ ୧ ସ୍ୱର୍ଣ୍ଣ ସହ ମୋଟ ୬ଟି ପଦକ ମିଳିଛି। ଏହା ମଧ୍ୟରେ ୧ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ସାମିଲ।

**ରାଜ୍ୟ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍**

ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏଶନର ୨୩ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ୧୦ ବର୍ଷରୁ କମ ବାଳିକା ବର୍ଗରେ ଦିବ୍ୟାଞ୍ଜଳୀ ମହନ୍ତ ଫ୍ଲୋର ଏକ୍ସରସାଇଜରେ ସ୍ୱର୍ଣ୍ଣ ଓ ବାଲାନ୍ସିଂ ବିମ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି। ସିନିୟର ମହିଳା ବିଭାଗରେ ଜେଏମ୍ ରିତିକା ଦାସ ଭଲ୍ଟିଂ ଟେବଲରେ ବ୍ରୋଞ୍ଜ, ଜୁନିୟର ମହିଳାରେ ସରନ୍ୟା ମିଶ୍ର ଫ୍ଲୋର ଏକ୍ସରସାଇଜ ଓ ବାଲାନ୍ସିଂ ବିମରେ ୨ଟି ବ୍ରୋଞ୍ଜ ଏବଂ ୧୦ ବର୍ଷରୁ କମ ବାଳକ ବର୍ଗରେ ଭାସ୍କର ଭବିକ ବେଉରା ଭଲ୍ଟିଂ ଟେବଲରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ, ସଂପାଦକ ନରେନ୍ଦ୍ର କୁମାର ସେଠୀ, ସହ ସମ୍ପାଦକ ଗୁରୁପ୍ରସାଦ ପଟ୍ଟନାୟକ, ଉପସଭାପତି ମୀରାରାଣୀ ଦାସ, ରାଧାନାଥ ମହାପାତ୍ର ଓ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ଯଶୋବନ୍ତ ଦାସ କୃତୀ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ବ୍ରାଡ୍‌ମ୍ୟାନ୍‌ଙ୍କ ଟୋପିର ମୂଲ୍ୟ ୪୬୦ ହଜାର ଡଲାର

**ଗୋଲ୍ଡ କୋଷ୍ଟ, ୨୭।୧ (ପି.ଟି)**

ଅଷ୍ଟ୍ରେଲିଆ ବ୍ୟାଟିଂ କିମ୍ବଦନ୍ତୀ ଡନ୍ ବ୍ରାଡ୍‌ମ୍ୟାନଙ୍କ ଏକ ବ୍ୟାଗି ଗ୍ରୀନ୍ ଟୋପି ସୋମବାର ନିଲାମ କରାଯାଇଛି। ଏହା ୪୬୦,୦୦୦ ଆମେରିକୀୟ ଡଲାର ମୂଲ୍ୟରେ ବିକ୍ରି ହୋଇଛି। ବ୍ରାଡ୍‌ମ୍ୟାନ ଏହି ଟୋପିଟିକୁ ସେ ୧୯୪୭-୪୮ରେ ଭାରତ ବିପକ୍ଷ ଘରୋଇ ଟେଷ୍ଟ ସିରିଜରେ ବ୍ୟବହାର କରିଥିଲେ। ସେତେବେଳେ ସେ ବିପକ୍ଷ ଦଳର ଶ୍ରୀରଙ୍ଗା ବାସୁଦେବ ସୋହାନିଙ୍କୁ ଉପହାର ଆକାରରେ ଦେଇଥିଲେ। ସୋହାନିଙ୍କ ପରିବାର ଏହି ଟୋପିଟିକୁ ଗତ ୭୫ବର୍ଷ ଧରି ସାଇତି ରଖିଥିଲେ। ଏହାକୁ ସେ କେବେ ସାଧାରଣରେ ପ୍ରଦର୍ଶନ କରି ନ ଥିଲେ। ସୋମବାର ଏହା ଲୟଡ୍ସ ଅକ୍ସନ୍ସ ସଂସ୍ଥା ଦ୍ୱାରା ନିଲାମ ହୋଇଛି। ଏହି ବ୍ୟାଗି ଗ୍ରିନ୍ ଟୋପି ଉପରି ଭାଗରେ ଅଷ୍ଟ୍ରେଲିଆ କ୍ରିକେଟର ଏକ ଲୋଗୋ ସ୍ଥାନ ପାଇଥିଲା। ନିମ୍ନ ଭାଗରେ '୧୯୪୭-୪୮' ଏମ୍ବ୍ରୋଡରି କରାଯାଇଛି। ବ୍ରାଡମ୍ୟାନ ୧୯୪୮ରେ ଅବସର ନେବା ପୂର୍ବରୁ ୧୯୪୭-୪୮ ଭାରତ ବିପକ୍ଷରେ ତାଙ୍କର ଏହା ଥିଲା ଅନ୍ତିମ ଘରୋଇ ଟେଷ୍ଟ ମ୍ୟାଚ। ସେତେବେଳେ ତାଙ୍କ ବ୍ୟାଟିଂ ଆଭରେଜ ୯୯.୯୪ ରହିଥିଲା। ଏଥିପାଇଁ ସେ କ୍ରିକେଟର ଜଣେ ମହାନ୍ ବ୍ୟାଟର ଭାବେ ପରିଚିତ। ଏକ ସ୍ୱାଧୀନ ରାଷ୍ଟ୍ର ଭାବେ ଅଷ୍ଟ୍ରେଲିଆକୁ ଭାରତର ଏହା ଥିଲା ପ୍ରଥମ ଟେଷ୍ଟ ଟୁର୍। ସେତେବେଳେ ଭାରତୀୟ ଦଳର ଅଧିନାୟକତ୍ୱ କରିଥିଲେ ଲାଲା ଅମରନାଥ।



# ଆଜି ଚତୁର୍ଥ ଟି୨୦

**ବିଶାଖାପାଟଣା, ୨୭।୧ (ପି.ଟି.)**

ଭ୍ରମଣକାରୀ ନ୍ୟୁଜିଲାଣ୍ଡ ଓ ଭାରତୀୟ ଦଳ ମଧ୍ୟରେ ବୁଧବାର ସ୍ଥାନୀୟ ଏସିଏ-ଭିସିଡିଏ ଷ୍ଟାଡିୟମରେ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ କ୍ରିକେଟ ସିରିଜ୍‌ର ଚତୁର୍ଥ ମ୍ୟାଚ୍ ଖେଳାଯିବ। ସିରିଜ୍‌କୁ ଆଗୁଆ ୩-୦ରେ ଜିତି ସାରିଥିବା ଘରୋଇ ଦଳ ପାଇଁ ଏପର୍ଯ୍ୟନ୍ତ ପ୍ରାୟତଃ ଖେଳାଳି ଜବରଦସ୍ତ ପ୍ରଦର୍ଶନ କରିଥିବାବେଳେ ସଞ୍ଜୁ ସାମସନ, କୁଲଦୀପ ଯାଦବଙ୍କ ଭଳି କିଛି ଖେଳାଳି ଆଖିଦୃଶିଆ ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି। ଟି୨୦ ବିଶ୍ୱକପ୍‌କୁ ଆଉ ମାତ୍ର ୧୦ ଦିନରୁ କମ୍ ସମୟ ଥିବାରୁ ଭାରତୀୟ ଦଳର ମ୍ୟାନେଜମେଣ୍ଟ ଏହି ମ୍ୟାଚ୍‌ରେ ଦଳୀୟ କମ୍ବିନେଶନରେ କିଛି ପରୀକ୍ଷାନିରୀକ୍ଷା କରିପାରେ। ଅଭିଷେକ ଶର୍ମା, ଅଧିନାୟକ ସୂର୍ଯ୍ୟକୁମାର ଓ ଇଶାନ କିଶନଙ୍କ ବିସ୍ଫୋରକ ବ୍ୟାଟିଂ ପ୍ରଦର୍ଶନ ଚଳିତ ସିରିଜ୍‌ରେ ଭାରତର ଟି୨୦ ବ୍ୟାଟିଂ ଶୈଳୀକୁ ପରିପ୍ରକାଶ କରିଛି। ଅଭିଷେକ ୩୦୦ ଓ ସୂର୍ଯ୍ୟକୁମାର ଓ କିଶନ ୨୩୦ ଷ୍ଟ୍ରାଇକ୍‌ରେଟରେ ଖେଳୁଛନ୍ତି। ଯଦି ଏଠାକାର ପିଚ୍ ଓ କାକର ସୁହାଏ, ତେବେ ଏଠାରେ ମଧ୍ୟ ଏକ ହାଇସ୍କୋରିଂ ମ୍ୟାଚ୍ ଦେଖିବାକୁ ମିଳିବ। ବ୍ୟାଟିଂ ଲାଇନର ଏକମାତ୍ର ଚିନ୍ତା ହେଉଛି ସାମସନଙ୍କ ଫର୍ମ। ନିଜ ପସନ୍ଦୀୟ ଓପନିଂ ସ୍ଲଟରେ ଖେଳିବାକୁ ସୁଯୋଗ ପାଇଥିବା ସାମସନ ଏପର୍ଯ୍ୟନ୍ତ ୩ ମ୍ୟାଚ୍‌ରେ ୧୬ ରନ କରିଛନ୍ତି। କିନ୍ତୁ ତିଳକ ବର୍ମା ଦଳକୁ ଫେରି ନ ଥିବାରୁ ତାଙ୍କୁ ଆଉ ଏକ ସୁଯୋଗ ମିଳିପାରେ।


# Classified Everyday

0674-2580101, 9692975378



MATRIMONIAL

**GROOM WANTED**

45 ବର୍ଷ Govt. Hospitalରେ Head ନର୍ସ ଭାବେ କାର୍ଯ୍ୟରତ ମହିଳାଙ୍କ ପାଇଁ ବରପାତ୍ର ଆବଶ୍ୟକ। 8455853154. D-3196



REAL ESTATE

**SALE**

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

ଭୁବନେଶ୍ୱର GITA Engineering College ନିକଟ Infocity- 2 ପାଖରେ ଘରବାରି, Boundary ଥାଇ ପ୍ଲଟ୍ ବିକ୍ରିହେବ। 6372753860, 7008095537. D-3215

କଟକ-ଭୁବନେଶ୍ୱରର ମଧ୍ୟଭାଗରେ ଥିବା Sum-2 ଏବଂ Grand Bazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି SC general plot କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। 9658562429. D-3194

ଭୁବନେଶ୍ୱର, ଉତ୍ତରାଞ୍ଚଳ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ KEC ପାଖରେ ready to move 2/3BHK flat ବିକ୍ରି ହେବ। 8327785834 D-3178

ଭୁବନେଶ୍ୱର ବରମୁଣ୍ଡାରୁ 48km farmhouse land ପିଚୁରୋଡକୁ ଲାଗି ଏକର ୨୮ଲକ୍ଷରେ ବିକ୍ରି ହେବ। 8144706560. D-3199





All types of physiotherapy and massage contact 9556924059 / 7656969134. D-3166

**LOST**

ମୁଁ ସଞ୍ଜିତ ଜେନା, ପିତା: ତ୍ରିଲୋଚନ ଜେନା, ସା: କପାଳେଶ୍ୱର, ପୋ./ଥାନା: ଚୌଦ୍ୱାର, ଜିଲ୍ଲା: କଟକ, ରେଜିଷ୍ଟ୍ରିଭୁକ୍ତ ବିକ୍ରୟ କବଲା ନଂ.- ୧୩୧୮/୨୦୦୭, ତା୨୫।୦୭।୨୦୦୭ରିଖ ଯାହାକି ରେଣୁବାଳା ବଳଙ୍କ ନାମରେ ନାମିତ ଥିଲା। ତାହା ମୋର କପାଳେଶ୍ୱର ଅଫିସରେ ତା୦୮।୧୨।୨୦୨୫ରେ ହଜିଯାଇଛି। ଆବଶ୍ୟକସ୍ଥଳେ ଏହି କବଲାର ଅବିକଳ ନକଲ ବ୍ୟବହାର କରାଗଲେ କାହାର ଆପତ୍ତି ରହିବ ନାହିଁ। ଧ-୩୨୧୯

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**AFFIDAVIT**



By virtue of an affidavit before Executive Magistrate, Pottangi, I, Sri ENKITI BEBARTTA, S/o. Late BEBARTTA TAMAYA has changed my surname from Khora to BEBARTTA. Hence, I will be known as Sri ENKITI BEBARTTA for all purposes. D-3217



By virtue of an affidavit before Executive Magistrate, Pottangi, I, Smt. Jipali Jani, W/o. Late Jani Apana has changed my name from Jani Dipali to Jipali Jani. Hence, I will be known as Smt. Jipali Jani for all purposes. D-3216

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Notary Public, Saintala, dtd.- 30.10.2025, I, Shiba Meher, S/o.- Dingar Meher, R/o. Village- Phatamunda, P.O.- Tikrapada, P.S.- Saintala, Dist.- Balangir, Odisha, PIN- 767026 declare that now I have changed my name from Sivaram Dewangan to Shiba Meher. Henceforth, I shall be known as Shiba Meher for all purposes.
Shiba Meher
D-3211

By virtue of an affidavit sworn before the Notary Public, Saintala, dtd.- 30.10.2025, I, Prabhabati Meher, W/o.- Shiba Meher, R/o. Village- Phatamunda, P.O.- Tikrapada, P.S.- Saintala, Dist.- Balangir, Odisha, PIN- 767026 declare that now I have changed my name from Prabhawati Dewangan to Prabhabati Meher. Henceforth, I shall be known as Prabhabati Meher for all purposes.
Prabhabati Meher
D-3210

I, Raja Kumar Thakur, F/o- Anand Thakur, resident of Madan Mohan Pada, Town- Bhawanipatna, P.S.- Bhawanipatna, Dist.- Kalahandi, PIN- 766001, Odisha declare by this affidavit No. 15AA 181285 dtd.- 21.01.2026 that now onwards I shall be known as RAJKUMAR THAKUR for all future purposes. D-3209

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before the Executive Magistrate, Talcher, dtd.- 20.01.2026, I, Basanta Naik, S/o.- Nidhi Naik of Vill./P.O.- Nalam, P.S.- Kaniha, SD- Talcher, Dist.- Angul, Odisha, PIN- 759117 do hereby declare that my son have changed his name from SUBHANKAR NAIK to ABHISEK NAIK. Henceforth, my son shall be known as ABHISEK NAIK for all purpose.
Basanta Naik
D-3213

By virtue of an affidavit (No. 397, dtd. 07.01.2026) sworn before the Executive Magistrate, Kukudakhandi, Ganjam, I, Parabastu Raghabandra Swamy, S/o.- P. Ramanujia Swamy, resident At/ P.O.- Ankushpur, P.S.- Berhampur Sadar, Dist.- Ganjam- 761100, Odisha declare that, I have changed my name from Raghabendra Swami to Parabastu Raghabandra Swamy. Henceforth, I shall be known as Parabastu Raghabandra Swamy (New name) for all purposes. D-76891

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ବୈଦେହୀ ମଲ୍ଲିକ**
କୋପଣ୍ଡ, ଯାଜପୁର ରୋଡ
ଆବିର୍ଭାବ : ୨୪।୧୨।୧୯୩୯
ତିରୋଧାନ : ୧୮।୦୧।୨୦୨୬

ଆପଣ ଆମକୁ ଛାଡ଼ି ଚାଲି ଯିବାର ୧୧ଦିନ ବିତିଗଲାଣି। ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଆକଟ ସବୁବେଳେ ମନେ ପଡୁଛି। ଯେଉଁଠି ଥିଲେ ବି ଆପଣଙ୍କ ଆଶୀର୍ବାଦର ହାତ ଆମ ମଥାରେ ସର୍ବଦା ରହିଥାଉ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ: ଦିଅର ବାବାଜୀ, ପୁଅ ରବୀନ୍ଦ୍ର, ନବକିଶୋର ଓ ଅଜିତ, ପୁତୁରା ସୁଜିତ, ନିରଞ୍ଜନ, ରଞ୍ଜିତ ଓ ଦିଲ୍ଲୀପ
ଧ-୩୨୧୪



**ସ୍ୱ ମାୟା ପାଣିଗ୍ରାହୀ**
ଅଧ୍ୟକ୍ଷା ମଧୁମାୟା ପାଣିଗ୍ରାହୀ ଫାଉଣ୍ଡେସନ୍ ଏବଂ ଆକାଶବାଣୀର କିମ୍ବଦନ୍ତୀ ବ୍ୟକ୍ତିତ୍ୱ ମଧୁସୂଦନ ପାଣିଗ୍ରାହୀଙ୍କ ଧର୍ମପତ୍ନୀ
ଆବିର୍ଭାବ : ୨୭.୦୫.୧୯୩୦ (ଜ୍ୟୈଷ୍ଠ କୃଷ୍ଣ ତ୍ରୟୋଦଶୀ)
ତିରୋଧାନ: ০৭.০২.২০২৫ (ମାଘ ଶୁକ୍ଳ ଦଶମୀ)

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସଂପର୍କ
ହୃଷୀକେଶ ପାଣିଗ୍ରାହୀ
ଅଶୋକ ନଗର, ୮ମ ଲାଇନ୍, ବ୍ରହ୍ମପୁର
ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ
ଧ-୩୨୦୮

**ଦଶାହ ତିଥିରେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଚନ୍ଦ୍ର ଶେଖର ହୋତା (ବାବୁ)**
(ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ, ସତ୍ୟବାଦୀ)
ଗୋପାଳପୁର, ପାଟଣା, ସାକ୍ଷୀଗୋପାଳ, ପୁରୀ
ଆବିର୍ଭାବ- ୨୦।୧୦।୧୯୪୮
ତିରୋଧାନ- ୨୦।୦୧।୨୦୨୬

ଆପଣଙ୍କ ସ୍ନେହ, ଶ୍ରଦ୍ଧା, ସାହସ ଓ କର୍ତ୍ତବ୍ୟ ପରାୟଣତା ସର୍ବଦା ଅବିସ୍ମରଣୀୟ। ଅମରାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀସାକ୍ଷୀଗୋପାଳଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-:ଶ୍ରଦ୍ଧାଞ୍ଜଳି ସହ:-
ହତଭାଗ୍ୟ ପୁତ୍ର- ସିଦ୍ଧାର୍ଥ ହୋତା, କନ୍ୟା- ଅର୍ଚ୍ଚନା ହୋତା, ଲିପିକା ହୋତା, ନାତିନାତୁଣୀ, ହୋତା ପରିବାର ଓ ବନ୍ଧୁବର୍ଗ।
ଧ-୩୨୧୨

**ଧରିତ୍ରୀ DHARITRI**

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q19972384 6@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଗହମରେ କାଳିଗୁଣ୍ଡି ପୋକ ଦମନ



ଗହମ ଫସଲରେ କାଳିଗୁଣ୍ଡି ରୋଗ ହୋଇଥିଲେ, ଏହାର ଦମନ ସକାଶେ ଆକ୍ରାନ୍ତ ଗଛଗୁଡିକୁ ମାଟିରେ ପୋତି ଦିଅନ୍ତୁ କିମ୍ବା ପୋଡି ଦିଅନ୍ତୁ ଏବଂ ଏକର ପ୍ରତି ୨୦୦ଗ୍ରାମ୍ କାର୍ବେଣ୍ଡାଜିମ୍ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସଅଳ ଲଗାଯାଇଥିବା ଫସଲରେ ଶସ୍ୟତ୍ୟାଗ ରୋଗ ଲାଗିବାର ଆଶଙ୍କା ଅଛି। ଏହାର ଦମନ ପାଇଁ ଏକର ପ୍ରତି ୬୦୦ଗ୍ରାମ୍ ମାଙ୍କୋଜେବ୍ ୨୦୦ଲିଟର ପାଣିରେ ସିଞ୍ଚନ କରନ୍ତୁ। ବର୍ଷା ନ ଥିଲେ ଫସଲରେ ଜଳସେଚନର ଆବଶ୍ୟକତା ବଢ଼ିଯାଇଥାଏ, ଫୁଲ ଓ କ୍ଷୀର ଢୋକିବା ଅବସ୍ଥାରେ ଜଳସେଚନ ପ୍ରତି ଧ୍ୟାନ ଦିଅନ୍ତୁ।

# ଡାଲିଜାତୀୟ ଫସଲ



ଡାଲିଜାତୀୟ ଫସଲ ଚାଷ କରୁଥିଲେ ଏକ କି.ଗ୍ରା. ବିହନ ପିଛା କାର୍ବୋକ୍ସିନ୍ ୩୭.୫% x ଥିରାମ୍ ୩୭.୫% ମିଶ୍ରିତ ଡି.ଏସ୍. ଫିମ୍ପିନାଶକ ଔଷଧ ୨ ଗ୍ରାମ୍ ଗୋଳାଇ ବିହନ ବୁଣନ୍ତୁ। ହେକ୍ଟର ପ୍ରତି ୨୫ କି.ଗ୍ରା. ବିହନରେ ୫୦୦ ଗ୍ରାମ୍ ରାଇଜୋବିୟମ୍ ବୀଜାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । ବିହନକୁ ଧାଡ଼ିରେ ବୁଣନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନ ରଖନ୍ତୁ। ଜମିକୁ ଭଲ ଭାବରେ ଚାଷ କରି ହେକ୍ଟର ପିଛା ୧୦/୧୨ ଶଗଡ଼ ସଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ମୁଗ, ବିରି ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଜଉପୋକ ଲାଗିଲେ ହେକ୍ଟର ପିଛା ରୋଗର ୧ ଲିଟର କିମ୍ବା ଇମିଡ଼ାକ୍ଲୋପ୍ରିଡ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨ କି.ଗ୍ରା. ସେଚିତ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ ।

# ପନିପରିବା ଚାଷ



ଶୀତ ସହିତ ମେଘୁଆ ପାଗର ଆଶଙ୍କା ଥିଲେ ଛୁଇଁଜାତୀୟ ପନିପରିବାରେ ଜଉ ପୋକ ଲାଗିଥାଏ। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ଔଷଧ ପକାଇବାର ଏକ ସପ୍ତାହ ପରେ ଏହା ଖାଇବା ପାଇଁ ଉପଯୁକ୍ତ ହୋଇଥାଏ। କୋବିଜାତୀୟ ଫସଲରେ ଜଉପୋକ,ଠିକିରି ପିଠିଆ ପୋକ ଓ କାଳିମୁଣ୍ଡି ପୋକ ଆଦି ଲାଗିବାର ଆଶଙ୍କା ଅଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ। ନଚେତ୍ ଏକର ପ୍ରତି ୪୦୦ମିଲି ଏଣ୍ଡୋସଲଫାନ୍ କିମ୍ବା ୫୦୦ ମିଲି ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କୋବିଜାତୀୟ ଫସଲରେ ଅଲଟର୍‌ନାରିଆ ଜନିତ ପତ୍ରପୋଡା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଲଙ୍କାରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ଗ୍ରାମ୍ ହିସାବରେ ଥାଓଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ।

# ଗୋବରର ମାହାତ୍ମ୍ୟ



ପ୍ର. ସୁବୋଧ କୁମାର ସାହୁ

"କୃଷି କ୍ଷେତ୍ରରେ ଗୋବରର ଅବଦାନ ଅତୁଳନୀୟ । ଆମ ରାଜ୍ୟରେ(୨୦୨୫ ଗଣନା ଅନୁସାରେ) ୯ ଲକ୍ଷ ୯୦ ହଜାର ଗୋରୁ ଅଛନ୍ତି । ପ୍ରତ୍ୟେକ ଗୋରୁ ଦିନକୁ ପ୍ରାୟ ୧୦ କିଲୋ ଗୋବର ତ୍ୟାଗ କରନ୍ତି । ଏହା ଦ୍ୱାରା ଆମେ ଦିନକୁ ପ୍ରାୟ ୯୯ ଲକ୍ଷ ଟନ୍ ତଟକା ଗୋବର ପାଇଥାଉ । ଗୋବରରେ ଶତକଡା ୭୫ ଭାଗ ଜଳୀୟ ଅଂଶକୁ ବାଦ୍ ଦେଲେ, ଆମେ ଦିନକୁ ୨.୪୭ ଲକ୍ଷ ଟନ୍ ଶୁଖିଲା ଖତ ପାଇବା । ଶୁଖିଲା ଗୋବରରେ ଶତକଡା ୦.୫ ଭାଗ ନାଇଟ୍ରୋଜେନ ବା ଯବକ୍ଷାରଯାନ, ୦.୨୦ ଭାଗ ଫସ୍‌ଫରସ୍ ଏବଂ ୦.୨ ଭାଗ ପଟାସ ଥାଏ ।"

ଗୋ ଜାତୀୟ ପ୍ରାଣୀଙ୍କଠାରୁ ନିର୍ଗତ ମଳ ହେଉଛି ଗୋବର । ହିନ୍ଦୁମାନଙ୍କ ପାଇଁ ଗୋବର ଅତି ପବିତ୍ର । ହିନ୍ଦୁନାରୀ ପ୍ରତିଦିନ ପ୍ରତ୍ୟୁଷରେ ସଜ ଗୋବରର ପାଣିରେ ଘରର ଅଗଣା ଏବଂ ଦାଣ୍ଡ ଶୁଦ୍ଧ କରେ । ଗୋବରରେ ଅନେକ ଜୀବାଣୁନାଶକ ଗୁଣ ଅଛି । ସେଥିପାଇଁ ପ୍ରତି ପର୍ବପର୍ବାଣିରେ ହିନ୍ଦୁ ନାରୀ ମାଟି ଘରର କାନ୍ଥ, ପିଣ୍ଡା ଏବଂ ବାରଣ୍ଡାକୁ ମାଟି ମିଶ୍ରିତ ଗୋବର ମଣ୍ଡରେ ଲିପେ । ଖାଦ୍ୟ ଖାଇସାରିବା ପରେ ମାଛିକୁ ଦୂରେଇ ରଖିବା ପାଇଁ ମାଟି ଚଟାଣକୁ ଗୋବରରେ ଲିପାଯାଏ । ଶବ ଉଠିଲା ପରେ ଘରେ, ବାହାରେ ଏବଂ ଶବ ଯିବା ରାସ୍ତାରେ ଗୋବର ପାଣି ପକାଯିବାର ପ୍ରଥା ଅଛି। ପ୍ରବାଦ ଅଛି ବିଧର୍ମୀ ବ୍ୟକ୍ତି ଗୋବର ପାଣି ପିଇଲେ ନିଜ ଧର୍ମକୁ ଫେରିଆସେ। ଦକ୍ଷିଣ ଭାରତର କେତେକ ରାଜ୍ୟରେ ଗୋବରରେ ପ୍ରସ୍ତୁତ ଶୁଖିଲା ଘଷିରେ ଶବ ସତ୍କାର କଲେ ସ୍ୱର୍ଗରେ ଆତ୍ମାକୁ ଶାନ୍ତି ମିଳେ ବୋଲି ପ୍ରବାଦ ଅଛି । ବିଭିନ୍ନ ପୂଜା କାର୍ଯ୍ୟରେ ଗୋବର ବ୍ୟବହାର କରାଯାଏ। ହୋମ ଯଜ୍ଞ ଆଦିରେ ଘୃତ ଏବଂ କ୍ଷୀର ସହ ଗୋବର ଅର୍ପଣ କରାଯାଏ । ଗୋବର ସହ ଅଳ୍ପ ମାଟି ମିଶାଇ ଦୀପ ଏବଂ ଝୁଣାଦାନି ପ୍ରସ୍ତୁତ କରାଯାଏ। ଉକ୍ତ ଧୂପଦାନି ଦହନୀୟ। ଏଥିରୁ ନିର୍ଗତ ଧୂଆଁ ଦ୍ୱାରା ପରିବେଶ ପୂତମୟ ହୁଏ ।

କେତେକ ରାଜ୍ୟରେ ମାଟି ସହ ଗୋବର ମିଶାଇ ଇଟା ପ୍ରସ୍ତୁତି କରାଯାଏ । ଏହି ଇଟାରେ ନିର୍ମାଣ ଘର ଗ୍ରୀଷ୍ମ ଋତୁରେ ଥଣ୍ଡା ରହେ । ଅବଶ୍ୟ ଏପ୍ରକାର ଘର ଖୁବ୍ କ୍ୱଚିତ୍ ଦେଖାଯାଉଛି । ଗାଁମାନଙ୍କରେ ଗୋବରରେ ଛୋଟ ଛୋଟ ଗୁଳି କରି ଖରାରେ ଶୁଖାଇ ରୋଷେଇ ପାଇଁ ଜାଳେଣି ରୂପେ ବ୍ୟବହାର କରାଯାଏ । ଗୋରୁମାନଙ୍କୁ ରାତିରେ ମଶାମାନଙ୍କଠାରୁ ଦୂରେଇ ରଖିବା ପାଇଁ ଗୁହାଳରେ ଶୁଖିଲା ଗୋବର ଗୁଳିରେ ଧୂଆଁ ଦିଆଯାଏ । ଏହି ଧୂଆଁ ଗୋରୁମାନଙ୍କ ପାଇଁ ସେତେ ପ୍ରଦୂଷିତ ନୁହେଁ । ଗୋବର ଜଳା ପରେ ଏହାର ଅବଶେଷକୁ ପାଉଁଶ କୁହାଯାଏ। ଉକ୍ତ ପାଉଁଶ ବାସନ ଆଦି ସଫାରେ ବ୍ୟବହାର କରାଯାଏ । କେତେକ ବ୍ୟକ୍ତି ଉକ୍ତ ପାଉଁଶକୁ ଦାନ୍ତ ସଫାରେ ବ୍ୟବହାର କରନ୍ତି । ଗୋବର ପାଉଁଶରେ ପ୍ରାୟ ୦.୨୦ ରୁ ୦.୨୫ ଶତକଡା କ୍ୟାଲସିୟମ ଥାଏ, ଯାହାକୁ ଅମ୍ଳ ମାଟି ଶୋଧନ ପାଇଁ ଚାଷୀ ବ୍ୟବହାର କରନ୍ତି। କୃଷି କ୍ଷେତ୍ରରେ ଗୋବରର ଅବଦାନ ଅତୁଳନୀୟ । ଆମ ରାଜ୍ୟରେ (୨୦୨୫ ଗଣନା ଅନୁସାରେ) ୯ ଲକ୍ଷ ୯୦ ହଜାର ଗୋରୁ ଅଛନ୍ତି। ପ୍ରତ୍ୟେକ ଗୋରୁ ଦିନକୁ ପ୍ରାୟ ୧୦ କିଲୋ ଗୋବର ତ୍ୟାଗ କରନ୍ତି । ଏହା ଦ୍ୱାରା ଆମେ ଦିନକୁ ପ୍ରାୟ ୯୯ ଲକ୍ଷ ଟନ୍ ତଟକା ଗୋବର ପାଇଥାଉ। ଗୋବରରେ ଶତକଡା ୭୫ ଭାଗ ଜଳୀୟ ଅଂଶକୁ ବାଦ୍ ଦେଲେ, ଆମେ ଦିନକୁ ୨.୪୭ ଲକ୍ଷ ଟନ୍ ଶୁଖିଲା ଖତ ପାଇବା । ଶୁଖିଲା ଗୋବରରେ ଶତକଡା ୦.୫ ଭାଗ ନାଇଟ୍ରୋଜେନ ବା ଯବକ୍ଷାରଯାନ, ୦.୨୦ ଭାଗ ଫସଫରସ୍ ଏବଂ ୦.୨ ଭାଗ ପଟାସ ଥାଏ । ଉକ୍ତ ହିସାବ ଅନୁସାରେ ଆମ ରାଜ୍ୟର ଚାଷୀ ବର୍ଷକୁ ନାଇଟ୍ରୋଜେନ ଏବଂ ପଟାସ ପ୍ରତ୍ୟେକରୁ ୧୨୩.୭ ଲକ୍ଷ ଟନ୍ ଏବଂ ଫସ୍‌ଫରସ୍ ୪୯.୫ ଲକ୍ଷ ଟନ୍ ଜୈବିକ ପୋଷକ ଉପାଦାନ ଫସଲ ପାଇଁ ପାଇପାରିବେ । ଜୈବିକ ଗୋବର ଖତ ପ୍ରଦୂଷଣବିହୀନ। ଉକ୍ତ ଖତ ମାଟିର ଭୌତିକ ଧର୍ମ ଯଥା ବୟନ, ସଂରଚନା, ଜଳ ଏବଂ ଧାରଣ ଶକ୍ତି ବଢାଇ ଥାଏ । ଏହାଛଡା ଗୋବର ଖତ ମାଟିରେ ଥିବା କୋଟି କୋଟି ଉପକାରୀ ବୀଜାଣୁଙ୍କର ବଂଶ ବୃଦ୍ଧି ଘଟାଇ ମାଟିକୁ ଉର୍ବର କରେ। ଖତରେ ନାଇଟ୍ରୋଜେନ, ଫସ୍‌ଫରସ୍ ଏବଂ ପଟାସ ମୁଖ୍ୟ ପୋଷକ ଉପାଦାନ ବ୍ୟତୀତ ୩ ଗୋଟି ଗୌଣ ଉପାଦାନ ଯଥା କ୍ୟାଲସିୟମ, ମ୍ୟାଗ୍ନେସିୟମ ଏବଂ ସଲ୍‌ଫର ସହ ୮ ଗୋଟି ଅଣୁ ପୋଷକ ଉପାଦାନ ନିର୍ଦ୍ଦିଷ୍ଟ ଅନୁପାତରେ ଥାଏ। ତେଣୁ ଗୋବର ଖତ ଚାଷୀମାନଙ୍କ ପାଇଁ ଆଶୀର୍ବାଦ ସ୍ୱରୂପ। ପ୍ରତ୍ୟେକ ଫସଲ ପାଇଁ ହେକ୍ଟର ପ୍ରତି ଅତି କମ୍‌ରେ ୫ ଟନ୍ ଶୁଖିଲା ଗୋବର ଖତ ଆବଶ୍ୟକ ହୋଇଥାଏ। ରାଜ୍ୟରେ ସମୁଦାୟ ପ୍ରାୟ ୬୫ ଲକ୍ଷ ହେକ୍ଟର ଚାଷ ଜମି ପାଇଁ ୩୨୫ ଟନ୍ ଶୁଖିଲା ଗୋବର ଖତ ଆବଶ୍ୟକ। ଏତେ ପରିମାଣର ଗୋବର ଖତ ପାଇବା ଚାଷୀ ପକ୍ଷେ ଅସମ୍ଭବ। ଏହାବ୍ୟତୀତ ଗୋବରକୁ ଅନ୍ୟ ବହୁବିଧ ବ୍ୟବହାରରେ ମଧ୍ୟ ଲଗାଯାଏ । ତେଣୁ ଚାଷୀ ଫସଲ ପାଇଁ ରାସାୟନିକ ସାର ଉପରେ ନିର୍ଭର କରନ୍ତି । ଗୋବର ଜିଆମାନଙ୍କର ଏକ ଉତ୍କୃଷ୍ଟ ଖାଦ୍ୟ । ଗୋବରରୁ ଜିଆ ଖତ ପ୍ରସ୍ତୁତ କରାଯାଏ । ଉକ୍ତ ଖତରେ ଶତକଡା ହିସାବରେ ନାଇଟ୍ରୋଜେନ ୧.୪ ରୁ ୧.୬, ଫସ୍‌ଫେଟ୍ ୦.୩ ରୁ ୦.୫ ଏବଂ ପଟାସ ୧.୫ ରୁ ୧.୮ ଥାଏ। ପନିପରିବା ଏବଂ ଫୁଲ ଚାଷ ପାଇଁ ଜିଆ ଖତ ଉତ୍କୃଷ୍ଟ। ଧାନ ଫସଲରେ ଜୀବାଣୁଜନିତ ପତ୍ରଶୁଖା ରୋଗ ପାଇଁ ସଜ ଗୋବର ଏକ ଅମୋଘ ଜୈବିକ ଔଷଧ । ଗୋବରକୁ ପାଣି କରି ଧାନ ଫସଲରେ ପକାଇଲେ ପତ୍ରଶୁଖା ରୋଗ ଦୂର ହୋଇଥାଏ ।



ଜୈବିକ ପ୍ରଣାଳୀରେ ଗୋବରରୁ ଦହନୀୟ ମିଥେନ ବାଷ୍ପ ଏବଂ ବିଦ୍ୟୁତ୍ ଉତ୍ପାଦନ କରାଯାଏ। ଗୋବର ଗ୍ୟାସ୍‌ରେ ଥିବା ଶତକଡା ୫୦ରୁ ୭୦ ଭାଗ ମିଥେନ ବାଷ୍ପ ରୋଷେଇ କାର୍ଯ୍ୟରେ ବ୍ୟବହାର କରାଯିବା ସହ ଏଥିରୁ ଉତ୍ପନ୍ନ ବିଦ୍ୟୁତ୍‌ରେ ୬ ୱାଟ୍‌ର ଏକ ବିଦ୍ୟୁତ୍ ବଲ୍‌ବ ଜଳିପାରିବ। ଗୋବର ଗ୍ୟାସ ନିର୍ଗତ ତରଳ ଗୋବର ଶୁଖିଗଲେ ଏହା ଏକ ଉତ୍କୃଷ୍ଟ ଜୈବିକ ଖତରେ ପରିଣତ ହୁଏ । ଉକ୍ତ ଖତରେ ନାଇଟ୍ରୋଜେନ, ଫସ୍‌ଫେଟ୍ ଏବଂ ପଟାସ ଯଥାକ୍ରମେ ଶତକଡା ୧.୦ରୁ ୧.୨, ଫସ୍‌ଫେଟ୍ ୦.୨ ରୁ ୦.୩ ଏବଂ ପଟାସ ୦.୯୦ ରୁ ୧.୧ ଥାଏ । ଉକ୍ତ ଖତ ପନିପରିବା ଫସଲ ପାଇଁ ଉପଯୋଗୀ ମାନବ ସମାଜ ପାଇଁ ଗୋବର ଭୂମିକା ଅବର୍ଣ୍ଣନୀୟ। ଏଣୁ ଗୋବର ଆମର ଏକ ଅମୂଲ୍ୟ ସମ୍ପଦ । ଏଥିପାଇଁ ଆମେ ଗୋବରଦାତା, ଗୋରୁଙ୍କୁ ସମ୍ମାନର ସହ ପୂଜା କରିବା ଉଚିତ୍ ।

-ଶୈଳଶ୍ରୀ ବିହାର,ଭୁବନେଶ୍ୱର
ମୋ: ୯୫୫୬୨୬୬୦୮୫



## ପ୍ରାଣୀଙ୍କ ଯତ୍ନ

ଗୋରୁଙ୍କର ସାହାଣ, ବଜବଜିଆ ଓ ଫାଟୁଆ ରୋଗ ପାଇଁ ଏଫ.ଏମ୍.ଡି ଭାକ୍ସିନ୍ ଓ ଛେଳିମାନଙ୍କର ପିପିଆର ରୋଗ ଲାଗି ପିପିଆର ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ। କୁକୁଡାଙ୍କର ନାଳି ଝାଡା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ଏକ ଲିଟର ପାଣିରେ ମିଶାଇ ୩ଦିନ ପର୍ଯ୍ୟନ୍ତ ଦିଅନ୍ତୁ। କୁକୁଡାର ଘୁମା ରୋଗ ନିୟନ୍ତ୍ରଣ ପାଇଁ ୭ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩-୧୫ଦିନ ଭିତରେ ଆଇ.ବି.ଡି. ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ। ବନରାଜା ଓ ଗ୍ରାମପ୍ରିୟ କୁକୁଡା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଛିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡା ଫାର୍ମ ସହ ଯୋଗାଯୋଗ କରନ୍ତୁ। ଗୃହପାଳିତ ପ୍ରାଣୀଙ୍କୁ ଶୀତରୁ ରକ୍ଷା କରିବା ପାଇଁ ଗୁହାଳରେ ଫାଙ୍କଥିବା ଜାଗାକୁ ଅଖାରେ ବନ୍ଦ କରନ୍ତୁ ଏବଂ ସୁବିଧା ଥିଲେ ଗୋରୁଙ୍କୁ ମଧ୍ୟ ଅଖାରେ ଘୋଡାଇ ଦିଅନ୍ତୁ। ଗୋରୁଙ୍କର ଫାଟୁଆ ରୋଗ, ଛେଳିଙ୍କର ପିପିଆର ରୋଗ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ।

# ଆଖୁରେ ସାର ପ୍ରୟୋଗ



ଆଗରୁ ଲଗାଯାଇଥିବା ଆଖୁ ୪୫ଦିନର ହୋଇଯାଇଥିଲେ କୋଡା ଖୁସା କରି ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାରକୁ ଧାଡିରେ ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ। ମୂଳି ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ମନ୍ଦା ପ୍ରଣାଳୀରେ ଲଗାଯାଇଥିବା ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ମନ୍ଦା ପିଛା ୧୫ଗ୍ରାମ୍ ୟୁରିଆ ଓ ୧୦ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ଯବକ୍ଷାରଜାନ ସାରକୁ ୟୁରିଆ ସାର ହିସାବରେ ବ୍ୟବହାର କଲେ ୟୁରିଆ ସହିତ ନିମ୍ବ ପିଡିଆ ମିଶାଇ ପ୍ରୟୋଗ କରନ୍ତୁ। ୧୦୦କିଗ୍ରା ୟୁରିଆ ସହିତ ୨୦କି.ଗ୍ରା. ନିମ୍ବ ପିଡିଆ ମିଶାଇବାକୁ ପଡିଥାଏ। ରାସାୟନିକ ଜୈବିକ ସାରକୁ ୫୦୦କି.ଗ୍ରା. ଗୁଣ୍ଡ ଗୋବର ଖତ ସହିତ ମିଶାଇ ଆଖୁ ଲଗାଇବାର ୩୦ଦିନରେ ଥରେ ଏବଂ ୬୦ଦିନରେ ଆଉଥରେ ଆଖୁ ଗଛ ମୂଳରେ ଦିଅନ୍ତୁ।

## ରାଶି ଚାଷ କରୁଥିଲେ...

ଜାନୁୟାରୀ ଶେଷରୁ ଫେବୃଆରୀ ୧୫ସୁଦ୍ଧା ରାଶି ବୁଣାବୁଣି ଶେଷ କରନ୍ତୁ। ଏପରି କଲେ ଅମଳ ବେଳେ ଅଦିନିଆ ବର୍ଷା ଯୋଗୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ରାଶିର ଉନ୍ନତ କିସମ ବିହନ ଯଥା ଉମା, କାଳିକା ଆଦି ସଂଗ୍ରହ କରନ୍ତୁ। ଜମିକୁ ପଟାଳିରେ ବିଭକ୍ତ କଲେ ଖରାଦିନିଆ ରାଶି ଚାଷ ପାଇଁ ପାଣି ମଡ଼ାଇବା ସୁବିଧାଜନକ ହେବ। ଏକର ପ୍ରତି ୨ରୁ ୨.୫କେଜି ବିହନ ଆବଶ୍ୟକ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ତଳିମରା ବା ମୂଳଶଢ଼ା ରୋଗର ଦମନ ପାଇଁ ବିହନ ବୁଣିବାର ଦୁଇଦିନ ପୂର୍ବରୁ ପ୍ରତି କିଗ୍ରା ବିହନକୁ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୩ଗ୍ରାମ୍ ଥିରାମ୍ ସହ ବିଶୋଧନ କରନ୍ତୁ। ଏକର ପ୍ରତି ୮ଗାଡି ଗୋବର ଖତ ଶେଷ ଓଡ଼ ଚାଷ ସମୟରେ ଜମିରେ ପ୍ରୟୋଗ କରନ୍ତୁ। ଏକର ପ୍ରତି ଅନୁମୋଦିତ ଖାଦ୍ୟସାରକୁ (୧୨:୮:୮) ଓ ୧୦କେଜି ସଲଫର୍ ମଧ୍ୟରୁ ଅଧା ଯବକ୍ଷାରଜାନ (୬କି.ଗ୍ରା.), ଫସଫରସ (୮କି.ଗ୍ରା.),ପଟାସ(୮କି.ଗ୍ରା.) ଓ ସଲଫର(୧୦କି.ଗ୍ରା.) ବୁଣିଲାବେଳେ ପ୍ରୟୋଗ କରନ୍ତୁ। ଧାଡ଼ିକୁ ଧାଡ଼ି ୨୫ରୁ ୩୦ସେ.ମି. ଓ ଗଛକୁ ଗଛ ୫ରୁ ୧୦ସେ.ମି. ଦୂରତାରେ ବିହନ ବୁଣନ୍ତୁ। ରାଶି ମଞ୍ଜି ଅତି ଛୋଟ ହୋଇଥିବାରୁ ବିହନ ବୁଣିବା ସମୟରେ ଏହାକୁ ଶୁଖିଲା ବାଲି,ମାଟି କିମ୍ବା କରତ ଗୁଣ୍ଡରେ ଭଲଭାବରେ ମିଶାଇ ବୁଣିଲେ, କମ୍ ବିହନ ଦରକାର ହେବା ସଙ୍ଗେ ସଙ୍ଗେ ସମାନ ଭାବରେ ଧାଡ଼ିରେ ପଡ଼େ।





## ଖରିଫ ଧାନ ସାଇତି ରଖିବା ପୂର୍ବରୁ...

ଖରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩-୪ ଦିନ ଟାଣ ଖରାରେ ଶୁଖାଇ ଦେବା ଉଚିତ । ଧାନ ସାଇତିବା ପୂର୍ବରୁ ଅମାର ଘର ସଫା କରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିଦିଅନ୍ତୁ। ଅମାର ଘର କବାଟ ଓ ଝରକାରେ ଫାଙ୍କ ଥିଲେ ବନ୍ଦ କରିଦିଅନ୍ତୁ । ଅମାର ସଫା କରିବା ପରେ ଧାନରେ ପୋକ ନ ଲାଗିବା ପାଇଁ ୯୫ କି.ଗ୍ରା. ଧାନ ସହିତ ୫ କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇ ବସ୍ତାରେ ସାଇତି ରଖନ୍ତୁ। ପୁରୁଣା ବସ୍ତାଗୁଡ଼ିକ ଧାନ ରଖିବା ପୂର୍ବରୁ ଗରମ ପାଣିରେ ଫୁଟାଇ ଖରାରେ ଶୁଖାଇବା ଉଚିତ। ଡାଲୁଅ ଧାନ ତଳି ପ୍ରସ୍ତୁତି (ଏକ ହେକ୍ଟର ଚାଷ ପାଇଁ ୨୫ ଡେସିମିଲି ଜମିରେ ତଳି ପଡ଼େ) ପାଇଁ ତଳି କିଆରିକୁ କାଦୁଅ କରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ଶଢ଼ା ଗୋବର ଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ । ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ । ୧୨-୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ । ବିହନରୁ କଣ୍ଟା, ଅଗାଡ଼ି ବାହାର କରିବା ପାଇଁ ଏହାକୁ ଲୁଣ ପାଣି ଉପଚାର କରନ୍ତୁ। ଧାନ ବିହନକୁ ଭଲଭାବରେ ଧୋଇ ୨୪ ଘଣ୍ଟା ପାଣିରେ ଭିଜାଇ ଛାଣି ଚଟାଣରେ ଘୋଡ଼ାଇ ଦିଅନ୍ତୁ। ଗାଲି ଫିଟିବା ପରେ ବିହନକୁ କାଦୁଅ ତଳି ପଟିରେ ବୁଣନ୍ତୁ । ବିହନ କିସମ : ସହଳ - ଖଣ୍ଡଗିରି, ପାରିଜାତ, ସିଦ୍ଧାନ୍ତ ଓ ସହଭାଗୀ ଧାନ । ମଧ୍ୟମ-ଲଲାଟ, ମନସ୍ୱିନୀ, ମନ୍ଦାକିନୀ, ଜ୍ୟୋତିର୍ମୟୀ, କୋଣାର୍କ, ପ୍ରତିଭା, ତପସ୍ୱିନୀ, ଗଜପତି ଓ ନବୀନ। କିଆରିରେ ପାଣି ଚାଲିବା ପାଇଁ ନାଳି ରଖନ୍ତୁ। ଏହାଦ୍ୱାରା ସାର ଓ କୀଟନାଶକ ଦ୍ରବ୍ୟ ବ୍ୟବହାର କରିବା ସହଜ ହୋଇଥାଏ।

# ଶୀତଦିନେ ଦୁଗ୍ଧ ଉତ୍ପାଦନ ହ୍ରାସର କାରଣ ଓ ନିରାକରଣ

(ଶେଷ ଭାଗ)



**ଥଣ୍ଡାରୁ ଗାଇ ଓ ମଇଁଷିମାନଙ୍କୁ ସୁରକ୍ଷା**

ଜୋର ଥଣ୍ଡା ପବନ ଦୁଧିଆଳୀ ଗାଈ ଓ ମଇଁଷିମାନଙ୍କ ଶରୀରରେ ସିଧାସଳଖ ବାଜିଲେ, ଏହାର ପ୍ରଭାବ ସିଧାସଳଖ ଦୁଗ୍ଧ ଉତ୍ପାଦନରେ ପଡିଥାଏ। ତେଣୁ ସେମାନଙ୍କୁ ଥଣ୍ଡା ଦାଉରୁ ରକ୍ଷା କରିବା ପାଇଁ ଗୁହାଳ ଚାରିପଟେ ପଲିଥିନ କିମ୍ବା ଅଖା ଦ୍ୱାରା ଆବୃତ କରାଯିବା ଉଚିତ । ଏତଦ୍‌ବ୍ୟତୀତ ସେମାନେ ଶୋଉଥିବା ଚଟାଣରେ ଶୁଖିଲା କୁଟା କିମ୍ବା ଘାସ ପକାଇବା ଉଚିତ। ଏହାଦ୍ୱାରା ସେମାନେ ଥଣ୍ଡା ଅନୁଭବ କରନ୍ତି ନାହିଁ। ସେମାନଙ୍କର ଶକ୍ତି ସଞ୍ଚୟ ହୋଇ ରହେ ଏବଂ ଦୁଗ୍ଧ ଉତ୍ପାଦନ ବଢିଥାଏ।

**ସକାଳର କଅଁଳ ସୂର୍ଯ୍ୟକିରଣ**

ଶୀତଦିନେ ସକାଳର କଅଁଳିଆ ସୂର୍ଯ୍ୟକିରଣ ଦୁଧିଆଳୀ ଗାଈ ଓ ମଇଁଷିମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କୁ ପ୍ରତିଦିନ ୧୫-୨୦ ମିନିଟ ସକାଳ ସୂର୍ଯ୍ୟକିରଣରେ ବାନ୍ଧନ୍ତୁ। ଏହାଦ୍ୱାରା ସେମାନେ ନିଜକୁ ଗରମ ଅନୁଭବ କରିବେ ଏବଂ କମ୍ ଚାପଗ୍ରସ୍ତ ହେବେ। ଏହାଦ୍ୱାରା ସେମାନେ ଭିଟାମିନ-ଡି ପାଇଥାନ୍ତି।

**ଚାପମୁକ୍ତ ପରିବେଶ ଯୋଗାଇବା**

ଶୀତଦିନେ ଅତ୍ୟଧିକ ଥଣ୍ଡା ଯୋଗୁ ଦୁଧିଆଳୀ ଗାଈ ଓ ମଇଁଷିମାନେ ଚାପଗ୍ରସ୍ତ ହୋଇଥାନ୍ତି। ତେଣୁ ସେମାନଙ୍କୁ ତଥା ସେମାନଙ୍କ ଗୁହାଳକୁ ଶାନ୍ତ,ସଫା,ଗରମ ସହ ସୁବ୍ୟବସ୍ଥିତ କରି ଶୀତଦିନେ ରଖିବା ଉଚିତ।

**ଖାଦ୍ୟ ହଜମ ପାଇଁ ଟନିକ :** ପାଚନ ପ୍ରକ୍ରିୟା ଠିକ୍ ଥିଲେ ଦୁଗ୍ଧ ଉତ୍ପାଦନ ଠିକ୍ ରହିଥାଏ। ଶୀତଦିନେ ପାଚନ ପ୍ରକ୍ରିୟାକୁ ଠିକ୍ ରଖିବା ପାଇଁ ଏକ ଚାମଚ ହଳଦୀ, ଏକ ଚାମଚ ଜୁଆଣି ଓ ଦୁଇ ଚାମଚ ଗୁଡକୁ ଉଷୁମ ପାଣିରେ ମିଶାଇ ଏକ ଟନିକ ଭାବରେ ସପ୍ତାହକୁ ଥରେ ଖାଇବାକୁ ଦେଲେ ହଜମ ପ୍ରକ୍ରିୟା ଠିକ୍ ରହିଥାଏ। ଏହାଫଳରେ ଦୁଗ୍ଧ ଉତ୍ପାଦନ ବଢିଥାଏ।

**ମିନେରାଲ ଓ ଭିଟାମିନ୍‌ର ଉପଯୋଗ**

ଶୀତଦିନେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ତଥା ଉତ୍ପାଦନର ମାତ୍ରା ଠିକ୍ ରଖିବା ପାଇଁ ଡାକ୍ତରଙ୍କ ପରାମର୍ଶ କ୍ରମେ ଏକ ଭଲ ବ୍ରାଣ୍ଡର ଭିଟାମିନ ଟନିକ ଓ ମିନେରାଲ ପାଉଡର ଦେବା ଉଚିତ।

**ବାଛୁରୀ ପରିଚାଳନା :** ବାଛୁରୀକୁ ଠିକ୍ ସମୟରେ ତା ମା' କ୍ଷୀର ନ ପିଆଇଲେ ଦୁଗ୍ଧ ଉତ୍ପାଦନ କମିଥାଏ। ତେଣୁ ବାଛୁରୀକୁ ନିୟମିତ ଠିକ୍ ସମୟରେ ପର୍ଯ୍ୟାପ୍ତ ପରିମାଣରେ ତା' ମା' ଠାରୁ କ୍ଷୀର ପିଇବାକୁ ଦେଲେ ଦୁଗ୍ଧ ଉତ୍ପାଦନ ଠିକ୍ ରହିଥାଏ। ତେଣୁ ଶୀତଦିନେ ଏହିସବୁ ଦିଗ ପ୍ରତି ଧ୍ୟାନ ଦେଇ ଗାଈ ଓ ମଇଁଷି ରଖିଲେ ଦୁଗ୍ଧ ଉତ୍ପାଦନ ବ୍ୟାହତ ଘଟି ନ ଥାଏ।

-ଡା. ନିରାକାର ଜେନା
ମୋ : ୯୪୩୯୮୯୦୦୨୬

ଧରିତ୍ରୀ 52 Years

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଜାନୁଆରୀ ୨୮/୨୦୨୬ Bhubaneswar, Wednesday, January 28/ 2026



କଳିଙ୍ଗ ଷ୍ଟାଡିୟମରେ ଶେଷ ହୋଇଥିବା ହକି ଇଣ୍ଡିଆ ଲିଗ୍-୨୦୨୬ରେ ଚାମ୍ପିୟନ କଳିଙ୍ଗ ଲାନ୍ସର୍ସ ଦଳ ଟ୍ରଫି ସହ ଖୁସି ମୁହୂର୍ତ୍ତରେ। (ଫଟୋ: ବିକାଶ ନାୟକ)

# ହକି ଇଣ୍ଡିଆ ଲିଗ୍: କଳିଙ୍ଗ ଲାନ୍ସର୍ସ ଚାମ୍ପିୟନ

**ଭୁବନେଶ୍ୱର, ୨୭।୧ (ତପନ ସ୍ୱାଇଁ)**

ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ର ୭ମ ସଂସ୍କରଣ ସୋମବାର ଶେଷ ହୋଇଛି। କଳିଙ୍ଗ ଷ୍ଟାଡିୟମରେ ଭରପୂର ଦର୍ଶକଙ୍କ ଉପସ୍ଥିତିରେ ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ୩-୨ ଗୋଲରେ ରାଞ୍ଚି ରୟାଲ୍ସକୁ ପରାସ୍ତ କରିଛି। ପ୍ରତିଯୋଗିତାରେ ଏହା ହେଉଛି ଭୁବନେଶ୍ୱରଭିତ୍ତିକ ଫ୍ରାଞ୍ଚାଇଜ୍ ଲାନ୍ସର୍ସର ଦ୍ୱିତୀୟ ଟାଇଟଲ। ଏହା ପୂର୍ବରୁ ଦଳ ୨୦୧୭ରେ ଚାମ୍ପିୟନ ହୋଇଥିଲା। ଏଥର ଆଲେକ୍ଜାଣ୍ଡର ହେଣ୍ଡ୍ରିକ୍ସଙ୍କ ଡବଲ ଗୋଲ ଘରୋଇ ଦଳକୁ ଫାଇଦାରେ ରଖିଥିଲା। ମ୍ୟାଚ୍ ପୂର୍ବରୁ ବାଚସ୍ପତି ସୁରମା ପାଢ଼ୀ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ କଳିଙ୍ଗ ଲାନ୍ସର୍ସ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ରନରଅପ୍ ରାଞ୍ଚି ରୟାଲ୍ସ ଦଳର ଅଧିନାୟକ ଟମ୍ ବୁନ୍‌ଙ୍କୁ ପୁରସ୍କୃତ କରିଥିଲେ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ବିଧାୟକ ବାବୁ ସିଂ, କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ୟେଦୁଲା ବିଜୟ, ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ହକି ଇଣ୍ଡିଆ ସଭାପତି ଦିଲିପ ତିର୍କୀ, ସମ୍ପାଦକ ଭୋଲାନାଥ ସିଂ ଏବଂ ଅନ୍ୟ ଅତିଥିମାନେ ପୁରସ୍କାର ପ୍ରଦାନ ଉତ୍ସବରେ ସାମିଲ ଥିଲେ। ଏଥରର ହକି ଇଣ୍ଡିଆ ଲିଗ୍‌ର ପ୍ରଥମଭାଗ ଚେନ୍ନାଇରେ, ଦ୍ୱିତୀୟ ଭାଗ ରାଞ୍ଚିରେ ଏବଂ ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା।

ପୂରା ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଲାନ୍ସର୍ସ ଫାଇନାଲରେ ମଧ୍ୟ ଆରମ୍ଭରୁ ଆଧିପତ୍ୟ ଜାହିର କରିବାକୁ ଉଦ୍ୟମ କରିଥିଲା। ମ୍ୟାଚର ୪ର୍ଥ ମିନିଟରେ ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଆଲେକ୍ଜାଣ୍ଡର ହେଣ୍ଡ୍ରିକ୍ସ ଲାନ୍ସର୍ସକୁ ଅଗ୍ରଣୀ କରିଥିଲେ। ମାତ୍ର ୯ମ ମିନିଟରେ ଏକ ଫିଲ୍ଡ ଗୋଲ ମାଧ୍ୟମରେ ରାଞ୍ଚି ଦଳର ଅରାଇଜିତ ସିଂ ହୁଣ୍ଡାଲ ଗୋଲଟି ପରିଶୋଧ କରିବାରୁ ମ୍ୟାଚରେ ରୋମାଞ୍ଚ ଭରିଥିଲା। ଦ୍ୱିତୀୟ କ୍ୱାର୍ଟରରେ ଅର୍ଥାତ୍ ୨୫ତମ ମିନିଟରେ ଦିଲପ୍ରୀତ ସିଂ ଏବଂ ୨୭ତମ ମିନିଟରେ ହେଣ୍ଡ୍ରିକ୍ସ ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଦଳ ପକ୍ଷରୁ ତୃତୀୟ ଗୋଲଟି ଦେବାରୁ ପ୍ରଥମାର୍ଦ୍ଧ ଶେଷ ବେଳକୁ ଲାନ୍ସର୍ସର ଅଗ୍ରଣୀ ବ୍ୟବଧାନ ୩-୧ରେ ପହଞ୍ଚି ଯାଇଥିଲା। ତୃତୀୟ କ୍ୱାର୍ଟରରେ ରାଞ୍ଚି କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ଲାନ୍ସର୍ସ ଡିଫେଣ୍ଡରମାନେ ଗୋଲ ହେବାକୁ ଦେଇ ନ ଥିଲେ। ସେହିପରି ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରରେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା ତୀବ୍ରତର ହୋଇଥିଲା। ୫୯ତମ ମିନିଟରେ ପେନାଲ୍ଟି କର୍ନରରୁ ଯଦିଓ ଟମ୍ ବୁନ୍ ଗୋଟିଏ ଗୋଲ ପରିଶୋଧ କରିଥିଲେ ତେବେ ସେତେବେଳକୁ ବହୁ ବିଳମ୍ବ ହୋଇଯାଇଥିଲା। ରେଫରିଙ୍କ ଶେଷ ହୁଇସିଲ ବାଜିବା କ୍ଷଣି ଲାନ୍ସର୍ସ ଖେଳାଳିଙ୍କ ବିଜୟ ଉତ୍ସବ ଆରମ୍ଭ ହୋଇଯାଇଥିଲା।

ମ୍ୟାଚ୍ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉଭୟ ଦଳ ସମକକ୍ଷ ପ୍ରଦର୍ଶନ କରିଥିଲେ। ଲାନ୍ସର୍ସ ଓ ରୟାଲ୍ସ ଖେଳାଳିମାନେ ୭ଟି ଲେଖାଏ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲେ। ଏଥିରୁ ଲାନ୍ସର୍ସ ୩ଟିକୁ ଗୋଲରେ ପରିଣତ କରିଥିବାବେଳେ ରୟାଲ୍ସ ମାତ୍ର ଗୋଟିଏ ଗୋଲ ଦେବାରୁ ପଛରେ ପଡ଼ି ଯାଇଥିଲା। ନଚେତ ଉଭୟ ଦଳ ଟାର୍ଗେଟରେ ୪ଟି ଲେଖାଏ ଶୁଟ୍ କରିଥିଲେ।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଚାମ୍ପିୟନ କଳିଙ୍ଗ ଲାନ୍ସର୍ସ ଦଳର ଅଧିନାୟକ ଆର୍ଥର ଭାନ୍ ଡୋରେନଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

## ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବର ବିଷୟ

"କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ର ଭବ୍ୟ ସମାପନ ଉତ୍ସବରେ ଯୋଗଦେଲି। ଫାଇନାଲରେ ରାଞ୍ଚି ରୟାଲ୍ସକୁ ୩-୨ ଗୋଲରେ ପରାସ୍ତ କରି କଳିଙ୍ଗ ଲାନ୍ସର୍ସ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିବା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଏକ ଗର୍ବର ବିଷୟ। ଆଜି ଓଡ଼ିଶା କେବଳ ହକିର ଆୟୋଜକ ନୁହେଁ ବରଂ ବିଶ୍ୱ ହକିର ପ୍ରାଣକେନ୍ଦ୍ର ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି। ପଡ଼ିଆରେ ଖେଳାଳିଙ୍କ ଦମଦାର ପ୍ରଦର୍ଶନ ଏବଂ ଗ୍ୟାଲେରିରେ ଦର୍ଶକଙ୍କ ଅକୁଣ୍ଠ ଉତ୍ସାହ ଆମର ସୁଦୃଢ଼ କ୍ରୀଡ଼ା ପରମ୍ପରାର ପ୍ରତିଫଳନ" ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋସିଆଲ ମିଡିଆ 'ଏକ୍ସ' ମାଧ୍ୟମରେ ପ୍ରକାଶ କରିଛନ୍ତି।

# ଅମନଦୀପ ଲାକ୍ରା ଶ୍ରେଷ୍ଠ ଖେଳାଳି

**ଭୁବନେଶ୍ୱର, ୨୭।୧ (ତପନ ସ୍ୱାଇଁ)**

ସୋମବାର ଶେଷ ହୋଇଥିବା ହକି ଇଣ୍ଡିଆ ଲିଗ୍‌ରେ ହାଇଦ୍ରାବାଦ ତୋଫାନ୍ସ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ଅମନଦୀପ ଲାକ୍ରା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ୮ ଫ୍ରାଞ୍ଚାଇଜ୍ ଦଳ ବିଶିଷ୍ଟ ପ୍ରତିଯୋଗିତାରେ ଦେଶ ଓ ବିଦେଶର ଅନେକ ତାରକା ଖେଳାଳି ଖେଳିଥିଲେ ହେଁ ଅମନଦୀପ ଶ୍ରେଷ୍ଠ ବିବେଚିତ ହୋଇ ରାଜ୍ୟକୁ ଗର୍ବିତ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଉଚ୍ଚମାନର ଟ୍ରେନିଂ ବ୍ୟବସ୍ଥା ଦ୍ୱାରା ଓଡ଼ିଶା ଖେଳାଳିଙ୍କ ପ୍ରଦର୍ଶନ ଦିନକୁ ଦିନ ଉନ୍ନତି ହେଉଥିବା ମଧ୍ୟ ଏଥିରୁ ପ୍ରମାଣିତ ହୋଇଛି। ପ୍ରତିଯୋଗିତାରେ ଅମନଦୀପ ମୋଟ ୯ଟି ଗୋଲ ଦେଇ ଟପ୍ ସ୍କୋରରଙ୍କ ତାଲିକାରେ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ରାଞ୍ଚି ରୟାଲ୍ସର ଟମ୍ ବୁନ୍ ମୋଟ ୧୯ଟି ଗୋଲ ଦେଇ ଟପ୍ ସ୍କୋରର ବିବେଚିତ ହୋଇଛନ୍ତି। ତାମିଲନାଡୁ ଡ୍ରାଗନ୍ସର ପ୍ରିନ୍ସଦୀପ ସିଂ ଶ୍ରେଷ୍ଠ ଗୋଲକିପର ବିବେଚିତ ହୋଇଛନ୍ତି। ଏଚ୍ଆଇଏଲ୍ ଜିସିର ପ୍ରିୟବ୍ରତ ତାଲେମ ଶ୍ରେଷ୍ଠ ଉଦୀୟମାନ ଖେଳାଳି ପୁରସ୍କାର ପାଇଛନ୍ତି। ଶ୍ରେଷ୍ଠ ଶୃଙ୍ଖଳିତ ଦଳଭାବେ ଏଚ୍ଆଇଏଲ୍ ଜିସିକୁ ଫେୟାର ପ୍ଲେ ପୁରସ୍କାର ପ୍ରଦାନ କରାଯାଇଛି।



ଅତିଥିଙ୍କଠାରୁ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ଗ୍ରହଣ କରୁଛନ୍ତି ଅମନଦୀପ ଲାକ୍ରା।

## ପୁରସ୍କାର

ଚାମ୍ପିୟନ: ବେଦାନ୍ତ କଳିଙ୍ଗ ଲାନ୍ସର୍ସ- ୩ କୋଟି ଟଙ୍କା

ରନରଅପ୍: ରାଞ୍ଚି ରୟାଲ୍ସ: ୨ କୋଟି

ତୃତୀୟ ସ୍ଥାନ: ହାଇଦ୍ରାବାଦ ତୋଫାନ୍ସ: ୧ କୋଟି

ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ: ଅମନଦୀପ ଲାକ୍ରା-୨୦ ଲକ୍ଷ

ଟପ୍ ସ୍କୋରର: ଟମ୍ ବୁନ୍-୧୦ ଲକ୍ଷ

ଶ୍ରେଷ୍ଠ ଗୋଲକିପର: ପ୍ରିନ୍ସ ଦୀପ ସିଂ -୧୦ ଲକ୍ଷ

ଶ୍ରେଷ୍ଠ ଉଦୀୟମାନ ଖେଳାଳି: ପ୍ରିୟବ୍ରତ ତାଲେମ- ୧୦ ଲକ୍ଷ

ଫେୟାର ପ୍ଲେ: ଏଚ୍ଆଇଏଲ୍ ଜିସି-ଟ୍ରଫି

**ପରିସଂଖ୍ୟାନ**

ମୋଟ ଦଳ: ୮

ମୋଟ ମ୍ୟାଚ: ୩୩

ଗୋଲ ସ୍କୋର: ୧୬୬

(ଫିଲ୍ଡ ଗୋଲ-୭୫, ପେନାଲ୍ଟି କର୍ନର ଗୋଲ-୮୩, ପେନାଲ୍ଟି ଷ୍ଟ୍ରୋକ୍ ଗୋଲ-୮)

ଗ୍ରୀନ୍ କାର୍ଡ: ୫୨

ୟେଲୋ କାର୍ଡ: ୬

ରେଡ୍ କାର୍ଡ: ୦


ରନରଅପ୍ ପୁରସ୍କାର ସହ ଟମ୍ ବୁନ୍।



ଫାଇନାଲ ପୂର୍ବରୁ ବାଚସ୍ପତି ସୁରମା ପାଢ଼ୀଙ୍କୁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ସମ୍ବର୍ଦ୍ଧିତ କରୁଛନ୍ତି।

# ହାଇଦ୍ରାବାଦ ତୋଫାନ୍ସକୁ ବ୍ରୋଞ୍ଜ ପଦକ

**ଭୁବନେଶ୍ୱର, ୨୭।୧ (ତପନ ସ୍ୱାଇଁ)**

ହକି ଇଣ୍ଡିଆ ଲିଗ୍-୨୦୨୬ରେ କଳିଙ୍ଗ ଲାନ୍ସର୍ସ ସ୍ୱର୍ଣ୍ଣ ଓ ରାଞ୍ଚି ରୟାଲ୍ସ ରୌପ୍ୟ ପଦକ ଜିତିଥିବାବେଳେ ବ୍ରୋଞ୍ଜ ପଦକ ହାସଲ କରିଛି ହାଇଦ୍ରାବାଦ ତୋଫାନ୍ସ। ସୋମବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ୩-୪ସ୍ଥାନ ଲାଗି ମ୍ୟାଚରେ ହାଇଦ୍ରାବାଦ ଦଳ ୪-୩ ଗୋଲରେ ଏଚ୍ଆଇଏଲ୍ ଜିସି (ଗଭର୍ନିଂ କାଉନ୍ସିଲ) ଦଳକୁ ପରାସ୍ତ କରିଛି। ଏହି ହାଇସ୍କୋରିଂ ମ୍ୟାଚରେ ହାଇଦ୍ରାବାଦ ପକ୍ଷରୁ ଓଡ଼ିଶା ଖେଳାଳି ଅମନଦୀପ ଲାକ୍ରା ୩୦ ଓ ୫୩ତମ ମିନିଟରେ ୨ଟି ଗୋଲ ଦେଇଥିବାବେଳେ ନୀଳକାନ୍ତ ଶର୍ମା ୨୪ ଓ ଜ୍ୟାକବ ଆଣ୍ଡରସନ ୩୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଏଚ୍ଆଇଏଲ୍ ଜିସି ପକ୍ଷରୁ ସାମ୍ ୱାର୍ଡ ୧୪ ଓ ୫୨ତମ ମିନିଟରେ ୨ଟି ଏବଂ କେନ୍ ରସେଲ ୫୫ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ଏଥିସହ ସିଜନରେ ଏଚ୍ଆଇଏଲ୍ ଜିସି ବିପକ୍ଷରେ ବିଜୟ ରେକର୍ଡ ଅବ୍ୟାହତ ରଖିଥିଲା ହାଇଦ୍ରାବାଦ ତୋଫାନ୍ସ।

# 'ସ୍ପେଶାଲ ଅଲିମ୍ପିକ୍ସ ଭାରତ'ର ଚୟନ ଶିବିର

**ଭୁବନେଶ୍ୱର, ୨୭।୧ (ତପନ ସ୍ୱାଇଁ)**

ଖୋର୍ଦ୍ଧା ବରୁଣେଇସ୍ଥିତ କେଟି ଗ୍ଲୋବାଲ ସ୍କୁଲ୍‌ରେ ସ୍ପେଶାଲ ଅଲିମ୍ପିକ୍ସ ଭାରତ (ଏସ୍ଓବି)ର ରାଜ୍ୟସ୍ତରୀୟ ଆଥଲେଟିକ୍ସ ଓ ହକି ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ପାଖାପାଖି ୨୦୦ ପ୍ରତିଯୋଗୀ ଭାଗ ନେଇଥିଲେ। ଇଭେଣ୍ଟ ଅବସରରେ ୫୦, ୧୦୦, ୨୦୦, ୪୦୦, ୮୦୦, ୧୫୦୦ ମିଟର ଏବଂ ୧୦୦x୪ମିଟର ରିଲେ ରେସ୍ ସହିତ, ଲଙ୍ଗ ଜମ୍ପ, ଶଟପୁଟ, ମିନ ଜାଭେଲିନ୍ ଥ୍ରୋ ଆଦି ଖେଳ ଏବଂ ହକିର ଦକ୍ଷତା ନିରୂପଣ କରାଯାଇ ବିଭିନ୍ନ ବିଭାଗରେ ପ୍ରତିଯୋଗିତା କରା ଯାଇଥିଲା। ହୁଇଲ ଚେୟାର ଫେନସିଂର ପ୍ରତିଷ୍ଠିତ ତାରକା ରାଖାଲ କୁମାର ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତି କ୍ରୀଡ଼ାବିତ୍ ମାନଙ୍କୁ ପଦକ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଶିବିରରୁ ଏକ ୧୨ ଜଣିଆ ପୁରୁଷ ଓ ୧୩ ଜଣିଆ ମହିଳା ଆଥଲେଟ୍ ଦଳ ଆସନ୍ତା ଫେବୃଆରୀ ୨ରୁ ୬ ପର୍ଯ୍ୟନ୍ତ ହରିୟଣାର ହିସାରରେ ହେବାକୁ ଥିବା ଜାତୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିଭଳି ହରିୟଣାର ଫରିଦାବାଦରେ ଫେବୃୟାରୀ ୨୨ରୁ ୨୬ ପର୍ଯ୍ୟନ୍ତ ହେବାକୁ ଥିବା ଜାତୀୟ ହକି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ୬ ଜଣିଆ ମହିଳା ଓ ପୁରୁଷ ଦଳ ମନୋନୀତ ହୋଇଛି। ଏହି ଶିବିରକୁ ଏସ୍ଓବି ଓଡ଼ିଶାର କ୍ରୀଡ଼ା ନିର୍ଦ୍ଦେଶକ ସସ୍ମିତା ମହାପାତ୍ର, ମାନସିକ ବିଶେଷଜ୍ଞ ମନତୋଷ ବେହେରା, ରାଜ୍ୟ ସଂଯୋଜକ ଅର୍ପିତା ମହାପାତ୍ର,କେଟି ଗ୍ଲୋବାଲ ସ୍କୁଲ୍‌ର ଅଂଶୁମାନ ବଳ ଓ ଜ୍ୟୋତି ଶଙ୍କର ନନ୍ଦ ପ୍ରମୁଖ ପରିଚାଳନା କରିଥିଲେ। ହକି ଶିବିରକୁ ପରିଚାଳନା କରିବାରେ ସରକାରୀ ଶାରୀରିକ ଶିକ୍ଷା କଲେଜ ତମାଣ୍ଡୋର ଏକ ୫ ଜଣିଆ ମହିଳା ଓ ପୁରୁଷ ଦଳ ସହାୟତା ପ୍ରଦାନ କରିଥିଲେ। ସ୍ପେଶାଲ୍ ଅଲମ୍ପିକ୍ସ ଭାରତ ଓଡ଼ିଶାର ନିର୍ଦ୍ଦେଶକ ପ୍ରକାଶ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଓଡ଼ିଶା ସରକାରଙ୍କର କ୍ରୀଡ଼ା ବିଭାଗ ତରଫରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆ ଯାଇଥିଲା।


ଚୟନ ଶିବିରର କୃତୀ ଆଥଲେଟ୍‌ମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

# ସମ୍ବଲପୁର ଏମ୍ଏମ୍‌ସିସି ଚାମ୍ପିୟନ

**ସୋନପୁର,୨୭।୧(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା କ୍ରିକେଟ ସଂଘ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ୩୭ତମ ସର୍ବଭାରତୀୟ ଲାଲମନି କ୍ରିକେଟ ଫେଷ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍‌ରେ ଭୁବନେଶ୍ୱର ବାପୁଜୀ କ୍ଲବ ଓ ସମ୍ବଲପୁର ଏମ୍ଏମ୍‌ସିସି ପରସ୍ପରକୁ ଭେଟିଥିଲେ। ପ୍ରଥମେ ଟି୨୦ ମ୍ୟାଚ୍‌ରେ ବ୍ୟାଟିଂ କରିଥିବା ସମ୍ବଲପୁର ନିର୍ଦ୍ଧାରିତ ୨୦ ଓଭର ଶେଷ ସୁଦ୍ଧା ୭ ଉଇକେଟ ହରାଇ ୨୯୫ ରନ କରିଥିଲା। ଦଳ ପକ୍ଷରୁ ଗୌରବ ତୋମୋର୍ ସର୍ବାଧିକ

## ଲାଲମନି କ୍ରିକେଟ

୫୦ ବଲରେ ୧୨୩ ରନ କରିଥିଲେ। ଜବାବରେ ଭୁବନେଶ୍ୱର ଦଳ ୨୦୮ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ରାକେଶ ପଟ୍ଟନାୟକ ୨୯ ବଲରେ ୬୬ ଓ ପ୍ରୟାସ ସିଂହ ୨୪ ବଲରେ ୭୩ ରନ କରିଥିଲେ । ସମ୍ବଲପୁର ପକ୍ଷରୁ ଯଶମିତ ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ମନୀଷ ସେରାୱତ, ଯଶ ଶର୍ମା ଓ ନବନିତ ଝା ୨ଟି ଲେଖାଏ ଉଇକେଟ ହାସଲ କରିଥିଲେ।

ଟି୧୦ ମ୍ୟାଚରେ ସମ୍ବଲପୁର ଦଳ ବ୍ୟାଟିଂ କରି ୧୦ ଓଭରରେ ୭ ଉଇକେଟ ହରାଇ ୧୬୨ ରନ କରିଥିଲା। ଜବାବରେ ଭୁବନେଶ୍ୱର ଦଳ ୮.୫ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ପ୍ରଥମ ଦୁଇ ମ୍ୟାଚ୍‌ରେ ଦୁଇ ଦଳ ବିଜୟୀ ହୋଇଥିବାରୁ ସୁପର ଓଭର ଖେଳାଯାଇଥିଲା। ସୁପର ଓଭରରେ ସମ୍ବଲପୁର ୧୮ ରନ କରିଥିବା ବେଳେ ଭୁବନେଶ୍ୱର ମାତ୍ର ୯ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ସମ୍ବଲପୁର ଏମ୍ଏମ୍‌ସିସି ୨୦୨୬ ଲାଲମନି କ୍ରିକେଟ ଚାମ୍ପିୟନ ହୋଇଥିଲା। ସମ୍ବଲପୁର ଖେଳାଳି ଯଶମିତଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ଅଶ୍ୱିନୀ ଚିଲ୍ଲରଙ୍କୁ ମ୍ୟାନ୍ ଅଫ ଦି ସିରିଜ, ଶ୍ରେଷ୍ଠ ବ୍ୟାଟର ଓ ଉଇକେଟକିପର ଭାବେ ପୁରସ୍କୃତ କରାଯାଇଥିଲା । ଭୁବନେଶ୍ୱରର ପ୍ରୟାସ ସିଂଙ୍କୁ ଶ୍ରେଷ୍ଠ ବୋଲର, ସୁନ୍ଦରଗଡ଼ର ଗୌତମ ସୁନାଙ୍କୁ ଶ୍ରେଷ୍ଠ ଫିଲ୍ଡର ଓ ଅଶ୍ୱିନୀ ଚିଲ୍ଲରଙ୍କୁ ସର୍ବାଧିକ ଛକା ଓ ଚୌକା ମାଷ୍ଟର ଖେଳାଳି, ଅନୁଗୋଳର ଆୟୁଷ ହ୍ୟାଟ୍ରିକ ଉଇକେଟ, ଦେବାଶିଷ ବାଗଙ୍କୁ ଶ୍ରେଷ୍ଠ କ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା ।

ସୁବର୍ଣ୍ଣପୁର ଜିଲା କ୍ରିକେଟ ସଂଘ ସଭାପତି ରାମଶଙ୍କର ସାହୁ ଅଧ୍ୟକ୍ଷତା ଆୟୋଜିତ ପୁରସ୍କାର ବିତରଣରେ ସମ୍ମାନିତ ଅତିଥିଭାବେ ଶିଳ୍ପ, ବୈଷୟିକ ଜ୍ଞାନ କୌଶଳ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ ପଧାନ, ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ, ବୀରମହାରାଜପୁର ବିଧାୟକ ଇଂ.ରଘୁନାଥ ଜଗଦଲା, ସୁବର୍ଣ୍ଣପୁର ଜିଲାପାଳ ଡ଼ ନୃପରାଜ ସାହୁ, ଓଡିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, ଓଡ଼ିଶା ଅଲମ୍ପିକ୍ସ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ, ସତନ୍ତ୍ର ଅତିଥି ଭାବେ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟ ଖେଳାଳି ନରେନ୍ଦ୍ର ହିରୱାନିଙ୍କ ସହ ବରଗଡ଼, ବୌଦ୍ଧ, ବଲାଙ୍ଗୀର, ସମ୍ବଲପୁର, ଭଦ୍ରକ ଓ ନୂଆପଡ଼ା ଜିଲା କ୍ରିକେଟ ସଂଘ ସମ୍ପାଦକମାନେ ଯୋଗଦେଇଥିଲେ।



ଚାମ୍ପିୟନ ସମ୍ବଲପୁର ଦଳକୁ ଅତିଥି ବୃନ୍ଦ ଟ୍ରଫି ପ୍ରଦାନ କରୁଛନ୍ତି।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ